



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-160 ♦SATURDAY ♦6 DECEMBER 2025 ♦PAGE-12 ♦₹ 6.00 | JEYPORE | ♦ବର୍ଷ-୪୩ ♦ସଂଖ୍ୟା-୧୬୦ ♦ଶନିବାର ♦୬ ଡିସେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


## ସମ୍ପର୍କର ନୂଆ ଯୁଗ

# ଭାରତ-ରୁଷ ୧୯ ଚୁକ୍ତି

■ ନୂଆଦିଲ୍ଲୀ, ୫।୧୨ (ଏଜେନ୍ସି): ଆମେରିକାର ଟାରିଫ୍ ରଣନୀତି ଏବଂ ଚୀନ୍‌ର ବିସ୍ତାରବାଦୀ ରାଜନୀତିକୁ ପ୍ରତିହତ କରିବା ପାଇଁ ଭାରତ ତା'ର ମିତ୍ର ରାଷ୍ଟ୍ର ରୁଷ୍ ସହିତ ସମ୍ପର୍କର ନୂଆ ଯୁଗ ଆରମ୍ଭ କରିଛି। ଦୁଇଦିନିଆ ଭାରତ ଗସ୍ତରେ ଥିବା ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍‌ଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପରମାଣୁ, ତୈଳ, ଗ୍ୟାସ ଓ ବାଣିଜ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ୧୯ଟି ଚୁକ୍ତି ସ୍ୱାକ୍ଷର କରି ପରୋକ୍ଷରେ ଆମେରିକା ଓ ଚୀନ୍‌କୁ ଶକ୍ତ ଜବାବ ଦେଇଛନ୍ତି। ଅନ୍ୟପକ୍ଷରେ ଭାରତ ସହ ଥିବା ପୂର୍ବ ସମ୍ପର୍କକୁ ଅତୁଟ ରଖିବାର ଦୃଢ଼ ପ୍ରତିଶ୍ରୁତି ଦେଇ ରୁଷ୍ ରାଷ୍ଟ୍ରପତି ପୁଟିନ୍ ୨୦୨୬ ରୁଷ୍ ଶିଖର ବୈଠକରେ ଯୋଗ ଦେବା ପାଇଁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଆମନ୍ତ୍ରଣ କରି ଶୁକ୍ରବାର ରାତିରେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି।

ଭାରତକୁ ଦୁଇ ଦିନିଆ ଗସ୍ତରେ ଆସି ଗୁରୁବାର ନୂଆଦିଲ୍ଲୀରେ ପହଞ୍ଚିଥିବା ପୁଟିନ୍ ଆଜି ସକାଳେ ହାଇଦ୍ରାବାଦ ହାଉସ୍‌ଠାରେ ଅନୁଷ୍ଠିତ ଶିଖର ବୈଠକରେ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରାଷ୍ଟ୍ରପତି ପୁଟିନ ଗତ ୨୪ ଘଣ୍ଟା ମଧ୍ୟରେ ପରସ୍ପରକୁ ତିନି ଥର ଭେଟିଥିଲେ। ଉଭୟେ ନୈଶଭୋଜି, ଦ୍ୱିପାକ୍ଷିକ ଆଲୋଚନା, ମିଳିତ ସାମ୍ବାଦିକ ସମ୍ମିଳନୀ ଏବଂ ଭାରତ-ରୁଷ ବ୍ୟବସାୟିକ ଫୋରମକୁ ସମ୍ବୋଧିତ କରିଛନ୍ତି। ତେବେ ଏହି ସମୟରେ ଦୁଇ ଦେଶ ମଧ୍ୟରେ କୌଣସି ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷର ହୋଇପାରି ନାହିଁ। ଏହା ପୂର୍ବରୁ ଲଢୁଆ ବିମାନ କିମ୍ବା ବଡ଼ ପ୍ରତିରକ୍ଷା ଚୁକ୍ତି ହେବ ବୋଲି କୁହାଯାଉଥିଲା। ମାତ୍ର ବ୍ୟବସାୟ ବୃଦ୍ଧି ପାଇଁ ଭାରତ-ରୁଷ ମଧ୍ୟରେ ୧୯ଟି ଚୁକ୍ତିରେ ମୋହର ବାଜିଛି। ଦୁଇ ଦେଶ ମଧ୍ୟରେ ଜାହାଜ ନିର୍ମାଣ, ଭାରତୀୟ ନାବିକଙ୍କୁ ▶ପୃଷ୍ଠା-୭

- କେବଳ ତୈଳ ଓ ଗ୍ୟାସ ଆଲୋଚନା ପାଇଁ ଆସିନାହୁଁ: ପୁଟିନ
- ରୁଷ୍ ସବୁଠୁ ଘନିଷ୍ଠ ବନ୍ଧୁ ଓ ଦୁଇ ଦେଶର ସମ୍ବନ୍ଧ ଧ୍ରୁବତାରା ଭଳି ସ୍ଥିର: ମୋଦୀ
- ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ କାରବାର ୧୦୦ ବିଲିୟନ ଡଲାର ଛୁଇଁବ
- ଆମେରିକାର ଦୋମୁହାଁ ନୀତିକୁ ରୁଷ୍ ରାଷ୍ଟ୍ରପତିଙ୍କ ସମାଲୋଚନା
- କୁଡନକୁଲମରେ ଭାରତର ବଡ଼ ପରମାଣୁ କେନ୍ଦ୍ର ନିର୍ମାଣ
- ନୂଆ ଅନ୍ତର୍ଜାତୀୟ ପରିବହନ ମାର୍ଗ ମଧ୍ୟ ନିର୍ମାଣ କରାଯିବ



# ଟ୍ରମ୍ପଙ୍କୁ 'ଫୋମୋ'



■ ୱାଶିଂଟନ, ୫।୧୨ (ଏଜେନ୍ସି): ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ୨୭ ଘଣ୍ଟାର ଗସ୍ତ ଓ ଭାରତ ସହ ଅନେକ ବୁଝାମଣା ପରେ ଅକସ୍ମାତ 'ଫୋମୋ' (ଫିଅର ଅଫ୍ ମିସିଂ ଆଉଟ୍)ର ଶିକାର ହୋଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଭାରତ-ରୁଷ ମଧ୍ୟରେ ବଡ଼ ଚୁକ୍ତିନାମା ତାଙ୍କ ନିଦ ହଜାଇ ଦେଇଛି ଓ ଆକସ୍ମିକ ଭାବରେ ସେ ଭାରତକୁ ପ୍ରଶଂସା ସହ ୟୁରୋପୀୟ ଦେଶ ପ୍ରତି ଆକ୍ରମଣାତ୍ମକ ଟିପ୍ପଣୀ ଦେବା ଆରମ୍ଭ କରିଛନ୍ତି। ଏପରିକି ଚୀନ ବିରୋଧରେ ମୋର୍ଚ୍ଚା ଖୋଲିବା ନିମନ୍ତେ ଆମେରିକା ଭାରତର ସହଯୋଗ ଲୋଡ଼ିଛି।

ଟ୍ରମ୍ପ ପ୍ରଶାସନ ଦ୍ୱାରା ୩୩ ପୃଷ୍ଠା ବିଶିଷ୍ଟ ଜାତୀୟ ସୁରକ୍ଷା ରଣନୀତିରେ ଟ୍ରମ୍ପ ପ୍ରଶାସନ ୟୁରୋପୀୟ ଦେଶଗୁଡ଼ିକୁ କଠୋର ଶବ୍ଦରେ ସମାଲୋଚନା କରିଛି। ୟୁରୋପୀୟ ଦେଶମାନେ ଗଣତନ୍ତ୍ରକୁ ନଷ୍ଟ କରିବାକୁ ଲାଗିଛନ୍ତି ଓ ୟୁକ୍ରେନରେ ଶାନ୍ତି ପ୍ରତିଷ୍ଠା କରିବାକୁ ଚାହୁଁ ନାହାନ୍ତି। ଅର୍ଥନୀତିକୁ ଉନ୍ନତ କରିବା ପାଇଁ ରୁଷ ସହ ଶତ୍ରୁତା ଶେଷ କରିବା ଓ ୟୁକ୍ରେନ ସହ ଯୁଦ୍ଧ ରୋକିବା ୟୁରୋପୀୟ ଦେଶ ପାଇଁ ଅତ୍ୟନ୍ତ ଜରୁରୀ ବୋଲି କୁହାଯାଇଛି। ସେହିପରି ଜାତୀୟ ରଣନୀତିରେ ଚୀନକୁ ଏକ ଆର୍ଥିକ ଚ୍ୟାଲେଞ୍ଜ ଭାବରେ ଆମେରିକା ଉଲ୍ଲେଖ କରିଛି। ଚୀନ ବିରୋଧରେ ଆର୍ଥିକ ମୋର୍ଚ୍ଚାରେ ଭାରତ ଆମେରିକାର ବଡ଼ ସହଯୋଗୀ ହୋଇପାରିବ ବୋଲି ଏଥିରେ ଉଲ୍ଲେଖ କରାଯାଇଛି। ୱାଶିଂଟନ ଚୀନ ସହିତ ଆର୍ଥିକ ସମ୍ପର୍କକୁ ପୁନଃସନ୍ତୁଳନ କରିବା ପାଇଁ ପଦକ୍ଷେପ ନେବ ଓ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଯୁଦ୍ଧ ରୋକିବା ପାଇଁ ପ୍ରୟାସ କରିବ ବୋଲି କୁହାଯାଇଛି।

**ଲୋଡ଼ିଲେ ଭାରତର ସହଯୋଗ**


## ରାଜ୍ୟରେ ପୁଣି ପରୀକ୍ଷା ବିଭ୍ରାଟ; ବିଧାନସଭାରେ ହଟ୍ଟଗୋଳ

# ପରୀକ୍ଷା ପୂର୍ବରୁ ଏଏନ୍‌ଏମ୍ ପ୍ରଶ୍ନପତ୍ର ଲିକ୍

■ ଭୁବନେଶ୍ୱର, ୫।୧୨ (ସମିସ): ରାଜ୍ୟରେ ପୁଣିଥରେ ପରୀକ୍ଷା ବିଭ୍ରାଟ ଦେଖାଦେଇଛି। ପରୀକ୍ଷାର ଠିକ୍ ପୂର୍ବରୁ ପ୍ରଶ୍ନପତ୍ର ଲିକ୍ ହୋଇଛି। ଶୁକ୍ରବାର ଏଏନ୍‌ଏମ୍ ପରୀକ୍ଷା ଥିବା ବେଳେ ପରୀକ୍ଷାର ୩ ଘଣ୍ଟା ପୂର୍ବରୁ ପ୍ରଶ୍ନପତ୍ର ଭାଇରାଲ୍ ହୋଇଛି। ଦ୍ୱିତୀୟ ବର୍ଷ ପିଲାଙ୍କ ପଞ୍ଚମ ପେପର୍ 'ମିଡ ୱାଇଫେରୀ' ଦିନ ୨ଟା ବେଳେ ଆରମ୍ଭ ହେବାର ଥିଲା। ହେଲେ ଦିନ ୧୧ଟା ବେଳକୁ ଏହା ମୋବାଇଲ୍‌ରୁ ମୋବାଇଲ୍‌କୁ ଘୂରି ବୁଲିଥିଲା। ଏପରିକି, ବଜାରରେ ଏହାର ପ୍ରିଣ୍ଟ କପି ମଧ୍ୟ ବିକ୍ରି ହେଉଥିବା ଅଭିଯୋଗ ହୋଇଛି। ମାଲକାନାଗିରି ଓ ବଲାଙ୍ଗିରରୁ ପ୍ରଶ୍ନପତ୍ର ଲିକ୍ ଘଟଣା ସାମ୍ନାକୁ ଆସିବା ପରେ ଡିଏମ୍‌ଇଟି ପକ୍ଷରୁ ପରୀକ୍ଷାକୁ ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି।

ବାରମ୍ବାର ପରୀକ୍ଷା ବିଭ୍ରାଟକୁ ନେଇ ଆଜି ବିଧାନସଭାରେ ବିରୋଧୀମାନେ ହଟ୍ଟଗୋଳ କରିଥିଲେ। ଏଏନ୍‌ଏମ୍ ପ୍ରଶ୍ନପତ୍ର ପ୍ରଘଟ ସମ୍ପର୍କରେ ବିବୃତି ରଖିବାକୁ ବାଚସ୍ପତି ସୁରମା ପାଢ଼ୀ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅପରାହ୍ନ ଅଧିବେଶନରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏହି ପ୍ରସଙ୍ଗରେ ଗୃହରେ ବିବୃତି ରଖିଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଯେ ଏଏନଏମ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ଭୁବନେଶ୍ୱର କ୍ୟାପିଟାଲ ଥାନାରେ ଏନେଇ ଏତଲା ପ୍ରଦାନ ▶ପୃଷ୍ଠା-୭

**କ୍ୟାପିଟାଲ ଥାନାରେ ଏତଲା; ଦୋଷୀଙ୍କ ବିରୋଧରେ ନିଆଯିବ କାର୍ଯ୍ୟାନୁଷ୍ଠାନ**




# ଯାତ୍ରୀଙ୍କୁ କ୍ଷମା ମାଗିଲା ଇଣ୍ଡିଗୋ

## ଉଡ଼ାଣ ଅଚଳ

# ଡିଜିସିଏର ତଦନ୍ତ ନିର୍ଦ୍ଦେଶ

■ ନୂଆଦିଲ୍ଲୀ, ୫।୧୨ (ଏଜେନ୍ସି): ଚତୁର୍ଥ ଦିନରେ ବି 'ଇଣ୍ଡିଗୋ'ର ବିମାନ ସେବାରେ ଅଚଳାବସ୍ଥା ଜାରି ରହିଛି। ପାଇଲଟ ଏବଂ କର୍ମଚାରୀଙ୍କ ଘୋର ଅଭାବ ପାଇଁ ଗତ ୪ ଦିନରେ ୧୭୦୦ରୁ ଅଧିକ ବିମାନ ଉଡ଼ାଣ ବାତିଲ କରିଦିଆଯାଇଛି। ଶତାଧିକ ବିମାନ ମଧ୍ୟ ବିଳମ୍ବରେ ଚାଲୁଛି। ଏଥିଯୋଗୁଁ ଦେଶର ପ୍ରାୟ ସବୁ ବିମାନବନ୍ଦରରେ ହଜାର ହଜାର ଯାତ୍ରୀ ହନ୍ତସନ୍ତ ହେଉଛନ୍ତି। ଏହି ଘଟଣାରେ ଇଣ୍ଡିଗୋ ସିଇଓ ଦୁଃଖ ପ୍ରକାଶ କରିବା ସହ ଯାତ୍ରୀଙ୍କୁ କ୍ଷମା ପ୍ରାର୍ଥନା କରିଛନ୍ତି। ଆସନ୍ତା ୧୦ରୁ ୧୫ତାରିଖ ମଧ୍ୟରେ ବିମାନ ▶ପୃଷ୍ଠା-୭

# କମିଲା ସୁଧ ହାର

■ ମୁମ୍ବଇ, ୫।୧୨ (ଏଜେନ୍ସି): ଦେଶରେ ହ୍ରାସ ପାଉଥିବା ଖୁଚୁରା ମୁଦ୍ରାସ୍ଫୀତିକୁ ନଜରରେ ରଖି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଶୁକ୍ରବାର ଏହାର ପ୍ରମୁଖ ସୁଧ ହାର ବା ରେପୋ ହାରରେ ୨୫ ବେସିସ୍ ପଏଣ୍ଟ ଅର୍ଥାତ୍ ୦.୨୫% ହ୍ରାସ ଘଟାଇଛି। ଏହା ପରେ ରେପୋ ହାର ୫.୫୦%ରୁ ୫.୨୫%କୁ ଖସିଆସିଛି। ଆର୍‌ବିଆଇ ମୁଦ୍ରା ନୀତି କମିଟି (ଏମ୍‌ପିସି) ବୈଠକର ଚୂଡାନ୍ତ ଦିବସରେ ଆଜି କେନ୍ଦ୍ରୀୟ ବ୍ୟାଙ୍କ ସୁଧହାରରେ ଏହି ହ୍ରାସ ଘଟାଇଥିବା ଆର୍‌ବିଆଇ ଗଭର୍ଣ୍ଣର ▶ପୃଷ୍ଠା-୭

# ଦୁର୍ଘଟଣାରେ ଗଲା ୬ ଜୀବନ

■ ଯୋଡ଼ା/ବଡ଼ବିଲ, ୫।୧୨ (ସମିସ): କେନ୍ଦୁଝର ଜିଲ୍ଲାର ଜୀବନରେଖା କୁହାଯାଉଥିବା ୫୨୦ନମ୍ବର ଜାତୀୟ ରାଜପଥ ଆଜି ପୁଣି ୪ଜଣଙ୍କ ଜୀବନ ନେଇଛି। ବଡ଼ବିଲ ତହସିଲ ଅଧୀନ ଦୁଇଟି ପୃଥକ୍ ସ୍ଥାନରେ ଏହି ଅଘଟଣ ଘଟିଛି। ଗୋଟିଏ ସ୍ଥାନରେ ୩ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଏକ ଘଟଣାରେ ଜଣେ ପ୍ରାଣ ହରାଇଛନ୍ତି।

## ରାଜପଥରେ ଗଡ଼ିଲା ୪ ମୁଣ୍ଡ

### ଜନ୍ମଦିନ କେକ୍ କିଣି ଫେରିବା ବେଳେ ମାଡ଼ିଗଲା ହାଇୱା

ସଂଧ୍ୟା ପ୍ରାୟ ସାଢ଼େ ୬ଟାରେ ଯୋଡ଼ା ଥାନା ଅନ୍ତର୍ଗତ କଳାପାହାଡ଼ ଛକ ନିକଟରେ ବାଇକ୍ ଉପରେ ଏକ ଟ୍ରେଲର୍ ମାଡ଼ିଯିବାରୁ ୩ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ, ଯୋଡ଼ା ୧ ନମ୍ବର ୱାର୍ଡ ତାରିଣୀ ହଟିଂର ଶଙ୍କର ବାହାଦୁର (୪୫), ଟୁନୁ ପାତ୍ର। ଅନ୍ୟ ଜଣଙ୍କର ପରିଚୟ ମିଳିପାରିନାହିଁ। ୩ଜଣ ଯାକ ଏକ ବାଇକ୍‌ରେ ଫେରୁଥିବା ବେଳେ ଟ୍ରେଲର (ଜେଏଚ୍ ୦୫ବିଏସ୍ ୬୫୧୭)ଟି ସେମାନଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ୩ଜଣ ଯାକ ଗାଡ଼ିରୁ ଛିଟିକି ପଡ଼ିବା ପରେ ଟ୍ରେଲର୍‌ଟି ସେମାନଙ୍କୁ ଚାପି ଦେଇଥିଲା। ଫଳରେ ଘଟଣାସ୍ଥଳରେ ସମସ୍ତଙ୍କ ମୃତ୍ୟୁ ହୋଇଥିଲା। ଖବର ▶ପୃଷ୍ଠା-୭

### ୨ ବର୍ଷର ଶିଶୁକୁ ଛାଡ଼ି ଚାଲିଗଲେ ବାପା-ମା'

■ ଦିଗପହଣ୍ଡି, ୫।୧୨(ସମିସ): ଦିଗପହଣ୍ଡି-ବ୍ରହ୍ମପୁର ରାସ୍ତାର ଗଣିଆନାଳ ଛକ ନିକଟସ୍ଥ ମାଁ କୁରେଇଶୁଣି ମନ୍ଦିର ସମ୍ମୁଖରେ ଶୁକ୍ରବାର ସନ୍ଧ୍ୟା ପ୍ରାୟ ୭ଟାରେ ସ୍କୁଟି ଓ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଏଥିରେ ଏକ ଦମ୍ପତିଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, ସାନଖେମୁଣ୍ଡି ବ୍ଲକ ଗଙ୍ଗାପୁର ପଞ୍ଚାୟତ ଢ଼େପାଗୁଡ଼ା ଗ୍ରାମର ପ୍ରତାପ ମଲ୍ଲିକ (୩୫) ଓ ସ୍ତ୍ରୀ ଲଳିତା ମଲ୍ଲିକ (୩୦)। ସେହିପରି ଏହି ଦୁର୍ଘଟଣାରେ ସେମାନଙ୍କ ୨ ବର୍ଷର ଶିଶୁ ଓ ଆର୍. ଉଦୟଗିରି ଅଞ୍ଚଳର ଜଣେ ବାଇକ୍ ଚାଳକ ସୁନୀଲ ଦଳାଇ (୩୬) ଗୁରୁତର ହୋଇଛନ୍ତି। ▶ପୃଷ୍ଠା-୭

# ଫେବ୍ରୁଆରୀ ୧୯ରୁ ମାଟ୍ରିକ୍ ପରୀକ୍ଷା

■ କଟକ, ୫।୧୨ (ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବିଏସଇ) ପକ୍ଷରୁ ମାଟ୍ରିକ୍ ପରୀକ୍ଷା-୨୦୨୬ ରେଗୁଲାର୍ ଓ ଏକ୍ସ-ରେଗୁଲାର୍ ପାଇଁ ସମ୍ପୂର୍ଣ୍ଣ ସୂଚୀ ପ୍ରକାଶ ପାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଆସନ୍ତା ୨୦୨୬ ଫେବ୍ରୁଆରୀ ୧୯ ତାରିଖରୁ ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ୨ ତାରିଖରେ ଶେଷ ହେବ। ରେଗୁଲାର୍ ଏବଂ ଏକ୍ସ-ରେଗୁଲାର୍ ଉଭୟ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରତିଦିନ ଗୋଟିଏ ବିଷୟର ପରୀକ୍ଷା ଗୋଟିଏ ସିଟିଂରେ ଅନୁଷ୍ଠିତ ହେବ। ଗଣିତକୁ ଛାଡ଼ିଦେଲେ, ଅନ୍ୟ ସମସ୍ତ ପରୀକ୍ଷା ସକାଳ ୯ଟାରୁ ୧୧ଟା ୩୦ ପର୍ଯ୍ୟନ୍ତ ଚାଲିବ। ଗଣିତ ପରୀକ୍ଷା ପାଇଁ ଅତିରିକ୍ତ ୧୫ ମିନିଟ୍ ସମୟ ଦିଆଯିବ। ତେଣୁ ଏହା ୧୧ଟା ୪୫ରେ ଶେଷ ହେବ।

ସୂଚୀ ଅନୁଯାୟୀ, ଫେବ୍ରୁଆରି ୧୯ରେ ପ୍ରଥମ ଭାଷା, ୨୧ରେ ଇଂରାଜୀ, ୨୩ରେ ତୃତୀୟ ଭାଷା (ସଂସ୍କୃତ/ହିନ୍ଦୀ), ୨୫ରେ ବିଜ୍ଞାନ, ୨୭ରେ ସାମାଜିକ ବିଜ୍ଞାନ ଏବଂ ମାର୍ଚ୍ଚ ୨ରେ ଗଣିତ ପରୀକ୍ଷା ଅନୁଷ୍ଠିତ ହେବ। ▶ପୃଷ୍ଠା-୭

**ପ୍ରକାଶ ପାଇଲା ପରୀକ୍ଷା ସୂଚୀ**

**ଗଣିତ ପାଇଁ ଅତିରିକ୍ତ ୧୫ ମିନିଟ୍**

# ସରକାରୀ ସହାୟତା ଅପେକ୍ଷାରେ ବିଶ୍ୱ ଚାମ୍ପିଅନ ପିଙ୍କି




■ ଭୁବନେଶ୍ୱର, ୫।୧୨ (ସମିସ): ମହିଳା ସଶକ୍ତିକରଣର ସଂଜ୍ଞା କେବଳ ଆର୍ଥିକ କ୍ଷେତ୍ରରେ ସୀମିତ ନୁହେଁ। ଏହା ସାମାଜିକ, ମାନସିକ ଓ ଶାରୀରିକ ଭଳି ବ୍ୟାପକ କ୍ଷେତ୍ରକୁ ବୁଝାଏ। ଶାରୀରିକ ସଶକ୍ତିକରଣ ବିନା କ୍ରୀଡ଼ାନୈପୁଣ୍ୟ ଓ ଉତ୍କର୍ଷ ବିଷୟରେ ଚିନ୍ତା କରାଯାଇ ପାରେନା। ଅଥଚ ପିଙ୍କି ବେହେରାଙ୍କ ଭଳି ଯେଉଁ ମହିଳାମାନେ କ୍ରୀଡ଼ା କ୍ଷେତ୍ରରେ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି, ସେମାନେ ଉପଯୁକ୍ତ ମର୍ଯ୍ୟାଦା, ସମ୍ମାନ ଓ ନ୍ୟାୟରୁ ବଞ୍ଚିତ। ରାଜ୍ୟ ସରକାର ସମ୍ପ୍ରତି ମହିଳା ସଶକ୍ତିକରଣ ଓ କ୍ରୀଡ଼ା ବିକାଶକୁ ଅଗ୍ରାଧିକାର ଦେଉଥିବାରୁ ରାଜ୍ୟ ପାଇଁ ସୁନାମ ଆଣିଥିବା ମହିଳା କ୍ରୀଡ଼ାବିତ୍‌ମାନଙ୍କ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପଡ଼ିବ। କାରଣ ବଡି ବିଲଡିଙ୍ଗ୍‌ର ରାଜ୍ୟକୁ ବିଶ୍ୱ ଦରବାରରେ ଗୌରବାନ୍ୱିତ କରି ସ୍ୱର୍ଣ୍ଣପଦକ ହାସଲ କରିଥିବା ଓଡ଼ିଆ କ୍ରୀଡ଼ାବିତ୍ ସରକାରୀ ସହାୟତା ଅପେକ୍ଷାରେ। ବଡି ବିଲଡିଙ୍ଗ୍‌ରେ ଓଡ଼ିଶାର ପ୍ରଥମ ମହିଳା ବଡି ବିଲଡର ଭାବେ ବିଶ୍ୱ ବିଜୟୀ ହୋଇ ମଧ୍ୟ ସରକାରୀ ସହାୟତା ପାଇବାରୁ ବଞ୍ଚିତ ହୋଇଛନ୍ତି ପିଙ୍କି।

ସୂଚନାଯୋଗ୍ୟ, ୨୦୨୨ ମସିହାରେ କେରଳରେ ଅନୁଷ୍ଠିତ ବଲିବିଲଡିଂ ଚାମ୍ପିଅନସିପ୍‌ରେ ସେ ପ୍ରଥମେ ଭାଗ ନେଇଥିଲେ। ସେଠାରେ ଯଦିଓ କିଛି ସ୍ଥାନ ଅଧିକାର କରିନଥିଲେ ସେହିଦିନରୁ ତାଙ୍କର ଏଥିପ୍ରତି ଆଗ୍ରହ ▶ପୃଷ୍ଠା-୭

**ବଡି ବିଲଡିଂରେ ଆଣିଥିଲେ ସ୍ୱର୍ଣ୍ଣ ପଦକ**

**ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶାକୁ କରିଥିଲେ ଗୌରବାନ୍ୱିତ**

## ପୁତିନଙ୍କ ଭାରତ ଗସ୍ତ ନେଇ ବିଶ୍ୱ ଗଣମାଧ୍ୟମର ମିଶ୍ର ପ୍ରତିକ୍ରିୟା

ନୂଆଦିଲ୍ଲୀ, ୫ ।୧୨(ଏଜେନ୍ସି): ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ଭାରତ ଗସ୍ତ ନେଇ ବିଶ୍ୱ ଗଣମାଧ୍ୟମ ମିଶ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଆମେରିକାରୁ ୟୁକ୍ରେନ ପର୍ଯ୍ୟନ୍ତ ସବୁ ଗଣମାଧ୍ୟମ ପୁତିନଙ୍କ ଏହି ଭାରତ ଗସ୍ତକୁ ବେଶ୍ ଗୁରୁତ୍ୱ ଦେବା ସହ ଅଗ୍ରାଧିକାର ଦେଇ ଖବର ପରିବେଷଣ କରିଛନ୍ତି। ପୁତିନଙ୍କ ଏହି ଗସ୍ତ ପାଇଁ ସାରା ବିଶ୍ୱର ନଜର ଭାରତ ଉପରେ ରହିଛି। ୟୁକ୍ରେନ ବିରୋଧରେ ଚାଲିଥିବା ଯୁଦ୍ଧ କାରଣରୁ ଏହି ଗସ୍ତକୁ ବିଶ୍ୱର ସବୁ ବଡ଼ ଗଣମାଧ୍ୟମ ବେଶ୍ ଗୁରୁତ୍ୱ ଦେଇଛନ୍ତି।

### ରୁଷ ବିଶ୍ୱରେ ଏକଘରକିଆ ନୁହେଁ: ବ୍ରିଟେନ-ବିବିସି

ରୁଷଠାରୁ ତୈଳ କ୍ରୟ କମ୍ କରିବାକୁ ଆମେରିକା ଭାରତ ଉପରେ ଲଗାତର ଚାପ ପକାଉଥିବା ବେଳେ ପୁତିନଙ୍କ ଏହି ଗସ୍ତ ବେଶ୍ ଗୁରୁତ୍ୱ ବହନ କରୁଛି। ଦୁଇ ଦେଶ ମଧ୍ୟରେ ବନ୍ଧୁତ୍ୱ ବହୁ ପୁରୁଣା। ଭାରତ ବିଶ୍ୱର ଦ୍ରୁତତମ ଅଭିବୃଦ୍ଧିଶୀଳ ପ୍ରମୁଖ ଅର୍ଥନୀତି ମଧ୍ୟରୁ ଅନ୍ୟତମ ଏବଂ ଭାରତ ପାଖରେ ଦେଢ଼ଶହ କୋଟି ଜନସଂଖ୍ୟା ବିଶିଷ୍ଟ ବଜାର ରହିଛି। ଏହି କାରଣରୁ ରୁଷ ଭାରତକୁ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ବୋଲି ବିବେଚନା କରୁଛି। ତୈଳ ବାଣିଜ୍ୟ ନେଇ ଭାରତଠାରୁ ରୁଷ୍ ବହୁତ କିଛି ଆଶା କରେ। ପ୍ରତିରକ୍ଷା କ୍ଷେତ୍ରରେ ମଧ୍ୟ ଦୁଇ ଦେଶର ଭାଗୀଦାରି ଦୃଢ଼ ରହିଛି। ବହୁ ବର୍ଷ ଧରି ଭାରତ ରୁଷଠାରୁ ଅସ୍ତ୍ରଶସ୍ତ୍ର କ୍ରୟ କରିଆସୁଛି। ରୁଷ୍‌ଠାରୁ ଭାରତ ଏବେ ଲଢୁଆ ବିମାନ ଓ ଏୟାର ଡିଫେନ୍ସ ସିଷ୍ଟମ କ୍ରୟ କରିବା ନେଇ ବିଚାର କରୁଛି। ରୁଷିଆରେ ଦକ୍ଷ କର୍ମଚାରୀଙ୍କ ଅଭାବ ରହିଛି ଓ ଭାରତ ଏହା ପୁରଣ କରିପାରିବ ବୋଲି ରୁଷ ହୃଦୟଙ୍ଗମ କରିଛି। ଏହି ଗସ୍ତ ଏକ ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ବାର୍ତ୍ତା ବହନ କରୁଛି। ପାଶ୍ଚାତ୍ୟ ବିରୋଧ ଓ ୟୁକ୍ରେନ ଯୁଦ୍ଧ ସତ୍ତ୍ୱେ ରୁଷ୍ ବିଶ୍ୱରେ ଏକ ଘରକିଆ ନୁହେଁ ବୋଲି ରୁଷି ପ୍ରମାଣ କରିବାକୁ ଚାହୁଁଛି ବୋଲି ବିବିସି ଉଲ୍ଲେଖ କରିଛି। ଆମେରିକାକୁ ରୁଷ ଓ ଭାରତ ଭୟ କରୁନାହାନ୍ତି ବୋଲି ଏହି ଗସ୍ତ ପ୍ରମାଣ କରୁଥିବା 'ଦି ଗାର୍ଡିଆନ' ଉଲ୍ଲେଖ କରିଛି।

### ଭାରତୀୟ କୂଟନୀତି ପାଇଁ ପରୀକ୍ଷା: କିଭ୍ ଇଣ୍ଡିପେଣ୍ଡେଣ୍ଟ

ପୁତିନଙ୍କ ଭାରତ ଗସ୍ତ ସହ ଏହି ସପ୍ତାହରେ ଭାରତୀୟ କୂଟନୀତି ପାଇଁ ବଡ଼ ପରୀକ୍ଷା ସୃଷ୍ଟି ହେବ ବୋଲି ୟୁକ୍ରେନର ପ୍ରମୁଖ ଗଣମାଧ୍ୟମଗୁଡିକ ଉଲ୍ଲେଖ କରିଛନ୍ତି। ରୁଷି ଓ ୟୁକ୍ରେନ ମଧ୍ୟରେ ସନ୍ତୁଳନ ବଜାୟ ରଖିବାକୁ ଭାରତ ଆଗରେ ନୂଆ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି। ରୁଷ ସହିତ ଶକ୍ତି ଓ ପ୍ରତିରକ୍ଷା ସମ୍ପର୍କକୁ ମଜବୁତ କରିବାକୁ ଭାରତ ଚାହୁଁଛି। କିନ୍ତୁ ୟୁକ୍ରେନ, ଆମେରିକା ଓ ୟୁରୋପୀୟ ଦେଶଗୁଡ଼ିକ ରୁଷ ଯୁଦ୍ଧ ବନ୍ଦ କରିବା ନେଇ ଭାରତ ଚାପ ପକାଉ ବୋଲି ଚାହୁଁଛନ୍ତି। ପୁଣି ବିଶ୍ୱରେ ରୁଷ୍ ଏକଘରିକିଆ ନୁହେଁ ବୋଲି ପୁତିନ ଏହି ଗସ୍ତ ମାଧ୍ୟମରେ ପ୍ରମାଣ କରିବାକୁ ଚାହୁଁଛନ୍ତି। ଭାରତ ଓ ରୁଷର ବନ୍ଧୁତ୍ୱ ବହୁ ପୁରୁଣା, ପାକିସ୍ତାନ ବିପକ୍ଷ ୧୯୭୧ ଯୁଦ୍ଧରେ ରୁଷ ମଧ୍ୟ ଭାରତକୁ ଖୋଲାଖୋଲି ସମର୍ଥନ କରିଥିଲା। କିନ୍ତୁ ରୁଷ୍ ଓ ୟୁକ୍ରେନ ମାମଲାରେ ଭାରତ ସବୁବେଳେ ନିରପେକ୍ଷ ରହିବାକୁ ପ୍ରୟାସ କରିଛି। ଏପରିକି ଜାତିସଂଘରେ ରୁଷିଆ ବିପକ୍ଷରେ ଆସିଥିବା ପ୍ରସ୍ତାବ ନେଇ ହୋଇଥିବା ମତଦାନରୁ ନିଜକୁ ଦୂରେଇ ରଖିଛି। ତେଣୁ ଭାରତ କୂଟନୀତି ପାଇଁ ଏହା ଏକ ବଡ଼ ଚ୍ୟାଲେଞ୍ଜ ବୋଲି ୟୁକ୍ରେନ ଗଣମାଧ୍ୟମଗୁଡିକ କହିଛି।

### ରୁଷୀୟ ଭାଷାରେ ଗୀତା ଉପହାର ଦେଲେ ମୋଦୀ

ଭାରତ- ରୁଷିଆ ଶିଖର ସମ୍ମିଳନୀ (୨୩ତମ )ରେ ଯୋଗ ଦେବାକୁ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ଗୁରୁବାର ଭାରତରେ ପହଞ୍ଚିଛନ୍ତି। ୪ ବର୍ଷ ପରେ ପୁତିନ ଭାରତ ଗସ୍ତରେ ଆସିଛନ୍ତି। ତାଙ୍କୁ ପାଛୋଟି ନେବାକୁ ପ୍ରଧାନମନ୍ତ୍ରୀ ମୋଦୀ ପ୍ରୋଟୋକଲ ଭାଙ୍ଗି ପାଲମ ବିମାନ ବନ୍ଦରରେ ପହଞ୍ଚିଥିଲେ। ଏହାପରେ ଦୁହେଁ ପ୍ରଧାନମନ୍ତ୍ରୀ ବାସଭବନରେ ପହଞ୍ଚିଥିଲେ। ପୁତିନଙ୍କ ସମ୍ମାନରେ ଏକ ନୈଶ୍ୟଭୋଜିର ମଧ୍ୟ ଆୟୋଜନ ହୋଇଥିଲା। ଏହି ଅବସରରେ ମୋଦୀ ତାଙ୍କୁ ରୁଷୀୟ ଭାଷାରେ ଲିଖିତ ଏକ ଗୀତା ଉପହାର ସ୍ୱରୂପ ପ୍ରଦାନ କରିଥିଲେ। ଏହାପରେ ପୁତିନ ରାଜଘାଟରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ତା'ପରେ ଉଭୟ ନେତା ଶିଖର ସମ୍ମିଳନୀରେ ଅଂଶଗ୍ରହଣ କରିବାକୁ ହାଇଦରାବାଦ୍ ହାଉସ୍ ଯାଇଥିଲେ।

### ମୋଦୀଙ୍କ ଭଳି ନେତା ପାଇ ଭାରତ ଭାଗ୍ୟବାନ: ପୁତିନ

ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରଶଂସାରେ ଶତମୁଖ ହୋଇଛନ୍ତି। ଭାରତ ପାଖରେ ମୋଦୀଙ୍କ ଭଳି ନେତା ରହୁଥିବାରୁ ଏହି ଦେଶ ବେଶ୍ ଭାଗ୍ୟବାନ ବୋଲି ସେ କହିଛନ୍ତି। ମୋଦୀ କୌଣସି ଚାପ ଆଗରେ ମୁଣ୍ଡ ନୁଆଁନ୍ତି ନାହିଁ ବୋଲି ମସ୍କୋରେ ସାକ୍ଷାତ୍‌କାର ଦେବା ଅବସରରେ ପୁତିନ କହିଥିଲେ। ଭାରତ ଏବେ ବିଶ୍ୱର ଏକ ବଡ଼ ଶକ୍ତିଭାବେ ଉଭା ହୋଇଛି। ଫଳରେ ଅନ୍ୟ ଦେଶଗୁଡିକ ଭାରତ ପ୍ରତି ଈର୍ଷାନ୍ୱିତ ହୋଇ ପଡ଼ିଥିବା ବୋଲି ସେ କହିଛନ୍ତି। ଆମେରିକାର ଟାରିଫ୍ ନୀତି ନେଇ ପୁତିନ ସ୍ପଷ୍ଟ ଭାବେ ନିଜର ମତ ରଖିଛନ୍ତି। ଏ ନେଇ ଭାରତର ସ୍ୱତନ୍ତ୍ର ତଥା ସ୍ୱାଧୀନ ନୀତି ରହିଥିବା ସେ ସୂଚନା ଦେଇଛନ୍ତି।

### ନେହରୁଙ୍କୁ ଗାଈ ଉପହାର ଦେଇଥିଲା ରୁଷିଆ



ପଣ୍ଡିତ ଜବାହାରଲାଲ ନେହରୁ ଦ୍ୱିତୀୟଥର ପ୍ରଧାନମନ୍ତ୍ରୀ ଭାବେ ନିର୍ବାଚିତ ହେବା ପରେ ୧୯୬୦ ମାର୍ଚ୍ଚ ୨୭ରେ ରୁଷିଆ ଅର୍ଥାତ ସେତେବେଳେର ସୋଭିଏତ ୟୁନିୟନକୁ ଦୁଇ ଦିନିଆ ଗସ୍ତରେ ଯାଇଥିଲେ। ତାଙ୍କ ଏହି ଗସ୍ତରେ ରୁଷିଆ ସରକାର ତାଙ୍କୁ ଏକ ଗାଈ ଉପହାର ସ୍ୱରୁପ ପ୍ରଦାନ କରିଥିଲେ। ସୋଭିଏତ ରାଷ୍ଟ୍ରଦୂତ ଇଭାନ ବେନେଡିକ୍‌ଟୋଭ ଓ ତାଙ୍କ ପତ୍ନୀ ନେହରୁଙ୍କୁ ଗାଈର ଦଉଡି ପ୍ରଦାନ କରିଥିଲେ। ସଙ୍ଗେସଙ୍ଗେ ନେହରୁ ଗାଈକୁ ଖାଦ୍ୟ ଦେଇଥିଲେ। ଏଭଳି ଏକ ଭିନ୍ନ ଧରଣର ଉପହାର ପାଇଁ ନେହରୁ ଖୁସି ଜାହିର କରିଥିଲେ। ଏବେ ମଧ୍ୟ ଏହି ଘଟଣାକୁ ଦୁଇ ଦେଶର ନାଗରିକ ଓ ନେତାମାନେ ମନେ ରଖିଛନ୍ତି। ଦୁଇ ଦେଶ ପାଇଁ ଏହି ଘଟଣା ଏକ ସ୍ମୃତି ହୋଇ ରହିଛି।

## ଗୁଜରାଟରେ ୧୭ ଲକ୍ଷରୁ ଅଧିକ ମୃତ ଭୋଟର

ନୂଆଦିଲ୍ଲୀ, ୫ ।୧୨(ଏଜେନ୍ସି): ଗୁଜରାଟରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟାରୁ ଚକିତ କଲା ଭଳି ତଥ୍ୟ ସାମ୍ନାକୁ ଆସିଛି। ବର୍ତ୍ତମାନର ତାଲିକାରେ ୧୭ ଲକ୍ଷ ଊର୍ଦ୍ଧ୍ୱ ମୃତ ଭୋଟର ସାମିଲ ଅଛନ୍ତି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି। ଗତ ଏକ ମାସ ମଧ୍ୟରେ ୫ କୋଟିରୁ ଅଧିକ ପଞ୍ଜିକୃତ ଭୋଟରଙ୍କୁ ଫର୍ମ ବଣ୍ଟନ କରାଯାଇଛି। ୩୩ଟି ଜିଲ୍ଲାରେ



ଶତପ୍ରତିଶତ କାର୍ଯ୍ୟ ସମାପ୍ତ ହୋଇଛି। ଫେରସ୍ତ ଫର୍ମଗୁଡିକର ଡିଜିଟାଇଜେସନ କାର୍ଯ୍ୟ ଜାରି ରହିଛି। ୩୦ ଲକ୍ଷ ଭୋଟର ଗୁଜରାଟ ଛାଡି ସାରିଛନ୍ତି ବୋଲି ଜଣାପଡ଼ିଛି। ୬.୧୪ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟର ନିଜ ଠିକଣାରେ ନାହାନ୍ତି। ବୁଥ ସ୍ତରର ଅଧିକାରୀ (ବିଏଲ୍‌ଓ) ଙ୍କୁ ୩.୨୫ ଲକ୍ଷରୁ ଅଧିକ ଭୋଟର ରିପିଟେଡ ବର୍ଗରେ ମିଳିଛନ୍ତି। ଏହାର ଅର୍ଥ ଏମାନଙ୍କ ନାମ ଏକାଧିକ ସ୍ଥାନରେ ରହିଛି। ସେପଟେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏସ୍‌ଆଇଆର୍‌କୁ ନେଇ ପୁଣି ଥରେ ବିଜେପିକୁ ସମାଲୋଚନା କରି ମନ୍ତବ୍ୟ ଦେଇଛନ୍ତି। ଏସ୍‌ଆଇଆର ସହିତ ଜଡିତ ଘଟଣାଗୁଡିକରେ ମୃତ୍ୟୁବରଣ କରିଥିବା ଲୋକଙ୍କ ମଧ୍ୟରେ ଅଧାରୁ ଅଧିକ ହିନ୍ଦୁ ବୋଲି ସେ କହିଛନ୍ତି। ମୁର୍ଶିଦାବାଦ୍‌ରେ ଏକ ରାଲିକୁ ସମ୍ବୋଧିତ କରିବା ବେଳେ ମମତା କହିଛନ୍ତି ଯେ, ୨୦୧୬ ବିଧାନସଭା ନିର୍ବାଚନ ପୂର୍ବରୁ ଧର୍ମକୁ ନେଇ ରାଜନୀତି ଆରମ୍ଭ କରିଛି। ଯେଉଁ ଡାଳରେ ବିଜେପି ବସିଛି ତାହାକୁ ହିଁ କାଟୁଛି। ପୁଣି ପଶ୍ଚିମବଙ୍ଗରେ ଏନ୍‌ଆରସି ବା ଡିଟେନସନ ହୋମର ଅନୁମତି ଦିଆଯିବ ନାହିଁ ବୋଲି ସେ କହିଛନ୍ତି।

## ଉତ୍ତରାଖଣ୍ଡରେ ସବୁ ଇଣ୍ଡିଗୋ ବିମାନର ଉଡ଼ାଣ ବାତିଲ୍

ଡେରାଡୁନ୍, ୫ ।୧୨(ଏଜେନ୍ସି): ଉତ୍ତରାଖଣ୍ଡରେ ଶୁକ୍ରବାର ଇଣ୍ଡିଗୋର ୧୫ଟି ବିମାନର ଉଡାଣକୁ ବାତିଲ କରି ଦିଆଯାଇଛି। ଡେରାଡୁନରୁ ଏହି ବିମାନଗୁଡିକ ଉଡାଣ ଭରିବାର କର୍ଯ୍ୟକ୍ରମ ଥିଲା। ଜଲିଗ୍ରାଣ୍ଟ ବିମାନ ବନ୍ଦରରୁ ୧୩ ଓ ଉଦ୍ଧମ ସିଂ ନଗରର ପନ୍ତ ନଗର ବିମାନ ବନ୍ଦରରୁ ୨ଟି ବିମାନ ଟେକ୍‌ଅଫ୍ କରିବାର ଥିଲା। ଯାତ୍ରା ପାଇଁ ପାଖାପାଖି ୧୦୦ ଯାତ୍ରୀ ବିମାନ ବନ୍ଦରରେ ପହଞ୍ଚିଥିଲେ। କିନ୍ତୁ ଶେଷ ମୁହୂର୍ତ୍ତରେ ବିମାନ ବାତିଲ କରି ଦିଆଯାଇଥିଲା। ଏଥିଯୋଗୁଁ ଯାତ୍ରୀମାନେ ଅସନ୍ତୋଷ ଜାହିର କରିଥିଲେ। ଯାତ୍ରୀମାନଙ୍କୁ ସହାୟତା ପ୍ରଦାନ କରିବା ପାଇଁ ବିମାନ ବନ୍ଦରରେ ଏକ ହେଲ୍ପ ଡେସ୍କ ଖୋଲଯାଇଛି। ଯାତ୍ରୀଙ୍କୁ ଏହି ଡେସ୍କ ଲଗାତର ସୂଚନା ପ୍ରଦାନ କରୁଛି। ପନ୍ତନଗରରୁ ବିମାନଗୁଡିକ ଦିଲ୍ଲୀ ଓ କୋଲକାତା ପ୍ରସ୍ଥାନ କରିବାର କାର୍ଯ୍ୟକ୍ରମ ଥିଲା। ଦୁଇଟି ଯାକ ବିମାନରେ ୬୮ ଜଣ ଯାତ୍ରୀ



ଯାତ୍ରା କରିବାର ବ୍ୟବସ୍ଥା ଥିଲା। ସେହିପରି ଜଲିଗ୍ରାଣ୍ଟ ବିମାନ ବନ୍ଦରରୁ ବିମାନଗୁଡିକ ଦିଲ୍ଲୀ, ଲକ୍ଷ୍ନୌ, ବେଙ୍ଗାଲୁରୁ, ମୁମ୍ବଇ, ଜୟପୁର, ଅହମଦାବାଦ୍, ହାଇଦରାବାଦ୍, ଭୁବନେଶ୍ୱର, କୋଲକାତା ଓ ପୁଣେ ଯାତ୍ରା କରିବାର କାର୍ଯ୍ୟକ୍ରମ ଥିଲା।

# ଭାରତ-ରୁଷ ସମ୍ପର୍କର ନୂଆ ଅଧ୍ୟାୟ

ନୂଆଦିଲ୍ଲୀ (ସମିସ/ଏଜେନ୍ସି): ପଶ୍ଚିମ ଦେଶର ଧମକ, ଆମେରିକାର ନାଲିଆଖି ଓ ଚତୁର ରଣନୀତିକୁ ଉପେକ୍ଷା କରି ରୁଷ ରାଷ୍ଟ୍ରପତି ଭ୍ଲାଡ଼ିମିର ପୁତିନ୍‌ଙ୍କ ଭାରତ ଗସ୍ତ ବିଶ୍ୱ ଭୂ-ରାଜନୀତି ଇତିହାସରେ ସୃଷ୍ଟି କରିଛି ନୂଆ ଅଧ୍ୟାୟ। ଅନୁରୂପ ଭାବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତର ସର୍ବଶ୍ରେଷ୍ଠ ବନ୍ଧୁଙ୍କୁ ଉତ୍ସାହର ସହ ସ୍ୱାଗତ ମଧ୍ୟ ସାରା ବିଶ୍ୱକୁ ସ୍ତବ୍ଧ କରିଛି। ପୁତିନ୍‌ଙ୍କ ଏହି ଗସ୍ତ ଓ ଭାରତର ଆନ୍ତରିକ ସ୍ୱାଗତ କେବଳ କୁଟନୈତିକସ୍ତରରେ ନୁହେଁ, ପଶ୍ଚିମ ଦେଶ ଓ ଆମେରିକାକୁ ଶକ୍ତ ଆଘାତ ଦେଇଛି। ୨୩ତମ ଭାରତ-ରୁଷ ବାର୍ଷିକ ଶିଖର ସମ୍ମିଳନୀରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତିଗୁଡ଼ିକ ଭାରତ-ରୁଷ ସମ୍ପର୍କକୁ ଏପରି ଏକ ଶକ୍ତ ରଜ୍ଜୁରେ ବାନ୍ଧିଛି, ଯାହା କୌଣସି ଭୂ-ରାଜନୈତିକ ଝଡ଼ରେ ବି ତୁଟିବାର ସମ୍ଭାବନା ନାହିଁ। ୨୦୦୦ ମସିହାରେ ରାଷ୍ଟ୍ରପତି ଭାବରେ ଭ୍ଲାଦିମିର ପୁତିନ ପ୍ରଥମଥର ପାଇଁ ଭାରତ ଗସ୍ତରେ ଆସିଥିବା ବେଳେ ବନ୍ଧୁତାର ଯେଉଁ ବୀଜବପନ ହୋଇଥିଲା ତାହା ୨୦୨୫ ମସିହାରେ ଏକ ବିଶାଳ ବଟବୃକ୍ଷରେ ପରିଣତ ହୋଇଛି। ପ୍ରଧାନମନ୍ତ୍ରୀ ମୋଦି ଓ ରାଷ୍ଟ୍ରପତି ପୁଟିନ ଏକ ମିଳିତ ବିବୃତ୍ତିରେ ଏହି ସମ୍ପର୍କକୁ ବିଶ୍ୱାସ ଓ ପାରସ୍ପରିକ ସମ୍ମାନର ମୂଳଦୁଆ ଉପରେ ପର୍ଯ୍ୟବେଶିତ ବୋଲି ଉଲ୍ଲେଖ କରି ଏହାକୁ କେହି ଦୋହଲାଇ ପାରିବେ ନାହିଁ ବୋଲି କହିଛନ୍ତି।



### ବହୁଧ୍ରୁବୀୟ ବିଶ୍ୱର ଶ୍ରେଷ୍ଠ ସ୍ଥପତି

ଡିସେମ୍ବର ୫ ତାରିଖରେ ଜାରି ହୋଇଥିବା ମିଳିତ ବିବୃତ୍ତିର ପ୍ରତ୍ୟେକ ଶବ୍ଦ ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ। ଏହି ବିବୃତି ଭାରତ ଓ ରୁଷକୁ ଏକ 'ବହୁଧ୍ରୁବୀୟ ବିଶ୍ୱ'ର ଶ୍ରେଷ୍ଠ ସ୍ଥପତି ଭାବରେ ପରିଚିତି ଦେଇଛି। ଦୁଇଟି ପ୍ରମୁଖ ଶକ୍ତି ଭାବରେ ସେମାନଙ୍କର ସହଭାଗୀତା ବିଶ୍ୱ ଶାନ୍ତି ଏବଂ ସ୍ଥିରତା ପାଇଁ କାର୍ଯ୍ୟ କରିବ ବୋଲି ଦୁଇ ଦେଶ ପ୍ରତିବଦ୍ଧତା ଘୋଷଣା କରିଛନ୍ତି ଏବଂ ନିଜ ଇଚ୍ଛା ଅନୁସାରେ ବିଶ୍ୱକୁ ନିୟନ୍ତ୍ରଣ ନିମନ୍ତେ ଆମେରିକାର ଏକଚ୍ଛତ୍ର ଆଧିପତ୍ୟକୁ ଏହା ସିଧାସଳଖ ଆହ୍ୱାନ ଦେବାକୁ ସକ୍ଷମ ହୋଇଛନ୍ତି। ଭବିଷ୍ୟତ ପାଇଁ ପ୍ରସ୍ତୁତ ରୋଡ଼ମ୍ୟାପରେ ଭାରତକୁ ଏକ ସାମରିକ ଓ ଆର୍ଥିକ ମହାଶକ୍ତିରେ ପରିଣତ କରିବାକୁ ବ୍ୟବସ୍ଥା କରାଯାଇଛି ଏବଂ ପ୍ରତିରକ୍ଷା, ମହାକାଶ, ପରମାଣୁଶକ୍ତି, ବାଣିଜ୍ୟ ଆଦି କ୍ଷେତ୍ରରେ ଭାରତକୁ ରୁଷ ସହଯୋଗ ଦେବାକୁ ସମ୍ମତ ହୋଇଛି।

### 'ମେକ୍ ଇନ୍ ଇଣ୍ଡିଆ'କୁ ପ୍ରୋତ୍ସାହନ

ପ୍ରତିରକ୍ଷା କ୍ଷେତ୍ର ସର୍ବଦା ଭାରତ-ରୁଷିଆ ସମ୍ପର୍କରେ ମେରୁଦଣ୍ଡ ରୂପେ ପରିଚିତ ହୋଇଛି। ମାତ୍ର ଏବେ ଭାରତ କେବଳ କ୍ରେତା ନୁହେଁ, ବିକ୍ରେତା ହେବାକୁ ସାମର୍ଥ୍ୟ ଅର୍ଜନ କରିବାକୁ ଯାଉଛି। ରୁଷ ରାଷ୍ଟ୍ରପତି ପୁଟିନ 'ଆତ୍ମନିର୍ଭରଶୀଳ ଭାରତ' ଅଭିଯାନକୁ ପୂର୍ଣ୍ଣ ସମର୍ଥନ କରିଛନ୍ତି। ମିଳିତ ବିବୃତ୍ତିରେ ଏହା ପ୍ରତିଫଳିତ ହୋଇଛି ଏବଂ ଭାରତ-ରୁଷ ସମ୍ପର୍କ 'କ୍ରୟବିକ୍ରୟ'ର ଊର୍ଦ୍ଧ୍ୱକୁ ଯାଇ 'ସହ-ବିକାଶ ଏବଂ ସହ-ଉତ୍ପାଦନ' ପର୍ଯ୍ୟନ୍ତ ପ୍ରଲମ୍ବିତ ହେବ ବୋଲି ଘୋଷଣା କରାଯାଇଛି। ରୁଷିଆ ଭାରତରେ ଏହାର ଅସ୍ତ୍ରଶସ୍ତ୍ର ପାଇଁ ଯନ୍ତ୍ରାଂଶ ଓ ସାମଗ୍ରୀ ସମଷ୍ଟି ନିର୍ମାଣ ନିମନ୍ତେ ପ୍ରତିଶ୍ରୁତି ଦେଇଛି। ଏହାର ଅର୍ଥ ହେଉଛି ଯୁଦ୍ଧ ସମୟରେ, ଭାରତକୁ ଆବଶ୍ୟକୀୟ ଯନ୍ତ୍ରାଂଶ ପାଇଁ ମସ୍କୋ ଯିବାକୁ ପଡ଼ିବ ନାହିଁ। ଏହା ସବୁ ଭାରତରେ ନିର୍ମାଣ ହେବ। ସେହିପରି ପ୍ରଯୁକ୍ତିବିଦ୍ୟା ଆଦାନପ୍ରଦାନ ମାଧ୍ୟମରେ ଭାରତର ସାମରିକ ବାହିନୀକୁ ରୁଷ ଏପରି ଶକ୍ତି ଦେବାକୁ ଯାଉଛି ଯାହା ଭାରତର ଶତ୍ରୁମାନଙ୍କୁ ଥରାଇ ଦେବ। ଏହା ବ୍ୟତୀତ, ଭାରତରେ ନିର୍ମିତ ଏହି ରୁଷୀ ଅସ୍ତ୍ରଶସ୍ତ୍ରଗୁଡ଼ିକୁ 'ବନ୍ଧୁ ଦେଶ'କୁ ମଧ୍ୟ ରପ୍ତାନି କରାଯାଇ ପାରିବ। ଯେଉଁ ପାଶ୍ଚାତ୍ୟ ଦେଶଗୁଡ଼ିକ ଭାରତକୁ ଅସ୍ତ୍ରଶସ୍ତ୍ର ବିକ୍ରି ନିମନ୍ତେ ବିଭିନ୍ନ ସର୍ତ୍ତ ରଖୁଥିଲେ, ସେମାନଙ୍କ ପାଇଁ ଏହି ନିଷ୍ପତ୍ତି ଏକ ବଡ଼ ଆଘାତ।

### ଡ଼ଲାର ବଦଳରେ 'ରୁପି'- 'ରୁବେଲ୍'

ଆର୍ଥିକ କ୍ଷେତ୍ରରେ ମୋଦି ଏବଂ ପୁଟିନଙ୍କ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତି ଡଲାରର ଆଧିପତ୍ୟ ପ୍ରତି ଏକ ସିଧାସଳଖ ଆହ୍ୱାନ। ଉଭୟ ନେତା ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟକୁ ୧୦୦ ବିଲିୟନ ଡଲାରକୁ ବୃଦ୍ଧି କରିବାର ଲକ୍ଷ୍ୟ ରଖିଛନ୍ତି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ବାଣିଜ୍ୟ ଡଲାର ବଦଳରେ ଦୁଇ ଦେଶର ଜାତୀୟ ମୁଦ୍ରା (ଟଙ୍କା ଏବଂ ରୁବେଲ୍)ରେ କାରବାର ହେବ। ଉଭୟ ଦେଶ ସେମାନଙ୍କର ଜାତୀୟ ଦେୟ ବ୍ୟବସ୍ଥାକୁ ଏକୀକୃତ କରିବା ପାଇଁ କାମ କରିବେ। ଏହା ପାଶ୍ଚାତ୍ୟ ପ୍ରତିବନ୍ଧକକୁ ପ୍ରତିଘାତ କରିବ ଏବଂ ନିରବଚ୍ଛିନ୍ନ ବାଣିଜ୍ୟକୁ ସୁନିଶ୍ଚିତ କରିବ। ଏହା ବ୍ୟତୀତ ଭାରତ ଏବଂ ୟୁରେସିଆନ୍ ଅର୍ଥନୈତିକ ସଂଘ ମଧ୍ୟରେ ଏକ ମୁକ୍ତ ବାଣିଜ୍ୟ ଚୁକ୍ତିନାମାଉପରେ ଆଲୋଚନାକୁ ତ୍ୱରାନ୍ୱିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହା ଭାରତ ପାଇଁ ଏକ ବିଶାଳ ବଜାର ଖୋଲିବ। ୟେକାଟେରିନବର୍ଗ ଏବଂ କାଜାନରେ ଦୁଇଟି ନୂତନ ଭାରତୀୟ କନସୁଲେଟ୍ ଖୋଲାଯିବ, ଯାହା ଭାରତୀୟ ବ୍ୟବସାୟକୁ ଅଧିକ ଗତି ଦେବ।

### ଭାରତକୁ ଶକ୍ତି ସୁରକ୍ଷା ଗ୍ୟାରେଣ୍ଟି

ରୁଷ ଭାରତର ସର୍ବବୃହତ ଶକ୍ତି ସୁରକ୍ଷା ଅଂଶୀଦାର ଭାବରେ ଉଭା ହୋଇଛି। ମିଳିତ ବିବୃତ୍ତିରେ କୁଡାନକୁଲମ ପରମାଣୁ ଶକ୍ତି କେନ୍ଦ୍ରର କାର୍ଯ୍ୟ ତ୍ୱରାନ୍ୱିତ କରିବ। ଏହା ସହ ରୁଷ ଭାରତକୁ ୧୦୦ ଗିଗାୱାଟ ପରମାଣୁ ଶକ୍ତିର ଲକ୍ଷ୍ୟ ହାସଲ କରିବାରେ ସହାୟତା ଯୋଗାଇବ। ପୁନଶ୍ଚ ଭାରତକୁ ତେଲ, ଗ୍ୟାସ ଏବଂ ସାରର ଦୀର୍ଘକାଳୀନ ଯୋଗାଣର ଗ୍ୟାରେଣ୍ଟି ଦେଇଛି ରୁଷ। ବିଶ୍ୱ ଯେତେବେଳେ ଶକ୍ତି ସଙ୍କଟର ସମ୍ମୁଖୀନ ହେବାକୁ ଯାଉଛି, ସେତେବେଳେ ଭାରତରେ ପ୍ରଗତିର ପରିବହନ ଚକ କେବେ ବି ବନ୍ଦ ହେବ ନାହିଁ ବୋଲି ରାଷ୍ଟ୍ରପତି ପୁତିନ୍ ଭାରତର ପ୍ରଧାନମନ୍ତ୍ରୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। କୋଇଲା ଗ୍ୟାସିଫିକେସନ୍ ପ୍ରଯୁକ୍ତିବିଦ୍ୟା ହେଉ କିମ୍ବା ପେଟ୍ରୋକେମିକାଲ୍ସ, ପ୍ରତ୍ୟେକ ପଦକ୍ଷେପରେ ରୁଷ ଭାରତ ସହିତ ଠିଆ ହେବ ଏବଂ ଭାରତକୁ ତୈଳ, ଗ୍ୟାସ ଓ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥରେ ସମୃଦ୍ଧ ଆର୍କଟିକ୍‌ର ସମ୍ପଦରେ ଅଂଶୀଦାର କରିବାକୁ ପୁତିନ୍ ସମ୍ମତ ହୋଇଛନ୍ତି। ଅନୁରୂପ ଭାବରେ ଚେନ୍ନାଇ-ଭ୍ଲାଡିଭୋଷ୍ଟକ୍ ସାମୁଦ୍ରିକ କରିଡର ଏବଂ ଉତ୍ତର ସମୁଦ୍ର ପଥରେ ସହଯୋଗ ବୃଦ୍ଧି କରି ଚୀନର ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ୍‌କୁ ଭାରତ ଉପଯୁକ୍ତ ଜବାବ ଦେବାକୁ ସକ୍ଷମ ହୋଇଛି। ଏହି ନିଷ୍ପତ୍ତି ଫଳରେ ଆର୍କଟିକ ପଥ ଦେଇ ସିଧାସଳଖ ୟୁରୋପ ଓ ରୁଷ ସହିତ ସଂଯୋଗ କରିପାରିବ।

### ପାକିସ୍ତାନକୁ ସିଧାସଳଖ ଚେତାବନୀ

ଭାରତ-ରୁଷ ଶିଖର ସମ୍ମିଳନୀର ସଂଯୁକ୍ତ ବିବୃତ୍ତିର ଅନୁଚ୍ଛେଦ ୬୦ ପାକିସ୍ତାନ ପାଇଁ ଏକ ଦୁଃସ୍ୱପ୍ନଠାରୁ କମ୍ ନୁହେଁ। ୨୨ ଏପ୍ରିଲ୍ ୨୦୨୫ରେ ଜମ୍ମୁ ଏବଂ କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ଓ ୨୨ ମାର୍ଚ୍ଚ ୨୦୨୪ରେ ମସ୍କୋର କ୍ରୋକସ୍ ସିଟି ହଲ୍ ଆକ୍ରମଣକୁ ଏଥିରେ କଠୋର ନିନ୍ଦା କରାଯାଇଛି। ଦୁଇ ଦେଶର ନେତା ଆତଙ୍କବାଦ ବିରୁଦ୍ଧରେ 'ଶୂନ୍ୟ ସହନଶୀଳତା' ନୀତି ଗ୍ରହଣ କରାଯିବ ବୋଲି ଘୋଷଣା କରିଛନ୍ତି। ଉଭୟ ଦେଶ ଆତଙ୍କବାଦୀଙ୍କ ନିରାପଦ ଆଶ୍ରୟସ୍ଥଳଗୁଡ଼ିକୁ ମୂଳପୋଛ କରିବାକୁ ପ୍ରତିଜ୍ଞା କରିଛନ୍ତି। ଆଫଗାନିସ୍ତାନ ବା ପାକିସ୍ତାନରେ ଲୁଚି ରହିଥିବା ଆତଙ୍କବାଦୀଙ୍କୁ ଭାରତ ଏବଂ ରୁଷ ମିଳିତ ଭାବରେ ନିପାତ କରିବାକୁ ନିଷ୍ପତ୍ତି ନେଇଛନ୍ତି।

### ଜାତିସଂଘରେ ଭାରତକୁ ଭିଟୋ କ୍ଷମତା

ରୁଷ ଜାତିସଂଘ ସୁରକ୍ଷା ପରିଷଦର ସଂସ୍କାର ଓ ଭାରତର ସ୍ଥାୟୀ ସଦସ୍ୟତା ସମର୍ଥନକୁ ପୁନର୍ବାର ଦୋହରାଇଛି ରୁଷ। ସଂଯୁକ୍ତ ବିବୃତିର ଅନୁଚ୍ଛେଦ ୪୨ରେ ଏହା ସ୍ପଷ୍ଟ କରାଯାଇଛି। ରୁଷ ଏକ ସଂସ୍କାରିତ ଓ ବିସ୍ତାରିତ ଜାତିସଂଘ ସୁରକ୍ଷା ପରିଷଦରେ ଭାରତର ସ୍ଥାୟୀ ସଦସ୍ୟତାକୁ 'ଦୃଢ଼ ଭାବରେ ସମର୍ଥନ କରେ' ବୋଲି ଉଲ୍ଲେଖ କରିଛି। ଜାତିସଂଘରେ ଭାରତର ପଥକୁ ଅବରୋଧ କରିବାକୁ ଚେଷ୍ଟା କରୁଥିବା ଦେଶମାନଙ୍କ ପାଇଁ ରୁଷ ସ୍ପଷ୍ଟ ବାର୍ତ୍ତା ଦେଇଛି। ଜାତିସଂଘରେ ସ୍ଥାୟୀ ସଦସ୍ୟତା ପାଇଁ ଭାରତ ହକଦାର ଏବଂ ଭିଟୋ କ୍ଷମତା ଓ କୂଟନୈତିକ ଲାଭ ବ୍ୟବହାର ଏହାର ଅଧିକାର ବୋଲି ରୁଷ କହିଛି। ଏହା ସହିତ ପରମାଣୁ ଯୋଗାଣକାରୀ ଗୋଷ୍ଠୀରେ ଭାରତର ପ୍ରବେଶକୁ ରୁଷ ଦୃଢ଼ ସମର୍ଥନ ଜଣାଇଛି।

### ଗଗନଯାନରୁ ଗ୍ରହ ଅନୁସନ୍ଧାନ

ଦୁଇ ଦେଶ ମହାକାଶ କ୍ଷେତ୍ର, ମାନବ ମହାକାଶ ଉଡ଼ାଣ, ରକେଟ୍ ଇଞ୍ଜିନ୍ ବିକାଶ ଏବଂ ଗ୍ରହ ଅନୁସନ୍ଧାନରେ ପାରସ୍ପରିକ ସହଯୋଗ ବୃଦ୍ଧି ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହା ଭାରତର ଗଗନଯାନ ମିଶନ ହେଉ କିମ୍ବା ଭବିଷ୍ୟତର ମହାକାଶ ଷ୍ଟେସନର ସ୍ୱପ୍ନ, ରୁଷ ପ୍ରଯୁକ୍ତିବିଦ୍ୟା ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ ପ୍ରମାଣିତ ହେବ। ଅନ୍ୟପକ୍ଷରେ ଆନ୍ତର୍ଜାତୀୟ ଉତ୍ତର-ଦକ୍ଷିଣ ପରିବହନ କରିଡରକୁ ସୁଦୃଢ଼ କରିବାରେ ରୁଷ ଭାରତକୁ ସହଯୋଗ କରିବାକୁ ନିଷ୍ପତ୍ତି ହୋଇଛି। ଏହି ମାର୍ଗ ଇରାନ ଓ ମଧ୍ୟ ଏସିଆ ଦେଇ ଭାରତକୁ ରୁଷ ଏବଂ ୟୁରୋପ ସହିତ ସଂଯୋଗ କରିବ। ଏହା ସ୍ୱେଜ୍ କେନାଲର ଏକ ବିକଳ୍ପ ହୋଇପାରିବ ଓ ବାଣିଜ୍ୟିକ ପରିବହନ ଖର୍ଚ୍ଚକୁ ଉଲ୍ଲେଖନୀୟ ଭାବରେ ହ୍ରାସ କରିପାରିବ। ରୁଷ ଓ ଭାରତୀୟ ରେଳବାଇ ମଧ୍ୟରେ ସହଯୋଗ ପ୍ରଯୁକ୍ତିବିଦ୍ୟା ବିନିମୟକୁ ସହଜ କରିବ।

### ଭବିଷ୍ୟତ ସମୟ ପାଇଁ ପ୍ରସ୍ତୁତି

ଆଜି ସମୟରେ ଯାହା ନିକଟରେ ମୂଲ୍ୟବାନ ଖଣିଜ ପଦାର୍ଥ ଓ ସେମିକଣ୍ଡକ୍ଟର ଚିପ୍ସ ଅଛି, ବିଶ୍ୱରେ ସେ ସବୁଠୁ ଶକ୍ତିଶାଳୀ। ମିଳିତ ବିବୃତ୍ତିର ଅନୁଚ୍ଛେଦ ୩୩ରେ ଉଚ୍ଚ ପ୍ରଯୁକ୍ତି ଶିଳ୍ପ ଏବଂ ବୈଦ୍ୟୁତିକ ଯାନବାହନ ପାଇଁ ଅତ୍ୟାବଶ୍ୟକ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଏବଂ ବିରଳ ପୃଥିବୀର ଅନୁସନ୍ଧାନ ଏବଂ ପ୍ରକ୍ରିୟାକରଣରେ ସହଯୋଗ ବିଷୟରେ ଆଲୋଚନା ହେଇଛି। ଦୁଇ ଦେଶ କ୍ୱାଣ୍ଟମ୍ କମ୍ପ୍ୟୁଟିଂ, ଇଓ ଏବଂ ଡିଜିଟାଲ୍ ସୁରକ୍ଷାରେ ମଧ୍ୟ ଏକାଠି କାମ କରିବେ ବୋଲି ନିଷ୍ପତ୍ତି ହୋଇଛି।

■ ସଂସଦରେ ରିଜିଜୁ- ଡିଏମ୍‌କେ ଏମ୍‌ପି ମୁହାଁମୁହିଁ

## ବିଚାରପତିଙ୍କୁ ଆର୍‌ଏସ୍‌ଏସ୍ ଜଜ୍ କହିଲେ ଟିଆର ବାଲୁ

ନୂଆଦିଲ୍ଲୀ, ୫ ।୧୨(ଏଜେନ୍ସି): ସଂସଦର ଶୀତକାଳୀନ ଅଧିବେଶନର ୫ମ ଦିନରେ ଏକ ଅପ୍ରୀତିକର ସ୍ଥିତି ସୃଷ୍ଟି ହୋଇଥିଲା। ଶୁକ୍ରବାର କେନ୍ଦ୍ରମନ୍ତ୍ରୀ କିରନ ରିଜିଜୁ ଓ ତାମିଲନାଡୁର ଡିଏମ୍‌କେ ସାଂସଦ ଟିଆର ବାଲୁଙ୍କ ମଧ୍ୟରେ ଜୋରଦାର ଯୁକ୍ତିତର୍କ ଦେଖିବାକୁ ମିଳିଥିଲା। ଏକ ଘଟଣା ସମ୍ପର୍କରେ କହିବାକୁ ଯାଇ ଜଣେ ହାଇକୋର୍ଟ ବିଚାରପତିଙ୍କୁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସ୍‌ଏସ୍) ଜଜ୍ ବୋଲି ବାଲୁ କହିବା ପରେ ଦୁହିଁଙ୍କ ମଧ୍ୟରେ କଥା କଟାକଟି ଆରମ୍ଭ ହୋଇଥିଲା। ଆପଣ ଜଣେ ହାଇକୋର୍ଟ ବିଚାରପତିଙ୍କୁ ଆରଏସ୍‌ଏସ୍‌ର ଜଜ୍ କିପରି କହି ପାରୁଛନ୍ତି ବୋଲି ରିଜିଜୁ ପ୍ରଶ୍ନ କରିଥିଲେ। ଏହା ଦ୍ୱାରା ସଂସଦୀୟ ମର୍ଯ୍ୟାଦାର ଉଲ୍ଲଂଘନ ହୋଇଛି। ଆପଣ ଜଣେ ବିଚାରପତିଙ୍କ ପ୍ରତି ଏଭଳି ଅଣ ସଂସଦୀୟ ଭାଷା ପ୍ରୟୋଗ କରିପାରିବେ ନାହିଁ। ଆପଣ କ୍ଷମା ମାଗନ୍ତୁ। ନ୍ୟାୟପାଳିକା ଉପରେ କଳଙ୍କ ଲଗାଇବାକୁ ଆପଣଙ୍କ ସାହସ କିପରି ହେଲା ବୋଲି ରିଜିଜୁ କହିଥିଲେ। ସେପଟେ ରାଜ୍ୟ ସଭାରେ ଇଣ୍ଡିଗୋ ବିମାନରେ କର୍ମଚାରୀଙ୍କ ଅଭାବକୁ ନେଇ ବିରୋଧୀ ଦଳ ପ୍ରଶ୍ନ ଉଠାଇଥିଲେ। ଏହା ଦ୍ୱାରା ଦେଶରେ ବିମାନ ସେବା ଠପ୍ ହୋଇଛି। ବିରୋଧୀ ଏ ନେଇ ଜବାବ ମାଗିଥିଲେ।

## ମର୍ଯ୍ୟାଦା ଭଙ୍ଗ ହେଉ ନ ଥିଲେ ମହିଳାଙ୍କ ଫଟୋ ଉଠାଇବା ଅପରାଧ ନୁହେଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୫ ।୧୨(ଏଜେନ୍ସି): ମହିଳାଙ୍କ ଫଟୋ ଉଠାଇବା ନେଇ ଶୁକ୍ରବାର ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। କୋର୍ଟ କହିଛନ୍ତି ଯେ ଯଦି ଜଣେ ମହିଳା ବ୍ୟକ୍ତିଗତ ମୁହୂର୍ତ୍ତରେ ନାହାନ୍ତି, ତେବେ ତାଙ୍କ ସମ୍ମତି ବିନା ମୋବାଇଲ ଫୋନ୍ ଉଠାଇବା କିମ୍ବା ଭିଡିଓ ରେକର୍ଡିଂ କରିବା ଆଇପିସି ଧାରା ୩୫୪ସି ଅନୁସାରେ ଅପରାଧ ନୁହେଁ। ଜଷ୍ଟିସ ଏନ୍ କୋଟେଶ୍ୱର ସିଂ ଓ ଜଷ୍ଟିସ ମନମୋହନଙ୍କ ଖଣ୍ଡପୀଠ କୋଲକାତା ହାଇକୋର୍ଟଙ୍କ ରାୟକୁ ସମର୍ଥନ କରି ଜଣେ ଅଭିଯୁକ୍ତଙ୍କୁ ମୁକ୍ତ କରିଛନ୍ତି। ଏହିକ୍ରମରେ କୋର୍ଟ ପୁଲିସ୍ ଓ ଟ୍ରାଏଲ କୋର୍ଟଙ୍କୁ ଭର୍ତ୍ସନା କରିଛନ୍ତି। ଜଣେ ମହିଳା ଏକ ବିବାଦୀୟ ଜମିରେ ପ୍ରବେଶ କରୁଥିବା ବେଳେ ଏକ ଭିଡିଓ ରେକର୍ଡିଂକୁ ନେଇ ଏହି ମାମଲା ହୋଇଥିଲା। କିନ୍ତୁ ଏଥିରେ ମର୍ଯ୍ୟାଦାର ଉଲ୍ଲଂଘନ ହୋଇ ନାହିଁ ବୋଲି କୋର୍ଟ ସ୍ପଷ୍ଟ କରିଥିଲେ। ଏଭଳି ଦୁର୍ବଳ ମାମଲାଗୁଡିକ ଶୁଣାଣି ନ କରିବାକୁ ପ୍ରୟାସ କରାଯିବା ଉଚିତ ଓ ଏହାଦ୍ୱାରା ନ୍ୟାୟାଳୟଗୁଡିକର ସମୟ ଅପଚୟ ହେଉଛି ବୋଲି ସୁପ୍ରିମକୋର୍ଟ କହିଛନ୍ତି।

## ପାକିସ୍ତାନର ପ୍ରଥମ ସିଡିଏଫ୍ ହେଲେ ମୁନୀର

ଇସଲାମାବାଦ୍, ୫ ।୧୨(ଏଜେନ୍ସି): ପାକିସ୍ତାନ ସେନା ମୁଖ୍ୟ ତଥା ଫିଲ୍ଡ ମାର୍ଶାଲ ସୟଦ ଆସିମ ମୁନୀର ଆହୁରି ଶକ୍ତିଶାଳୀ ହୋଇଛନ୍ତି। ସେ ପାକିସ୍ତାନର ପ୍ରଥମ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ନିଯୁକ୍ତି ହୋଇଛନ୍ତି। ସେ ଆଗାମୀ ୫ ବର୍ଷ ପାଇଁ ଏହି ଗୁରୁଦାୟିତ୍ୱ ବହନ କରିବେ। ପାକିସ୍ତାନ ରାଷ୍ଟ୍ରପତି ଆସିଫ ଅଲି ଜର୍ଦ୍ଦାରୀ ଏନେଇ ଆସିଥିବା ପ୍ରସ୍ତାବକୁ ଅନୁମୋଦନ ଦେବା ପରେ ମୁନୀର ସିଡିଏଫ୍ ବିବେଚିତ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ଶାହବାଜ ସରିଫ୍ ଉଭୟ ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ (ସିଓଏଏସ୍) ଓ ସିଡିଏସ୍ ପଦ ପାଇଁ ମୁନୀରଙ୍କ ନାମ ସୁପାରିସ କରିଥିଲେ। ଏହାକୁ ଅନୁମୋଦନ କରାଯାଇଛି ବୋଲି ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ତରଫରୁ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରାଯାଇଛି। ଉଲ୍ଲେଖଥାଉ କି, ଗତମାସରେ ପାକିସ୍ତାନ ସମ୍ବିଧାନରେ ୨୭ତମ ସଂଶୋଧନ କରାଯିବା ପରେ ମୁନୀର ସିଡିଏସ୍ ହେବା ନିଶ୍ଚିତ ହୋଇଥିଲା। ଏଥିସହ ଏୟାର ଚିଫ୍ ମାର୍ଶାଲ ଜାହିର ଅହମ୍ମଦ ବାବର ସିଦ୍ଧୁଙ୍କ କାର୍ଯ୍ୟକାଳ ଦୁଇବର୍ଷ ବୃଦ୍ଧି ପାଇଁ ଦିଆଯାଇଥିବା ପ୍ରସ୍ତାବକୁ ମଧ୍ୟ ରାଷ୍ଟ୍ରପତି ଅନୁମୋଦନ କରିଛନ୍ତି। ମୁନୀର ୨୦୨୨ରେ ସେନା ପ୍ରମୁଖ ହୋଇଥିଲେ। ଚିଫ୍ ଅଫ୍ ଷ୍ଟାଫ୍ ବଦଳରେ ସିଡିଏଫ୍ ପଦ ସୃଷ୍ଟି କରାଯାଇଥିଲା। ସିଡିଏଫ୍ ଜଳ, ସ୍ଥଳ ଓ ବାୟୁ ସେନାର ସନ୍ତୁଳନ ରକ୍ଷା କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିବେ।

# ସାମାଜିକ ଗଣମାଧ୍ୟମ ଆକାଉଣ୍ଟ ଯାଞ୍ଚ ପରେ ମିଳିବ ଏଚ୍-୧ବି ଭିସା

ୱାସିଂଟନ, ୫ ।୧୨(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏଚ୍-୧ବି ଭିସା ନିୟମକୁ କଡ଼ାକଡ଼ି ଭାବେ ଲାଗୁ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏବେ ଏଚ-୧ବି ଭିସା ଆବେଦନକାରୀଙ୍କୁ ନିଜର ସୋସିଆଲ ମିଡିଆ ଆକାଉଣ୍ଟ ସାର୍ବଜନୀନ କରିବାକୁ ହେବେ। ଯାହା ଫଳରେ ଆମେରିକୀୟ ଅଧିକାରୀମାନେ ଆବେଦନକାରୀଙ୍କ ପ୍ରାଫୋଇଲ, ସୋସିଆଲ ମିଡିଆ ପୋଷ୍ଟ, ଲାଇକ୍ ଓ କମେଣ୍ଟ ଦେଖିପାରିବେ। ଯଦି ଆବେଦନକାରୀଙ୍କ କୌଣସି ସୋସିଆଲ ମିଡିଆ ଗତିବିଧି ଆମେରିକାର ହିତ ବିରୋଧରେ ଯାଉଥିବ, ତେବେ ତାଙ୍କୁ ଏହି ଭିସା ପ୍ରଦାନ କରାଯିବ ନାହିଁ। ଏଚ୍-୧ ବି ଭିସାର ଆଶ୍ରିତ (ପତ୍ନୀ, ପିଲା ଓ ପିତାମାତା)ଙ୍କ ଲାଗି ଜାରି ହୋଇଥିବା ଏଚ୍-୪ ଭିସା ପାଇଁ ମଧ୍ୟ ସୋସିଆଲ ମିଡିଆ ପ୍ରୋଫାଇଲ ସାର୍ବଜନୀନ କରିବାର ଜରୁରୀ ବୋଲି କୁହାଯାଇଛି। ପ୍ରଥମଥର ପାଇଁ ଏଚ୍-୧ବି ଭିସା ନେଇ ଏହି ନିୟମ ଜାରି ହେବ। ଡିସେମ୍ବର ୧୫ରୁ ଏହି ନିୟମ ଲାଗୁ ହେବ ଓ ଏ ସଂକ୍ରାନ୍ତରେ ଟ୍ରମ୍ପ ପ୍ରଶାସନ ସବୁ ଦୂତାବାସ୍‌କୁ ନିର୍ଦ୍ଦେଶ ଜାରି କରିଛନ୍ତି। ଅଗଷ୍ଟରୁ ଷ୍ଟଡି ଭିସା ଏଫ୍-୧, ଏମ୍-୧ ଓ ଜେ-୧ ସହିତ ଭିଜିଟର ଭିସା ବି-୧, ବି-୨ ପାଇଁ ପୂର୍ବରୁ ସୋସିଆଲ ମିଡିଆ ପ୍ରୋଫାଇଲ ସାର୍ବଜନୀନ କରିବା ନିହାତି ଜରୁରୀ ଓ ଏ ନେଇ ନିୟମ ଜାରି ହୋଇସାରିଛି।

■ ଡିସେମ୍ବର ୧୫ରୁ ଲାଗୁ ହେବ ଏହି ନୂଆ ନିୟମ

■ ୩୦ ଦେଶ ଉପରେ ଯାତ୍ରା କଟକଣା ଲଗାଇବ ଆମେରିକା



ଆମେରିକା ଏବେ ବିଶ୍ୱର ୩୦ଟି ଦେଶ ଉପରେ ଯାତ୍ରା ପ୍ରତିବନ୍ଧକ ଲଗାଇବାକୁ ପ୍ରସ୍ତୁତି ଆରମ୍ଭ କରିଛି। ଆମେରିକା ଅବଶ୍ୟ ପୂର୍ବରୁ ୧୯ଟି ଦେଶ ଉପରେ ଏହି ପ୍ରତବନ୍ଧକ ଲାଗୁ କରିସାରିଛି। ଆମେରିକାର ଗୃହ ବିଭାଗ ସଚିବ କ୍ରିଷ୍ଟି ନୋଏମ ଏନେଇ ସୂଚନା ଦେଇଛନ୍ତି। ଅତିକମ୍‌ରେ ୩୦ଟି କିମ୍ବା ତାଠାରୁ ଅଧିକ ସଂଖ୍ୟକ ଦେଶଗୁଡିକ ଉପରେ ଏହି ପ୍ରତିବନ୍ଧ ଲାଗୁ ହେବ। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏ ଦିଗରେ ଗୁରୁତର ସହ ଚିନ୍ତା କରୁଛନ୍ତି ବୋଲି ସେ କହିଛନ୍ତି। ତେବେ କେଉଁ ଦେଶଗୁଡିକ ବିରୋଧରେ ଏହି ପ୍ରତିବନ୍ଧକ ଲାଗୁ ହେବ ସେ ନେଇ ନୋଏମ ସ୍ପଷ୍ଟ କରିନାହାନ୍ତି। ଏହାପୂର୍ବରୁ ଆମେରିକା ୧୯ଟି ଦେଶର ନାଗିରକଙ୍କୁ ଆମେରିକା ନାଗରିକତା ଓ ଗ୍ରୀନ୍‌କାର୍ଡ ଦେବା ପ୍ରକ୍ରିୟାକୁ ରୋକି ଦେଇଥିଲା। ଗତମାସରେ ହ୍ୱାଇଟ ହାଉସ ନିକଟରେ ଜଣେ ଆଫଗାନ ଶରଣାର୍ଥୀ ନ୍ୟାସନାଲ ଗାର୍ଡଙ୍କ ଉପରେ ଗୁଳି ଚଳାଇବା ଘଟଣା ପରେ ଏହି ନିଷ୍ପତ୍ତି ନିଆଯାଇଥିଲା ବୋଲି ଟ୍ରମ୍ପ ପ୍ରଶାସନ ତରଫରୁ କୁହାଯାଇଥିଲା।

# ବନପାଳଙ୍କୁ ଜୋତାରେ ପିଟିଲେ ଗ୍ରାମବାସୀ

**ରାଇରଙ୍ଗପୁର/କରଞ୍ଜିଆ, ୫।୧୨ (ସମିସ):** ବକେୟା ପାରିଶ୍ରମିକ ପ୍ରଦାନ ଦାବିରେ ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ବନ କର୍ମଚାରୀମାନଙ୍କୁ ଗ୍ରାମବାସୀ ସଂଘବଦ୍ଧ ଆକ୍ରମଣ କରିଛନ୍ତି। ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଭାଇରାଲ ଭିଡିଓରେ ଗ୍ରାମବାସୀମାନେ ବନପାଳଙ୍କୁ ଜୋତାରେ ନିର୍ଦ୍ଧୁମ ମାଡ଼ ମାରୁଥିବା ଦେଖାଯାଉଥିବା ବେଳେ ଅଟକାଇବାକୁ ଚେଷ୍ଟା କରୁଥିବା ଅତିରିକ୍ତ ବନ ସଂରକ୍ଷକ ମଧ୍ୟ ଆକ୍ରମଣର ଶିକାର ହୋଇଛନ୍ତି। ଶିମିଳିପାଳ ଅଭୟାରଣ୍ୟ ଉତ୍ତର ବନ୍ୟପ୍ରାଣୀ ବନଖଣ୍ଡ ଅନ୍ତର୍ଗତ ବରେହିପାଣି ରେଞ୍ଜ କାର୍ଯ୍ୟାଳୟରେ ଏହି ଘଟଣା ଘଟିଛି।



ବନ ବିଭାଗ କାର୍ଯ୍ୟରେ ସ୍ଥାନୀୟ ଅଞ୍ଚଳର ଲୋକମାନେ ଶ୍ରମିକ ଭାବେ କାମ କରିଥିଲେ। କିନ୍ତୁ ତାଙ୍କର ବକେୟା ଟଙ୍କା ବନ କର୍ମଚାରୀମାନେ ପ୍ରଦାନ କରୁନାହାନ୍ତି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଥିଲା। ଆଜି ଗ୍ରାମବାସୀମାନେ ଏକାଠି ହୋଇ ବରେହିପାଣି ରେଞ୍ଜ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ବକେୟା ଟଙ୍କା ନ ମିଳିବା ପର୍ଯ୍ୟନ୍ତ ସେଠାରୁ ଉଠିବେ ନାହିଁ ବୋଲି ଅଡ଼ି ବସିଥିଲେ। ଦୀର୍ଘ ସମୟ ଧରି ଧାରଣା ଦେବା ପରେ ମଧ୍ୟ ଘଟଣାସ୍ଥଳକୁ କେହି ନ ଆସିବାରୁ ଗ୍ରାମବାସୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ହଠାତ୍ ବନପାଳ କାଳୀଚରଣ ନାଏକଙ୍କୁ ଦେଖି କାର୍ଯ୍ୟାଳୟକୁ ଧସେଇ ପଶି ଆକ୍ରମଣ କରିଥିଲେ। ଜୋତାରେ ମାଡ଼ ମାରିବା ସହ ଠେଲାପେଲା କରିଥିଲେ। ଚହଲା ଅତିରିକ୍ତ ବନ ସଂରକ୍ଷକ ଲମ୍ବୋଦର ବାସ୍କେ ଗ୍ରାମବାସୀଙ୍କୁ ଅଟକାଇବା ପାଇଁ ଚେଷ୍ଟା କରିବାରୁ ସେ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ଖବର ଲେଖାଯିବା ପର୍ଯ୍ୟନ୍ତ ଏନେଇ ବନ ବିଭାଗ ପକ୍ଷରୁ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଏନେଇ ବନ ବିଭାଗ ପକ୍ଷରୁ ତଦନ୍ତ ଜାରି ରହିଛି ବୋଲି କର୍ତ୍ତୃପକ୍ଷ କହିଛନ୍ତି।

### ୩ ଦିନ ପରେ ବାରବାଟୀ ମୁକାବିଲା

# ବାଉନ୍ସର୍‌ଙ୍କ ଉପସ୍ଥିତିରେ ଟିକଟ ବିକ୍ରି

**କଟକ, ୫।୧୨ (ସମିସ):** ବାରବାଟୀ ମୁକାବିଲା ନିମନ୍ତେ ଟିକଟ ବିକ୍ରି ପ୍ରକ୍ରିୟାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଶୁକ୍ରବାର ବକ୍ସ ଅଫିସ୍‌ରେ ୧୦ ହଜାର କାଉଣ୍ଟର ଟିକଟ ବିକ୍ରି କରାଯିବା ସହ ସମସ୍ତ ଟିକଟ ଶେଷ ହୋଇଯାଇଛି। ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ କାଉଣ୍ଟର ଖୋଲା ରହିବ ବୋଲି ପୂର୍ବରୁ ଘୋଷଣା ହୋଇଥିଲା।

### ଅମାନିଆଙ୍କୁ ଅଡୁଆ କଲା ସର୍ପେଣ୍ଟାଇନ୍ ବ୍ୟାରିକେଡ୍






ମାତ୍ର ବ୍ୟାରିକେଡ୍‌ରେ ଅପେକ୍ଷାରତ ଦର୍ଶକଙ୍କୁ ନିରାଶ ନକରିବାକୁ ବକ୍ସ ଅଫିସ୍ ଆଉ ଘଣ୍ଟାଏ ଖୋଲା ରଖାଯାଇଥିଲା। ସନ୍ଧ୍ୟା ପ୍ରାୟ ୭ଟାରେ ଟିକଟ ଶେଷ ହୋଇଥିବା ନେଇ ପୁଲିସ ପକ୍ଷରୁ ସୂଚନା ଦିଆଯାଇଥିଲା। ଯେଉଁମାନେ ଅନଲାଇନ୍ ଜରିଆରେ ଟିକଟ ବୁକ୍ କରିଥିଲେ ସେମାନଙ୍କୁ ଆସନ୍ତା ୮ ଏବଂ ୯ ତାରିଖରେ ଟିକଟ୍ ପ୍ରଦାନ କରାଯିବ। ଏଥି ନିମନ୍ତେ କେମ୍ବ୍ରିଜ ସ୍କୁଲରେ ଏକ ସ୍ୱତନ୍ତ୍ର କାଉଣ୍ଟର ଖୋଲିବ।

ପୂର୍ବତ୍ରୁଟିକୁ ସୁଧାରିବା ପାଇଁ ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ଏବଂ ପୁଲିସ ପକ୍ଷରୁ ହୋଇଥିବା ଯୋଜନା ଫଳପ୍ରଦ ହୋଇଥିଲା। ସର୍ପେଣ୍ଟାଇନ୍ (ଜିକଜ୍ୟାକ୍) ଶୈଳୀରେ ବ୍ୟାରିକେଡ ବନ୍ଧା ଯାଇଥିଲା। ଯଦ୍ୱାରା ସର୍ଭିସ ବ୍ୟାରିକେଡ୍ ଟପି ଟିକଟ ଆଶାୟୀଙ୍କ ନିମନ୍ତେ ଉଦ୍ଦିଷ୍ଟ ବ୍ୟାରିକେଡରେ ପ୍ରବେଶ କରିବା ଅମାନିଆଙ୍କ ନିମନ୍ତେ କାଠିକର ପାଠ ହୋଇଥିଲା। ଏତଦ୍‌ବ୍ୟତୀତ ପ୍ରଥମଥର ବକ୍ସ ଅଫିସ ସମ୍ମୁଖରେ ବାଉନ୍ସର ନିୟୋଜିତ ହୋଇଥିଲେ। ପ୍ରତ୍ୟେକ କାଉଣ୍ଟର ଆଗରେ ଜଗି ରହିଥିଲେ ୪ରୁ ୬ଜଣ ବାଉନ୍ସର। ଏଣୁ ବକ୍ସ ଅଫିସରେ ବିଶୃଙ୍ଖଳା ସୃଷ୍ଟି କରିବାକୁ ମଧ୍ୟ କେହି ସାହସ କରିନଥିଲେ। କାଉଣ୍ଟର ଖୋଲିବା ପୂର୍ବରୁ ତଥା ସକାଳ ପ୍ରାୟ ୯ଟାରେ କ୍ରିକେଟପ୍ରେମୀଙ୍କ ଭିତରେ ଠେଲାପେଲା ହେବା ସହ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ଏହାକୁ ଲକ୍ଷ୍ୟରେ ରଖି ପୁଲିସ ଘଟଣାସ୍ଥଳରେ ଲାଠିଚାଳନା କରିଥିଲା। ତେବେ ଦିନ ସମୟରେ କେତେକ ଦିବ୍ୟାଙ୍ଗ ଟିକଟ କିଣିବାକୁ ଆସି ହଟହଟା ହୋଇଥିବା ଦେଖିବାକୁ ମିଳିଥିଲା। ଲମ୍ବା ଧାଡିରେ ଛିଡ଼ା ହୋଇ ଟିକଟ କିଣି ନପାରି ଫେରିବାକୁ ବସିଥିବା ବେଳେ କମିଶନରେଟ ପୁଲିସ ଏବଂ ଓସିଏ ପକ୍ଷରୁ ଆଲୋଚନା କରାଯାଇ ଦିବ୍ୟାଙ୍ଗଙ୍କ ପାଇଁ ଟିକଟ ବିକ୍ରିର ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥିଲା। ଅତିରିକ୍ତ ଡିସିପି ଅମରେନ୍ଦ୍ର ପଣ୍ଡାଙ୍କ ଉପସ୍ଥିତିରେ ଦିବ୍ୟାଙ୍ଗଙ୍କୁ ଟିକଟ ବିକ୍ରି କରାଯାଇଥିଲା।

ପ୍ରକାଶ ଥାଉକି, ଭାରତ-ଦକ୍ଷିଣଆଫ୍ରିକା ବିପକ୍ଷ ଟି-୨୦ ମୁକାବିଲାକୁ ଆଉ ୪ଦିନ ବାକି। ଟିକଟ ବିକ୍ରି ଶେଷ ହୋଇଥିବା ବେଳେ ଏବେ ମ୍ୟାଚ୍‌କୁ ଅପେକ୍ଷା। ଚଳିତଥର ୫ଟି କାଉଣ୍ଟରରେ ଅଫଲାଇନ୍ ଟିକଟ ବିକ୍ରି କରାଯାଇଥିଲା। ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ନିକଟରେ ୩ଟି ଟିକଟ କାଉଣ୍ଟର ଖୋଲିଥିଲା। ଯେଉଁଥିରେ ଗ୍ୟାଲେରୀ ଏବଂ ସ୍ପେସିଆଲ ଏନକ୍ଲୋଜର ଟିକଟ ବିକ୍ରି କରାଯାଇଥିଲା। ହର୍ଷ ଗେଟ୍ ନିକଟରେ ଦାମୀ ଟିକଟ ବିକ୍ରି ହୋଇଥିଲା।

### ଭତ୍ତା ପାଇଁ ହୀନସ୍ତା

# ଝୁଡ଼ିରେ ୩ କିମି ବୁହା ହେଲେ ବୃଦ୍ଧା

**ରାୟଗଡ଼ା/କାଶୀପୁର, ୫।୧୨ (ସମିସ):** ଭତ୍ତା ପାଇଁ ଝୁଡ଼ିରେ ୩ କିମି ବୁହା ହୋଇ ପଞ୍ଚାୟତ କାର୍ଯ୍ୟାଳୟକୁ ଗଲେ ବୃଦ୍ଧା। ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ୍ ଅନ୍ତର୍ଗତ ଉପରକୋଡିଙ୍ଗା ଗ୍ରାମରେ ସରକାରୀ ବ୍ୟବସ୍ଥାର ଏପରି ଏକ ବିକଳ ଚିତ୍ର ଦେଖିବାକୁ ମିଳିଛି। ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାପରେ ଏହାକୁ ନେଇ ବୁଦ୍ଧିଜୀବୀମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସରକାରଙ୍କ ମହତ୍ତ୍ୱାକାଂକ୍ଷୀ ଯୋଜନାର ଲାଭ ଯେପରି ତୃଣମୂଳସ୍ତରରେ ପହଞ୍ଚି ପାରିବ, ସେଥିପାଇଁ ସରକାର ବ୍ୟବସ୍ଥା କରିଥିବା କହୁଥିବା ବେଳେ ବାସ୍ତବ ସ୍ଥିତି ଯେ କେତେ ଭିନ୍ନ; ତାହା ଏହି ଘଟଣା ବୟାନ କରୁଛି ବୋଲି ସେମାନେ ଯୁକ୍ତି ବାଢ଼ିଛନ୍ତି। ଖାଲି ଏହି ଗୋଟିଏ ଘଟଣା ନୁହେଁ, ପୂର୍ବରୁ ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନରୁ ଭତ୍ତା ପାଇଁ ବରିଷ୍ଠ ନାଗରିକମାନେ ଏପରି ହନ୍ତସନ୍ତ ହେବାର ନଜିର ରହିଛି।

କାଶୀପୁର ବ୍ଲକ ବାଙ୍କାମ୍ବ ପଞ୍ଚାୟତ ଅନ୍ତର୍ଗତ ଉପରକୋଡିଙ୍ଗା ଗ୍ରାମର ଜଲକି ଝୋଡ଼ିଆ(୭୦)। ଆଉ ବଳବୟସ ନାହିଁ। ଚାଲିବାକୁ ବି ଦେହରେ ବଳ ନାହିଁ। ସରକାର ମାସକୁ ଯେଉଁ ଭତ୍ତା ଟଙ୍କା ଗଣ୍ଡିକ ଦିଅନ୍ତି, ସେଇଥିରେ ଚଳନ୍ତି। କିନ୍ତୁ ୨ମାସ ହେବ, ଭତ୍ତା ଟଙ୍କା ନ ମିଳିବାରୁ ଦିନକୁ ଦୁଇ ଓଳି



ଖାଇବା ବି ତାଙ୍କ ପାଇଁ ମୁସ୍କିଲ ହୋଇଗଲା। କାହିଁକି ଭତ୍ତା ଟଙ୍କା ମିଳୁନି, ତାହା ପଚାରିବା ପାଇଁ ପଞ୍ଚାୟତ କାର୍ଯ୍ୟାଳୟ ଯିବାକୁ ତାଙ୍କ ପାଖରେ ସାମର୍ଥ୍ୟ ନାହିଁ କି ଅଟୋରେ ଯିବା ପାଇଁ ପାଖରେ ପାହୁଲାଟିଏ ବି ନାହିଁ। ତେଣୁ, ସ୍ୱାମୀ ଓ ସମ୍ପର୍କୀୟମାନେ ଜଲକିଙ୍କୁ ଏକ ଝୁଡ଼ିରେ ବୋହି ପଞ୍ଚାୟତ କାର୍ଯ୍ୟାଳୟକୁ ନେଇଥିଲେ। ଏ ସଂପର୍କରେ କାଶୀପୁର ବ୍ଲକ୍ ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ଜ୍ୟୋତିର୍ମୟୀ ଦାଶଙ୍କୁ ଯୋଗାଯୋଗ କରିବାରୁ ଏହି ଘଟଣା ସମ୍ପର୍କରେ ଆମେ ସାମାଜିକ ଗଣମାଧ୍ୟମରେ ସୂଚନା ପାଇଲୁ। ଏହାର ତଦନ୍ତ କରି ଶୀଘ୍ର ତାଙ୍କୁ ବ୍ୟାଙ୍କ ଏକାଉଣ୍ଟ ମାଧ୍ୟମରେ କିମ୍ବା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମାଧ୍ୟମରେ ତାଙ୍କ ଘରକୁ ଯାଇ ନଗଦ ଅର୍ଥ ଭାବେ ଭତ୍ତା ଟଙ୍କା ଦିଆଯିବ ବୋଲି କହିଛନ୍ତି।

ଜିଲ୍ଲା ସାମାଜିକ ସୁରକ୍ଷା ଭାରପ୍ରାପ୍ତ ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀଙ୍କ ପ୍ରତିକ୍ରିୟା ନେବାରୁ ସେ କହିଛନ୍ତି ଯେ ଉକ୍ତ ବୃଦ୍ଧାଙ୍କୁ ଡିବିଟି ମାଧ୍ୟମରେ ଭତ୍ତା ଟଙ୍କା ସିଧାସଳଖ ତାଙ୍କ ବ୍ୟାଙ୍କ ଜମାଖାତାରେ ଜମା ହେଉଛି। କିନ୍ତୁ ସେମାନେ ଏ ବିଷୟରେ ନଜାଣି ଭତ୍ତା ନେବା ପାଇଁ ଚାଲି ଆସିଥିଲେ। ତଥାପି ଆସନ୍ତା ମାସରେ ବୃଦ୍ଧାଙ୍କ ଘରେ ବାର୍ଦ୍ଧକ୍ୟ ଭତ୍ତା ପାଇବାର ବ୍ୟବସ୍ଥା କରି ଦିଆଯିବ ବୋଲି କହିଛନ୍ତି।

### ପୁଲିସ ଚାକିରି ବେପାର

# ବିରଞ୍ଚିଙ୍କୁ ବାନ୍ଧିଲା ସିବିଆଇ

**ଭୁବନେଶ୍ୱର, ୫।୧୨ (ସମିସ):** ପୁଲିସ ଏସ୍ଆଇ ଚାକିରି ବିକ୍ରି ମାମଲାରେ ସିବିଆଇ ଜଣେ ମଧ୍ୟସ୍ଥଙ୍କଠାରୁ ତା'ର ପ୍ରଥମ ଗିରଫଦାରୀ ଆରମ୍ଭ କରିଛି। ଗିରଫ ମଧ୍ୟସ୍ଥ ଜଣଙ୍କ ହେଲେ ବିରଞ୍ଚି ନାରାୟଣ ନାୟକ। ତାଙ୍କୁ ଗଜପତି ଜିଲ୍ଲା ପାରଳାଖେମୁଣ୍ଡିରୁ ଗିରଫ କରାଯାଇଛି। ସିବିଆଇ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ବିରଞ୍ଚି ଏବଂ ଅରବିନ୍ଦଙ୍କ ବସ୍ ହେଉଛନ୍ତି ପଞ୍ଚସପ୍ତର ମାଲିକ ଶଙ୍କର ପୃଷ୍ଟି। ଏହି ଦୁଇ ଜଣଙ୍କୁ କ୍ରାଇମ୍ ସିଣ୍ଡିକେଟ୍ ଉତ୍ତର ଓଡ଼ିଶା ଦାୟିତ୍ୱ ଦେଇଥିଲା। ଏମାନେ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ପାଇଁ ଟଙ୍କା ଦେଇପାରୁଥିବା ପରୀକ୍ଷାର୍ଥୀ ଯୋଗାଡ଼ କରୁଥିଲେ। ଏହାସହ



ଆଶାୟୀଙ୍କୁ ନେଇ ପଶ୍ଚିମବଙ୍ଗର ଦୀଘାରେ ଏକ କ୍ୟାମ୍ପ ଚଳାଇଥିଲେ। ଯେଉଁଥିରେ ପରୀକ୍ଷାର୍ଥୀଙ୍କୁ

### ଜେରା ପାଇଁ ସିବିଆଇକୁ ୨ଦିନିଆ ରିମାଣ୍ଡ ଅନୁମତି

ଶାରୀରିକ ପ୍ରଶିକ୍ଷଣ ଏବଂ ପ୍ରଶ୍ନପତ୍ର ପ୍ରଦାନ କରାଯାଇଥିଲା। ସିବିଆଇ ତାଙ୍କୁ ଗିରଫ କରିବା ପରେ ସ୍ୱତନ୍ତ୍ର ସିବିଆଇ କୋର୍ଟରେ ହାଜର କରିଥିଲା। ଅଧିକ ପଚରାଉଚରା ପାଇଁ ବିରଞ୍ଚିକୁ ୨ ଦିନିଆ ରିମାଣ୍ଡରେ ନେବାକୁ ସିବିଆଇକୁ କୋର୍ଟ ଅନୁମତି ପ୍ରଦାନ କରିଛନ୍ତି।

# ସାରଥୀଙ୍କ ବିରୋଧରେ ଚାର୍ଜଫ୍ରେମ୍

**କଟକ, ୫।୧୨ (ସମିସ):** କଟକ ସ୍ୱତନ୍ତ୍ର ଅଦାଲତରେ ଆଜି ସନ୍ତୋଷ କୁମାର ରାଉଳ ଓରଫ୍ ବାବା ସାରଥୀଙ୍କ ବିରୋଧରେ ଚାର୍ଜଫ୍ରେମ୍ ହୋଇଛି। ଅଦାଲତରେ ସାରଥୀ ଭର୍ଚୁଆଲରେ ଓ ଅନ୍ୟ ଅଭିଯୁକ୍ତ ବ୍ୟକ୍ତିଗତ ଭାବେ ହାଜର ହୋଇଥିଲେ। ପରେ ସାରଥୀ ଓ ଅନ୍ୟମାନଙ୍କ ବିରୋଧରେ ଚାର୍ଜଫ୍ରେମ ହୋଇଥିଲା। ପରେ ମାମଲାରେ ସାକ୍ଷ୍ୟ ଗ୍ରହଣ ଆରମ୍ଭ ହେବ। ଜାନୁଆରି ୧୬କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି।

ସୂଚନାଯୋଗ୍ୟ, ସାରଥୀଙ୍କ ବିରୋଧରେ ରୁଜୁ ମୂଳ ମାମଲାର ତଦନ୍ତ କରି ଆଇପିସିର ଦଫା ୪୨୦, ୧୨୦ ବି, ୪୬୭, ୪୬୮, ୪୭୧, ୩୪୧, ୫୦୬, ୩୭୯, ୪୧୧, ୪୨୩, ୩୪ ସହ ଏସ୍‌ସି ଆଣ୍ଡ ଏସ୍‌ଟି (ପି.ଏ) ଆଇନର ଧାରା ୩, ଆର୍ମସ୍ ଆକ୍ଟର ଧାରା ୨୫ ଓ ରିଲିଜିୟସ୍ ଇନ୍‌ଷ୍ଟିଚ୍ୟୁସନସ୍ (ପ୍ରିଭେନ୍‌ସନ୍ ଅଫ୍ ମିସ୍ ୟୁଜ୍ ଆକ୍ଟ)ର ଧାରା ୭ରେ କ୍ରାଇମବ୍ରାଞ୍ଚ ଚାର୍ଜସିଟ୍ ଦାଖଲ କରିଥିଲା। ଏହି ମାମଲାରେ ସାରଥୀଙ୍କ ସହ ତାଙ୍କ ପୁଅ ସତ୍ୟମ, ସନ୍ତୋଷ ଗୋଚ୍ଛାୟତ, ପିଲୁ ଓରଫ୍ ପିଲାସ୍କି ସ୍ୱାଇଁ, ସିଲୁ ଓରଫ୍ ବିଶ୍ୱଜିତ୍ ପଟ୍ଟନାୟକ ଓ ହରିଶ୍ଚନ୍ଦ୍ର ଦାସ ଓରଫ୍ ବୁଲୁଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରାଯାଇଥିଲା। ଏହି ମାମଲାରେ ସମସ୍ତ ଅଭିଯୁକ୍ତ ଜାମିନରେ ଅଛନ୍ତି। ସାରଥୀଙ୍କ ପକ୍ଷରୁ ଆଇନଜୀବୀ ମାନସ ଚାନ୍ଦ ମାମଲା ପରିଚାଳନା କରୁଛନ୍ତି।

### ଫୁଲବାଣୀ ସଦର ଥାନା ଅଧିକାରୀ ନିଲମ୍ବନ ଘଟଣା

# ଗଞ୍ଜେଇ କାରବାର ପଛରେ କୋଟି କୋଟି ଟଙ୍କାର ଡିଲ୍!

**ଭୁବନେଶ୍ୱର, ୫।୧୨(ସମିସ):** ଫୁଲବାଣୀ ସଦର ଥାନା ଅଧିକାରୀ ତଥା ଡିଏସ୍‌ପି ସତୀଶ ଚନ୍ଦ୍ର ନାଏକ ନିଲମ୍ବନ ହେବା ପରେ ଖାକିରେ ଗଞ୍ଜେଇ ଦାଗ ଲାଗିଛି। ଗଞ୍ଜେଇ କାରବାର କରିବାକୁ କୋଟି କୋଟି ଟଙ୍କାର ଡିଲ୍ ହୋଇଥିବା କଥା ପଦାକୁ ଆସିବା ସହ ଖାକି ବାବୁମାନଙ୍କ ଗୁମର ଖୋଲୁଛି। ପୁଲିସର ଛବିକୁ ପୂରା ମଳିନ ନ କରିବା ପାଇଁ ଘଟଣାରେ ସଂପୃକ୍ତ ଜଣେ ସବ୍-ଇନ୍ସପେକ୍ଟରଙ୍କୁ ବଦଳି କରିଦିଆଯାଇଛି। କିନ୍ତୁ ବଦଳିକୁ ପ୍ରାୟ ୩ମାସ ବିତି ଯାଇଥିଲେ ମଧ୍ୟ ବାବୁ ଏପର୍ଯ୍ୟନ୍ତ ଥାନା ଛାଡ଼ି ନାହାନ୍ତି। ସେପଟେ, ଏହି ଘଟଣାରେ ଅନ୍ୟତମ କରିତକର୍ମା ଥାନା ସ୍କର୍ପିଓ ତଥା ବେସରକାରୀ ଚାଳକ ଉପରେ ଏପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଥାନା ଅଧିକାରୀଙ୍କୁ ନିଲମ୍ବନ କରାଯାଇଥିବା ବେଳେ ସଂପୃକ୍ତ ଏସ୍ଆଇ ଓ ଚାଳକଙ୍କୁ କାହିଁକି ଅନୁକମ୍ପା ଦେଖାଯାଉଛି, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ପୂରା ଘଟଣା ଥିଲା ଏମିତି; ଗତ ସେପ୍ଟେମ୍ବରରେ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ଫୁଲବାଣୀ ସଦର ଥାନା ପୁଲିସ କସକଠି-ମିନିଆ ରାସ୍ତାରେ ଚଢ଼ଉ କରିଥିଲା। ଗଞ୍ଜେଇ ଭର୍ତ୍ତି କାର ଜବତ କରିବା ସହ ଚାଳକକୁ ଗିରଫ କରିଥିଲା। ପାଖାପାଖି ୭ କୁଇଣ୍ଟାଲ ଗଞ୍ଜେଇ ଜବତ କରିଥିବା ବେଳେ ମାତ୍ର ଦେଢ଼ କୁଇଣ୍ଟାଲ ଗଞ୍ଜେଇ ଜବତ ହୋଇଥିବା କାଗଜପତ୍ରରେ ଦେଖାଇଥିଲା। ବାକି ତକ ଗଞ୍ଜେଇକୁ ଖାକି ବାବୁମାନେ ମିଶି ଥାନା ସ୍କର୍ପିଓ ଚଳାଉଥିବା ବେସରକାରୀ ଚାଳକ ଘରେ ନେଇ ଗଚ୍ଛିତ ରଖିଥିଲେ। ଏସ୍‌ପିଙ୍କ ପାଖରେ ଏଭଳି ଖବର ପହଞ୍ଚିବା ପରେ ଘଟଣାର ତଦନ୍ତ ଆରମ୍ଭ ହୋଇଥିଲା। ସ୍କର୍ପିଓ ଚାଳକଙ୍କ ଘରୁ ବିପୁଳ ପରିମାଣର ଗଞ୍ଜେଇ ମଧ୍ୟ ଜବତ ହୋଇଥିଲା। ଘଟଣାର ସତ୍ୟାସତ୍ୟ ଜଣାପଡ଼ିବା ପରେ

**ବଦଳିରେ ସୀମିତ ଏସ୍ଆଇଙ୍କ ଉପରେ କାର୍ଯ୍ୟାନୁଷ୍ଠାନ**

**ତଥାପି ଗାଦି ଛାଡ଼ିନାହାନ୍ତି ବାବୁ**

**ସ୍କର୍ପିଓ ଚାଳକଙ୍କୁ ଅନୁକମ୍ପା କାହିଁକି**

ଥାନାଧିକାରୀ ସତୀଶଙ୍କୁ ମୁଖ୍ୟାଳୟକୁ ବଦଳି କରିବା ସହ ସଂପୃକ୍ତ ଏସ୍ଆଇଙ୍କୁ ଅନ୍ୟ ଥାନାକୁ ପଠାଇ ଦିଆଯାଇଥିଲା।

ଏତିକିରେ ଘଟଣା ସରି ନଥିଲା; ପରେ ଜଣେ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ବିଭାଗୀୟ ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଡିଏସ୍‌ପିଜଣକ ଥାନାକୁ ଯାଇ ପୂରା ଘଟଣାର ତଦନ୍ତ କରିଥିଲେ। ତଦନ୍ତ ବେଳେ ସାଙ୍ଘାତିକ କଥା ପଦାକୁ ଆସିଥିଲା। ଜବତ ହୋଇଥିବା ଗଞ୍ଜେଇ ଓ ମାଲଖାନାରେ ଥିବା ଗଞ୍ଜେଇ ମଧ୍ୟରେ ତାଳମେଳ ନଥିଲା। ଜବତ ଗଞ୍ଜେଇଠାରୁ ଅଧିକ ପରିମାଣର ଗଞ୍ଜେଇ ମାଲଖାନାରେ ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ସଂପୃକ୍ତ ଥାନାର ପୁଲିସ ଅଧିକାରୀମାନେ ଗଞ୍ଜେଇ ଧରିବା ପରେ କମ୍ ପରିମାଣର ଗଞ୍ଜେଇ ଜବତ ଦେଖାଇ ଅବଶିଷ୍ଟକୁ ବେଆଇନ ଭାବେ ବିକ୍ରି କରୁଥିବା କଥା ଏକପ୍ରକାର ସ୍ପଷ୍ଟ ହୋଇଥିଲା। ମାଲଖାନା ଗଞ୍ଜେଇରେ ମଧ୍ୟ ହେରଫେର୍ ହୋଇଥିବା ଜଣାପଡ଼ିବା ପରେ ତଦନ୍ତକାରୀ ଅଧିକାରୀ ଏସପିଙ୍କୁ ରିପୋର୍ଟ ଦେଇଥିଲେ। ସଂପୃକ୍ତ ଥାନା ଅଧିକାରୀ, ଏସ୍ଆଇ, ସ୍କର୍ପିଓ ଚାଳକ ଓ ଅନ୍ୟ କିଛି କର୍ମଚାରୀ ବେଆଇନ କାରବାରରେ ଲିପ୍ତ ଥିବା ସଂପୃକ୍ତ ରିପୋର୍ଟରେ ଉଲ୍ଲେଖ ରହିଥିବା ସୂଚନା ମିଳିଛି। ପରେ ଫୁଲବାଣୀ ସଦର ଥାନା ଅଧିକାରୀ ତଥା ଡିଏସପି ସତୀଶ ଚନ୍ଦ୍ର ନାଏକଙ୍କୁ ନିଲମ୍ବନ କରାଯାଇଥିଲା।

ସେପଟେ ସଂପୃକ୍ତ ଏସ୍ଆଇଙ୍କ କାରନାମାର ତାଲିକା ମଧ୍ୟ ବେଶ୍ ଲମ୍ବା। ଫିରିଙ୍ଗିଆ ଥାନା ପୋଡ଼ି ପୂର୍ବରୁ ଏସ୍ଆଇଜଣଙ୍କ ସେଠାରେ କିଛି ଦିନ ଦାୟିତ୍ୱରେ ଥିଲେ। ସେହି ସମୟରେ ଗଞ୍ଜେଇ ଚାଷ କରୁଥିବା ଲୋକଙ୍କୁ ଅନୁକମ୍ପା ଦେଖାଇ ଥିଲେ। ଫଳରେ ତାଙ୍କୁ ଅନ୍ୟ ଥାନାକୁ ବଦଳି କରାଯାଇଥିଲା। ଏବେ ଗଞ୍ଜେଇ କାରବାର ଘଟଣାରୁ ନଜର ହଟାଇବା ଲାଗି ଡିଏସପି ଶ୍ରୀ ନାଏକଙ୍କୁ ନିଲମ୍ବନ କରାଯାଇଥିବା ବେଳେ ଏସ୍ଆଇଙ୍କର କେବଳ ବଦଳି କରାଯାଇଛି। ସଂପୃକ୍ତ ଏସ୍ଆଇ ଓ ସ୍କର୍ପିଓ ଚାଳକଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନଥିବାରୁ ଏହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏସ୍ଆଇଜଣଙ୍କ ବାରମ୍ବାର ବେଆଇନ କାର୍ଯ୍ୟରେ ସଂପୃକ୍ତ ରହୁଥିବା ବେଳେ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ଉଚ୍ଚ ଅଧିକାରୀଙ୍କ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି।



## ୩୨ ଗୋରୁ ଉଦ୍ଧାର, ଟ୍ରକ୍ ଜବତ

ଜୟପୁର,୫ ।୧୨(ସମିସ): କୋରାପୁଟ ଜିଲ୍ଲା ଜୟପୁର ଠାରୁ ହାଇଦ୍ରାବାଦର ହଣାଶାଳକୁ ଟ୍ରକରେ ବୋଝେଇ ହୋଇ ଚାଲାଣ ହେଉଥିବା ୩୨ଟି ଗୋରୁଙ୍କ ଉଦ୍ଧାର କରାଯାଇଛି। ଗାଈ, ଗୋରୁଙ୍କୁ ଅଭିନବ ଉପାୟରେ ତଳେ ଗୋରୁଗାଈ ଏବଂ ଉପରେ ପନିପରିବା ବୋଝେଇ କରାଯାଇ ଚାଲାଣ କରାଯାଉଥିଲା। ଗତକାଲି ମଧ୍ୟରାତ୍ରିରେ ଟ୍ରକ (ଟିଏସ-୦୫ୟୁଏଫ-୨୬୯୮)କୁ ପୁଲିସ ଓ ସ୍ଥାନୀୟ ଯୁବକ ପୁରୁଣାଗଡ ଛକ ନିକଟରେ ଅଟକାଇଥିଲେ। ଗାଡି ଅଟକାଇବା ପରେ ଘଟଣା ସ୍ଥଳରୁ ଡ୍ରାଇଭର ଓ ହେଲପର ଚମ୍ପଟ ମାରିଥିଲେ। ସ୍ଥାନୀୟ ଯୁବକ ଓ ପୁଲିସ ଗାଡି ଯାଞ୍ଚ କରିବା ସମୟରେ ଗାଡିରୁ ୩୨ଟି ଗାଈ ସମେତ ପନି ପରିବା ମିଳିଥିଲା। ଉଦ୍ଧାର ଗୋରୁଙ୍କୁ ପୌର ଗୋଶାଳାରେ ରଖାଯାଇଛି। ଜୟପୁର ସହର ଏବଂ ଆଖପାଖ ଗ୍ରାମାଞ୍ଚଳରେ ଗାଈ ଓ ଗୋରୁଙ୍କୁ ହତ୍ୟା କରାଯାଇ ମାଂସ ବିକ୍ରି ଚାଲିଥିବା ବେଳେ ପଡୋଶୀ ରାଜ୍ୟକୁ ନବରଙ୍ଗପୁର ଏବଂ କୋରାପୁଟ ଜିଲ୍ଲାରୁ ଦୈନିକ ଗୋରୁ ଗାଈ ଚାଲାଣ ହେଉଛି

# ଘରୋଇ ବସ୍ ଟିକଟ୍ କାଉଣ୍ଟର ସିଲ୍‌କଲା ପ୍ରଶାସନ

ଜୟପୁର, ୫ ।୧୨(ସମିସ) : ଜୟପୁର ଟାଉନ୍ ଥାନା ନିକଟସ୍ଥ ଘରୋଇ ବସ ଟିକଟ୍ କାଉଣ୍ଟରକୁ ଆଜି ପ୍ରଶାସନ ଅପରାହ୍ନରେ ସିଲ୍ କରିଛି। ହାଇକୋର୍ଟର ରାୟ ଅନୁଯାୟୀ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ରହିଥିବା ତହସିଲଦାର ସବ୍ୟସାଚୀ ଜେନା, ଅତିରିକ୍ତ ତହସିଲଦାର ଚିତ୍ତରଞ୍ଜନ ପଟ୍ଟନାୟକ ଓ ସୁପରଭାଇଜର ହରିହର ଶତପଥୀ ଆଜି ଅପରାହ୍ନରେ କାଉଣ୍ଟରେ ନିକଟ୍‌ରେ ପହଞ୍ଚି କୋର୍ଟ ନିର୍ଦ୍ଦେଶ ଅନୁସାରେ ଉକ୍ତ କାଉଣ୍ଟର ଗୃହକୁ ଖାଲି କରିବାକୁ କହିଥିଲେ। କିଛି ସମୟ ପାଇଁ ସେଠାରେ ଉତ୍ତେଜନା ଦେଖାଦେଇଥିଲା। କିନ୍ତୁ କୋର୍ଟର ନିର୍ଦ୍ଦେଶ ଅନୁଯାୟୀ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମାଜିଷ୍ଟ୍ରେଟ ଶ୍ରୀ ଜେନା ବୁଝାସୁଝା ପରେ କାଉଣ୍ଟର ଭିତରୁ ସମସ୍ତ ସାମଗ୍ରୀ ବାହାର କରିବା ସହିତ ସିଲ କରିଥିଲେ। ସୂଚନା ଅନୁଯାୟୀ, ଗତ ୨୦୨୨ ମସିହା ମେ ମାସ ୧୮ ତାରିଖରେ ଜୟପୁର ଘରୋଇ ବସ ମାଲିକ ସଂଘ ପକ୍ଷରୁ ପୁରୁଣା ସରକାରୀ ବସ୍‌ଷ୍ଟାଣ ନିକଟରେ ଥିବା ପୌରପାଳିକା ସ୍ଥାନରେ ଯାତ୍ରୀ ବିଶ୍ରାମାଗାର ନିକଟରେ ଘରୋଇ ଟିକଟ କାଉଣ୍ଟର ରହିବା ଫଳରେ ବସ ଗୁଡିକ ରାସ୍ତା ଉପରେ ପାର୍କିଂ କରୁଥିବା ଯୋଗୁଁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ତେଣୁ ତୁରନ୍ତ ଉକ୍ତ କାଉଣ୍ଟରକୁ ଉଚ୍ଛେଦ କରିବା ନେଇ ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। କିନ୍ତୁ ଏଥିନେଇ କାଉଣ୍ଟର କର୍ତ୍ତୃପକ୍ଷଙ୍କ ପକ୍ଷରୁ ରହିତାଦେଶ ନେଇ ହାଇକୋର୍ଟରେ ଆବେଦନ ପରେ ଏହା ଉପରେ ହାଇକୋର୍ଟ ପକ୍ଷରୁ ରହିତାଦେଶ ଜାରି କରାଯାଇଥିଲା। ଶେଷରେ ଗତ ଅକ୍ଟୋବର ମାସରେ ହାଇକୋର୍ଟ ଜଷ୍ଟିସ ସଞ୍ଜିବ କୁମାର ପାଣିଗ୍ରାହୀ ଏହି ମାମଲାର ଶୁଣାଣି କରିବା ସହ ଆସନ୍ତା ୧୫ ଦିନ ମଧ୍ୟରେ କାଉଣ୍ଟର ବନ୍ଦ କରିବା ରାୟ ପ୍ରଦାନ କରିଥିଲେ।

## ଅଟୋ ସହ ଗଞ୍ଜେଇ ଜବତ, ଜଣେ ଗିରଫ

ମାଲକାନଗିରି,୫ ।୧୨(ସମିସ): ଜିଲ୍ଲା ଅବକାରୀ ବିଭାଗ ମୋବାଇଲ ଟିମ ପକ୍ଷରୁ ପାଟ୍ରୋଲିଂ କରୁଥିବା ସମୟରେ ଅଟୋ ସହିତ ୨ଲକ୍ଷ ୨୫ହଜାର ଟଙ୍କାର ଗଞ୍ଜେଇ ଜବତ କରାଯାଇ ଜଣେ ଚାଲାଣକାରୀକୁ ଗିରଫ କରାଯାଇଛି। ଆଜି ସକାଳ ସମୟରେ ଜିଲ୍ଲା ଅବକାରୀ ବିଭାଗର ମୋବାଇଲ ଟିମ ପକ୍ଷରୁ ମାଲକାନଗିରି ଥାନା କାଦବାହଲ ଛକ ନିକଟରେ ପାଟ୍ରୋଲିଂ କରୁଥିବା ସମୟରେ ବାଲିମେଳା ପାଶ୍ୱର୍ ଗୋଟେ ଅଟୋ ଦ୍ରୁତ ଗତିରେ ଆସୁଥିବା ଦେଖି ସନ୍ଦେହ ହେବାରୁ ଅଟକାଇ ଚେକ କରିବାରୁ ସେଥିରୁ ଏକ ଜରିବସ୍ତାରୁ ୨୨କେଜି ୫୦୦ ଗ୍ରାମ ଗଞ୍ଜାଇ ମିଳିଥିଲା। ଗଞ୍ଜେଇ ସହ ଅଟୋକୁ ଜବତ କରାଯାଇଛି । ଏହି ଗଞ୍ଜାଇ ସେ ଛତିଶଗଡ଼ ସୁକୁମା ଅଭିମୁଖେ ନେଉଥିବାର ସ୍ୱୀକାର କରିଛି। ଗିରଫ ବ୍ୟକ୍ତି ହେଲେ ମାଲକାନଗିରି ଜିଲ୍ଲା ଗୋବିନ୍ଦପାଲି ଗ୍ରାମର ତୁଳସୀରାମ ଟାକରି ବୋଲି ଜଣାପଡିଛି। ଗଞ୍ଜେଇ ଚୋରା ଚାଲାଣ କାରି ତୁଳସୀ ରାମ କୁ ଆଜି କୋର୍ଟ ଚାଲାଣ କରା ଯାଇଛି। ଭ୍ରାମ୍ୟମାଣ ଟିମର ଅବକାରୀ ଇନିସ୍ପେକ୍ଟର ବିଙ୍ଗରାଜ ଦାମୀ, ଅବକାରୀ ଏଏସ ଆଇ ପ୍ରଦୀପ କୁମାର ନାୟକ, ଅବକାରୀ କନେଷ୍ଟବଳ ଜ୍ଞାନରଞ୍ଜନ ସାହୁ, ପାଣ୍ଡବ ଟୁଡୁ, ସୀତାକାନ୍ତ ମହାନ୍ତି ଓ ଚନ୍ଦନ ଚେଟି ପ୍ରମୁଖ ସାମିଲ ଥିଲେ।




## ମତ୍ସ୍ୟ ନିର୍ଦ୍ଦେଶକଙ୍କ ମାଲକାନଗିରି ଗସ୍ତ

ମାଲକାନଗିରି,୫ ।୧୨(ସମିସ): ମାଲକାନଗିରି ଜିଲ୍ଲା ନୋଡାଲ ଅଫିସର ତଥା ମତ୍ସ୍ୟ ବିଭାଗ ନିର୍ଦ୍ଦେଶକ ଏମ୍‌ଡି ସିଦ୍ଦିକ୍ ଆଲାମ୍ ମାଲକାନଗିରି ଗସ୍ତରେ ଆସି ସରକାରଙ୍କ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟକ୍ରମ ଓ ଯୋଜନାର କାର୍ଯ୍ୟକାରିତାକୁ ନେଇ କ୍ଷେତ୍ର ପରିଦର୍ଶନ କରିଛନ୍ତି। ସେ୍ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ବିଭିନ୍ନ ବିଭାଗର ଏକ ସମୀକ୍ଷା ବୈଠକ କରିଛନ୍ତି। ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ବନଖଣ୍ଡ ଅଧିକାରୀ ସାଇ କିରଣ ଓ ଉପ ଜିଲ୍ଲାପାଳ ଅଶ୍ମି ଏ ଏଲ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ପ୍ରତ୍ୟେକ ଗାଁ ର ଶେଷ ପର୍ଯ୍ୟନ୍ତ ପହଞ୍ଚିବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ଆଲମ୍ କହିଛନ୍ତି। ଜିଲ୍ଲା ସ୍ତରରେ ରହିଥିବା ସମସ୍ୟା ବିଷୟରେ ଅବଗତ କରାଇବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କୃଷି ବିଭାଗକୁ ଗୋବିନ୍ଦପାଲ୍ଲୀ କଲେଜ ଠାରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗୀ ଯୋଜନା ଉପରେ ସଚେତନତା ସୃଷ୍ଟି କରିବା ପାଇଁ କୁହାଯାଇଛି। ଏହା ଫଳରେ ବିଶେଷ ଭାବେ ଚିତ୍ରକୋଣ୍ଡା, ଖଇରପୁଟ ଅଞ୍ଚଳରୁ ଯୁବ ଉଦ୍ୟୋଗୀ ବାହାରି ପାରିବେ। ଅପପୁଷ୍ଟି ଶିକାର ହୋଇଥିବା ଶିଶୁ ପ୍ରତି ବିଶେଷ ଗୁରୁତ୍ୱ ଦେବାକୁ କୁହାଯାଇଛି। ବିଡିଓ ମାନେ ଅଗ୍ରାଧିକାର ଭିତ୍ତିରେ ଅଙ୍ଗନୱାଡି କେନ୍ଦ୍ର କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଜିଲ୍ଲାରେ ବାଲ୍ୟ ବିବାହ ରୋକିବା ପାଇଁ ବିକେଏସଏସ ମାଧ୍ୟମରେ ସଚେତନତା କରିବା ପାଇଁ କୁହାଯାଇଛି। ସେ ଗତକାଲି କ୍ଷେତ୍ର ଗସ୍ତ କରି ବିଭିନ୍ନ ଉନ୍ନୟନ ପ୍ରକଳ୍ପ ତଥା ଆବାସିକ ବିଦ୍ୟାଳୟ ଓ ଡାକ୍ତରଖାନା ପରିଦର୍ଶନ କରିଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲାର ସମସ୍ତ ବିଡ଼ିଓ ତହସିଲଦାର ଓ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଓଡ଼ିଶା ଅମଲା ସଂଘର ସାମ୍ବାଦିକ ସମ୍ମିଳନୀ

ଜୟପୁର,୫ ।୧୨(ସମିସ): ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ପକ୍ଷରୁ ଆଜି ଜୟପୁରସ୍ଥିତ ଯାଦବ ଭବନ ଠାରେ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇଥିଲା। ସଂଘର ରାଜ୍ୟ ଅତିରିକ୍ତ ସାଧାରଣ ସମ୍ପାଦକ ଶଶୀ ଭୂଷଣ ଦାଶ ରାଜସ୍ୱ ଅମଲା ସଂଘ କର୍ମକର୍ତ୍ତାଙ୍କର ମନ୍ତବ୍ୟ ଉପରେ ସ୍ପଷ୍ଟୀକରଣ ଦେଇଥିଲେ। କିଛି ରାଜସ୍ୱ ଅମଲା ନିଜର ସ୍ୱାର୍ଥ ସକାଶେ ଓଡ଼ିଶା ଅମଲା ସଂଘକୁ ବଦନାମ କରିବା ପାଇଁ ଅପଚେଷ୍ଟା ଜାରି ରଖିଛନ୍ତି। ଓଡ଼ିଶା ଅମଲା ସଂଘର ସଦସ୍ୟ ନଥିବା ବ୍ୟକ୍ତି ମାନେ ଏହିପରି ବିଭ୍ରାନ୍ତିକର ମତକୁ ଶ୍ରୀ ଦାଶ ନିନ୍ଦା କରିଛନ୍ତି। ରାଜସ୍ୱ ଅମଲା ସଂଘର ଡାକରାରେ ଆନ୍ଦୋଳନକୁ ଓହ୍ଲାଇଥିଲେ ତାଙ୍କର ଦରମା ବନ୍ଦ ହୋଇ ରହିଥିବା ବେଳେ ସେମାନେ ନିଜକୁ ଓଡ଼ିଶା ଅମଲା ସଂଘର କର୍ମକର୍ତ୍ତା



ବୋଲାଉଥିବା ନିଶ୍ଚିତ ଭାବରେ ହାସ୍ୟାସ୍ପଦ। ରାଜ୍ୟ ସଂଘର ସମସ୍ତ ବୈଠକ, ସମ୍ମିଳନୀ ହୋଇଛି । ଗୋଟିଏ ବି ବୈଠକରେ ଯୋଗଦାନ କରିନଥିବା କିମ୍ବା ଜିଲ୍ଲାସ୍ତରୀୟ ବୈଠକରେ ଯୋଗଦାନ କରିନଥିବା ରାଜ୍ୟ ଅମଲା ସଂଘର କର୍ମକର୍ତ୍ତା ବୋଲି କହୁଛନ୍ତି। ଓଡ଼ିଶା ଅମଲା ସଂଘର ରାଜ୍ୟ ସାଧାରଣ ସମ୍ପାଦକଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ କୋରାପୁଟ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ପତ୍ର ମାଧ୍ୟମରେ ଅଭିଯୋଗ କରିଥିବା ନେଇ ଶ୍ରୀ ଦାଶ ସୂଚନା ଦେଇଛନ୍ତି। ବର୍ତ୍ତମାନର ନିର୍ବାଚନ ପ୍ରକ୍ରିୟା ୧୪ ଡିସେମ୍ବରରେ ଚୂଡାନ୍ତ ହେବ ଓ ଏଥି ନିମନ୍ତେ ରାଜ୍ୟ ସଂଘ ପର୍ଯ୍ୟବେକ୍ଷକ ନିଯୁକ୍ତି କରିଥିବା କଥା ସ୍ପଷ୍ଟ କରିଥିବା ବେଳେ ଜୟପୁର ଯାଦବ ଭବନ ଠାରେ ନବ ନିର୍ବାଚିତ ସଦସ୍ୟ ରାଜ୍ୟ ନେତୃବୃନ୍ଦଙ୍କ ଉପସ୍ଥିତିରେ ଶପଥ ପାଠ କରିବେ। ଏଥି ପ୍ରାର୍ଥୀପତ୍ର ଦାଖଲ କରିଥିବା ସଂଘର ସଭାପତି ଜଗନ୍ନାଥ ମାଝୀ, ସମ୍ପାଦକ ଯୋଗେନ୍ଦ୍ର ଚୈଧୁରି, କୋଷାଧ୍ୟକ୍ଷ ନାଗେଶ୍ୱର ରାଓ, ପୂର୍ବତନ ସମ୍ପାଦକ ସଞ୍ଜୟ କୁମାର ପଣ୍ଡା ଓ ସଦସ୍ୟ ରଜନୀ କାନ୍ତ ଘଡେଇ ପ୍ରମୁଖ ଉପସ୍ଥିତ ଥିଲେ।

## ଛାତ୍ରଙ୍କୁ ଚପଲ ବସ୍ତା ବୁହାଇଲେ ଶିକ୍ଷକ!

ବିଷମକଟକ,୫।୧୨(ସମିସ): ଛାତ୍ରଛାତ୍ରୀଙ୍କୁ ସ୍କୁଲ୍ ପ୍ରତି ଆକୃଷ୍ଟ କରିବା ପାଇଁ ରାଜ୍ୟ ସରକାର ଅନେକ ଯୋଜନା କରିଛନ୍ତି। ତେବେ ବିଦ୍ୟାଳୟରେ ପିଲାଙ୍କୁ ପାଠ ପରିବର୍ତ୍ତେ ଶିକ୍ଷକମାନେ ବିଭିନ୍ନ କାମରେ ଲଗାଉଛନ୍ତି। ଏପରି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ ଅନ୍ତର୍ଗତ ପାଇକଡାକୁଲଗୁଡା ସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ। ପାଠପଢା ସମୟରେ ପିଲାମାନେ ଏକ ପିକ୍‌ଅପ୍ ଭ୍ୟାନ୍‌ରେ ଆସିଥିବା ଜିନିଷ ସବୁକୁ ବୋହି ନେଉଥିବା ଦୃଶ୍ୟ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ସୂଚନା ଅନୁଯାୟୀ, ଆଜି ମଧ୍ୟାହ୍ନରେ କୌଣସି ଏକ ଯୋଗାଣକାରୀ ସଂସ୍ଥା ବିଦ୍ୟାଳୟ ଛାତ୍ରଛାତ୍ରୀ ମାନଙ୍କ ବ୍ୟବହାର ନିମନ୍ତେ ଚପଲ ଆଣିଥିଲା। ବିଦ୍ୟାଳୟରେ ପାଠପଢା ସମୟରେ ବିଦ୍ୟାଳୟର କୁନିକୁନି ଛାତ୍ର ମାନଙ୍କୁ ଶ୍ରମିକ ଭାବେ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା। ଭ୍ୟାନ୍‌ରେ ଆସିଥିବା ଚପଲ ବସ୍ତା ସବୁକୁ ଗାଡି ଚାଳକ ଉପସ୍ଥିତିରେ ଗାଡିରୁ ଓହ୍ଲାଉ ଥିବା ବେଳେ ଏହି ଛାତ୍ର ମାନେ ବିଦ୍ୟାଳୟକୁ ଚପଲ ବସ୍ତା ବୋହି ବୋହି ନେଉଥିଲେ। ପାଠପଢା ସମୟରେ ଛାତ୍ର ମାନେ କାହା ନିର୍ଦ୍ଦେଶରେ ବିଦ୍ୟାଳୟ ହତା ବାହାରକୁ ଆସିଲେ ଆଉ ଭ୍ୟାନ୍‌ରୁ ଚପଲ ବସ୍ତା ସବୁ ବୋହି ନେଉଥିଲେ ତାହା ତଦନ୍ତ ସାପେକ୍ଷ। କାହିଁକି ଜିନିଷ ଯୋଗାଣକାରୀ ସଂସ୍ଥା ନିଜ ଲୋକଙ୍କ ଦ୍ୱାରା ନ ଓହ୍ଲାଇ କୁନି କୁନି ଛାତ୍ରଙ୍କୁ ନିୟୋଜିତ କଲା ତାହାର ତଦନ୍ତ କରିବାକୁ ଦାବି ହେଉଛି। ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ଯୋଗାଯୋଗ କରିବାରୁ ତାଙ୍କ ଫୋନ ସୁଇଚ ଅଫ୍ ରହିଥିଲା। ତେଣୁ ତାଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରିଲା ନାହିଁ। ଅନ୍ୟପଟେ ବିଷମକଟକ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ଶାନ୍ତି ଲତା ମୁନିଙ୍କୁ ଯୋଗାଯୋଗ କରାଯାଇଥିବା ବେଳେ କେଉଁ ପରିସ୍ଥିତିରେ ଛାତ୍ର ମାନେ ଏପରି କାର୍ଯ୍ୟରେ ନିୟାଜିତ ହୋଇଥିଲେ ତାର ତଦନ୍ତ କରାଯିବ ଏବଂ ଦୋଷୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି।

## ରାୟଗଡ଼ା ବ୍ଲକ୍‌ରେ ଷ୍ଟ୍ରବେରୀ ଚାଷ ଆରମ୍ଭ



ରାୟଗଡ଼ା, ୫।୧୨(ସମିସ): ରାୟଗଡା ଜିଲ୍ଲାର ସଦର ରାୟଗଡା ବ୍ଲକରେ ଷ୍ଟ୍ରବେରୀ ଚାଷ ଆରମ୍ଭ ହୋଇଛି। ରାୟଗଡା ବ୍ଲକ ଅନ୍ତର୍ଗତ ପିପଲଗୁଡା ଗ୍ରାମ ପଞ୍ଚାୟତର ଜାଙ୍ଗିଲି ଗ୍ରାମରେ ଏହି ଆରମ୍ଭ ହୋଇଛି । ଓଡିଶା ଜୀବିକା ମିଶନ ଓ ଉଦ୍ୟାନ ବିଭାଗର ମିଳିତ ପ୍ରୟାସରେ ଏହି ଚାଷ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ଏହା ଆରମ୍ଭ ହୋଇଛି। ଉନ୍ନତ ଜ୍ଞାନକୌଶଳ ଯଥା ବୁନ୍ଦା ଜଳସେଚନ, ମାଲଚିଂ ବ୍ୟବହାର କରି ପ୍ରାୟ ଏକ ଏକର ଜମିରେ ଏହି ଷ୍ଟ୍ରବେରି ଚାଷ ଆରମ୍ଭ କରାଯାଇଛି । ଜାଙ୍ଗିଲି ନିକଟରେ ଷ୍ଟ୍ରବେରି ଚାରାରୋପଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁଶ୍ରୀ ଟୁନି ହୁଇକା, ବ୍ଲକ ଉପାଧ୍ୟକ୍ଷ ହରପ୍ରସାଦ ହେପୃକା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିପଲଗୁଡା ସରପଞ୍ଚ ରେଣୁକା ମଣ୍ଡାଙ୍ଗୀ, ସମିତି ସଭ୍ୟ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ କାଳୁ ଚରଣ ନାୟକ, ଗ୍ରାମପଞ୍ଚାୟତ ଅଧିକାରୀ, ବ୍ଲକ ପ୍ରକଳ୍ପ ପରିଚାଳିକା, ସୁଶ୍ରୀ ଜସ୍ମିନ ମୁଟିକା ଓଡିଶା ଜୀବିକା ମିଶନ, ନୟାବ ସରପଞ୍ଚ, ଏଡ଼ିଇଓ ଏବଂ ସ୍ୱୟଂ ସହାୟକ ସଭ୍ୟା ପ୍ରମୁଖ ଯୋଗ ଦେଇଥିଲେ।

● ହିନ୍ଦୁ ଦେବତାଙ୍କ ବିରୋଧ ଅଶ୍ଳୀଳ ମନ୍ତବ୍ୟ

## ଦୁଇ ନାବାଳକଙ୍କ କ୍ଷମା ପ୍ରାର୍ଥନା

ରାୟଗଡା,୫।୧୨(ସମିସ): ରାୟଗଡ଼ା ସହର ଗାୟତ୍ରୀ ନଗର ସ୍ଥିତ ମହାକାଳେଶ୍ୱର ମହାଦେବଙ୍କୁ ଅଶ୍ଳୀଳ ଇଙ୍ଗିତ କରି ସୋସିଆଲ୍ ମିଡିଆରେ ଭାଇରଲ୍ କରିଥିବା ଦୁଇ ନାବାଳକ ବିରୁଦ୍ଧରେ ଚଳିତ ମାସ ୧ ତାରିଖରେ ରାୟଗଡା ଥାନାରେ ବଜରଙ୍ଗ ଦଳ ପକ୍ଷରୁ ଅଭିଯୋଗ କରାଯାଇଥିଲା। ଚନ୍ଦ୍ରପୁର ବ୍ଲକ୍ ଅନ୍ତର୍ଗତ ହନୁମନ୍ତପୁର ପଞ୍ଚାୟତର ସେହି ଦୁଇ ନାବାଳକ ତାଙ୍କ ପିତାଙ୍କ ସହ ମିଶି ଆଜି ଶ୍ରୀ ଶ୍ରୀ ମହାକାଳେଶ୍ୱର ମହାଦେବଙ୍କ ପୀଠକୁ ଆସି ନିଜର ଭୁଲ୍ ନିଜେ ବୁଝିପାରି କ୍ଷମା ପ୍ରାର୍ଥନା କରିଥିବା ଜଣାପଡ଼ିଛି। ଆଗାମୀ ଦିନରେ ସେମାନେ ହିନ୍ଦୁ ଧର୍ମ ବିରୋଧୀ କାର୍ଯ୍ୟ କରିବେ ନାହିଁ ବୋଲି କହିଛନ୍ତି। ଖବରରୁ ପ୍ରକାଶ କି ଏତଲା ଦିନ ପୋଲିସ ପକ୍ଷରୁ ଉଭୟଙ୍କୁ ଧରି ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଯାଇଥିଲା।

## ରାଜ୍ୟସ୍ତରୀୟ କ୍ରିକେଟ୍ ପାଇଁ ଡାବୁଗାଁର ୬ ଛାତ୍ରୀ ମନୋନୀତ



ଡାବୁଗାଁ, ୫।୧୨(ସମିସ): ଆସନ୍ତା ୬ ରୁ ୧୧ ତାରିଖ ମଧ୍ୟରେ ଜଗତ୍‌ସିଂହପୁର ଜିଲ୍ଲାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ୧୭ ବର୍ଷରୁ କମ୍ ବାଳିକା କ୍ରିକେଟ୍ ପ୍ରତିଯୋଗିତାରେ ନବରଙ୍ଗପୁର ଜିଲ୍ଲା କ୍ରିକେଟ ଟିମ୍‌ରେ ଡାବୁଗାଁ ସରକାରୀ (ଏସଏସଡି) ବାଳିକା ଉଚ୍ଚ ବିଦ୍ୟାଳୟରୁ ୬ ଛାତ୍ରୀ ମନୋନୀତ ହୋଇଛନ୍ତି। ଗତ ୩ ତାରିଖରେ ଜିଲାସ୍ତରୀୟ କ୍ରିକେଟ ପ୍ରତିଯୋଗିତା ପାପଡାହାଣ୍ଡି ସ୍ଥିତ ଲାଲବହାଦୂର୍ ହାଇସ୍କୁଲ ଠାରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଥର ଡିଉଜ୍ ବଲ୍ କ୍ରିକେଟ୍ ପ୍ରତିଯୋଗିତାରେ ଡାବୁଗାଁ ସରକାରୀ (ଏସଏସଡି) ବାଳିକା ଉଚ୍ଚ ବିଦ୍ୟାଳୟର ୭ ଜଣ ଛାତ୍ରୀ ଯୋଗ ଦେଇଥିଲେ। ତାଙ୍କ ମଧ୍ୟରୁ ୬ ଜଣ ରାଜ୍ୟସ୍ତରୀୟ ପାଇଁ ଚୟନ ହୋଇଛନ୍ତି। ଆସନ୍ତା ୬ ରୁ ୧୧ ତାରିଖ ମଧ୍ୟରେ ଜଗସିଂହପୁର ଜିଲାରେ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ବିଦ୍ୟାଳୟକୁ ନୂତନ ଭାବେ ଆସିଥିବା କ୍ରୀଡା ଶିକ୍ଷକ ମନୋଜ ବାଘ ଛାତ୍ରୀ ମାନଙ୍କୁ ଭଲ କୋଚିଂ ଦେଇଥିଲେ। ୬ ଛାତ୍ରୀ ହେଉଛନ୍ତି ଅଞ୍ଜନା ପୂଜାରୀ, ଗଙ୍ଗାବାଲି ମେହେରା, ଯଶୋଦା ମାଝୀ, ଗାୟତ୍ରୀ ଭତ୍ରା, ବନ୍ଦିତା ଭତ୍ରା ଓ ଉର୍ମିଳା ଭତ୍ରା। ସେହିପରି ରାଜ୍ୟସ୍ତରୀୟ ଫୁଟବଲରେ ମଧ୍ୟ ଜଣେ ଛାତ୍ରୀ ସୁନାମଣି ସାନ୍ତା ବର୍ତ୍ତମାନ କଳାହାଣ୍ଡି ଜିଲ୍ଲାକୁ ଖେଳିବା ପାଇଁ ଯାଇଛନ୍ତି। ପ୍ରଥମ କରି ଛାତ୍ରୀମାନେ ରାଜ୍ୟସ୍ତରୀୟ କ୍ରିକେଟ ଖେଳରେ ଭାଗ ନେଇଥିବାରୁ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀମାନେ ଛାତ୍ରୀ ମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ପିଲାମାନଙ୍କ ସଫଳତା କାମନା କରିଛନ୍ତି।

## ଜିଲ୍ଲାସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା



ନନ୍ଦପୁର,୫।୧୨ (ସମିସ): ଜିଲ୍ଲାସ୍ତରୀୟ ପରବ ମହୋତ୍ସବ ଆରମ୍ଭ ହୋଇ ଥିବା ବେଳେ ଗତ ସପ୍ତାହରେ ଆରମ୍ଭ ହୋଇଥିବା ଜିଲ୍ଲାସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ନନ୍ଦପୁର ଯୁବକ ଦ୍ୱିତୀୟ ସ୍ଥାନରେ ରହିଥିବା ନେଇ ଯୁବ ଗୋଷ୍ଠୀ ମଧ୍ୟରେ ଉତ୍ସାହ ଖେଳି ଯାଇଛି । ଏହି ଖୁସି ଖବର ନେଇ ନନ୍ଦପୁର ବ୍ୟାୟାମ ଶାଳରେ ଟେକ୍ ରଖିଥିବା ନେଇ ହର୍ଷ ଲକ୍ଷ୍ମଣ ବ୍ୟାୟାମ ଶାଳର ପ୍ରଶିକ୍ଷକ ଲାଲବହାଦୂର୍ ଗୁଣ୍ଟା ଖୁସି ବ୍ୟକ୍ତ କରିବା ସହ ଜିଲ୍ଲା ସ୍ତରୀୟ ଦ୍ୱିତୀୟ ସ୍ଥାନ ରହିଥିବା ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଚଣ୍ଡାଲ ପାଙ୍ଗିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏହି ଅବସରରେ ଯୁବ ଗୋଷ୍ଠୀଙ୍କୁ ନିୟମିତ ବ୍ୟାୟାମ କରି ନିଜ ଶରୀରକୁ ସୁସ୍ଥ ସୁନ୍ଦର ଗଢିବାକୁ ଆହ୍ୱାନ ଦେଇଛନ୍ତି ବ୍ୟାୟାମଶାଳ ପ୍ରଶିକ୍ଷକ ଲାଲ ବହାଦୂର୍ ଗୁଣ୍ଟା ।

**ନନ୍ଦପୁର ଯୁବକ ଦ୍ୱିତୀୟ**

## ମା' ଭୈରବୀ ଯୁଥ୍ ଭଲିବଲ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

କଲ୍ୟାଣସିଂହପୁର,୫।୧୨(ସମିସ):



କଲ୍ୟାଣସିଂହପୁର ପୁରୁଣା ବସ୍‌ଷ୍ଟାଣ୍ଡ ନିକଟସ୍ଥ ଭଲିବଲ ଖେଳପଡ଼ିଆ ଠାରେ ମା'ଭୈରବୀ ଯୁଥ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାୟଗଡା ଜିଲ୍ଲା ବିଜେପି ସଭାପତି ଗୋପୀ ଆନନ୍ଦ ଉପସ୍ଥିତ ରହିଥିବା ବେଳେ ସମ୍ମାନିତ ଅତିଥି ଭାବେ ମୁଖ୍ୟ ଆୟୋଜକ ସନ୍ଦୀପ ଗୁଡଲା, ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ ସେନାପତି, ବିଜେପି ମଣ୍ଡଳ ସଭାପତି ଅଜିତ ପାଣିଗ୍ରାହୀ, ବରିଷ୍ଠ ବିଜେପି କର୍ମୀ କୃଷ୍ଣ ସାମଲ, ବିଜେପି କର୍ମୀ ,ଜାଡି ଅନୀଲ କୁମାର ,ତରୁଣ ଗରଡ଼ିଆ ଓ ରାୟଗଡା ଜିଲ୍ଲା କଳା ସଂସ୍କୃତି ସଙ୍ଘ ଉପ ସଭାପତି ଉପସ୍ଥିତ ରହିଥିଲେ। ଆଜିର ଉଦ୍‌ଘାଟନୀ ଉତ୍ସବରେ କଲ୍ୟାଣସିଂହପୁରର ସାଗର ସିକ୍ସ ଟିମ ଓ ପଲମା ଟିମ ମଧ୍ୟରେ ଖେଳ ହୋଇଥିଲା। ଆଜିର ଏହି ଭଲିବଲ ଟୁର୍ନାମେଣ୍ଟ ଦେଖିବାକୁ ସ୍ଥାନୀୟ ଅଞ୍ଚଳର ଶହ ଶହ ଖେଳ ପ୍ରେମୀଙ୍କ ଭିଡ଼ ଜମିଥିଲା।

## ୭ରେ ବିଏସ୍‌ଏଫ୍‌ର ମାରାଥନ ଦୌଡ଼


ଜୟପୁର,୫ ।୧୨(ସମିସ): ଦେଶରେ ସୀମା ସୁରକ୍ଷା ବାହିନୀ ( ବିଏସଏଫ)ର ହୀରକ ଦିବସ ପାଳନ ଅବସରରେ ଆସନ୍ତା ୭ ତାରିଖ ରବିବାର ଦିନ ଜୟପୁର ଠାରେ ଏକ ମାରାଥନ ଆୟୋଜନ କରାଯିବ ବୋଲି କୋରାପୁଟ ରେଞ୍ଜର ବିଏସଏଫ୍ ଡିଆଇଜି ସତ୍ୟଭାନ କାଞ୍ଚି ସ୍ଥାନୀୟ ପୌରସଂସ୍ଥାର ସମ୍ମିଳନୀ କକ୍ଷ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସୂଚନା ଦେଇଛନ୍ତି। ଜୟପୁରସ୍ଥିତ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପଡିଆ ଠାରୁ ୩ଟି ବର୍ଗରେ ମାରାଥନ ଦୌଡ ଆୟୋଜନ କରାଯିବ। ଆସନ୍ତା ରବିବାର ସକାଳ ୬ଟା ସମୟରେ ବିଶ୍ୱବିଦ୍ୟାଳୟ ପଡିଆ ଠାରେ ମାରାଥନରେ ସାମିଲ ହେବାକୁ ଥିବା ଇଚ୍ଛୁକ ଖେଳାଳି ମାନେ ପଞ୍ଜିକରଣ କରିବେ ଏବଂ ୭ଟା ସମୟରେ ଗଣଦୌଡର ଶୁଭାରମ୍ଭ ହେବ। ବରିଷ୍ଠ ବିଭାଗରେ ୧୦ କିଲୋମିଟର ଏବଂ ସର୍ବାଧିକ ୧୪ ବର୍ଷରୁ ବାଳକ ବାଳିକା ଏବଂ ମହିଳା ମାନଙ୍କ ପାଇଁ ୫ କିଲୋମିଟିର ପୃଥକ ପୃଥକ ଭାବେ ଆୟୋଜନ କରାଯାଇଛି। ଏଥିରେ ୧୫୦୦ ଜଣ ପ୍ରତିଯୋଗୀଙ୍କ ଭାଗ ନେବା ନେଇ ବ୍ୟବସ୍ଥା କରାଯାଇଛି। ଏହି ୧୦ କିଲୋମିଟର ଦୌଡ ପ୍ରତିଯୋଗିତାରେ ବିଜୟ ଲାଭ କଲେ ପ୍ରଥମ ପୁରସ୍କାର ୧୫ ହଜାର, ଦ୍ୱିତୀୟ ପୁରସ୍କାର ୧୦ହଜାର ଓ ତୃତୀୟ ପୁରସ୍କାର ୫ହଜାର ଟଙ୍କା ରଖାଯାଇଛି। ୫ କିଲୋମିଟର ଦୌଡ଼ ପ୍ରତିଯୋଗିତାରେ ପ୍ରଥମ ପୁରସ୍କାର ୧୦ ହଜାର, ଦ୍ୱିତୀୟ ପୁରସ୍କାର ୮ ହଜାର ଓ ତୃତୀୟ ପୁରସ୍କାର ୫ ହଜାର ଟଙ୍କା ରଖାଯାଇଛି। ଏହି ଗଣଦୌଡକୁ ଜୟପୁର ମହାରାଜା ବିଶ୍ୱେଶ୍ୱର ଚନ୍ଦ୍ରଚୁଡଦେବଙ୍କ ସହ ସ୍ଥାନୀୟ ଲୋକେ ସହଯୋଗ କରିଛନ୍ତି। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ କୋରାପୁଟ ରେଞ୍ଜ ଡେପୁଟି କମାଣ୍ଡାଣ୍ଟ ଅମନ ଭଗତ ଏବଂ ୧୮୦ ବାଟାଲିୟନର ଡେପୁଟି କମାଣ୍ଡାଣ୍ଟ ପ୍ରଭାତ ଚତୁର୍ବେଦୀ ଉପସ୍ଥିତ ଥିଲେ।

କେବିକେ ଓ ଆଦିବାସୀ ଅଞ୍ଚଳରେ ନ୍ୟାୟ, ସ୍ୱୀକୃତି ଓ ବିକାଶ ଦାବି

# ସଂସଦରେ ୩ ବ୍ୟକ୍ତିଗତ ସଦସ୍ୟ ବିଲ୍ ଆଗତ କଲେ ସପ୍ତଗିରି

ରାୟଗଡ଼ା,୫।୧୨(ସମିସ) : କେନ୍ଦ୍ର ଗ୍ରାମୀଣ ବିକାଶ ଓ ପଞ୍ଚାୟତିରାଜ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ତଥା କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଶଙ୍କର ଉଲାକା, ଲୋକସଭାରେ ତିନୋଟି ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିଗତ ସଦସ୍ୟ ବିଲ୍ ଆଗତ କରିଛନ୍ତି। ଏହି ବିଲ୍ ମାଧ୍ୟମରେ କେବିକେ ଅଞ୍ଚଳର ପଛୁଆ ବର୍ଗର ଲୋକଙ୍କ ପାଇଁ ଦୀର୍ଘକାଳୀନ ନ୍ୟାୟିକ ବିକାଶକୁ ସୁନିଶ୍ଚିତ କରିବା, ଓଡ଼ିଶାରେ ଅନୁସୂଚିତ ଜନଜାତିର ମାନ୍ୟତାରେ ଦୀର୍ଘକାଳୀନ ବ୍ୟବଧାନକୁ ସଂଶୋଧନ କରିବା ଏବଂ ସଙ୍କଟାପନ୍ନ ଆଦିବାସୀ ଭାଷା ପାଇଁ ସାମ୍ବିଧାନିକ ସ୍ୱୀକୃତି ପାଇବାକୁ ପ୍ରସ୍ତାବ ରଖିଛନ୍ତି। ଓଡ଼ିଶା ରାଜ୍ୟର କେବିକେ କ୍ଷେତ୍ରକୁ ସ୍ୱତନ୍ତ୍ର ଆର୍ଥିକ ସହାୟତା ବିଲ୍, ୨୦୨୪ ଆଗତ କରାଯାଇଛି। ଯାହା କୋରାପୁଟ, ରାୟଗଡ଼ା, ମାଲକାନଗିରି, ନବରଙ୍ଗପୁର, ବଲାଙ୍ଗୀର, ସୁବର୍ଣ୍ଣପୁର, କଳାହାଣ୍ଡି ଏବଂ ନୂଆପଡ଼ା ଆଦି ଜିଲ୍ଲାଗୁଡ଼ିକରେ ଐତିହାସିକ ଭାବରେ ପଛୁଆ କେବିକେ (କୋରାପୁଟ-ବଲାଙ୍ଗୀର-କଳାହାଣ୍ଡି) ଅଞ୍ଚଳକୁ ସ୍ଥାୟୀ କେନ୍ଦ୍ରୀୟ ସହାୟତା ପାଇଁ ଏକ ସାମ୍ବିଧାନିକ ଢାଞ୍ଚା ପ୍ରଦାନ କରିବ। ଏହି ବିଲ ଜିଲ୍ଲାଗୁଡ଼ିକର ଲକ୍ଷ୍ୟଭିତ୍ତିକ ବିକାଶ ପାଇଁ ଭାରତର ସମନ୍ୱିତ ପାଣ୍ଠିରୁ ବାର୍ଷିକ ଆର୍ଥିକ ସହାୟତାକୁ ବାଧ୍ୟତାମୂଳକ କରିଛି। ଶ୍ରୀ ଉଲାକା ଆଲୋକପାତ କରିଥିଲେ ଯେ, ଦଶନ୍ଧି ଦଶନ୍ଧି ଧରି ଅନେକ କାର୍ଯ୍ୟକ୍ରମ ସତ୍ତ୍ୱେ କେବିକେ ଅଞ୍ଚଳ ଦୀର୍ଘକାଳୀନ ଦାରିଦ୍ର୍ୟ, ପ୍ରବାସ, ନିମ୍ନ ସାକ୍ଷରତା, ଦୁର୍ବଳ ସ୍ୱାସ୍ଥ୍ୟ ସେବା ଏବଂ ଅପର୍ଯ୍ୟାପ୍ତ ସଂଯୋଗୀକରଣର ସମ୍ମୁଖୀନ ହେଉଛି। ସମ୍ବିଧାନ (ଅନୁସୂଚିତ ଜନଜାତି) ଆଦେଶ (ସଂଶୋଧନ) ବିଲ୍, ୨୦୨୪ ମାଧ୍ୟମରେ ସମ୍ବିଧାନ (ଅନୁସୂଚିତ ଜନଜାତି ) ଆଦେଶ, ୧୯୫୦ରେ ସଂଶୋଧନ ପ୍ରସ୍ତାବ ରହିଛି, ଯାହା ଦ୍ୱାରା ଓଡ଼ିଶାରେ ଅନୁସୂଚିତ ଜନଜାତି ତାଲିକାରେ ଦୀର୍ଘଦିନର ଅବହେଳା ଓ ତ୍ରୁଟି ସଂଶୋଧନ, ଝୋଡ଼ିଆ / ଝୋଡ଼ିଆ ପରଜା ପରି ଯୋଗ୍ୟ ସମୁଦାୟଙ୍କୁ ନ୍ୟାୟସଙ୍ଗତ ସ୍ୱୀକୃତି, ଶିକ୍ଷା, ଚାକିରି, ଛାତ୍ରବୃତ୍ତି,ରାଜନୈତିକ ସଂରକ୍ଷଣ ଓ କଲ୍ୟାଣ ଯୋଜନାରେ ସାମ୍ବିଧାନିକ ଅଧିକାରର ପ୍ରବେଶ ପୁନଃସ୍ଥାପନ, ପ୍ରଶାସନିକ ତ୍ରୁଟି ଏବଂ ଜନଜାତି ତାଲିକାରେ ବିଳମ୍ବରେ ଅପଡେଟ୍ ହେବା ଯୋଗୁଁ ହଜାର ହଜାର ପରିବାର ଶିକ୍ଷା, ନିଯୁକ୍ତି ଏବଂ ରାଜନୈତିକ ସଂରକ୍ଷଣ ଅଧିକାରରୁ ବଞ୍ଚିତ ହୋଇ ଆସୁଛନ୍ତି। "ଜଣେ ଯୁବ ଆଦିବାସୀ ଛାତ୍ରଙ୍କ ପାଇଁ, ଜନଜାତି ତାଲିକାରେ ଉପଯୁକ୍ତ ଅନ୍ତର୍ଭୁକ୍ତି ସେମାନଙ୍କୁ ଛାତ୍ରବୃତ୍ତି, ଉଚ୍ଚଶିକ୍ଷା ପାଇଁ ମହାବିଦ୍ୟାଳୟରେ ସ୍ଥାନ କିମ୍ବା ଚାକିରି ମିଳିବ କି ନାହିଁ ତାହା ନିର୍ଣ୍ଣୟ କରିପାରିବ। ଏହି ବିଲ୍ ଐତିହାସିକ ଅନ୍ୟାୟକୁ ସଂଶୋଧନ କରିବାକୁ ଏବଂ ଓଡ଼ିଶାର କୌଣସି ଯୋଗ୍ୟ ସମ୍ପ୍ରଦାୟ ସାମ୍ବିଧାନିକ ସୁରକ୍ଷା ବଳୟ ବାହାରେ ନ ରହିବାକୁ ନିଶ୍ଚିତ କରିବାକୁ ଚେଷ୍ଟା କରିବ" ବୋଲି ଶ୍ରୀ ଉଲାକା କହିଛନ୍ତି। ସମ୍ବିଧାନ (ସଂଶୋଧନ) ବିଲ୍, ୨୦୨୫ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସୋରା (ସୌରା) ଏବଂ ହୋ ଭାଷାକୁ ଅନ୍ତର୍ଭୁକ୍ତ କରିବାକୁ ପ୍ରସ୍ତାବ ଦିଆଯାଇଛି। ଏହା ସୋରା ଭାଷାଭାଷୀ ଏବଂ ହୋ-ଭାଷୀ ଆଦିବାସୀ ସମ୍ପ୍ରଦାୟର ଭାଷାଗତ ଏବଂ ସାଂସ୍କୃତିକ ଐତିହ୍ୟକୁ ସ୍ୱୀକୃତି ପ୍ରଦାନ କରିବ। ବିସ୍ତୃତ, ଦ୍ୱିପାକ୍ଷିକ ସହଯୋଗ ପାଇଁ ଆହ୍ୱାନ କରି, ଶ୍ରୀ ଉଲାକା କେନ୍ଦ୍ର ସରକାର ଏବଂ ସମସ୍ତ ସଂସଦ ସଦସ୍ୟଙ୍କୁ ଏହି ବିଲ୍‌କୁ ଗଠନମୂଳକ, ନିରପେକ୍ଷ ଭାବରେ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ। ଦାୟିତ୍ୱସମ୍ପନ୍ନ ରୋଡମ୍ୟାପ୍ ପ୍ରସ୍ତୁତ କରିବା ପାଇଁ ସେ ଓଡ଼ିଶା ରାଜ୍ୟ ସରକାର ଏବଂ ସ୍ଥାନୀୟ ଅଂଶୀଦାରମାନଙ୍କ ସହିତ ମିଶି କାମ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି।

ଲେଲିହାନ ଶିଖା
ସେବା, ତ୍ୟାଗ, ମୂଲ୍ୟବୋଧ ରାଜନୀତିର ମୂର୍ତ୍ତିମନ୍ତ ପ୍ରତୀକ
ସ୍ୱର୍ଗତ ରବି ଲାବଣ୍ୟ
'ସକାଳ' ଖବର କାଗଜର ସ୍ୱନକ୍ଷତ୍ର ଦିବସ ଅବସରରେ ପ୍ରଚଣ୍ଡ ସ୍ୱାଭିମାନୀ, ନିର୍ଭିକ, ସ୍ପଷ୍ଟବାଦୀ, ଓଡିଆ ପ୍ରାଣ, ସମାଜବାଦୀ, ମହାନ ବିପ୍ଳବୀ ଜନନେତା ତଥା ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ଅମ୍ଳାନ ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ।
ନିବେଦକ
'ବନ୍ଦେ ଉତ୍କଳ ଜନନୀ'



### ଦନ୍ତାହାତୀଙ୍କ ଉତ୍ପାତ

# ଦୁଇ ଗାଁରେ ଘର ଓ ପାଣିଟାଙ୍କି ଭାଙ୍ଗିଲେ

କଲ୍ୟାଣସିଂହପୁର,୫।୧୨(ସମିସ):

ଦିନକୁ ଦିନ ହାତୀଙ୍କ ଉତ୍ପାତରେ ନିୟମଗିରିବାସୀ ଭୟଭୀତ ହୋଇ ଘରୁ ବାହାରୁନାହାନ୍ତି। କଳାହାଣ୍ଡିଆ ୧୮ ଥାକିଆ ହାତୀପଲ ଦୀର୍ଘ ତିନିବର୍ଷ ହେବ ନିୟମଗିରି ପାହାଡ଼ ଅଞ୍ଚଳର ମୁନିଗୁଡା, ବିଷମକଟକ, ଲାଞ୍ଜିଗଡ, ଥୁଆମୂଳ ରାମପୁର, କଲ୍ୟାଣସିଂହପୁର ବ୍ଲକରେ ଖାଦ୍ୟ ଅନ୍ୱେଷଣରେ ଆସିଥିଲେ। କିନ୍ତୁ ଜଙ୍ଗଲ ନଷ୍ଟ ପାଇଁ ଖାଦ୍ୟ ମିଳୁନଥିବାରୁ ଚାଷବାସ ଓ ମଣିଷକୁ ମାରିବାକୁ ପଛଉ ନାହାନ୍ତି ହାତୀମାନେ। ହାତୀ ଗୋଠ ଖଣ୍ଡିଆ ହୋଇ ଯିବାରୁ ଗାଁ ଗାଁରେ ପଶି କୋଠି ଚାଉଳ ମାଣ୍ଡିଆ କାନ୍ଦୁଲ ଓ ଟଙ୍କା ମଧ ଖାଇ ଯାଉଛନ୍ତି। ଗତ ଏକ ମାସ ପୂର୍ବେ ତ୍ରିଲୋଚନପୁର ପଞ୍ଚାୟତର କୁନାକାଡୁ ଠାରେ ଶିଶୁକୁ କଚାଡି ମାରି ଜୀବନ ନେଇଯାଇଥିବା ବେଳେ ବଡ଼ ଭାଇକୁ ଶୁଣ୍ଢରେ ମାରି ଆହତ କରିଦେଇଥିଲା। ଦୁଇଦିନ ପୂର୍ବେ କଲ୍ୟାଣସିଂହପୁର ବ୍ଲକ ପାର୍ଶାଲି ପଞ୍ଚାୟତର ବୁଡୁଣୀ ଗ୍ରାମର ଦଙ୍ଗରିଆ ବାଲା ଶିକକାକୁ କଚାଡି ମାରିବାରୁ ବ୍ରହ୍ମପୁର ମେଡିକାଲରେ ଜୀବନ ମରଣ ସହ ସଂଘର୍ଷ କରିଛି। ବର୍ତ୍ତମାନ ହାତୀ ଗୋଠରୁ ଦୁଇଟି ହାତୀ ଗୋଠ ଖଣ୍ଡିଆ ହୋଇଯାଇ ବିଭନ୍ନ ଗ୍ରାମରେ ପସି ତାଣ୍ଡବ ରଚୁଥିବା ବେଳେ ଘରୁ ବାହାରକୁ ଲୋକେ ବାହାରିବା ପାଇଁ ଭୟ କରୁଛନ୍ତି। ଗତକାଲି ୧୧ଟାରେ ଖୁରସୁମୁହିଁ ଓ ପଟାଙ୍ଗ ପଦର ଗ୍ରାମରେ ଭିନ୍ନ ଭିନ୍ନ ହାତୀ ପସି ଗ୍ରାମରେ ଥିବା ଚାଳକୁଡ଼ିଆ ବାହାରେ ଥିବା ହାଣ୍ଡିକୁଣ୍ଡି ଚାଳିଆ ଭାଙ୍ଗିରୁଜି ଦେଇଥିଲେ। ଦୀର୍ଘ ଦୁଇ ଘଣ୍ଟା ସାହିରେ ରହି ଭୟଙ୍କର ଶବ୍ଦ କରିଥିଲେ। ଭୟରେ ଘରୁ ପଦାକୁ ବାହାରିବା ପାଇଁ ସାହସ ଜୁଟାଇ ପାରିଲେନାହିଁ ପଟାଙ୍ଗ ପଦର ଓ ଖୁର୍ସୁମୁହିଁ ଗ୍ରାମବାସୀ ମାନେ। ଗ୍ରାମରେ କୁକୁରମାନେ ଭୁକିବାରୁ ପରେ ଚାଲିଗଲେ ପାହାଡ଼ ଭିତରକୁ। ଏମିତି ନିତି ଦିନିଆ ହାତୀଙ୍କ ଉତ୍ପାତ ଯୋଗୁ ନିୟମଗିରିବାସୀ ଅତିଷ୍ଠ ହୋଇ ପଡ଼ିଥିବା ଅଭିଯୋଗ କରିଛନ୍ତି। ବନ ବିଭାଗ କେବଳ ସଚେତନା ସୃଷ୍ଟି କରି କେବଳ ଗତିପଥ ଦେଖୁଛି। ଏମିତି ହାତୀ ଓ ମଣିଷ ମଧ୍ୟରେ ସଂଘର୍ଷ ଚାଲିଲେ, ବନ ବିଭଗ ଦାୟୀ ରହିବ ବୋଲି ନିୟମଗିରି ଡଙ୍ଗରିଆ ମାନେ ଅଭିଯୋଗ କରିଛନ୍ତି। ଜିଲ୍ଲା ବନଖଣ୍ଡ ଅଧିକାରୀ ଉଚିତ ପଦକ୍ଷେପ ନେବାକୁ ଦାବି ହେଉଛି।

# 'ଚଇତି' ଅବସରରେ ସାହିତ୍ୟ ମହାକୁମ୍ଭ




ରାମନାଗୁଡ଼ା,୫।୧୨(ସମିସ): ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ବ୍ଲକ ସଦର ମହକୁମା କଲ୍ୟାଣ ମଣ୍ଡପରେ ଯୁବ ପୀଢ଼ି ଙ୍କ ସାହିତ୍ୟ ରୁଚି ବଢେଇବା ତଥା ଉପାନ୍ତ ଅଞ୍ଚଳରେ ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷା ନିମନ୍ତେ ଚଇତି ସାହିତ୍ୟ ମହାକୁମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳଙ୍କ ସଭାପତିତ୍ୱରେ ସ୍ଥାନୀୟ କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ବିଶିଷ୍ଟ ସାହିତ୍ୟିକ ତଥା ପଞ୍ଚବଟୀ ପତ୍ରିକା ସମ୍ପାଦକ ସୁଶାନ୍ତ ନାୟକ, ମୁଖ୍ୟବକ୍ତା ରୂପେ ସାହିତ୍ୟିକ ରାଜୀବ କୁମାର ଷଡ଼ଙ୍ଗୀ, ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ସମାଜସେବୀ ଅକ୍ଷୟ କୁମାର ଦାସ,ସାହିତ୍ୟିକ ପ୍ରତାପ ରାୟ ପଞ୍ଚାୟତ ସମିତି ଅଧକ୍ଷ ରବି ଶଙ୍କର ଗମାଙ୍ଗ,ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଜନ ମଲ୍ଲିକ ମଞ୍ଚାସୀନ ଥିଲେ। ଦ୍ୱିତୀୟ ଅଧିବେଶନରେ ବକ୍ତା ରୂପେ ବଂଶୀଧର ସେଠୀ, ଅବସରପ୍ରାପ୍ତ ଅଧ୍ୟାପକ ସୀମାଞ୍ଚଳ କର, ସରକାରୀ ସ୍ନାତକ ମହାବିଦ୍ୟାଳୟ ଅଧକ୍ଷ କୈଳାସ ମଲ୍ଲିକ ଯୋଗଦେଇ ଭଞ୍ଜ ସାହିତ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଶିଷ୍ଟ ସାହିତ୍ୟିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମର ତୃତୀୟ ଅଧିବେଶନରେ କବିତା ଆସର ଆୟୋଜିତ ହୋଇଥିଲା ଏଥିରେ ୧୦୦ ଜଣ କବି କବିୟତ୍ରୀ ବିଭିନ୍ନ ବିଦ୍ୟାଳୟ ରୁ ଆସିଥିବା ଛାତ୍ରଛାତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଶ୍ୱନୀ ତ୍ରିପାଠୀ, ରମେଶ ମିଶ୍ର, ଗାୟତ୍ରୀ ମିଶ୍ର ଓ ଅକ୍ଷୟ କୁମାର ପଣ୍ଡା ସହଯୋଗ କରିଥିଲେ। ଶେଷରେ ଦୁର୍ଗା ପ୍ରସାଦ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସଡ଼କ ଦୁର୍ଘଟଣାରେ ଶିକ୍ଷକଙ୍କ ମୃତ୍ୟୁ



କୋରୁକୋଣ୍ଡା,୫।୧୨(ସମିସ): ମାଲକାନଗିରି ଜିଲ୍ଲା ବାଲିମେଳା ସହରରୁ ଚିତ୍ରକୋଣ୍ଡା ଯିବା ରାସ୍ତା ଟନେଲ୍ କ୍ୟାମ୍ପ ନିକଟରେ ଘଟିଥିଲା ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଏଥିରେ ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଛି। ମିଳିଥିବା ସୂଚନାନୁଯାୟୀ, କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ସୋମନାଥପୁର ସାଧନ କେନ୍ଦ୍ର ସଂଯୋଜକ ତଥା ଡାଇକ-୩ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ଯଚିନ୍ଦ୍ର କୁମାର ସ୍ୱାଇଁ ଚିତ୍ରକୋଣ୍ଡା ଶିକ୍ଷକ ତାଲିମ କେନ୍ଦ୍ରରୁ କିଛି କାର୍ଯ୍ୟ ଶେଷ କରି ଫେରୁଥିବା ବେଳେ ଘଟିଥିଲା ଏଭଳି ମର୍ମନ୍ତୁଦ ଦୁର୍ଘଟଣା। ଯେହେତୁ ଶୁକ୍ରବାର ଦିନ ଭୁବନେଶ୍ୱର ଠାରେ ରାଜ୍ୟ ଶିକ୍ଷକ ମହାସଂଘର ଏକ ବିଶାଳ ଆନ୍ଦୋଳନ ରହିଥିଲା। ସେଥିରେ ଯୋଗ ଦେବା ପାଇଁ ଶିକ୍ଷକ ଯଚିନ୍ଦ୍ର କୁମାର ସ୍ୱାଇଁ ଉପରିସ୍ଥ ଅଧିକାରୀଙ୍କ ଠାରୁ ଅନୁମତି ନେଇ ତରଭରିଆ ଭାବେ ବାଲିମେଳା ଫେରୁଥିବା ବେଳେ ଟନେଲ୍ କ୍ୟାମ୍ପ ଠାରେ କୌଣସି ଏକ ଅଜଣା ପିକ୍ଅପ ଗାଡ଼ି ତାଙ୍କୁ ଧକ୍କା ଦେଇଥିବା ସ୍ଥାନୀୟ ବାସିନ୍ଦା କହୁଛନ୍ତି। ଦୁର୍ଘଟଣା ପରେ କିଛି ବାଟୋଇ ତାଙ୍କୁ ତୁରନ୍ତ ଚିତ୍ରକୋଣ୍ଡା ମେଡିକାଲରେ ଭର୍ତ୍ତି କରିଥିଲେ। ତାଙ୍କର ଅବସ୍ଥା ଅଧିକ ସଙ୍କଟାପନ୍ନ ଥିବାରୁ ତାଙ୍କୁ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ଯାଞ୍ଚ କରିବା ବେଳେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବା ଜାଣି ଭୁବନେଶ୍ୱରକୁ ନେଇ ଯିବାକୁ ମାଲକାନଗିରି ମେଡିକାଲର ଡାକ୍ତର କହିଥିଲେ। ବାଟରେ ଯିବା ସମୟରେ ତାଙ୍କୁ ନିଶ୍ୱାସ ନେବାରେ ଅସୁବିଧା ହେବାରୁ କୋରାପୁଟ ମେଡିକାଲରେ ଦେଖାଇବା ପରେ ସଙ୍ଗେ ସଙ୍ଗେ ଭୁବନେଶ୍ୱର ଅଭିମୁଖେ ବାହାରିଥିଲେ। କିନ୍ତୁ ସ୍ଥିତି ଅଣାୟତ୍ତ ହେବାରୁ ଗତକାଲି ରାତିରେ ବ୍ରହ୍ମପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ବ୍ରହ୍ମପୁର ମେଡିକାଲର ଆଇସିୟୁରେ ଶୁକ୍ରବାର ପୂର୍ବାହ୍ନ ୧୧ଟା ସମୟରେ ତାଙ୍କର ପରଲୋକ ଘଟିଛି। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ଦ୍ୱାରା ମାଲକାନଗିରି ଜିଲ୍ଲାରେ ବ୍ୟାସକବି ସାହିତ୍ୟ ସଂସଦ ପ୍ରତିଷ୍ଠା କରାଯାଇଥିଲା। ଦୁର୍ଘଟଣା ସମ୍ବନ୍ଧରେ ଜାଣିବା ପରେ ଜଣେ ସ୍ୱେଚ୍ଛାସେବୀ ମଦନ ଖୋସଲା ଏନେଇ ଚିତ୍ରକୋଣ୍ଡା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଚିତ୍ରକୋଣ୍ଡା ଥାନାଧିକାରୀ ଜୟ ନାରାୟଣ ଖଣ୍ଡାଇଙ୍କୁ ପଚାରିବାରୁ ଅଭିଯୋଗକୁ ଆଧାର କରି ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ବିଶ୍ୱ ଏଡ୍ସ ଦିବସ ପାଳିତ

ଲକ୍ଷ୍ମୀପୁର,୫।୧୨(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଆନୁକୁଲ୍ୟରେ ବିଶ୍ୱ ଏଡସ୍ ଦିବସ ଉଦ୍ଦେଶ୍ୟରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଯୁକ୍ତ ତିନି ଓ ଯୁକ୍ତ ଦୁଇ ବିଭାଗରେ ପୃଥକ ପୃଥକ ଭାବେ ଆୟୋଜନ କରାଯାଇଥିଲା। ଯୁକ୍ତ ତିନି ଅଧକ୍ଷ ବିଜୁ ମୁଦୁଲି ଓ ଯୁକ୍ତ ଦୁଇ ଅଧକ୍ଷ ଗିରିଜା ଚୌଧୁରୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ଶ୍ରୀ ମୁଦୁଲି ଛାତ୍ର ଛାତ୍ରୀମାନଙ୍କୁ ଏଡସ୍ ରୋଗ ବିଷୟରେ ସମ୍ପୂର୍ଣ୍ଣ ଭାବେ ବୁଝାଇଥିଲେ। ରାଜନୀତି ବିଭାଗର ଅଧ୍ୟାପିକା ମହିମାରାଣି ରାଜୁ ଓ ଇତିହାସ ବିଭାଗର ଅଧ୍ୟାପିକା ସଙ୍ଗୀତା ନାଗ ଏବଂ ଅର୍ଥନୀତି ବିଭାଗର ଅଧ୍ୟାପକ ରମାକାନ୍ତ ଖରା ଏଚଆଇଭି ଏଡସ୍ କାହିଁକି ଓ କିପରି ହୋଇଥାଏ ଏବଂ ଏହାର ପ୍ରଭାବ କଣ ସେ ନେଇ ଆଲୋକପାତ କରିଥିଲେ। ଏଥିରେ ମହାବିଦ୍ୟାୟର ଅଧ୍ୟାପିକା ଜେକେ ପଟ୍ଟନାୟକ, ଅଙ୍କିତା ୱାଡେକା, ଅଧ୍ୟାପକ ବବଲୁ ବେନ୍ୟା, ଆମ୍ବ୍ରି ହିକକା, ଏଙ୍କେଶ ଖରା, କୃଷ୍ଣଚନ୍ଦ୍ର ବିଶୋଇ, ଏକାଦଶ ଟାକ୍ରୀ, ହରିଶ୍ ଚନ୍ଦ୍ର ବିଶୋଇ, ଭଜରାଜ୍ ବିଶୋଇ, ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀ ମାନେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ଦୁର୍ଯ୍ୟୋଧନ ସାହୁ ପରିଚାଳନା କରିଥିଲେ।

**● ସ୍ମାର୍ଟଇଣ୍ଡିଆ ହ୍ୟାକାଥନ୍-୨୦୨୫ ଗ୍ରାଣ୍ଡ ଫିନାଲେ**

# ଜିଆଇଇଟି ବିଶ୍ୱବିଦ୍ୟାଳୟ ନୋଡାଲ୍ ସେଣ୍ଟର ମନୋନୀତ




ଗୁଣପୁର,୫।୧୨(ସମିସ): ସ୍ଥାନୀୟ ଜିଆଇଇଟି ବିଶ୍ୱବିଦ୍ୟାଳୟକୁ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟର ଇନୋଭେସନ୍ ସେଲ୍, ଏଆଇସିଟିଇ, ନୂଆଦିଲ୍ଲୀ , ଓଡ଼ିଶା ସରକାର ଏବଂ ଖଣିଜ ମନ୍ତ୍ରଣାଳୟଙ୍କ ମିଳିତରେ ସ୍ମାର୍ଟ ଇଣ୍ଡିଆ ହ୍ୟାକଥନ୍-୨୦୨୫ ଗ୍ରାଣ୍ଡ ଫିନାଲେ (ହାର୍ଡୱେର ଏଡିସନ) ନିମନ୍ତେ ନୋଡାଲ ସେଣ୍ଟର ମନୋନୀତ କରାଯାଇଛି। ଏହି ଅବସରରେ ବିଶ୍ୱବିଦ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ କୁଳପତି ଡ. ଏଭିଏନ୍ ଏଲ ଶର୍ମା ସୂଚନା ଦେଇଛନ୍ତି। ଏହି ହ୍ୟାକାଥନର ଗ୍ରାଣ୍ଡ ଫିନାଲି (ହାର୍ଡୱେର ଏଡିସନ) ଦେଶର ବିଭିନ୍ନ ପ୍ରଦେଶ ଯଥା ଓଡ଼ିଶା, ଉତ୍ତର ପ୍ରଦେଶ, ମହାରାଷ୍ଟ୍ର, ତାମିଲନାଡୁ, ଆନ୍ଧ୍ର ପ୍ରଦେଶ, ତେଲେଙ୍ଗାନା ଏବଂ ହରିୟାଣା ପ୍ରମୁଖ ସ୍ଥାନରୁ ୨୦ ଗୋଟି ଦଳ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଗୋଟିଏ ଦଳରେ ୬ଜଣ ପ୍ରତିଯୋଗୀ ରହିଥିବା ବେଳେ ୨ ଜଣ ମେଣ୍ଟର ଭାବେ ଯୋଗ ଦେବେ। ଏହି ଦଳମାନେ ନୂତନ ଚିନ୍ତାଧାରା ସହ ସମାଜରେ ଉପୁଜିଥିବା ବିଭିନ୍ନ ସମସ୍ୟା ସମାଧାନର ଉପାୟ ବାହାର କରିବେ। ଆସନ୍ତା ୮ ଡିସେମ୍ବର ଏହି ଗ୍ରାଣ୍ଡ ଫିନାଲେ (ହାର୍ଡୱେର ଏଡିସନ)ର ଶୁଭ ଉଦଘାଟନ ହେବ ଏବଂ ଏହା ୧୨ ଡିସେମ୍ବର ପର୍ଯ୍ୟନ୍ତ ଚାଲୁରହିବ। ଏହି ସମ୍ମିଳନୀରେ ପରୀକ୍ଷା ନିୟନ୍ତ୍ରକ ଡ ପି ବିଜୟ କୁମାର ଯୋଗ ଦେଇ ସ୍ମାର୍ଟ ଇଣ୍ଡିଆ ହ୍ୟାକଥନ୍ ବିଷୟରେ କହିଥିଲେ।ଏହି କାଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର ଏସ୍‌ପିଓପି ଡ. ରାଘବେନ୍ଦ୍ର କୁମାର ପରିଚାଳନା କରିଥିଲେ।

# ମାନସିକ ସ୍ୱାସ୍ଥ୍ୟ, ସୁସ୍ଥତା ସଚେତନତା ପାଠଚକ୍ର



ରାୟଗଡା,୫।୧୨(ସମିସ): ସୁସ୍ଥତା କହିଲେ କେବଳ ଶାରୀରିକ ନୁହେଁ, ବରଂ ମାନସିକ ସୁସ୍ଥତାକୁ ବୁଝାଏ। ବ୍ୟସ୍ତବହୁଳ ଜୀବନରେ ମନୁଷ୍ୟ ସର୍ବଦା ଶାନ୍ତି ଖୋଜିଥାଏ। ତା'ର ଆଶା ଆକାଂକ୍ଷା ପୂରଣ ନ ହେଲେ ତା' ମନରେ ଦେଖାଦିଏ ମାନସିକ ଅଶାନ୍ତି। ଏସବୁର ସମାଧାନ ପାଇଁ ସଚେତନତା ହିଁ ଏକ ମାତ୍ର ବିକଳ୍ପ ବୋଲି ମତ ପ୍ରକାଶ ପାଇଛି ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ରାୟଗଡ଼ାରେ ଅନୁଷ୍ଠିତ ପାଠଚକ୍ରରେ। ମାନସିକ ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ସଚେତନତା ଶୀର୍ଷକ ପାଠଚକ୍ରରେ ଅଧକ୍ଷା ଡକ୍ଟର ଶ୍ୟାମା ମହାପାତ୍ର ସଭାପତିତ୍ୱ କରିଥିଲେ। ଉକ୍ତ ପାଠଚକ୍ରରେ ମୁଖ୍ୟବକ୍ତା ତଥା ବିଷୟ ବିଶେଷଜ୍ଞ ଭାବେ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ରାକେଶ ରଞ୍ଜନ ପାଢ଼ୀ ଏବଂ ସହଯୋଗୀ ବକ୍ତା ଭାବେ ପୂର୍ଣ୍ଣଚନ୍ଦ୍ର କାଦାମ୍ବାଲୁ ଯୋଗଦେଇଥିଲେ। ବରେଣ୍ୟ ଅତିଥି ଭାବେ ରାଜନୀତି ବିଜ୍ଞାନ ବିଭାଗର ବିଭାଗମୁଖ୍ୟ ଡକ୍ଟର ସଂଯୁକ୍ତା ମାଝୀ ଯୋଗ ଦେଇଥିଲେ । ଉଦ୍ଭିଦ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡକ୍ଟର ଲଳିତ ମୋହନ ବେହେରା ପାଠଚକ୍ରକୁ ପରିଚାଳନା କରିଥିବାବେଳେ ଅଧ୍ୟାପକ ଡକ୍ଟର ସୁରେଶ କୁମାର ମାଝୀ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି ପାଠଚକ୍ରରେ ବିଭିନ୍ନ ବିଭାଗର ଛାତ୍ରଛାତ୍ରୀଙ୍କ ସମେତ ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ

ନବରଙ୍ଗପୁର,୫।୧୨(ସମିସ): ନବରଙ୍ଗପୁର ମିଶନ ଶକ୍ତି ସମ୍ମିଳନୀ ଗୃହରେ ଜିଲ୍ଲା ସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ଆୟୋଜିତ ହୋଇଯାଇଛି। ଜିଲ୍ଲା କୃଷି ବିଭାଗ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁଧୀରଞ୍ଜନ ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲ୍ଲାର ୫୦ ଜଣ ଚାଷୀ ଯୋଗଦାନ କରିଥିଲେ। ଜିଲ୍ଲାରେ ୨୦୨୫-୨୬ ପାଇଁ ୧୩୦୦୦ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ ଏ ପର୍ଯ୍ୟନ୍ତ ୬୧୯୯ ଜଣ କୃଷକ ମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯାଇଛି। ଆଜିର ଏହି କାର୍ଯ୍ୟକ୍ରମ ପାଳନ ଅବସରରେ ୫ ଜଣ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗୀୟ ଅଧିକାରୀ,ବ୍ଲକ୍ ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଶେଷରେ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ବେହେରା ଧନ୍ୟବାଦ ଜ୍ଞାପନ କରିଥିଲେ।

# ଯୌତୁକ ନିଷେଧ ଅଧିନିୟମ ତାଲିମ ଶିବିର




ନବରଙ୍ଗପୁର,୫।୧୨(ସମିସ):

ଜିଲ୍ଲା ସମାଜ କଲ୍ୟାଣ ବିଭାଗ ନବରଙ୍ଗପୁର ପକ୍ଷରୁ ଅଶୋକ ମେହେଟା ସମ୍ମିଳନୀ ଗୃହରେ ଯୌତୁକ ନିଷେଧ ଅଧିନିୟମ ୧୯୬୧ ସମ୍ବନ୍ଧୀୟ ଏକ ତାଲିମ ଶିବିର ଆୟୋଜିତ ହୋଇଯାଇଛି। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କହଁର ଉକ୍ତ ତାଲିମ ଶିବିରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରି ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର ଯୌତୁକ ନିଷେଧ ଅଧିକାରୀ ଯୌତୁକ ନିର୍ଯାତନାରେ ଆସୁଥିବା ଅଭିଯୋଗ ଗୁଡ଼ିକ ସମାଧାନ ଓ ନିରାକରଣ କିପରି ହେବ ତା ଉପରେ ମତ ରଖିଥିଲେ। ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ସମାଜରେ ଯୌତୁକ ପ୍ରଥା ଏବଂ ଏହା ସହିତ ଜଡ଼ିତ ଅପରାଧ, ନିର୍ଯାତନା ଏକ ସାମାଜିକ ବ୍ୟାଧି ଓ ଦଣ୍ଡନୀୟ ଅପରାଧ, ଯୌତୁକ ନେବା ଓ ଦେବା ଏକ ଅପରାଧ ଏବଂ ଏହାର ମୂଳୋତ୍ପାଟନ ନିମନ୍ତେ ସମସ୍ତଙ୍କ ଗୁରୁ ଦାୟିତ୍ୱ ରହିଛି ବୋଲି କହିଥିଲେ। ଜିଲ୍ଲାପାଳ ଯୌତୁକ ପାଇଁ ଘଟୁଥିବା ଅପରାଧ ଓ ସାମାଜିକ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ପାଇଁ ଆହ୍ୱାନ ଦେଇଥିଲେ । ଏସ୍‌ଡିପିଓ ସରୋଜ ପୁନମ୍ କିଷ୍ପଟା ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପ୍ରତିନିଧି ଭାବେ ଓକିଲ ରାକ୍ଷୀ ଜୈନ ସାଧନ କର୍ମୀ ଭାବରେ ଉପସ୍ଥିତ ଥିଲେ। ଏହି ତାଲିମ ଶିବିରରେ ଏଡିପିଏଚଓ ଡାକ୍ତର ମଳୟ କୁମାର ତ୍ରିପାଠୀ, ଡିଇଓ ଛତ୍ରପତି ସାହୁ, ଡିଆଇପିଆର୍ ଓ ମନୋଜ ବେହେରା, ଶିଶୁ ସୁରକ୍ଷା ଅଧିକାରୀ ରାକେଶ ପଟ୍ଟନାୟକ, ଏଡଡବ୍ଲୁଓ ଭାରତ ଚନ୍ଦ୍ର ସାହୁ, ଧାର୍ମିକ ଅନୁଷ୍ଠାନ ସୁନୀ ଅଞ୍ଜୁମନ୍ କମିଟିର ସଦସ୍ୟ , ରେଭ ଡ ବିସପ ନାଗ, ୱାନ ଷ୍ଟପ ସେଣ୍ଟରର କର୍ମକର୍ତ୍ତା, ନବରଙ୍ଗପୁର ମହାବିଦ୍ୟାଳୟ ଉପାଧ୍ୟକ୍ଷ ସଙ୍ଗୀତା ତ୍ରିପାଠୀ, ଛାତ୍ରୀ, ଶୋଭା ଏନ୍‌ଜିଓର ଜିଲ୍ଲା ପ୍ରତିନିଧି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପ୍ରୋଗ୍ରାମ ଅଧିକାରୀ ରୋମା ପଟ୍ଟନାୟକ ତାଲିମ ଶିବିରକୁ ସମ୍ପାଦନ କରିବା ସହିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଓଭରବ୍ରିଜରେ ଲାଗିଲା ସାଇନ୍ ବୋର୍ଡ

ଜୟପୁର, ୫।୧୨(ସମିସ) : କୋରାପୁଟ ଜିଲ୍ଲା ଜୟପୁର ସହରକୁ ପୌରସଂସ୍ଥା ପକ୍ଷରୁ ସୌନ୍ଦର୍ଯ୍ୟକରଣ ପାଇଁ ବିଭିନ୍ନ ସ୍ଥାନରେ ଓଡିଆ ଓ ଇଂରାଜୀ ଭାଷାରେ ସୁସଜ୍ଜିତ ସାଇନବୋର୍ଡ ଲାଗିବା ନେଇ ପୌରସଂସ୍ଥା ପକ୍ଷରୁ ଟେଣ୍ଡର ମାଧ୍ୟମରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଜୟପୁର ସହରର ବିକ୍ରମଦେବ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଜାତୀୟ ରାଜପଥ ଉପରେ ବିଶ୍ୱବିଦ୍ୟାଳୟର ଦୁଇଟି ଭବନକୁ ସଂଯୋଗ କରୁଥିବା ଫୁଟପାଥ ଓଭର ବ୍ରିଜ୍‌ର ଉଭୟ ପାଶ୍ୱର୍ରେ ଓଡିଆ ଭାଷାରେ "ଜୟପୁର-ବିଜୟର ସହର' ଓ ଇଂରାଜୀ ଭାଷାରେ "ଜୟପୁର- ଦ' ସିଟି ଅଫ ଭିକ୍ଟରି' ଲେଖା ସାଇନବୋର୍ଡ ଆଜି ଲଗାଯାଇଛି। ରାତିରେ ଏହା ସୁନ୍ଦର ରଙ୍ଗୀନ ଲାଇଟ ଦ୍ୱାରା ଦୃଶ୍ୟମାନ ହେବ। ପ୍ରାୟ ସାଢେ ୨ ଲକ୍ଷ ଟଙ୍କାର ଟେଣ୍ଡର ମାଧ୍ୟମରେ ଏହା ଠିକାସଂସ୍ଥା ଦ୍ୱାରା ନିର୍ମାଣ କରାଯାଇଥିବା ବେଳେ ସହରର ମୁଖ୍ୟ ତଥା କୁମାର ବିଦ୍ୟାଧର ସିଂ ଦେଓ ଦୈନିକ ବଜାରରେ ପୂର୍ବପଟେ ରହିଥିବା ଦୁଇଟି, ଉତ୍ତର ଏବଂ ପଶ୍ଚିମରେ ଗୋଟିଏ ଲେଖାଏଁ ପାଇଁ ୨ ଲକ୍ଷ ଟଙ୍କାର ଏବଂ ଦକ୍ଷିଣ ଦିଗରେ ରହିଥିବା ମୁଖ୍ୟ ଫାଟକ ନିମନ୍ତେ ୫ ଲକ୍ଷ ଟଙ୍କାର ସୌନ୍ଦର୍ଯ୍ୟ କରଣ କରାଯିବ। ଏଥିନେଇ ଗାଈ ପ୍ରବେଶ ନ କରିବା ଫାଟକ ଏବଂ ସାଇନବୋର୍ଡ ଏବଂ ଅନ୍ୟାନ୍ୟ ପ୍ରବେଶ ପଥର ସୌନ୍ଦର୍ଯ୍ୟକରଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଟେଣ୍ଡର ଶେଷ ହୋଇଯାଇଛି। ଅତିଶିଘ୍ର ଏହାର କାର୍ଯ୍ୟ ଆରମ୍ଭ ହେବ ବୋଲି ପୌର ଯନ୍ତ୍ରୀ ଅଜୟ କୁମାର ଜାନୀ ପ୍ରକାଶ କରିଛନ୍ତି।

**● ନିର୍ବାଚନ ମଣ୍ଡଳିରେ ରୁଗ୍ଣ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା**

# ବିଧାନସଭାରେ ପ୍ରଶ୍ନ କଲେ ବିଷମ କଟକ ବିଧାୟକ

ବିଷମକଟକ,୫।୧୨ (ସମିସ):



ରାୟଗଡା ଜିଲ୍ଲା ବିଷମକଟକ ନିର୍ବାଚନ ମଣ୍ଡଳୀର ବିଧାୟକ ନିଳମାଧବ ହିକକା ଗତ ବର୍ଷ ଶୀତ ଅଧିବେଶରେ ବିଷମକଟକ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ, ସ୍ୱାସ୍ଥ୍ୟ କର୍ମୀଙ୍କ ଅଭାବ, ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ସ୍ଥାୟୀ ନିଯୁକ୍ତି, ସ୍ୱାସ୍ଥ୍ୟ ବିଭାଗରେ ଖାଲି ପଡ଼ିଥିବା ପଦବୀ ଗୁଡିକ ପୂରଣ ସାଙ୍ଗକୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସୁବିଧା ତଥା ଉନ୍ନତ ମାନର ପରୀକ୍ଷାଗାର,ଏକ୍ସ-ରେ ର ସୁବିଧା, ଇସିଜି ମେସିନ୍ ଯୋଗାଣ ସହିତ ମେଡିକାଲର ଅନ୍ତବିଭାଗରେ ଚିକିତ୍ସିତ ହେଉଥିବା ରୋଗୀଙ୍କ ନିମନ୍ତେ ଅକ୍ସିଜେନ୍‌ର ସୁବିଧା ଯୋଗାଇବା ସାଙ୍ଗକୁ ରାୟଗଡା ଠାରେ ମେଡିକାଲ କଲେଜ ସ୍ଥାପନ ନେଇ ଗୃହର ଦୃଷ୍ଟି ଆକର୍ଷଣ କରିଥିଲେ। ସେ ସମୟରେ ସ୍ୱାସ୍ଥ୍ୟ ମନ୍ତ୍ରୀ ସମସ୍ତ ଦାବି ପୁରଣ କରାଯିବା ଏବଂ ସ୍ୱାସ୍ଥ୍ୟ କେନ୍ଦ୍ର ମାନଙ୍କରେ ଡାକ୍ତର ନିଯୁକ୍ତି ରାୟଗଡାରେ ମେଡିକାଲ କଲେ ସ୍ଥାପନ କରାଯିବା ବୋଲି ଉତ୍ତର ରଖିଥିଲେ। ବର୍ଷକ ପରେ ମଧ ମନ୍ତ୍ରୀ ବିଧାନ ସଭାରେ ଦେଇଥିବା ପ୍ରତିଶ୍ରୁତିର କୌଣସି କାର୍ଯ୍ୟକାରୀ କରିନଥିବାରୁ ଚଳିତ ଶିତ ଅଧିବେଶନ ରେ ପୁଣି ସର୍ବ ପ୍ରଥମେ ବିଧାୟକ ନିଳମାଧବ ହିକକା ବିଭାଗୀୟ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। ଦୁର୍ଗମ ଇଲାକାର ବିଭିନ୍ନ ସ୍ଥାନକୁ ଗମନା ଗମନର ସୁବିଧା ନଥିବାରୁ ଆମ୍ବୁଲାନସ୍ ପହଞ୍ଚି ପାରୁନାହିଁ । ଡାକ୍ତରଖାନାରେ ଡାକ୍ତର ବଦଳରେ ଫର୍ମାସିଷ୍ଟ ସ୍ୱାସ୍ଥ୍ୟସେବା ଯୋଗାଉଛନ୍ତି। ଗତ ବର୍ଷ ବିଷମ କଟକ ନିର୍ବାଚନ ମଣ୍ଡଳୀରେ ସ୍ୱାସ୍ଥ୍ୟସେବା ନ ପାଇ ୧୨ଜଣ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ମୃତ୍ୟୁ ବରଣ କରିଥିବା ନେଇ ଗୃହରେ ବାଚସ୍ପତି ଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତୁରନ୍ତ ବିଷମ କଟକ ନିର୍ବାଚନ ମଣ୍ଡଳି ରେ ଅବସ୍ଥିତ ସ୍ୱାସ୍ଥ୍ୟ କେନ୍ଦ୍ରରେ ଖାଲି ପଡିଥିବା ଡାକ୍ତର ପଦବୀ ପୁରଣ ଏବଂ ଆନୁସଙ୍ଗିକ ବ୍ୟବସ୍ଥା କରିବା ନେଇ ଦାବି କରିଛନ୍ତି।

### ୭ ଦିନହେବ ମୋଟର ଅଚଳ

# ପାଣି ପାଇଁ ଲୋକେ ଡହଳବିକଳ, ପ୍ରଶାସନ ନିରବ



କଲ୍ୟାଣସିଂହପୁର,୫।୧୨(ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକର ସଦର ମହାକୁମାରେ ଅଧା ଗ୍ରାମରେ ଲୋକେ ହାଣ୍ଡିଏ ପାଣି ପାଇଁ ଦୀର୍ଘ ଛଅ ଦିନହେବ ଡହଳ ବିକଳ ଅବସ୍ଥାରେ ରହିଛନ୍ତି। ବ୍ଲକ ପ୍ରଶାସନ ଜାଣିଶୁଣି ଚୁପ ରହିଛି। ପ୍ରଶାସନ ସଦର ମହାକୁମାରେ ଯଦି ଛଅ ଦିନ ଧରି ଲୋକଙ୍କୁ ପାଣି ଯୋଗାଇ ପାରୁନି, ତେବେ ଗ୍ରାମାଞ୍ଚଳରେ କିପରି ପାଣି ସମସ୍ୟା ଥିବ ତାହା ସହଜେ ଅନୁମେୟ। ସଦର ଶିବ ମନ୍ଦିର ନିକଟରେ ଥିବା ପାଣି କୁଣ୍ଡ ଓ ଟାଙ୍କି ରହିଛି। ଏହି ଟାଙ୍କି ଦ୍ୱାରା କାଦମ୍ବଦ୍ୱାର ସାହି, କୁମ୍ଭାର ସାହି, ଦାନୁ ସାହି, ଆଦିବାସୀ ସାହି, ପଣସ ପଦର ସାହି, ବଡ଼ ବ୍ରାହ୍ମଣ ସାହି, ଗୌଡ଼ ସାହି ଧୋବା ସାହି, ବେହେରା ସାହି, ମୁଖ୍ୟ ରାସ୍ତା, ଥାନା କଲୋନିକୁ ଛଅ ଦିନ ହେବ ପିଇବା ପାଣି ଯୋଗାଣ ହେଉନଥିବାରୁ ପ୍ରାୟ ପାଞ୍ଚ ହଜାର ଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷରେ ମୁନ୍ଦାଏ ପାଣି ପିଇବା ପାଇଁ ଡହଳ ବିକଳ ହେଉଛନ୍ତି। ଜଳ ଯୋଗାଣ ବିଭାଗ ନାହିରେ ତେଲମାରି ଶୋଇବା ଘଟଣା ସାହିବାସୀଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି। ୬ ଦିନହେବ ପାଣି କୁଣ୍ଡରୁ ମୋଟର ଯୋଗେ ଉପର ଟାଙ୍କିକୁ ପାଣି ଚଢୁଥିବାରୁ ଗ୍ରାମରେ ପାଣି ଯୋଗାଣ ହୋଇପାରୁନି। ମଟର ଖରାପ ବୋଲି ଛଅ ଦିନ ଲୋକଙ୍କୁ ପାଣି ନ ଯୋଗାଇବା ପଛରେ ଓ ସରକାରକୁ ବଦନାମ କରିବା ପଛରେ କାହାର ହାତ ଅଛି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମଟର ମରାମତି କରିବା ପାଇଁ କଣ ୬ ଦିନ ଲାଗୁଛି ନା ଜଳ ଯୋଗାଣ ଅଧିକାରିଣୀଙ୍କ ଇଛା ନାହିଁ ତାହା ଜଣା ପଡୁନି। ପ୍ରତିଦିନ ସକାଳ ୬ଟା ସମୟରେ ପାଣି ଆସୁଛି କେବଳ ଦଶ ମିନିଟ୍ ପାଇଁ। ପାଣି ବନ୍ଦ ହୋଇଯାଉଥିବାରୁ ଲୋକେ ପାଣି ପାଇଁ ନଳକୂପ ଥିବା ଘର ମାନଙ୍କୁ ହାଣ୍ଡି ଡେକିଚି ବାଲଟି ଗୋରା ଧରି ଯାଇ ନେହୁରା ହେବାକୁ ପଡୁଛି ବୋଲି ମହିଳା ମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସରପଞ୍ଚ ବି. ଗୌତମ ଙ୍କୁ ପଚାରିବାରୁ ପାଣି ଉଠାଇବା ମଟର ଖରାପ ଅଛି, ମରାମତି ଚାଲିଛି କହିବା ସହ ଯନ୍ତ୍ରୀଙ୍କୁ ପଚାରନ୍ତୁ ବୋଲି ପ୍ରକାଶ କରିଛନ୍ତି। ସରପଞ୍ଚଙ୍କ ଏହି ମନ୍ତବ୍ୟକୁ ନେଇ ଉଭୟଙ୍କ ମଧ୍ୟରେ ତାଳମେଳ ରହୁ ନଥିବା ଜଣାପଡିଛି। ଯୁଦ୍ଧ କାଳୀନ ଭିତରେ ମରାମତି କରି ପାଣି ଯୋଗାଣ ନହେଲେ ମହିଳାମାନେ ଗରା ମାଠିଆ ଧରି ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏଣୁ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଗ୍ରାମରେ ପାଣି ଯୋଗାଇବା ପାଇଁ ଦାବି ହୋଇଛି।

# ସମ୍ପାଦକୀୟ



ଯଦି କୃଷି ବିପର୍ଯ୍ୟସ୍ତ ହୁଏ, ତେବେ ଦେଶର ଅନ୍ୟ ସବୁ ବ୍ୟବସ୍ଥା ବିଗିଡ଼ି ଯିବ।
-ଏମ୍ ଏସ୍ ସ୍ୱାମୀନାଥନ୍

ସକାଳ
THE SAKALA

## ପୁଣି ପ୍ରତିଶ୍ରୁତି ହୁଡ଼ିଲେ

ଗତ ନିର୍ବାଚନ ବେଳେ ରାଜ୍ୟର ଚାଷୀମାନଙ୍କର ସମର୍ଥନ ହାସଲ ପାଇଁ ବିଜେପି ଧାନ କ୍ରୟ ଉପରେ ଏମ୍ଏସ୍ପି ବାଦ କ୍ୱିଣ୍ଟାଲ୍ ପିଛା ୮୦୦ ଟଙ୍କା ବୋନସ (ଇନ୍‌ପୁଟ୍ ସବ୍‌ସିଡି) ଦେବା ସକାଶେ ପ୍ରତିଶ୍ରୁତି ଦେଇଥିଲା। ବଡ଼ କଥା ହେଲା, କ୍ଷମତାକୁ ଆସିବା ପରେ ଦଳ ତା'ର ପ୍ରତିଶ୍ରୁତି ରକ୍ଷା କରିଛି। ଚଳିତ ଖରିଫ୍ ଋତୁ ପାଇଁ କେନ୍ଦ୍ର ସରକାର ଧାନର ଏମ୍ଏସ୍ପି କ୍ୱିଣ୍ଟାଲ୍ ପିଛା ୬୯ ଟଙ୍କା ବୃଦ୍ଧି କରିଥିବାରୁ ସେହି ଅନୁପାତରେ ଓଡ଼ିଶା ଚାଷୀ କ୍ୱିଣ୍ଟାଲ୍ ପିଛା ୩୧୬୯ ଟଙ୍କା ପାଇବା କଥା। କିନ୍ତୁ ୩୧୦୦ ଟଙ୍କା ହିଁ ଚାଷୀ ପାଇବେ ବୋଲି ରାଜ୍ୟ ସରକାର ସ୍ପଷ୍ଟ କରିଛନ୍ତି। ସହାୟକ ମୂଲ୍ୟ ଯେତେ ବଢ଼ିଲେ ମଧ୍ୟ ଧାନ କ୍ୱିଣ୍ଟାଲ ସେହି ୩୧୦୦ ଟଙ୍କାରେ ସୀମିତ ରଖିବା ନୀତି ଯେ ପ୍ରତିଶ୍ରୁତିର ଖିଲାପ ଏକଥା ସ୍ୱୀକାର କରିବାକୁ ପଡ଼ିବ। ଏହାର ସାଧାସିଧା ଅର୍ଥ ହେଲା ସରକାର ୮ ଶହ ଟଙ୍କା ବଦଳରେ ଚାଷୀଙ୍କୁ ଏଥର କ୍ୱିଣ୍ଟାଲ ପିଛା ୭୩୧ ଟଙ୍କା ବୋନସ ଦେଉଛନ୍ତି। ଆଗକୁ ଯଦି କେନ୍ଦ୍ର ସରକାର ବଜାର ଦର ଓ ଚାଷର ବ୍ୟୟଭାରକୁ ବିଚାର କରି ଧାନର ଏମଏସପି ବଢ଼ାନ୍ତି ତେବେ ରାଜ୍ୟ ସରକାର କ'ଣ ତାଙ୍କ ପ୍ରତିଶ୍ରୁତି ବୋନସ ରାଶିରୁ ତାହାକୁ କାଟି ସଂଗ୍ରହ ଦର ଧାର୍ଯ୍ୟ କରିବେ? ସରକାରଙ୍କ ଏପ୍ରକାର ପ୍ରତାରଣା ସଂପର୍କରେ ଧାନ ଚାଷୀ ବିଚାର କରିବାର ସମୟ ଏବେ ଉପସ୍ଥିତ।

ଆମ ରାଜ୍ୟରେ ପ୍ରତ୍ୟକ୍ଷ ଭାବେ ଚାଷ ଓ ଅମଳ ସହ ସଂପୃକ୍ତ ବଡ଼ ଚାଷୀଙ୍କ ସଂଖ୍ୟା ଅପେକ୍ଷାକୃତ କମ୍। ଅସଲରେ ଭାଗଚାଷୀ ଓ କ୍ଷୁଦ୍ରଚାଷୀଙ୍କ ହାତରେ ରହିଛି ଧାନ ଚାଷ। ଏବେ ସରକାର ଯେଉଁ ୨ ଲକ୍ଷ ୧୭ ହଜାର ଅଧିକ ଚାଷୀ ଚଳିତ ଖରିଫ ଋତୁ ଧାନ ଚାଷ କରିଥିବା ଦର୍ଶାଇଛନ୍ତି ତାହା ପ୍ରକୃତରେ ସେହି ବଡ଼ ଚାଷୀଙ୍କ ଜମି ଚଷିଥିବା ଭାଗ ଚାଷୀ। ତେଣୁ ଧାନ ବିକିବା ପାଇଁ ପଞ୍ଜୀକରଣ କରିଥିବା ଚାଷୀଙ୍କ ସଂଖ୍ୟା ବଢ଼ିବା ସ୍ୱାଭାବିକ। ସରକାର ଭାବି ପାରନ୍ତି କ୍ୱିଣ୍ଟାଲ ପିଛା ୮୦୦ ଟଙ୍କା ବୋନସ ପାଇଁ ଚାଷୀ ଉତ୍ସାହୀ ହୋଇପଡ଼ିଛନ୍ତି। ଏତଦ୍‌ବ୍ୟତୀତ ପଞ୍ଜିକରଣ ଜନିତ ସମସ୍ୟା ପାଇଁ ବହୁ ଚାଷୀ ଏହି ଧାନ ସଂଗ୍ରହ ପ୍ରକିୟାରୁ ବଞ୍ଚିତ ହେଉଛନ୍ତି। ଚଳିତ ଋତୁରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବାରେ ବିଳମ୍ବ ପରିଲକ୍ଷିତ ହୋଇଛି। ପଶ୍ଚିମ ଓଡ଼ିଶାରେ କେବଳ କାଁ ଭାଁ ମଣ୍ଡି ଖୋଲିଛି। ଏହି ବିଳମ୍ବ ପାଇଁ ରାଜ୍ୟରେ ଧାନର ଅଭାବୀ ବିକ୍ରି ହେଉଛି। କାରଣ ଏବେ ମଧ୍ୟ ଛୋଟ ଚାଷୀ ମହାଜନୀ ଋଣ ବା କରଜ ଉପରେ ନିର୍ଭର କରନ୍ତି। ତେଣୁ ଧାନ ଅମଳ ହେବା ପରେ ପରେ ତାହା ଉପରେ କରଜ ପରିଶୋଧ ପାଇଁ ଜୁଲମ ଆରମ୍ଭ ହୋଇଯାଏ। ସରକାର ଏ ପର୍ଯ୍ୟନ୍ତ ମିଲରଙ୍କ ଷ୍ଟକ୍ ଯାଞ୍ଚ କରିନାହାନ୍ତି। ଏଫ୍‌କ୍ୟୁ ଧାନର ମାନ ଯାଞ୍ଚ ସକାଶେ ଶସ୍ୟ ପରୀକ୍ଷଣ ମେସିନ୍ ମଧ୍ୟ ମଣ୍ଡିରେ ପହଞ୍ଚିନାହିଁ। ପ୍ରତିବାଦ ଓ ପ୍ରତିରୋଧ ସତ୍ତ୍ୱେ ଆରମ୍ଭରୁ ମିଲରଙ୍କ କଥାରେ କଟ୍‌ନୀ ଛଟନୀ ଚାଲିଛି। ଅସଲରେ ମିଲରମାନେ ହିଁ ଚାଷୀଙ୍କଠାରୁ ଧାନ ସଂଗ୍ରହ କରୁଛନ୍ତି। ସରକାର ସେମାନଙ୍କ ଉପରେ ନିର୍ଭରଶୀଳ ହୋଇଥିବାରୁ ସଂଗ୍ରହକୁ ନେଇ ବିଭ୍ରାଟ ଓ ବିଭ୍ରାନ୍ତ ସୃଷ୍ଟି ହେଉଛି। ଏହାପଛରେ ସରକାର ଓ ମିଲରଙ୍କ ମଧୁଚନ୍ଦ୍ରିକା ଥିବା ଅଭିଯୋଗକୁ ମଧ୍ୟ ଅସ୍ୱୀକାର କରିହେବ ନାହିଁ।

## ଦୁର୍ବଳ ମୁଦ୍ରା

ବାଣିଜ୍ୟ ନିଅଣ୍ଟ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଦେଶର ଆଭ୍ୟନ୍ତରୀଣ ଚାହିଦା ପୂରଣ ସକାଶେ ବୈଦେଶିକ ବିନିମୟ ମୁଦ୍ରାଭଣ୍ଡାର ଉପରେ ଚାପ ବଢ଼ିଛି। ସେହି ସମୟରେ ଆମେରିକାର ଟାରିଫ ବଢ଼ିଛି ଏବଂ ଦେଶକୁ ଆସୁଥିବା ବୈଦେଶିକ ମୁଦ୍ରାର ପ୍ରବାହ ମଧ୍ୟ ହ୍ରାସ ପାଇଛି। ତେଣୁ ଭାରତୀୟ ମୁଦ୍ରା ବା ଟଙ୍କା ଡଲାର ତୁଳନାରେ ଦୁର୍ବଳ ହେବାରେ ଲାଗିଛି। ରିଜର୍ଭ ବ୍ୟାଙ୍କ ଡଲାର କିଣି ସ୍ଥିତି ସମ୍ଭାଳିବାରେ ୪ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିଥିଲେ ମଧ୍ୟ ଦିନକୁ ଦିନ ସ୍ଥିତି ବିଗିଡ଼ିବାରେ ଲାଗିଛି। ଗତ ବୁଧବାର ଡଲାର ତୁଳନାରେ ଟଙ୍କାର ଦୁର୍ବଳ ସ୍ଥିତି ପଦାରେ ପଡ଼ିଯାଇଛି। ୧ ଡଲାରର ମୂଲ୍ୟ ୯୦.୧୫ ଟଙ୍କା ହୋଇଥିବା ବେଳେ ପରଦିନ ତାହା ୯୦.୪୩କୁ ବୃଦ୍ଧି ପାଇଛି। ଏହି ସ୍ଥିତି ପ୍ରଥମ ଥର ଉପୁଜିଛି କହିଲେ ଭୁଲ ହେବ। ବରଂ ଟଙ୍କାର ଦୁର୍ବଳ ସ୍ଥିତି କ୍ରମାଗତ ରେକର୍ଡ କରିଚାଲିଛି। ଅନ୍ୟ ଏକ ଦିଗ ହେଲା, ଭାରତୀୟ ପୁଞ୍ଜି ବଜାରରୁ ବିଦେଶୀ ନିବେଶକମାନେ କ୍ରମାଗତ ଅଂଶଧନ ପ୍ରତ୍ୟାହାର କରିନେଉଥିବାରୁ ଟଙ୍କା ଚାପରେ ରହିଛି। ଭାରତୀୟ ବଜାରରେ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜି ନିବେଶର ଆକର୍ଷଣ ମଧ୍ୟ ହ୍ରାସ ପାଇଛି। ଏହା ଆମର କୂଟନୈତିକ ଓ ବାଣିଜ୍ୟ ନୀତିର ଦୁର୍ବଳ ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

ଭାରତୀୟ ମୁଦ୍ରାର ଏହି ଦୁର୍ବଳ ସ୍ଥିତି ପ୍ରଭାବଶୂନ୍ୟ ବୋଲି ଯେତେ ଯୁକ୍ତି ବାଢ଼ିଲେ ମଧ୍ୟ ପେଟ୍ରୋଲ, ଡିଜେଲ, ଖାଇବା ତେଲ ଓ ସ୍ମାର୍ଟ ଫୋନ ମୂଲ୍ୟ ତ ନିଶ୍ଚୟ ଆଗାମୀ ଦିନରେ ବଢ଼ିବ। ବର୍ଦ୍ଧିତ ଓ ପରିବହନ ଖର୍ଚ୍ଚର ପ୍ରଭାବ ଅନ୍ୟାନ୍ୟ ସାମଗ୍ରୀ ଉପରେ ଅନୁଭୂତ ହେବ। ସେହିଭଳି ବିଦେଶ ଯାତ୍ରା ଓ ବିଦେଶରେ, ବିଶେଷକରି ଆମେରିକାରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ବ୍ୟୟଭାର ଅଭିଭାବକଙ୍କୁ ନିଶ୍ଚୟ ବାଧିବ। ଏସବୁ ହେଲା ପ୍ରତ୍ୟକ୍ଷ ପ୍ରଭାବ। ପରୋକ୍ଷରେ ଆମର ମୁଦ୍ରାସ୍ଫୀତି ଓ ଜିଡିପି ସ୍ଥିତିରେ ଯେଉଁ ଅସ୍ଥିରତା ସୃଷ୍ଟି ହେବ ତାହାକୁ ସୁଧାରିବା ଏତେ ସହଜ ହେବ ନାହିଁ। ମୁଖ୍ୟ ଅର୍ଥ ପରାମର୍ଶଦାତା ଭି. ଅନନ୍ତ ନାଗେଶ୍ୱରନ୍ କହିଛନ୍ତି ଯେ ଦେଶର ଆମଦାନୀ ଓ ମୁଦ୍ରାସ୍ଫୀତିକୁ ଏହା ପ୍ରଭାବିତ କରିବ ନାହିଁ। ୨୦୨୬ରେ ଟଙ୍କାର ଏହି ଦୁର୍ବଳ ସ୍ଥିତି ସୁଧୁରିଯିବ। ଭବିଷ୍ୟତ ଅନିଶ୍ଚିତ। ବର୍ତ୍ତମାନର ସମସ୍ୟାକୁ ପ୍ରତିହତ କରିବାରେ ଆମ ବ୍ୟବସ୍ଥାର ଅସାମର୍ଥ୍ୟ ପଦାରେ ପଡ଼ିଯାଉଛି। ଏହାର ତୁରନ୍ତ ପ୍ରଭାବରେ ସେନ୍‌ସେକ୍ସ ଓ ନିଫ୍ଟି ସୂଚକାଙ୍କ ହ୍ରାସ ପାଇଥିବା ପରିଲକ୍ଷିତ ହୋଇଛି।

ଆତ୍ମନିର୍ଭର ଭାରତ ଗଠନ ସପକ୍ଷରେ ଆମେ ଯେତେ ଆହ୍ୱାନ ଦେଲେ ମଧ୍ୟ ଆମର ଆମଦାନୀ ବଢ଼ୁଛି। ରପ୍ତାନି କ୍ଷେତ୍ରରେ ବିଶ୍ୱବଜାରରେ ଆମେ ଅନ୍ୟ ପ୍ରତିଯୋଗୀଙ୍କ ସମକକ୍ଷ ହୋଇପାରିନେ। ତେଣୁ ବାଣିଜ୍ୟ ନିଅଣ୍ଟ ବଢ଼ି ଚାଲିଥିବାରୁ ଡଲାର ଉପରେ ନିର୍ଭରଶୀଳତା ହ୍ରାସ ପାଇବା ସମ୍ଭାବନା ଊଣା। ଏହି ଦୃଶ୍ୟପଟ୍ଟରେ ଅର୍ଥ ପରାମର୍ଶଦାତା ଯେଉଁ ସମ୍ଭାବନାର ଅଙ୍କ କଷି ଚାଲିଛନ୍ତି ତାହା କେତେଦୂର ସଫଳ ହେବ ସେ ନେଇ ସନ୍ଦେହ ଉଙ୍କି ମାରିବା ସ୍ୱାଭାବିକ।

ବଜାର ଅର୍ଥନୀତି ସମଗ୍ର ବିଶ୍ୱରେ ମୁକ୍ତ ବାଣିଜ୍ୟ କାରବାର ପାଇଁ ସୁଯୋଗ ସୃଷ୍ଟି କରିଛି। ତେବେ ବାଣିଜ୍ୟିକ କାରବାର ପ୍ରମୁଖ ମାଧ୍ୟମ ହେଉଛି ଡଲାର। ଡଲାର ତୁଳନାରେ ଭାରତୀୟ ମୁଦ୍ରାର ଏହି ଦୁର୍ବଳସ୍ଥିତିରୁ ଆମେ ଅନୁମାନ କରିପାରିବା ଭାରତୀୟ ଅର୍ଥନୀତିର ଗତି ଓ ଦୁର୍ଗତି। ସମଗ୍ର ବିଶ୍ୱରେ ଭାରତ ଚତୁର୍ଥ ବୃହତ୍ ଅର୍ଥନୀତି। ସେଥିରେ ପୁଣି ୧୪୦ କୋଟି ଲୋକଙ୍କ ବିଶାଳ ବଜାର ଆମ ହାତରେ ଅଛି। ପରିଲକ୍ଷିତ ମୁଦ୍ରାଗତ ବିଲକ୍ଷଣକୁ ରୋକିବାରେ ଆମ ଦୁର୍ବଳତାକୁ ଅଗ୍ରାଧିକାର ଭିତ୍ତିରେ ସୁଧାରିବା ଜରୁରୀ।

# ଜଳ-ସଂକଳ୍ପ: କାହାରେ ଦାୟ?

**ସୌଭାଗ୍ୟ ସୁନ୍ଦରରାୟ**

ଶିଳ୍ପାୟନ ଓ ସହରୀକରଣ ଯୋଗୁଁ ବିଶ୍ୱବ୍ୟାପୀ ନଦୀ ଓ ଜଳ ଉତ୍ସ ପ୍ରଦୂଷିତ ହେବାରେ ଲାଗିଛି। ଓଡ଼ିଶାର ପ୍ରାୟ ନଦୀର ମଧ୍ୟ ସମଦଶା। ରାଜ୍ୟ ବିଧାନସଭାର ଚଳିତ ଅଧିବେଶନରେ ଏକ ପ୍ରଶ୍ନର ଉତ୍ତର ରଖି ରାଜ୍ୟର ୧୬ ଟି ସ୍ଥାନରେ ନଦୀଜଳ ବ୍ୟବହାର ମାନଯୁକ୍ତ ନୁହେଁ ବୋଲି ସରକାର କହିଛନ୍ତି। ଏହି ସ୍ଥାନଗୁଡ଼ିକ ମଧ୍ୟରେ କଟକ, ଭିଙ୍ଗାରପୁର, ଗୋପ, ଭୁବନେଶ୍ୱର, ରାଉରକେଲା ରହିଛି। ଅର୍ଥାତ ଭିଙ୍ଗାରପୁର ଓ ଗୋପ ନିକଟରେ କୁଶଭଦ୍ରା ଜଳ ପ୍ରଦୂଷିତ। ଭୁବନେଶ୍ୱର ନିକଟରେ ଦୟା ଜଳ ପ୍ରଦୂଷିତ। କଟକ ନିକଟରେ କାଠଯୋଡ଼ି ଜଳ ପ୍ରଦୂଷିତ ଏବଂ ରାଉରକେଲା ନିକଟରେ ବ୍ରାହ୍ମଣୀ ଜଳ ବ୍ୟବହାର ଅନୁପଯୁକ୍ତ।

ଏପରି ସ୍ଥଳେ ରାଜ୍ୟ ସରକାର 'ଜଳ ପ୍ରଦୂଷଣ ଓ ନିବାରଣ ଆଇନ-୨୦୨୪' ଉପରେ ଏକ ସଂକଳ୍ପ ଆଗତ କରିଛନ୍ତି। ଏହି ସଂକଳ୍ପରେ ପ୍ରଦୂଷଣକାରୀ ସଂସ୍ଥା ବିରୋଧରେ ଫୌଜଦାରୀ ମାମଲା ଆଉ ଦାୟର କରାଯିବ ନାହିଁ। କେବଳ ଜୋରିମାନା ଆଦାୟ କରାଯିବ। ମଣିଷ, ପ୍ରକୃତି, ପରିବେଶ ଓ ଜୀବଜନ୍ତୁଙ୍କ ପ୍ରତି ବିପଦ ସୃଷ୍ଟି କରୁଥିବା ଲାଭଖୋର ଶିଳ୍ପାନୁଷ୍ଠାନ ଏହି ଆଇନ ଦ୍ୱାରା ଅଧିକ ଉପକୃତ ହେବା ପରି ଜଣାପଡୁଛି। ଏକଥା ମଧ୍ୟ ବିଭାଗୀୟ ମନ୍ତ୍ରୀଙ୍କ ବକ୍ତବ୍ୟରୁ ସ୍ପଷ୍ଟ ହେଉଛି। କାରଣ ଦୀର୍ଘଦିନ ଧରି ଅଦାଲତରେ ପରିବେଶ ସଂପର୍କିତ ମାମଲା ପଡ଼ି ରହିଥିବାରୁ ଶିଳ୍ପାୟନ ବାଧାପ୍ରାପ୍ତ ହେଉଛି। ଏହାଦ୍ୱାରା ଶିଳ୍ପ ସଂସ୍ଥାଗୁଡ଼ିକର ମଧ୍ୟ କ୍ଷତି ହେଉଛି। ଏହି କାରଣରୁ ସରକାର ଏପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତ ବୋଲି ମନ୍ତ୍ରୀ କହିଛନ୍ତି।

ତେବେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଯେଉଁ ୧୬ଟି ସ୍ଥାନର ଜଳ ନିମ୍ନମାନର ବୋଲି ଉଲ୍ଲେଖ କରିଛନ୍ତି ତା'ଠାରୁ ଢେର ଅଧିକ ସ୍ଥାନର ଜଳ ନିମ୍ନମାନର, ଯାହା ସ୍ଥାନୀୟ ଅଞ୍ଚଳବାସୀ ଅନୁଭବ କରୁଛନ୍ତି। ବ୍ରାହ୍ମଣୀର ପ୍ରଦୂଷଣ କେବଳ ରାଉରକେଲା ନିକଟରେ ବୋଲି ଉଲ୍ଲେଖ କରାଯାଇଛି। ବାସ୍ତବରେ ବ୍ରାହ୍ମଣୀର ପ୍ରଦୂଷଣ ରାଉରକେଲା ନିକଟରୁ ଆରମ୍ଭ ହୋଇଛି। ଏଠାରେ ରାଉରକେଲା ଇସ୍ପାତ କାରଖାନା ରହିଛି। ବ୍ରାହ୍ମଣୀର ଉତ୍ପତ୍ତି ସ୍ଥଳ ରାଉରକେଲାର ବେଦବ୍ୟାସ। ଏହି ନଦୀ ଅନୁଗୁଳ ଜିଲ୍ଲାର ତାଳଚେର ନିକଟରେ ସର୍ବାଧିକ ପ୍ରଦୂଷିତ। ତାଳଚେର ଅଞ୍ଚଳର କୋଇଲା ଖଣି, ତାପଜ ବିଦ୍ୟୁତ କେନ୍ଦ୍ର, ବନ୍ଦ ହୋଇ ରହିଥିବା ସାର କାରଖାନା, ଇସ୍ପାତ କାରଖାନା, ଆଲୁମିନିୟମ ସ୍ମେଲଟର ଏବଂ ଅନ୍ୟାନ୍ୟ ଛୋଟ କଳକାରଖାନା ବ୍ରାହ୍ମଣୀ ଜଳକୁ ଅଧିକ ପ୍ରଦୂଷିତ କରୁଛି। ସୁକିନ୍ଦା ଅଞ୍ଚଳରେ କ୍ରୋମାଇଟ ଖଣି ରହିଛି। ଏଥିଯୋଗୁଁ ବ୍ରାହ୍ମଣୀରେ ଅଧିକ ପରିମାଣର କ୍ରୋମିୟମ, ସୀସା, କାଡମିୟମ, ପାରଦ ଓ ଲୁହାପଥର ପରି ଭାରି ଦ୍ରବ୍ୟ ରହୁଛି। ଏଣୁ ଅନୁଗୁଳ-ତାଳଚେର ଅଞ୍ଚଳରେ ବ୍ରାହ୍ମଣୀ ସର୍ବାଧିକ ପ୍ରଦୂଷିତ ବୋଲି କୁହାଯାଇପାରେ।

ଉତ୍ତରରେ ମହାନଦୀ ପ୍ରଦୂଷଣ ବିଷୟ କିଛି ଉଲ୍ଲେଖ କରାଯାଇ ନାହିଁ। ମହାନଦୀର ଦୁଇଟି ଉପନଦୀ ହେଲା ଭେଡେନ ଓ ଇବ୍। ସଂପ୍ରତି ଏହି ଦୁଇଟି ନଦୀର ଜଳର ପ୍ରଦୂଷିତ ବୋଲି କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ ଅନୁଧ୍ୟାନରୁ ଜଣାପଡ଼ିଛି। ସଂସ୍ଥା ପକ୍ଷରୁ ଝାରସୁଗୁଡ଼ାର କୋଲାବିରା ଓ ସମ୍ବଲପୁରର ରେଙ୍ଗାଲି ବ୍ଲକରେ ହୋଇଥିବା ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ଏଠାକାର ଝରଣା, ପୋଖରୀ, ନାଳ ଆଦି ଭୂ-ପୃଷ୍ଠ ଜଳ ଉତ୍ସରେ ନାଇଟ୍ରେଟ ଓ ଫ୍ଲୋରାଇଡ୍ ମାତ୍ରା ଅଧିକ ରହୁଛି। ସମ୍ବଲପୁରର ହୀରାକୁଦଠାରେ ଶିଳ୍ପାନୁଷ୍ଠାନ ରହିଛି। ସେହିପରି ଝାରସୁଗୁଡ଼ାରେ କୋଇଲା ଖଣି ସମେତ ତାପଜ ବିଦ୍ୟୁତ କେନ୍ଦ୍ର, ଆଲୁମିନିୟମ ବିଶୋଧନ କେନ୍ଦ୍ର ରହିଛି। ଏହି ସଂସ୍ଥାର ବର୍ଜ୍ୟ ଯୋଗୁଁ ସଂପୃକ୍ତ ଅଞ୍ଚଳର ଜଳାଶୟ ଓ ଭୂ-ତଳ ଜଳ ପ୍ରଦୂଷିତ ହେଉଛି। ମହାନଦୀ ସମ୍ବଲପୁର ଅତିକ୍ରମ କରିବା ପରେ ପାରାଦ୍ୱୀପ ନିକଟରେ ଏକାଧିକ କଳକାରଖାନାର ବର୍ଜ୍ୟ ଆହରଣ କରୁଛି। ପାରାଦ୍ୱୀପ ବନ୍ଦରରେ ବାର୍ଷିକ ପ୍ରାୟ ୧୦୦ ନିୟୁତ ଟନ୍ ପଣ୍ୟ କାରବାର ହୋଇଥାଏ। କୋଇଲା, ଚୂନପଥର, ଲୁହାପଥର, କୋକ୍, କ୍ରୋମ୍, ଫେରୋ କ୍ରୋମ, ତୈଳ ଆଦି ଏଠାରେ ଥିବା ବିଭିନ୍ନ ବର୍ଥରୁ ଆମଦାନୀ ଓ ରପ୍ତାନୀ ହୋଇଥାଏ। ଦୁଇଟି ଫସ୍‌ଫେଟଭିତ୍ତିକ ସାର କାରଖାନା ଏଠାରେ ରହିଛି, ଯାହାର ଉପଜାତ ଦ୍ରବ୍ୟ ଭାବେ ଜିପସମ୍ ବାହାରିଥାଏ। ଜିପସମର ଗୁଣ ହେଉଛି ଅମ୍ଳ। ଏଠାରେ ତୈଳ ବିଶୋଧନ କେନ୍ଦ୍ର ଓ ଇସ୍ପାତ କାରଖାନା ମଧ୍ୟ ରହିଛି। ବର୍ଷା ଦିନେ ବିଭିନ୍ନ ଖଣିଜ ଦ୍ରବ୍ୟର ଗୁଣ୍ଡ ଧୋଇହୋଇ ମହାନଦୀ ଓ ଅଠରବାଙ୍କୀ କ୍ରିକରେ ମିଶୁଛି। କେନ୍ଦ୍ରୀୟ ପ୍ରଦୂଷଣ ବୋର୍ଡ ରିପୋର୍ଟ ଅନୁଯାୟୀ ପାରାଦ୍ୱୀପ ସାର କାରଖାନା ଆଖପାଖ ଅଞ୍ଚଳର ଭୂ-ତଳ ଜଳରେ ଅଧିକ ମାତ୍ରାରେ ଫ୍ଲୋରାଇଡ ରହୁଛି। ଫ୍ଲୋରାଇଡ ଓ ଆମୋନିଆ ଗ୍ୟାସ ପ୍ରଭାବରେ ଖରାଦିନେ ଲଟାବୁଦା, ପତ୍ର ଆଦି ଶୁଖି ଯାଉଥିବା ଦେଖାଯାଉଛି। ପାରାଦ୍ୱୀପ ସହରାଞ୍ଚଳର ବର୍ଜ୍ୟ ଜଳ ଅଠରବାଙ୍କୀ ଓ ସାନ୍ଦ୍ରା କ୍ରିକ୍‌ରେ ମିଶୁଛି।

ରାୟଗଡ଼ାରେ ଏକ ଘରୋଇ ଶିଳ୍ପସଂସ୍ଥା ବିରୋଧରେ ଜାତୀୟ ସବୁଜ ଟ୍ରିବ୍ୟୁନାଲରେ ମାମଲା ଦାୟର କରାଯାଇଥିଲା। ପ୍ରଦୂଷିତ ଜଳ ବ୍ୟବହାର କରି ୨୦୨୨ ମସିହାରେ ଏ ଅଞ୍ଚଳରେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ୭ ଜଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ୭୨ ଜଣଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସହରାଞ୍ଚଳର ଅଣବିଶୋଧିତ ଜଳ ଦ୍ୱାରା ବିଶେଷ ଭାବେ ବୁଢ଼ାବଳଙ୍ଗ ନଦୀ ପ୍ରଦୂଷିତ ହେଉଥିବା ଜଣାପଡ଼ିଛି।

ଏପରି ସ୍ଥଳେ ପ୍ରଦୂଷଣକାରୀ ସଂସ୍ଥା ବିରୋଧରେ ସରକାର କଠୋର ମନୋଭାବ ପ୍ରଦର୍ଶନ କରିବା ପରିବର୍ତ୍ତେ ନମନୀୟ ମନୋଭାବ ପ୍ରଦର୍ଶନ କରିବା ଏକ ଯୁକ୍ତିସଙ୍ଗତ ବିଷୟ ନୁହେଁ। ଅଦାଲତରେ ମାମଲା ବିଳମ୍ବ ହେଉଥିବା କାରଣରୁ ମଣିଷ, ଜୀବଜନ୍ତୁ ଓ ପରିବେଶକୁ କ'ଣ ମୃତ୍ୟୁମୁହଁକୁ ଠେଲି ଦିଆଯିବ? ବିଭିନ୍ନ ସମୟରେ ନାଲକୋ ଆସ୍ ପାଇପ ଓ ପୋଖରୀ ଫାଟି ବିସ୍ତୀର୍ଣ୍ଣ ଅଞ୍ଚଳର ଚାଷଜମିରେ ପାଉଁଶ ପାଣି ମାଡ଼ିଯାଉଛି। ଭୂତଳ ଜଳ ପ୍ରଦୂଷଣ ଯୋଗୁଁ ଜନସାଧାରଣ ଝାଡ଼ାବାନ୍ତି ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। 'ଦି ଲାନସେଟ'ର ୨୦୧୯ ମସିହାରେ ପ୍ରକାଶିତ ଏକ ସର୍ବେକ୍ଷଣ ଆଧାରିତ ରିପୋର୍ଟ ଅନୁଯାୟୀ, ବିଶ୍ୱରେ ବାର୍ଷିକ ପ୍ରାୟ ୧.୪ ନିୟୁତ ଜଳ ପ୍ରଦୂଷଣ ରୋଗରେ ଆକ୍ରାନ୍ତ ହୋଇ ପ୍ରାଣ ହରାଉଛନ୍ତି। ସେଥିମଧ୍ୟରୁ ଝାଡ଼ାବାନ୍ତିରେ ପ୍ରାୟ ୮ ଲକ୍ଷ ଏବଂ ପ୍ରଦୂଷିତ ପାନୀୟ ଜଳ ଯୋଗୁଁ ୩ ଲକ୍ଷ ପ୍ରାଣ ହରାଉଛନ୍ତି।

ଏହାଛଡ଼ା ରାଜ୍ୟର ବିଭିନ୍ନ ସ୍ଥାନରେ ବହୁସଂଖ୍ୟାରେ କ୍ରସର ୟୁନିଟ ଓ ସିମେଣ୍ଟ କାରଖାନା ମଧ୍ୟ ରହିଛି। ଏଥିରୁ ନିର୍ଗତ ବର୍ଜ୍ୟ କଣିକା ଚାଷ ଜମି ଓ ଜଳାଶୟରେ ପଡ଼ି ଜଳ ଉତ୍ସ ପ୍ରତି ବିପଦ ସୃଷ୍ଟି କରୁଛି। ଏହି ଜଳ ବ୍ୟବହାର କରି ଗୃହପାଳିତ ପଶୁ ରୋଗାକ୍ରାନ୍ତ ହେଉଛନ୍ତି। ବିଭିନ୍ନ ସ୍ଥାନରେ ମେଡିକାଲ୍ ବର୍ଜ୍ୟ ମଧ୍ୟ ଜଳାଶୟକୁ ଛାଡ଼ି ଦିଆଯାଉଛି। ଏଣୁ ଜୀବଜଗତ ପ୍ରତି କ୍ଷତି ପହଞ୍ଚାଉଥିବା ସଂସ୍ଥାଗୁଡ଼ିକ ପ୍ରତି କୋହଳ ମନୋଭାବ ପୋଷଣ କରିବା ବାଞ୍ଛନୀୟ ନୁହେଁ। ଅଦାଲତରେ ବହୁ ମାମଲାର ବିଳମ୍ବ ଘଟୁଛି। ସରକାରଙ୍କ ସମେତ ସାଧାରଣ ଜନତା ମଧ୍ୟ ଏହାର ଶିକାର ହେଉଛନ୍ତି। ଏହାର ଅର୍ଥ ନୁହେଁ ଯେ ନ୍ୟାୟପାଳିକାକୁ ଏଡ଼ାଇ ଆମେ ମନମୁଖି ଭାବେ କାର୍ଯ୍ୟ କରିବା। ସଂକଳ୍ପରେ ଜରିମାନା ରାଶି ପରିମାଣ ଯାହା ଧାର୍ଯ୍ୟ କରାଯାଇଛି ତାହା ହାସ୍ୟାସ୍ପଦ। ମାତ୍ର ୧୦ରୁ ୧୫ ଲକ୍ଷ ଟଙ୍କା। ପ୍ରକୃତି ଓ ପରିବେଶର କ୍ଷତି ସାଧନ କରୁଥିବା ଅପରାଧୀଙ୍କ ପ୍ରତି ଜରିମାନା ପରିମାଣ କ'ଣ ପାଇଁ ଏତେ କମ୍ ରହିବ? ୧୫ ଲକ୍ଷ ଟଙ୍କା ବିନିମୟରେ ସେଗୁଡ଼ିକ ୧୦୦ କୋଟିର ପ୍ରଦୂଷଣ କରିବାରେ ସମର୍ଥ।

ପରିବେଶ ପ୍ରଦୂଷଣ ଦିଗରେ ରାଜ୍ୟ ପ୍ରଦୂଷଣ ବୋର୍ଡ, କେନ୍ଦ୍ର ପ୍ରଦୂଷଣ ବୋର୍ଡ ଓ ଏନଜିଟି ଆଦି ଅନେକ ସରକାରୀ ସଂସ୍ଥା କାର୍ଯ୍ୟ କରୁଛନ୍ତି। ରାଜ୍ୟ ସରକାରଙ୍କ ପଦକ୍ଷେପ ଯୋଗୁଁ ଏହି ନିୟନ୍ତ୍ରଣକାରୀ ସଂସ୍ଥାଗୁଡ଼ିକର କାର୍ଯ୍ୟାନୁଷ୍ଠାନ ପ୍ରଭାବ ହ୍ରାସ ପାଇବାର ଆଶଙ୍କା ରହିଛି। ସେହିପରି ଜରିମାନା ମୂଲ୍ୟ ସରକାରୀ ଅଧିକାରୀ ଧାର୍ଯ୍ୟ କରିବେ। ତେବେ ନିର୍ଦ୍ଦିଷ୍ଟ ପ୍ରଦୂଷଣର ମୂଲ୍ୟ କେତେ ହେବ ତାହା ସରକାରୀ ଅଧିକାରୀ କେଉଁ ମାନଦଣ୍ଡରେ ଆକଳନ କରିବେ ତାହା ଏକ ବଡ଼ ପ୍ରଶ୍ନ। ଏକ୍ଷେତ୍ରରେ ସରକାର ମନମୁଖି ଭାବେ ଜରିମାନା ଲାଗୁ କରିପାରନ୍ତି ବୋଲି ଉଠିଥିବା ଅଭିଯୋଗ ନିରାଧାର ନୁହେଁ। ଏଣୁ ଉଭୟ ବେସରକାରୀ ଓ ସରକାରୀ ସଂସ୍ଥା ଯଥା ନଗରପାଳିକା ଆଦି ପ୍ରଦୂଷଣକାରୀ ଅନୁଷ୍ଠାନ ପ୍ରତି ଅନୁକମ୍ପା ପ୍ରଦାନ କରିବାକୁ ଯାଇ ସରକାର ସଂକଳ୍ପ ଜରିଆରେ ଅଯଥା ଦ୍ୱନ୍ଦ୍ୱ ସୃଷ୍ଟି ନକରି ଏହାର ପୁନର୍ବିଚାର କଲେ ବୃହତ୍ତର ସମାଜର ମଙ୍ଗଳ ହେବ। ନଚେତ୍ ଏହା ଏକ ପରିବେଶ ମାରଣ ସଂକଳ୍ପରେ ପରିଣତ ହେବାରେ ବିଳମ୍ବ ହେବ ନାହିଁ।

ବରିଷ୍ଠ ସାମ୍ବାଦିକ
କଟକ, ମୋ: ୯୪୩୭୨୨୯୨୩୩

# ମୁଁ 'ଖବରକାଗଜ' କହୁଛି

**ସରୋଜ କୁମାର ଶତପଥୀ**



ମୁଁ ଖବର କାଗଜ। ଶତାବ୍ଦୀ ଶତାବ୍ଦୀ ଧରି ସମାଜର ଦର୍ପଣ ଭାବେ ନିଜ କର୍ତ୍ତବ୍ୟ ସମ୍ପାଦନ କରିଛି। ସତ୍ୟକୁ ପ୍ରକାଶ କରିବା ପାଇଁ ନିଷ୍ଠା ଓ ନୈତିକତାକୁ ଜୀବନର ପାଥେୟ କରିଛି। ଦିନ ଥିଲା, ଘର ଦୁଆରେ ମୋର ଆବିର୍ଭାବ ହେବା ମାତ୍ରେ ଘରର ପରିବେଶ ଜୀବନ୍ତ ହୋଇ ଯାଉଥିଲା। ଚା' ଓ ଚର୍ଚ୍ଚାର ଅଂଶ ଥିଲି ମୁଁ। ସମାଜ, ରାଜନୀତି, କ୍ରୀଡ଼ା, ସଂସ୍କୃତି, ପର୍ଯ୍ୟଟନ, ଯାହା କହିବେ ସେ ସବୁ ମୋର ପୃଷ୍ଠାରେ ପ୍ରତିଫଳିତ ହେଉଥିଲା। ମୁଁ କେବଳ ଖବର ବହନକାରୀ ନୁହେଁ, ସତ୍ୟ, ସଚେତନତା ଓ ଜନମତର ବାର୍ତ୍ତାବହ ଥିଲି। ମୁଁ ସ୍ୱାଧୀନତା ସଂଗ୍ରାମ ଦେଖିଛି, ଦେଶ ବିଭାଜନ ଦେଖିଛି, ଅନେକ ବିପ୍ଳବ ଓ ପ୍ରଳୟର ମୂକସାକ୍ଷୀ ହୋଇ ପ୍ରତିଦିନ ଲୋକଙ୍କ ଜୀବନ ସହ ଜଡ଼ିତ ଥିଲି।

ମୁଁ ଥିଲି ଜ୍ଞାନର ଶକ୍ତି, ଜନତାର ଅଧିକାର ଓ ଗଣତନ୍ତ୍ରର ଶ୍ୱାସ। ପ୍ରତିଦିନ ଲୋକମାନଙ୍କ ପାଖକୁ ଯାଉଥିବା ମୋର ଲକ୍ଷ୍ୟ କେବଳ ଖବର ପହଞ୍ଚାଇବା ନୁହେଁ, ସମାଜର ନଜର ଉପରେ ଆଙ୍ଗୁଠି ରଖିବା, ଉଚିତକୁ ଉଚିତ ବୋଲି କହିବା ଏବଂ ଅନ୍ୟାୟକୁ ପ୍ରଶ୍ନ କରିବା। କିନ୍ତୁ ମୋର ଅକ୍ଷରସବୁ ସମୟ ସାନ୍ତ୍ୱନାରେ ଲେଖାଯାଏ ନାହିଁ। ମୋର ଅକ୍ଷରରେ ଲୁହ ଥାଏ, ରକ୍ତ ଥାଏ, ମୋର ପୃଷ୍ଠାରେ ଥାଏ ପ୍ରକୃତି, ପରିଚୟ, ପ୍ରେମ, ସଂସ୍କୃତି, ପରମ୍ପରା। ଗାଢ଼ ଅନ୍ଧାରରେ ଲୁଚିଥିବା ଅନ୍ୟାୟର ଚିତ୍କାର ମଧ୍ୟ ଥାଏ।

ଆଜି ବି ମୁଁ ଅଛି ସତ, ମାତ୍ର ମୋର ସେଇ ପୁରୁଣା ଦିନ ଆଉ ନାହିଁ। ମୋତେ ଦେଖିଲେ ଲୋକେ ଆଗ ଭଳି ଆଦର କରୁ ନାହାନ୍ତି। ଲୋକ ଆଉ ପଢ଼ିବାକୁ ସମୟ ଦେଉନାହାନ୍ତି। ଚିନ୍ତା ଓ ବିବେଚନାକୁ ଛାଡ଼ି, ମତକୁ ସତ୍ୟ ଭାବି ଗ୍ରହଣ କରୁଛନ୍ତି। ଆଜି ପରିସ୍ଥିତି ପରିବର୍ତ୍ତିତ। ସାମାଜିକ ଗଣମାଧ୍ୟମର ବେପରୁଆ ବିସ୍ତାର ମୋର ମହତ୍ତ୍ୱକୁ ତଳକୁ ଚାପି ଦେଉଛି। ଡିଜିଟାଲ ଯୁଗର ଆଗମନ ସହ ମୋର ସମ୍ମାନ ଅପେକ୍ଷାକୃତ କମିଛି। ମୋର ପୃଷ୍ଠାକୁ ଫାଡ଼ିଦେଲେ ମଧ୍ୟ କେହି ଆଜି ଆଶ୍ଚର୍ଯ୍ୟ ହୁଅନ୍ତି ନାହିଁ। ଏବେ ଲୋକଙ୍କ ହାତରେ ମୋବାଇଲ, ଆଙ୍ଗୁଳିରେ ଫେସବୁକ, ୟୁଟ୍ୟୁବ, ଇନ୍‌ଷ୍ଟାଗ୍ରାମ। ରିଲସ ହେଉଛି ନୂଆ ଖବର। ଲାଇକ୍ ଓ କମେଣ୍ଟ ହେଉଛି ନୂଆ ମତାମତ।

ସାମାଜିକ ଗଣମାଧ୍ୟମ ଆସିବା ସହିତ ବଢ଼ିଛି ତଥ୍ୟ ବିକୃତି ଓ ଚାଲାକିପୂର୍ଣ୍ଣ ଖବରର ହାର। ଏବେ ତୁରନ୍ତ ଖବର ଦେବା ଓ ପ୍ରଥମେ ପ୍ରସାରଣ କରିବାର ଦୌଡ଼ରେ ମୁଁ ଉପେକ୍ଷିତ ହୋଇପଡ଼ିଛି। ଖବର ପଢ଼ିବାର ଅଭ୍ୟାସ ହ୍ରାସ ପାଇଛି। ମଣିଷ ୧୦ ସେକେଣ୍ଡରେ ଖବର ନେଉଛି ଏବଂ ୧ ସେକେଣ୍ଡରେ ଭୁଲି ଯାଉଛି। ଏହି ପରିବର୍ତ୍ତନ ମୋତେ ଦୁଃଖୀ କରୁ ନାହିଁ ବରଂ ଚିନ୍ତାରେ ପକାଇ ଦେଉଛି। କାରଣ ଶୀଘ୍ର ତଥ୍ୟର ଲହରୀ ମଧ୍ୟରେ ସତ୍ୟ ଓ ଅସତ୍ୟର ତଫାତ ଦୃଶ୍ୟାତୀତ ହେଇଯାଉଛି। ସାମାଜିକ ଗଣମାଧ୍ୟମରେ ତଥ୍ୟର ନିଜସ୍ୱ ଜୀବନ ନାହିଁ। ସେ କେବଳ ମତାମତ, ଭୟ, କ୍ରୋଧ ଓ ଭ୍ରମର ଅସ୍ଥିର ତରଙ୍ଗ। ମୋର ପୃଷ୍ଠାରେ ଧୂଳି ପଡୁଥିବା ସତ୍ତ୍ୱେ ମୋର ନୈତିକତା ଓ ଆଦର୍ଶର ଶକ୍ତି ଅସୀମ।

ତଥାପି ମୁଁ ଆଶାବାଦୀ। ଆଜି ମୋର ଅସ୍ତିତ୍ୱ ପ୍ରଶ୍ନରେ ତଥାପି ମୋର ଆତ୍ମଗ୍ଳାନି ନାହିଁ। କାରଣ ସତ୍ୟର ମୂଲ୍ୟ କେବେ ମରେ ନାହିଁ। ମୋର ଦାୟିତ୍ୱରେ ଆଜି ମଧ୍ୟ ପରିବର୍ତ୍ତନ ହୋଇନି। ମୁଁ ସତ୍ୟର ପକ୍ଷରେ ଅବିଚଳ। ଡିଜିଟାଲ ମାଧ୍ୟମର ଉଦୟ ସତ୍ତ୍ୱେ ମୋର ଅସ୍ତିତ୍ୱ ସଂପୂର୍ଣ୍ଣ ରୂପେ ଅମୂଲ୍ୟ ବା ଅନାବଶ୍ୟକ ହୋଇ ଯାଇନାହିଁ। ମୁଁ ଆଜି ମଧ୍ୟ ଗମ୍ଭୀର ଖବର ପ୍ରସାରଣ ଏବଂ ଆଞ୍ଚଳିକ ସମାଚାର ଦେବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ମୋ ପରି ଅନେକ ଖବରକାଗଜ ସଫଳତାର ସହିତ ଅନଲାଇନ ପ୍ଲାଟଫର୍ମକୁ ରୂପାନ୍ତର ହୋଇଛି।

ମୁଁ ଆଜି ବି ରହିଛି ସତ୍ୟର ପ୍ରହରୀ, ସମାଜ ସଚେତନତାର ଯୋଦ୍ଧା, ଗଣତନ୍ତ୍ରର ସୁରକ୍ଷାକର୍ତ୍ତା। ସମୟ ବଦଳିଛି, ଯୁଗ ବଦଳିଛି, ସୂଚନାର ଦୌଡ଼ ହଠାତ୍ ବଢ଼ିଛି, କିନ୍ତୁ ସତ୍ୟର ମୂଲ୍ୟ, ନିର୍ଭରତା ଓ ବିଶ୍ୱାସର ପାଥେୟ ଅବିଚଳ ରହିଛି। ତୁରନ୍ତ ତଥ୍ୟର ଝଡ଼ ମଧ୍ୟରୁ ଯେତେବେଳେ ସତ୍ୟକୁ ଖୋଜିବା ଦୁର୍ବଳ ହେଉଛି, ସେତେବେଳେ ମୋର ଅସ୍ତିତ୍ୱ ଆହୁରି ଆବଶ୍ୟକ, ଆହୁରି ମୂଲ୍ୟବାନ। ହେ ମଣିଷ! ଯଦି ବିବେଚନା, ଚିନ୍ତନ ଓ ଜ୍ଞାନର ମାର୍ଗକୁ ଶକ୍ତିଶାଳୀ କରିବାକୁ ଚାହୁଁଛ, ତା'ହେଲେ ମୋର ପୃଷ୍ଠା ଖୋଲ, ମୋର ଅକ୍ଷରରେ ଭରସା କର। ମୋର ପାଠକ ହେବା ମାନେ କେବଳ ଖବର ପଢ଼ିବା ନୁହେଁ; ସଚେତନ ନାଗରିକ ହେବାର ପଥ ଚୟନ। ମୋର ବାର୍ତ୍ତା - ପୁନଃ ଆସ, ପୁନଃ ପଢ଼, ପୁନଃ ଭାବ। ପ୍ରତିଦିନ ୧୦ ମିନିଟ ସମୟ ମୋ ପାଇଁ ଦିଅ। ପ୍ରସଙ୍ଗଗତ ଖବର ଖୋଜ, ବିଶ୍ଳେଷଣ ପଢ଼, ତଥ୍ୟକୁ ପରୀକ୍ଷା କର। ଆଲୋଚନା କର, ପ୍ରଶ୍ନ କର, ନିର୍ଦ୍ଦେଶିତ ଡିଜିଟାଲ ଦୁନିଆରେ ନିଜ ମତ ନିଜେ ତିଆରି କର।

ମୁଁ ପୁଣି ଆସିବି ତୁମେ ଡାକିଲେ। ସେଇ ଦିନ ପାଇଁ ମୁଁ ଅପେକ୍ଷା କରୁଛି। ଆପଣଙ୍କ ପୁରୁଣା ମିତ୍ର - 'ଖବରକାଗଜ'।

(ପରିଚାଳକ, ଜୟଦେବ ଭବନ)
ଭୁବନେଶ୍ୱର, ମୋ: ୯୩୪୮୧୨୭୪୪୭

# ପଦ୍ମସମ୍ଭବଙ୍କ ମହାପରିନିର୍ବାଣ ସ୍ଥଳ

**ପ୍ରବୀର କୁମାର ପଟ୍ଟନାୟକ**



ଦ୍ୱିତୀୟ-ବୁଦ୍ଧ କଥା

*ପୂର୍ବପ୍ରକାଶିତ ଉତ୍ତାରୁ...*

ବର୍ତ୍ତମାନର ମନ୍ଦିରଟିର ପୀଠସ୍ଥଳଟି ଏକ ପୁରାତନ ବୌଦ୍ଧ ମନ୍ଦିରର ମୂଳଭାବେ ଜଣାଯାଏ। ଉଭୟ ବୌଦ୍ଧ ଓ ଅସମୀୟ ପରମ୍ପରା ଅନୁଯାୟୀ ପ୍ରାଚୀନ ମୂଳ ବୌଦ୍ଧ ମନ୍ଦିର ଉପରେ ନୂତନ ମନ୍ଦିର ଆଧୁନିକ ଯୁଗରେ ହିଁ ନିର୍ମିତ ହୋଇଛି। ହିନ୍ଦୁ ବ୍ରାହ୍ମଣମାନେ ପୂଜା କରୁଥିବା ଦେବତା ବା ଠାକୁରଙ୍କୁ 'ମାଧବ' କହୁଥିବା ବେଳେ ବୌଦ୍ଧମାନେ ତାଙ୍କୁ ମହାମୁନି ବୁଦ୍ଧ ବୋଲି କହିଥା'ନ୍ତି। ପ୍ରକୃତପକ୍ଷେ ଏହା ପ୍ରସ୍ତର ନିର୍ମିତ ଏକ ବିଶାଳ ବୁଦ୍ଧ ମୂର୍ତ୍ତି। ବର୍ତ୍ତମାନ ଯୁଗରେ ଏହି ମୂଳମୂର୍ତ୍ତିକୁ ଲୁଚାଇ ଦେବା ଉଦ୍ଦେଶ୍ୟରେ ରୁପାର ଆଖି ଓ ନାକ ଇତ୍ୟାଦି ଏଥିରେ ଲଗାଇ ବସ୍ତ୍ର ଆଦି ଚାରିଆଡ଼େ ଢାଙ୍କି ଦେଇ ଅବଶିଷ୍ଟ ଖୋଲା ଭାଗକୁ ସବୁବେଳେ ଫୁଲରେ ଘୋଡ଼ାଇ ଦିଆଯାଇଛି।

ବୁଦ୍ଧଙ୍କର ଏହି ବିଶାଳ ପ୍ରତିମୂର୍ତ୍ତିଙ୍କୁ ତିବ୍ବତର ଯେଉଁ ଅତ୍ୟନ୍ତ ବିଦ୍ୱାନ ଲାମାମାନେ ପୀଠ ଦର୍ଶନରେ ଆସିଥା'ନ୍ତି ସେମାନେ 'ମୁନିର ମୁନି ମହାମୁନି' ବୋଲି କହିଥା'ନ୍ତି। ମୂଳ ବୁଦ୍ଧଙ୍କ ପ୍ରତିମୂର୍ତ୍ତିକୁ ଗୋପନରେ 'ମାଧବ' ଭାବେ ହିନ୍ଦୁମାନେ ଯେପରି ତାଙ୍କୁ ପରିବର୍ତ୍ତନ କରାଇଲେ ତାହା ଇତିହାସରେ ଖ୍ରୀ୧୬୬୧ରେ ମୁସଲମାନମାନଙ୍କ ଆକ୍ରମଣ ଯୋଗୁଁ କରାଯାଉଥିବା କୁହାଯାଉଛି। ମୁସଲମାନ ସେନାପତି ମୀର ଜୁମ୍‌ଲା ବିଭିନ୍ନ ପ୍ରତିମା ରହିଥିବା ମନ୍ଦିର ସବୁ ଭାଙ୍ଗି ଦେଇ ସେଠାରେ ମସ୍‌ଜିଦ୍‌ମାନ ନିର୍ମାଣ କରିବା ନିମନ୍ତେ ଆଦେଶ ଦେଇଥିଲେ। ବୁଦ୍ଧଙ୍କ ପ୍ରତିମୂର୍ତ୍ତି ସହ ଅନ୍ୟ ଯେଉଁ ପଥର ପ୍ରତିମାଗୁଡ଼ିକ ତାଙ୍କ ପାର୍ଶ୍ୱରେ ରଖାଯାଇଛନ୍ତି ସେଗୁଡ଼ିକର ସଂଖ୍ୟା ଚାରିଗୋଟି। ଏହି ପ୍ରତିମା ସବୁ ମଧ୍ୟ ବଡ଼ ଆକାରର। ଲାମା ତୀର୍ଥଯାତ୍ରୀଙ୍କ ମତରେ ସେସବୁ ମଧ୍ୟ ବୌଦ୍ଧ ପ୍ରତିମା। ସେହି ଚାରିଗୋଟି ବୁଦ୍ଧ ପ୍ରତିମୂର୍ତ୍ତି ହେଉଛନ୍ତି 'ଡାକ୍ତୀୟାନ ଗୁରୁ' (ପଦ୍ମସମ୍ଭବ) ମହାମୁନି ବୁଦ୍ଧଙ୍କ ବାସ କଡ଼ରେ, ଦର୍ଜେ ଡୋଲୋ(ବୁଦ୍ଧଙ୍କ ଡାହାଣ କଡ଼ରେ), ଶାକ୍ୟ ଥୁବା (ଡାହାଣ ପାଖରେ ଦ୍ୱିତୀୟରେ) ଓ ସେଞ୍ଚା ମୁନି (ଡାହାଣ ପାଖରେ ତୃତୀୟ ସ୍ଥାନରେ)।

ଅନ୍ୟ ପକ୍ଷରେ ହିନ୍ଦୁମାନେ ସମସ୍ତ ଦେବଦେବୀଙ୍କୁ 'ପଞ୍ଚମାଧବ' ଭାବରେ ବର୍ଣ୍ଣନା କରିଥା'ନ୍ତି। ଦ୍ୱିତୀୟ ମାଧବ, ଲାଲ କହ୍ନେୟା ବାଙ୍କବିହାରୀ, ବାସୁଦେବ, ହୟଗ୍ରୀବ ମାଧବ ଏବଂ ଗରୁଡ଼ ବିଷ୍ଣୁ ବାହନ। ଏହା ନିଶ୍ଚିତ ଯେ ହୁଏନସାଂ ସପ୍ତମ ଶତାବ୍ଦୀରେ କାମରୂପ ଭ୍ରମଣରେ ଆସିଥିବା ସମୟରେ ଏଡି ହଜୋ ସ୍ଥାନରେ କୌଣସି ବୌଦ୍ଧ ଅନୁଷ୍ଠାନ ନ ଥିଲା। କାରଣ ସେ ନିର୍ଦ୍ଦିଷ୍ଟ ଭାବରେ ଦର୍ଶାଇଛନ୍ତି କି ଏଠାରେ (କାମରୂପ ରାଜ୍ୟରେ ଅଥବା ଆସାମରେ) ଲୋକମାନେ ବୌଦ୍ଧ ଧର୍ମରେ ବିଶ୍ୱାସ କରନ୍ତି ନାହିଁ କି ଏଠାରେ କୌଣସି ଗୋଟିଏ ବି ବୌଦ୍ଧ ବିହାର ଆଦି ନିର୍ମିତ ହୋଇନାହିଁ।

ଏସବୁ ଆଲୋଚନା ପରେ ଏହା ନିଶ୍ଚିତ ଭାବେ କୁହାଯାଇପାରିବ ଯେ ବୁଦ୍ଧଙ୍କର ମହାପରିନିର୍ବାଣ ଆସାମରେ କେବେହେଲେ ଘଟିନାହି। ଏହା ପ୍ରତିଷ୍ଠିତ ତଥ୍ୟ କି ବୁଦ୍ଧଙ୍କର ମହାପ୍ରୟାଣ ଗୋରଖପୁର ନିକଟ କୁଶୀନଗରରେ ହିଁ ଘଟିଛି। ଏହା ମଧ୍ୟ ନିଶ୍ଚିତ ଯେ ଯାହା ବି ବୌଦ୍ଧକୀର୍ତ୍ତି ଏବଂ ବୌଦ୍ଧ ଅନୁଷ୍ଠାନ ଆଦି ଆସାମରେ ରହିଛି ବା ଦେଖାଯାଉଛି ତାହା ନିଶ୍ଚିତ ଭାବେ ସପ୍ତମ ଶତାବ୍ଦୀର ପରବର୍ତ୍ତୀ କାଳରେ ହୁଏନସାଂଙ୍କ ପରେ।(କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଭାରତ-ରୁଷ...

ବରଫାବୃତ ସାମୁଦ୍ରିକ ଅଞ୍ଚଳରେ ଜାହାଜ ଚଳାଇବାର ପ୍ରଶିକ୍ଷଣ, ନୂଆଁ ସିପିଂ ଲେନ୍‌ରେ ନିବେଶ, ସିଭିଲ-ନ୍ୟୁକ୍ଲିୟର ଶକ୍ତି ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ (କ୍ରିଟିକାଲ ମିନେରାଲ୍ସ) ଉପରେ ଏମଓୟୁ ସ୍ୱାକ୍ଷର ହୋଇଛି। ରାତିରେ ରାଷ୍ଟ୍ରପତି ଭବନରେ ନୈଶ୍ୟ ଭୋଜି ପରେ ପୁଟିନ ରୁଷ୍ ଫେରି ଯାଇଛନ୍ତି।

ଆତଙ୍କବାଦ ବିରୋଧରେ କୌଣସି ଗୁପ୍ତ ଏଜେଣ୍ଡା ଏବଂ ଦୋମୁହାଁ ନୀତି ନ ଆପଣାଇ ବୈଶ୍ୱିକ ଲଢ଼େଇ କରିବାକୁ ଦୁଇ ଦେଶ ଆହ୍ୱାନ ଦେଇଛନ୍ତି। ଆତଙ୍କବାଦୀ ଅନୁପ୍ରବେଶ ଏବଂ ଏହାକୁ ସହାୟତା ଦେଉଥିବା ବ୍ୟକ୍ତି ତଥା ସଂଗଠନ ସହିତ ସବୁ ପ୍ରକାଶ ଆତଙ୍କବାଦର ମିଳିତ ମୁକାବିଲା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରାଷ୍ଟ୍ରପତି ଦୃଢ଼ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି।

ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସସି)ରେ ଭାରତର ସ୍ଥାୟୀ ସଦସ୍ୟତାକୁ ମଧ୍ୟ ପୁଟିନ ସମର୍ଥନ ଦେଇଛନ୍ତି। ସେହିପରି ପୁଟିନଙ୍କ ସାମ୍‌ନାରେ ମୋଦୀ ରୁଷ୍ ସେନାରେ ସାମିଲ ଭାରତୀୟଙ୍କ ପ୍ରସଙ୍ଗ ଉଠାଇ ଥିଲେ। ଭାରତୀୟଙ୍କ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ପାଇଁ ମୋଦୀ ଦାବି କରିଥିଲେ। ଏବେ ରୁଷ ସେନାରେ ୪୪ ଭାରତୀୟ ଫସି ରହିଥିବା ବୈଦେଶିକ ମନ୍ତ୍ରାଳୟ ସୂଚନା ଦେଇଥିଲା।

ଚଢ଼ା ଶୁଳ୍କ ଲଗାଇବା ପରେ ରୁଷ୍‌ଠାରୁ ଅଶୋଧିତ ତୈଳ ନ କିଣିବା ଲାଗି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ କ୍ରମାଗତ ଭାବେ ଚାପ ପକାଇ ଚାଲିଛନ୍ତି। ଏପରି ସମୟରେ ରୁଷ୍ ରାଷ୍ଟ୍ରପତି ଭାରତ ଗସ୍ତରେ ଆସି ଆମେରିକାର ଏକପାଖିଆ କାର୍ଯ୍ୟାନୁଷ୍ଠାନ ଏବଂ ଦୋମୁହାଁ ନୀତିକୁ ପୁଟିନ ଅନୁଚିତ ବୋଲି କହିଛନ୍ତି। ଏହି ଗସ୍ତ ଉପରେ ସାରା ବିଶ୍ୱର ନଜର ରହିଛି। ପ୍ରଧାନମନ୍ତ୍ରୀ ମୋଦୀ ଏବଂ ରାଷ୍ଟ୍ରପତି ପୁଟିନ ଗତ ୨୪ ଘଣ୍ଟା ମଧ୍ୟରେ ପରସ୍ପରକୁ ତିନି ଥର ଭେଟିଛନ୍ତି। ଉଭୟେ ନୈଶ୍ୟଭୋଜି, ଦ୍ୱିପାକ୍ଷିକ ଆଲୋଚନା, ମିଳିତ ସାମ୍ବାଦିକ ସମ୍ମିଳନୀ ଏବଂ ଭାରତ-ରୁଷ ବ୍ୟବସାୟିକ ଫୋରମକୁ ସମ୍ବୋଧିତ କରିଛନ୍ତି। ତେବେ ଏହି ସମୟରେ ଦୁଇ ଦେଶ ମଧ୍ୟରେ କୌଣସି ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷର ହୋଇପାରି ନାହିଁ। ଏହା ପୂର୍ବରୁ ଲଢୁଆ ବିମାନ କିମ୍ବା ବଡ଼ ପ୍ରତିରକ୍ଷା ଚୁକ୍ତି ହେବ ବୋଲି କୁହାଯାଉଥିଲା। ମାତ୍ର ବ୍ୟବସାୟ ବୃଦ୍ଧି ପାଇଁ ଭାରତ-ରୁଷ ମଧ୍ୟରେ ୧୯ଟି ଚୁକ୍ତିରେ ମୋହର ବାଜିଛି। ଦୁଇ ଦେଶ ମଧ୍ୟରେ ଜାହାଜ ନିର୍ମାଣ, ଭାରତୀୟ ନାବିକଙ୍କୁ ବରଫାବୃତ ସାମୁଦ୍ରିକ ଅଞ୍ଚଳରେ ଜାହାଜ ଚଳାଇବାର ପ୍ରଶିକ୍ଷଣ, ନୂଆଁ ସିପିଂ ଲେନ୍‌ରେ ନିବେଶ, ସିଭିଲ-ନ୍ୟୁକ୍ଲିୟର ଶକ୍ତି ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ (କ୍ରିଟିକାଲ ମିନେରାଲ୍ସ) ଉପରେ ଏମଓୟୁ ସ୍ୱାକ୍ଷର ହୋଇଛି।

ଆଜି ମିଳିତ ସାମ୍ବାଦିକ ସମ୍ମିଳନୀରେ ପୁଟିନଙ୍କୁ ସବୁଠାରୁ ଘନିଷ୍ଠ ସହଯୋଗୀ ବୋଲି ମୋଦୀ କହିଥିଲେ। ଭାରତ ଏବଂ ରୁଷ ସମ୍ବନ୍ଧ ଧ୍ରୁବ ତାରା ଭଳି ସ୍ଥିର ଏବଂ ଅଟଳ । ମେକ ଇନ ଇଣ୍ଡିଆ ଅଧୀନରେ ରୁଷ ଜାହାଜ ନିର୍ମାଣରେ ସହଯୋଗ କରିବ। ୟୁରୋସିଆନ ଆର୍ଥିକ ସଂଘ ସହିତ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫଟିଏ) ନେଇ ମଧ୍ୟ ଆଲୋଚନା ଜାରି ରହିଛି। ରୁଷରେ ଦୁଇଟି ନୂଆ ବାଣିଜ୍ୟ ଦୂତାବାସ ଖୋଲିବା ସହିତ ଏହି ଦେଶର ନାଗରିକଙ୍କୁ ୩୦ ଦିନ ପାଇଁ ମାଗଣା ଇ-ଟୁରିଷ୍ଟ ଭିସା ଏବଂ ଗ୍ରୁପ-ଟୁରିଷ୍ଟ ଭିସା ଦିଆଯିବ ବୋଲି ମୋଦୀ ଘୋଷଣା କରିଛନ୍ତି। ୨୦୩୦ ପୂର୍ବରୁ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ଶହେ ବିଲିୟନ ଡଲାର ଛୁଇଁବ ବୋଲି ମୋଦୀ କହିଛନ୍ତି। ସେହିପରି ପୁଟିନ କହିଥିଲେ ଯେ କେବଳ ତୈଳ ଏବଂ ଗ୍ୟାସ ଉପରେ ଆଲୋଚନା ପାଇଁ ସେ ଭାରତ ଗସ୍ତରେ ଆସିନାହାନ୍ତି। ଭାରତ ସହ ପ୍ରତ୍ୟେକ କ୍ଷେତ୍ରରେ ସମ୍ପର୍କ ଏବଂ ବାଣିଜ୍ୟ ବଢ଼ାଇବାକୁ ଚାହୁଁଛି। ବିନା ସମସ୍ୟାରେ ଇନ୍ଧନ ଯୋଗାଣ ଜାରି ରହିବ ବୋଲି ପୁଟିନ ସ୍ପଷ୍ଟ କରିଛନ୍ତି। ଏବେ ଦୁଇ ଦେଶ ମଧ୍ୟରେ ୬୦ ବିଲିୟନ ଡଲାର କାରବାର ହେଉଛି। ଦ୍ୱିପାକ୍ଷିକ ବ୍ୟବସାୟ ବର୍ଷେ ମଧ୍ୟରେ ୧୨ ପ୍ରତିଶତ ବୃଦ୍ଧି ପାଇଛି। ଆଗକୁ ଏହା ୧୦୦ ବିଲିୟନ ଡଲାରକୁ ବଢ଼ିବ। ରୁଷ-ଭାରତ ମିଶି କୁଡ଼ନକୁଲମରେ ସବୁଠାରୁ ବଡ଼ ପରମାଣୁ କେନ୍ଦ୍ର ନିର୍ମାଣ କରୁଛନ୍ତି। ନୂଆ ଅନ୍ତର୍ଜାତୀୟ ପରିବହନ ମାର୍ଗ ମଧ୍ୟ ନିର୍ମାଣ ଚାଲିଛି। ଏହା ମାଧ୍ୟମରେ ବେଲାରୁଷ ଦେଇ ସାମଗ୍ରୀ ସିଧା ଭାରତ ମହାସାଗରରେ ପହଞ୍ଚିବ। ଏହା ସହିତ ଭାରତରେ ରୁଷ ଟୁଡେ ଚ୍ୟାନେଲ ଲଞ୍ଚ କରାଯିବ ବୋଲି ପୁଟିନ କହିଛନ୍ତି। ସେ ଆମେରିକାର ଦୋମୁହାଁ ନୀତିକୁ ପ୍ରଶ୍ନ ଉଠାଇଛନ୍ତି। ରୁଷଠାରୁ ରିଆକ୍ଟର ଫୁଏଲ କିଣୁଥିବା ଆମେରିକା ଭାରତକୁ ଟାର୍ଗେଟ କରିବା ଅନୁଚିତ ବୋଲି ସେ କହିଛନ୍ତି। ଯଦି ଏହା କିଣି ଆମେରିକା ଠିକ୍ କରୁଛି ତେବେ ଭାରତର ଭୁଲ୍ କ'ଣ ରହିଲା ବୋଲି ପୁଟିନ ଏକ ସାକ୍ଷାତକାରରେ କହିଛନ୍ତି। ଭାରତର ପ୍ରଭାବ ବୃଦ୍ଧି ଆମେରିକା ପାଇଁ ଅସହ୍ୟ ହୋଇଯାଇଥିବା ସେ ଉଲ୍ଲେଖ କରିଛନ୍ତି।

ଶୁକ୍ରବାର ରାତିରେ ରାଷ୍ଟ୍ରପତି ଭବନରେ ଆୟୋଜିତ ନୈଶଭୋଜିରେ ପୁଟିନ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଏଥିରେ ଉପସ୍ଥିତ ଥିବାବେଳେ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେଙ୍କୁ ଆମନ୍ତ୍ରଣ କରାଯାଇ ନ ଥିଲା। କିନ୍ତୁ କଂଗ୍ରେସ ସାଂସଦ ଶଶୀ ଥରୁରଙ୍କୁ ଡକା ଯାଇଥିଲା। ଏହା ପୂର୍ବରୁ ବିଦେଶରୁ ଆସୁଥିବା ନେତାଙ୍କ ସହ ସାକ୍ଷାତ କରିବାକୁ ସରକାର ଦେଉନାହାନ୍ତି ବୋଲି ରାହୁଲ ଅଭିଯୋଗ କରିଥିଲେ। ଆଜିର ଏହି ଘଟଣା ପୁଣି ଏକ ନୂଆ ବିବାଦ ସୃଷ୍ଟି କରିଛି।

### ଡିଜିସିଏର ତଦନ୍ତ...

ଚଳାଚଳ ସ୍ୱାଭାବିକ ହେବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ବିମାନ ସେବାରେ ଅବ୍ୟବସ୍ଥାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛି।

ଅନ୍ୟପକ୍ଷରେ ଯାତ୍ରୀ ସେବାକୁ ସୁଗମ କରିବା ପାଇଁ ପାଇଲଟଙ୍କୁ ସାପ୍ତାହିକ ବିଶ୍ରାମ ବଦଳରେ କୌଣସି ଆଶ୍ୱସ୍ତି ନ ଦେବା ନିଷ୍ପତ୍ତିକୁ ପ୍ରତ୍ୟାହାର କରି ନିଆଯାଇଛି। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଏହି ନିୟମରୁ ଇଣ୍ଡିଗୋକୁ ଫେବୃଆରୀ ୧୦ ପର୍ଯ୍ୟନ୍ତ ଆଶ୍ୱସ୍ତି ଦେଇଛି। ଏବେ କ୍ରୁ ସଦସ୍ୟଙ୍କୁ ପୂର୍ବ ଭଳି ୩୬ ଘଣ୍ଟା ବିଶ୍ରାମ ମିଳିବ।

### ପରୀକ୍ଷା ପୂର୍ବରୁ...

କରାଯାଇଛି। ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ ଯେ ଶୁକ୍ରବାର ଅପରାହ୍ନରେ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଉପରୋକ୍ତ ପ୍ରସଙ୍ଗ ଉଠାଇଥିଲେ। ଏହି ଘଟଣାରେ ସ୍ୱାସ୍ଥ୍ୟମନ୍ତ୍ରୀ ଗୃହରେ ବିବୃତି ରଖିବାକୁ ବାଚସ୍ପତି ରୁଲିଂ ପ୍ରଦାନ କରିବାକୁ ସେ ଦାବି କରିଥିଲେ। ଏହାପରେ ବିଜେଡି ବିଧାୟକମାନେ ଗୃହର ମଧ୍ୟଭାଗକୁ ଆସି ପ୍ରବଳ ନାରାବାଜି କରିଥିଲେ। କଂଗ୍ରେସ ସଦସ୍ୟମାନେ ମଧ୍ୟ ନିଜ ନିଜ ଆସନରେ ଛିଡ଼ା ହୋଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବିବୃତି ଦାବି କରିଥିଲେ। ଫଳରେ ବାଚସ୍ପତି ସୁରମା ପାଢ଼ୀଙ୍କୁ ଗୃହକୁ ୨ଟି ପର୍ଯ୍ୟାୟରେ ୨୦ ମିନଟ ମୁଲତବୀ କରିବାକୁ ପଡ଼ିଥିଲା। ଗୃହରେ ସ୍ୱାସ୍ଥ୍ୟମନ୍ତ୍ରୀ ବିବୃତି ରଖିବେ ବୋଲି ବାଚସ୍ପତି ରୁଲିଂ ଦେବା ପରେ ଗୃହକାର୍ଯ୍ୟ ସ୍ୱାଭାବିକ ହୋଇଥିଲା। ଅପରପକ୍ଷେ ଆଜି ମୁଲତବୀ ଆଲୋଚନା ଚାଲିଥିବା ବେଳେ କଂଗ୍ରେସ ବିଧାୟକ ଡ. ସିଏସ୍ ରାଜନ ଏକ୍କା ପଏଣ୍ଟ ଅଫ୍ ଅର୍ଡର ଜରିଆରେ ସମାନ ପ୍ରସଙ୍ଗ ଗୃହରେ ଉଠାଇଥିଲେ।

ରାଜ୍ୟରେ ବାରମ୍ବାର ପରୀକ୍ଷା ବିଭ୍ରାଟ ମେଧାବୀ ଛାତ୍ରଛାତ୍ରୀଙ୍କୁ ହତୋତ୍ସାହିତ କରୁଛି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଦିନରାତି ପରିଶ୍ରମ କରି ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିଲେ ମଧ୍ୟ ସ୍ୱଚ୍ଛତାର ସହ ପରୀକ୍ଷା କରାଇବାରେ ସରକାର ବିଫଳ ହୋଇଛନ୍ତି। ଏହା ପୂର୍ବରୁ ଏକାଧିକ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ଓ ପରୀକ୍ଷା ପରିଚାଳନାରେ ବିଭ୍ରାଟ ପରି ଘଟଣା ପରୀକ୍ଷାର୍ଥୀଙ୍କୁ ବିଚଳିତ କରିଛି। ପୁଲିସ୍ ଏସ୍‌ଆଇ ଚାକିରି ବିକ୍ରି ଘଟଣା ପଦାକୁ ଆସିବା ପରେ ଆଶାୟୀଙ୍କ ମେରୁଦଣ୍ଡ ଦୋହଲି ଯାଇଥିଲା। ଏତେ ବଡ଼ ସ୍ତରରେ କେଲେଙ୍କାରୀ ହେଉଥିବା ଜଣାପଡ଼ିବା ପରେ ସେମାନଙ୍କ ମନୋବଳ ଭାଙ୍ଗି ଯାଇଛି। ଏବେ ଯେକୌଣସି ନିଯୁକ୍ତି ପରୀକ୍ଷାକୁ ନେଇ ସେମାନଙ୍କ ମନରେ ସନ୍ଦେହ ଉପୁଜୁଥିବା ବେଳେ ସରକାର ସକାରାତ୍ମକ ପରିବେଶ ସୃଷ୍ଟି କରିବାରେ ବିଫଳ ହେଉଛନ୍ତି। ଅପରପକ୍ଷେ, ଗୋଟିଏ ପରେ ଗୋଟିଏ ପରୀକ୍ଷା ବିଭ୍ରାଟ ହେଉଥିବାରୁ ସରକାରଙ୍କ ଆନ୍ତରିକତା ନେଇ ମଧ୍ୟ ସେମାନେ ପ୍ରଶ୍ନ ଉଠାଇଛନ୍ତି। ରାଜ୍ୟରେ ସରକାର ବଦଳିବା ପରେ ପରୀକ୍ଷା ବିଭ୍ରାଟ ଉତ୍କଟ ରୂପ କିପରି ନେଇଛି ବୋଲି ପ୍ରଶ୍ନ କରିଛନ୍ତି।

### କମିଲା ସୁଧ...

ସଞ୍ଜୟ ମାଲହୋତ୍ରା ଆଜି ଘୋଷଣା କରିଛନ୍ତି। ରେପୋ ହାରରେ ହ୍ରାସ ପରେ ଋଣ ଶସ୍ତା ହେବା ସହ ଇଏମ୍‌ଆଇ କମିବ। ଫଳରେ ଆଗାମୀ ଦିନରେ ଗୃହ ଏବଂ ଅଟୋ ଋଣ ଶସ୍ତା ହେବ।

ସୂଚନାଯୋଗ୍ୟ ଯେ, ଚଳିତବର୍ଷ ରିଜର୍ଭ ବ୍ୟାଙ୍କ ରେପୋ ହାର ୪ ଥର ହ୍ରାସ ଘଟାଇଛି। ଆର୍‌ବିଆଇ ଫେବୃଆରୀ ପରଠାରୁ ତିନୋଟି କିସ୍ତିରେ ମୋଟ ୧% ରେପୋ ହାର ହ୍ରାସ କରିଛି। ନୀତିଗତ ସୁଧ ହାରରେ ଆହୁରି ହ୍ରାସ ଘଟିବ ବୋଲି ପୂର୍ବରୁ ଆର୍‌ବିଆଇ ଗଭର୍ଣ୍ଣର ସୂଚନା ଦେଇଥିଲେ। ସୁଧ ହାର ହ୍ରାସ ଯୋଗୁ ଆଗାମୀ ଦିନରେ ବଜାରରେ ଗୃହ ଏବଂ ଅଟୋ ଭଳି ଋଣ ୦.୨୫% ଶସ୍ତା ହେବ।

ସୂଚନାଯୋଗ୍ୟ, ଚଳିତ ବର୍ଷ ରେପୋ ହାର ଚାରି ଥରରେ ୧.୨୫% ହ୍ରାସ ପାଇଛି। ଆର୍‌ବିଆଇ ଫେବୃଆରୀ ବୈଠକରେ ସୁଧ ହାର ୬.୫%ରୁ ୬.୨୫%କୁ ହ୍ରାସ କରିଥିବାବେଳେ ଏପ୍ରିଲ ବୈଠକରେ ଦ୍ୱିତୀୟ ଥର ପାଇଁ ସୁଧ ହାର ୦.୨୫% ହ୍ରାସ କରାଯାଇଥିଲା। ଜୁନ୍ ମାସରେ ତୃତୀୟ ଥର ପାଇଁ ସୁଧ ହାର ୦.୫୦% ହ୍ରାସ କରାଯାଇଥିବାବେଳେ, ଏବେ ପୁଣି ଥରେ ଏଥିରେ ୦.୨୫% ହ୍ରାସ କରାଯାଇଛି।

### ଦୁର୍ଘଟଣାରେ ଗଲା...

ପାଇ ଯୋଡ଼ା ପୁଲିସ ପହଞ୍ଚି ଶବଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୁଲିସ ଦୁର୍ଘଟଣା ଘଟାଇଥିବା ଟ୍ରେଲରକୁ ଜବତ କରି ଚାଳକକୁ ଅଟକ ରଖିଛି।

ସେହିପରି ଅନ୍ୟ ଏକ ଘଟଣା ସନ୍ଧ୍ୟା ପ୍ରାୟ ୬ଟା ୪୫ରେ ଘଟିଥିଲା। ଗୁଆଲିଗୁଡା ସାହି ଅଞ୍ଚଳର ଧ୍ରୁବଚରଣ ନାଏକ ନିଜ ଜନ୍ମଦିନ ପାଇଁ କୋଇଡ଼ାରୁ କେକ୍ କିଣି ବାଇକ୍‌ରେ ଫେରୁଥିବା ବେଳେ ରୁଗୁଡ଼ି ଥାନା ଅନ୍ତର୍ଗତ ଗନ୍ଧଲପଦା ନିକଟରେ ଏକ ହାଇୱା ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ଧ୍ରୁବଙ୍କ ମୃତ୍ୟୁ ହୋଇଯାଇଥିଲା। ଧ୍ରୁବ ରାସ୍ତାର ଭୁଲ ପାର୍ଶ୍ୱରେ ଦ୍ରୁତଗତିରେ ଆସୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିବା ରୁଗୁଡ଼ି ଥାନାଧିକାରୀ ସୂଚନା ଦେଇଛନ୍ତି।

### ୨ ବର୍ଷର ଶିଶୁକୁ...

ଲଳିତା ୮ ମାସର ଗର୍ଭବତୀ। ଆଜି ମଧ୍ୟାହ୍ନରେ ସେ ନିଜ ସ୍ୱାମୀ ଓ ଶିଶୁ ସହ ସ୍କୁଟିରେ ବ୍ରହ୍ମପୁର ବଡ଼ ମେଡ଼ିକାଲ ଯାଇଥିଲେ। ସେଠାରେ ସ୍ୱାସ୍ଥ୍ୟ ପରୀକ୍ଷା ପରେ ସନ୍ଧ୍ୟାରେ ଗାଁକୁ ଫେରୁଥିଲେ। ଗଣିଆନାଳ ଛକ ନିକଟସ୍ଥ ମାଁ କୁରେଇଶୁଣି ମନ୍ଦିର ସମ୍ମୁଖରେ ବିପରୀତ ଦିଗରୁ ଆସୁଥିବା ସୁନୀଲଙ୍କ ବାଇକ୍ ସହ ସ୍କୁଟିଟି ଧକ୍କା ହୋଇଥିଲା। ସମସ୍ତେ ରାସ୍ତାର ଉଭୟ ପାର୍ଶ୍ୱରେ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ଡାକ୍ତର ସେଠାରେ ଲଳିତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଗୁରୁତର ସୁନୀଲଙ୍କ ଚିକିତ୍ସା କରାଯାଉଛି। ଖବର ପାଇ ଦିଗପହଣ୍ଡି ପୁଲିସ ମେଡିକାଲରେ ପହଞ୍ଚି ମୃତଦେହଦ୍ୱୟକୁ ଜବତ କରି ତଦନ୍ତ ଚଳାଇବା ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରିଛି। ଶନିବାର ସକାଳୁ ଶବ ବ୍ୟବଚ୍ଛେଦ କରାଯିବ ବୋଲି ଥାନା ଅଧିକାରୀ ତଥା ଡିଏସ୍‌ପି ପ୍ରଶାନ୍ତ କୁମାର ପାତ୍ର ସୂଚନା ଦେଇଛନ୍ତି।

### ଫେବୃଆରୀ ୧୯ରୁ...

ବୋର୍ଡ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ପରିଷଦର ୱେବ୍‌ସାଇଟ୍‌ରେ ଉପଲବ୍ଧ ଥିବା ଅଫିସିଆଲ୍ ସମୟ ସୂଚୀକୁ ଯତ୍ନର ସହ ଯାଞ୍ଚ କରିବାକୁ ଏବଂ ନିର୍ଦ୍ଧାରିତ ସମୟ ପୂର୍ବରୁ ପରୀକ୍ଷା କେନ୍ଦ୍ରରେ ଉପସ୍ଥିତ ହେବାକୁ ପରାମର୍ଶ ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ମାଟ୍ରିକ୍ ପରୀକ୍ଷା ସହ ବିଏସ୍‌ଇ ଓଡ଼ିଶା ପକ୍ଷରୁ ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରମାଣପତ୍ର ପରୀକ୍ଷା ୨୦୨୬ ଏବଂ ମାଧ୍ୟମା ସଂସ୍କୃତ ପରୀକ୍ଷା ୨୦୨୬ର ସୂଚୀ ମଧ୍ୟ ପ୍ରକାଶ କରାଯାଇଛି।

### ସରକାରୀ ସହାୟତା...

ବଢ଼ିଥିଲା। ଏହାପରେ ସେ ଆଉ ପଛକୁ ଫେରି ନାହାନ୍ତି। ଦିଲ୍ଲୀରେ ଆୟୋଜିତ 'ବୀର କ୍ଲାସିକ୍ ଚାମ୍ପିଅନସିପ'ରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଗାଜିଆବାଦରେ ଆୟୋଜିତ 'ମିଷ୍ଟର ଇଣ୍ଡିଆ ୱିମେନ୍ ବଡି ବିଲଡିଂ ଚାମ୍ପିଅନ୍‌ସିପ୍'ରେ ମଧ୍ୟ ସେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେହିପରି ୨୦୨୫ ମେ' ମାସରେ ବ୍ୟାଙ୍କକ୍‌ରେ ଆୟୋଜିତ 'ଇଣ୍ଟରନ୍ୟାସନାଲ ବଡି ବିଲଡିଂ ଆଣ୍ଡ ଫିଟନେସ୍ ଚାମ୍ପିଅନସିପ୍ ୫୨ କେଜି ୱେଟ୍ କାଟାଗୋରୀରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହାସହ ୧୬୨ ସେଣ୍ଟିମିଟର ଫିଟନେସ୍ କାଟାଗୋରୀରେ ମଧ୍ୟ ସେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ତେବେ ସେ ବିକ୍‌ନି, ଫିଟନେସ୍, ବଡି ବିଲଡିଙ୍ଗ କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦିତ କରିଛନ୍ତି। ଏ ୩ଟି ବିଭାଗରେ ସେ ପ୍ରଥମ ସ୍ଥାନ ଅଧିକାର କରିବା ସହ ରାଜ୍ୟ ଓ ଦେଶର ଗୌରବ ବୃଦ୍ଧି କରିଥିଲେ।

କିନ୍ତୁ ଏହି ବିଶ୍ୱ ବିଜେତାଙ୍କ ଲାଗି ଓଡ଼ିଶା ସରକାର ନିଜର ସହାୟତାର ବାଟ ବନ୍ଦ କରିଦେଇଥିଲେ। ଏବେ କ୍ରୀଡ଼ା ନୀତି ଅନୁଯାୟୀ ଏକାଧିକ ଅଣ ଅଲିମ୍ପିଆଡ୍ ପଦକ ବିଜେତାଙ୍କୁ, ଅଂଶଗ୍ରହଣ କରିବାକୁ ସରକାର ହାତ ଖୋଲି ଦେଇଛନ୍ତି। କିନ୍ତୁ ଏକ କଷ୍ଟସାଧ୍ୟ ଖେଳରେ ତାଙ୍କୁ ସହାୟତା, ପ୍ରୋତ୍ସାହନ ରାଶି ଦେବାତ ଦୂରର କଥା ସାମାନ୍ୟ ଅଭିନନ୍ଦନ କିମ୍ବା ଶୁଭେଚ୍ଛା ବାର୍ତ୍ତାଟିଏ ଜଣାଇ ନାହାନ୍ତି ଓଡ଼ିଶା କ୍ରୀଡ଼ା ଓ ଯୁବ ସେବା ବିଭାଗ କିମ୍ବା କିମ୍ବା ମୁଖ୍ୟମନ୍ତ୍ରୀ। ଏବେ ଦେଶ ବିଦେଶରେ ସଫଳତା ପାଉଥିବା ଦଳ କିମ୍ବା କ୍ରୀଡ଼ାବିତ୍‌ଙ୍କୁ ବିଭାଗ, ବିଭାଗୀୟ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଶୁଭେଚ୍ଛା ଓ ଅଭିନନ୍ଦନରେ ପୋତି ପକାଉଛନ୍ତି। ଏଭଳି କ୍ଷେତ୍ରରେ ପିଙ୍କିଙ୍କ ପ୍ରତି ମନ୍ତ୍ରୀ ଓ ପ୍ରଶାସକ କାହିଁକି ଚୁପ୍ ରହିଛନ୍ତି ତାହା ସନ୍ଦେହ ସୃଷ୍ଟି କରିଛି। ବିନା ସହାୟତା କିମ୍ବା ପ୍ରୋତ୍ସାହନରେ ବଲି ବିଲ୍ଡିଂ ଭଳି କ୍ରୀଡ଼ାରେ ତିଷ୍ଠି ରହିବା ସମ୍ଭବ ନୁହେଁ। ଏହାର ଅଭାବରେ ପିଙ୍କି ଯେ ଏବେ ଖେଳ ଛାଡ଼ିବାକୁ ଚିନ୍ତା କରିବା ନିଶ୍ଚିତ ଭାବେ ରାଜ୍ୟ ଲାଗି ଖରାପ ପରମ୍ପରା ସୃଷ୍ଟି କରିବ। ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗ ନେବା ପୂର୍ବରୁ ପିଙ୍କି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଥିଲେ। ପିଙ୍କିଙ୍କ ମୁଣ୍ଡରେ ହାତ ରଖି ଆଶୀର୍ବାଦ ଦେବା ସହ ତାଙ୍କ ଲାଗି କିଛି ବ୍ୟବସ୍ଥା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଏହି ପ୍ରତିଶ୍ରୁତି ୯ ମାସ ପୂରିବାକୁ ବସିଲାଣି। ପିଙ୍କି କିନ୍ତୁ ସହାୟତା ଓ ପ୍ରୋତ୍ସାହନ ଅଭାବରେ ଖେଳ ଛାଡ଼ିବାକୁ ବସିଲେଣି। ଖୋର୍ଦ୍ଧା ଜିଲ୍ଲାର ଝିଅ ଓ ଡେଲାଙ୍ଗର ବୋହୁ ଏବେ ଡୁମୁଡୁମାର ବାସିନ୍ଦା। ସରକାରୀ ସହାୟତା ବିନା ସେ ତାଙ୍କ ସ୍ୱପ୍ନ ପୂରଣ କରିବାରେ ସମର୍ଥ ହେବେ ନାହିଁ।

## ବେଢ଼ାକୁଦର ଡାକ ଜମାଖାତାରୁ ଟଙ୍କା ଗାଏବ

# ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେର୍‌ଫେର୍

**ପୋଷ୍ଟମାଷ୍ଟରଙ୍କ ସମ୍ପୃକ୍ତି ଥିବା ନେଇ ସନ୍ଦେହ**

ବାଙ୍ଗିରିପୋଷି, ୫।୧୨(ସମିସ): ବାଙ୍ଗିରିପୋଷି ସବ୍-ପୋଷ୍ଟ ଅଫିସ ଅଧୀନରେ ଥିବା ବେଢ଼ାକୁଦର ଉପ-ଡାକଘରୁ ଜମାକାରୀମାନଙ୍କ ଆକାଉଣ୍ଟରୁ ଟଙ୍କା ଗାଏବ ହେଉଥିବା ଜଣାପଡ଼ିଛି। ଜମାକାରୀମାନେ ବାଙ୍ଗିରିପୋଷି ସବ୍-ପୋଷ୍ଟ ଅଫିସକୁ ଟଙ୍କା ଉଠାଣ ପାଇଁ ଆସି ଆକାଉଣ୍ଟରେ ଟଙ୍କା ନଥିବାର ଜାଣିବାକୁ ପାଇ ନିରାଶ ହେଉଛନ୍ତି। ଯୋଗୀବନ୍ଧ ଗ୍ରାମର ଚିତ୍ତରଞ୍ଜନ ମହାନ୍ତ ଟଙ୍କା ଉଠାଇବାକୁ ଆସି ଖାତାରେ ଟଙ୍କା ନ ଥିବା ଜାଣି ହତାଶ ହୋଇ କାକୁତିମିନତି ହୋଇ ସବ୍ ପୋଷ୍ଟମାଷ୍ଟରଙ୍କୁ ଗୁହାରି କରିଥିଲେ। ଏହାକୁ ନେଇ ସବ୍ ପୋଷ୍ଟମାଷ୍ଟର ରାଇରଙ୍ଗପୁର ପୋଷ୍ଟାଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଉକ୍ତ ଘୋଟାଲା ସମ୍ପର୍କରେ ଅବଗତ କରିଥିବାର ଜଣାପଡ଼ିଛି। ଏବେ ବି ବହୁ ଗରିବ ଖଟିଖିଆ ଲୋକ ବ୍ୟାଙ୍କ ବଦଳରେ ସରକାରଙ୍କ ସବୁଠାରୁ ଭରସାଯୋଗ୍ୟ ସଂସ୍ଥା ଡାକଘରେ ଟଙ୍କା ଜମା ରଖିଛନ୍ତି। କିନ୍ତୁ ଲୋକଙ୍କ କଷ୍ଟ ଉପାର୍ଜିତ ଟଙ୍କା ତାଙ୍କୁ ଠିକ୍ ସମୟରେ ମିଳୁନାହିଁ କିମ୍ବା ତାଙ୍କ ଜମାଖାତାରେ ଟଙ୍କା ମଧ୍ୟ ରହୁ ନ ଥିବା ଦେଖିବାକୁ ମିଳିଛି। ତେଣୁ ଜମାକାରୀଙ୍କ ଭରସା ତୁଟିବାରେ ଲାଗିଛି। ପ୍ରାୟ ୧୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେର୍‌ଫେର୍ ହୋଇଥିବା ନେଇ ସୂଚନା ମିଳିଛି। ତେବେ ଆଗକୁ ଅଧିକ ଖୋଳତାଡ଼ ହେଲେ ତଳୁ ଉପର ପର୍ଯ୍ୟନ୍ତ କିଏ କିଏ ଏଥିରେ ସମ୍ପୃକ୍ତ ଅଛନ୍ତି ଜଣାପଡ଼ିବା ସହ ଆହୁରି ଅନେକ ଦୁର୍ନୀତି ଧରାପଡ଼ିବ ବୋଲି ସାଧାରଣରେ ଆଲୋଚନା ହେଉଛି। ଅନ୍ୟପକ୍ଷେ ବେଢ଼ାକୁଦର ଡାକଘର ଦାୟିତ୍ୱରେ ଥିବା ଅମିତ ମହାନ୍ତଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ହେଁ ସେ ଫୋନ୍ ଉଠାଇ ନ ଥିଲେ।


**ପୂର୍ବ ତଟ ରେଳପଥ**

'ଇ' କ୍ରୟ ପ୍ରଣାଳୀ

ଟେଣ୍ଡର ବିଜ୍ଞପ୍ତି ସଂ. PCMM/EP/2025-26/17, ତା.02.12.2025ରିଖ

**କ୍ରମ ସଂ.01 :** ଟେଣ୍ଡର ନଂ.02251446, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ସିଲିଣ୍ଡ୍ରିକାଲ ରୋଲର ବିୟରିଂ ସେଟ୍, ପରିମାଣ : T.S. ଅନୁସାରେ ।

**କ୍ରମ ସଂ.02 :** ଟେଣ୍ଡର ନଂ.03251794A, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଡବଲ ଆକ୍ଟିଙ୍ଗ୍ ହାଇଡ୍ରୋଲିକ୍ ସକ୍(Shock) ଅବଶୋଷକ, ପରିମାଣ : 1000 ଗୋଟି ।

**କ୍ରମ ସଂ.03 :** ଟେଣ୍ଡର ନଂ.09253605A, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : 3 ମିଟର ଲମ୍ବରେ ଏମ୍ ଏସ୍ ଫ୍ଲାଟ୍ ସାଇଜ୍ 40mm x 6mm, ପରିମାଣ : T.S. ଅନୁସାରେ ।

**କ୍ରମ ସଂ.04 :** ଟେଣ୍ଡର ନଂ.03253925B, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ବ୍ରେକ୍ କାଲିପର ୟୁନିଟ୍, ପରିମାଣ : 104 ଗୋଟି ।

**କ୍ରମ ସଂ.05 :** ଟେଣ୍ଡର ନଂ.03251470A, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : LHB କୋଚ୍‌ଗୁଡ଼ିକ ନିମନ୍ତେ CBC କପଲର ନୁକଲ (Knuckle), ପରିମାଣ : 233 ଗୋଟି ।

**କ୍ରମ ସଂ.06 :** ଟେଣ୍ଡର ନଂ.04251001A, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଭାଲ୍ୱ ରେଗୁଲେଟେଡ୍ ଲିଡ୍ ଏସିଡ୍ ବ୍ୟାଟେରୀ, ପରିମାଣ : T.S. ଅନୁସାରେ ।

**କ୍ରମ ସଂ.07 :** ଟେଣ୍ଡର ନଂ.06255429, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : 8.5 ରେ 1 ୱେଲ୍ଡଯୁକ୍ତ ସିଏମ୍‌ଏସ୍ କ୍ରସିଙ୍ଗ୍ B.G, ପରିମାଣ: T.S. ଅନୁସାରେ ।

**କ୍ରମ ସଂ.08 :** ଟେଣ୍ଡର ନଂ.02251711, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : କଣ୍ଟ୍ରୋଲ ପୋର୍ସନ ER 787776-1994 ନିମନ୍ତେ ଓଭରହାଲିଙ୍ଗ୍ କିଟ୍, ପରିମାଣ : T.S. ଅନୁସାରେ ।

**କ୍ରମ ସଂ.09 :** ଟେଣ୍ଡର ନଂ.04254313A, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ବ୍ରସଲେସ୍ ସେନ୍‌ସର ବିହୀନ DC ରେଲୱେ କ୍ୟାରେଜ୍ ଫ୍ୟାନ୍‌ସ, ପରିମାଣ : 3906 ଗୋଟି ।

**ଟେଣ୍ଡର ଖୋଲାଯିବା ତାରିଖ :** ତା.15.12.2025ରିଖ (କ୍ରମ ସଂ.1 ଏବଂ 5 ପାଇଁ), ତା.18.12.2025ରିଖ (କ୍ରମ ସଂ.2 ଏବଂ 3 ପାଇଁ), ତା.16.12.2025ରିଖ (କ୍ରମ ସଂ.4 ପାଇଁ), ତା.29.12.2025ରିଖ (କ୍ରମ ସଂ.6 ଏବଂ 7 ପାଇଁ), ତା.17.12.2025ରିଖ (କ୍ରମ ସଂ.8 ପାଇଁ) ଏବଂ ତା.05.01.2026ରିଖ (କ୍ରମ ସଂ.9 ପାଇଁ) ।

ସମ୍ପୂର୍ଣ୍ଣ ବିଜ୍ଞପ୍ତି, ଇଏମ୍‌ଡି, କ୍ରୟ ପ୍ରତିବନ୍ଧକ ଏବଂ ସମ୍ପୂର୍ଣ୍ଣ ଟେଣ୍ଡର ସର୍ତ୍ତାବଳୀ ସମ୍ବନ୍ଧରେ ଦୟାକରି ୱେବ୍‌ସାଇଟ୍ www.ireps.gov.in ଏବଂ www.eastcoastrail.indianrailways.gov.in ଅବଲୋକନ କରନ୍ତୁ ।

ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ/ ଭୁବନେଶ୍ୱର

PR-873/Q/25-26



**AFFIDAVIT**

I,Parbin Nesha W/o Jafar Iqbal Mohammad, residing at Kuranga Pradhan, Po- Raipur, PS-Sadar, Dist- Cuttack, PIN-754001, Odisha, declared that my husband name has been mistakenly mentioned as Jafar Iqbal Mohammed in my passport. The correct name is Jafar Iqbal Mohammad. In all future reference, he should be known as Jafar Iqbal Mohammad by this affidavit on dtd.16/06/2025

**NOTICE**

By virtue of an affidavit sworn before Executive Magistrate, Talcher, dated 07/11/2025. I, MAMI MOHARANA, Address: Vill/PO-Ghantapada,PS-Colliery ,Dist.-Angul,Odisha-759103 declare that I have changed my name from MAMATA MAHARANA to MAMI MOHARANA. Henceforth, I shall be known as MAMI MOHARANA for all purposes.

MAMI MOHARANA

**WALK-IN-INTERVIEW**

REJUVENE URO NEPHRO HOSPITAL, Mangalabag, Cuttack required GDMO (Negotiable Salary),OT Technician, OT Incharge, GNM ICU Incharge (15k TO 20K and above Negotiable) ANM, Receptionist, GJAY Executive, OPD Staff (12K TO 15K) and above Negotiable. Minimum Experience-2Yrs

1st walk in interview on 7th December 2025
2nd walk in interview on 27th December 2025
Walk in interview timing-10:30AM TO 2:30PM

Interview Venue- REJUVENE URO NEPHRO HOSPITAL Ring Road, Mangalabag, Cuttack-753001, M-8763145837/ 9124948026, Mail ID-rejuveneuronephro@gmail.com

**NOTICE FOR MINOR**

By virtue of an affidavit sworn before Executive Magistrate, Gop, dated 29/10/2025, I **DEBENDRA SWAIN**, S/o Purnachandra Swain permanent resident of Village-Nuakholamara Gadasahi, Po: Lalitapahandi, Ps - Gop, Dist- Puri, State- Odisha, Pin- 752045 declare that I have changed my minor Son's name from **PRADUMNA SWAIN (Old Name)** to **PRADYUMNA SWAIN (New Name).** Henceforth, he shall be known as **PRADYUMNA SWAIN** for all future purposes.

(Sd- **DEBENDRA SWAIN**)

**VEHICLE FOR SALE**

NEW HOLAND 3230 TRACTOR, Model - 2022, Registration No-OD-04-S-2096, in as is where is condition, Contact: M/S Sundaram Finance Limited, JAJPUR ROAD BRANCH, Ph:94371 02409 within 7 days

**AFFIDAVIT**

I Deepak Jena s/o- Jagannath Jena AT/Po- Chakeisab, Ps-Kamarda, Dist- Balasore, Odisha, declared by affidavit before Executive Magistrate , Bhograi No.4084/9.10. 2025, that I have changed my name Shiba Shankar Jena to Deepak Jena s/o Jagannath Jena and I shall be treated as same and one person. Hence my name as Deepak Jena for all future purpose.

**FOR SALE**

1 Number of Tractor – TAFE MF 246 DYNATRACK, Registration No.- OD-01-AU-9930, Model-2023, ENGINE NO – S3255N74848, CHASSIS NO - MEAAACD5LP2514869, For Details, contact – 94370 55763, 9437966073, SUNDARAM FINANCE LTD., First floor, Choudhury Nivas, SAHADEVKHUNTA, BALASORE,756001, PH. NO-06782-266658

**AFFIDAVIT**

By virtue of an affidavit (CF No. 02, dtd- 05/12/2025) sworn before the Executive Magistrate, Padampur. I, Narayan Benchhor, S/o Rajkumar Benchhor, permanent & current resident of AT/Po Paikmal, PS- Paikmal, Dist- Bargarh, PIN-768039, Odisha declare that I have changed my name from Narayan Benchhor to Narayana Benchhor. Henceforth, I shall be known as Narayana Benchhor (new name) for all purposes.

**NOTICE**

By virtue of an Affidavit sworn before Executive Magistrate, Bhubaneswar. dated 29.11.2025, CF No.01, I, **Trinath Sahoo,** aged about 45 years, S/o: Sankar Sahoo, residing at Totapada, PO: Baku, PS: Gadisagada, Dist: Puri, PIN: 752019, Aadhaar No.45606087 3983 currently residing at above address, declare that I have changed my daughter's name from **Somali Sahoo** (old name) to **Sonali Sahoo** (new name). Henceforth she shall be known as **Sonali Sahoo** for all purposes.

**Sd/- Trinath Sahoo**

**AFFIDAVIT**

By virtue of an affidavit sworn before the Notary Public Jeypore, dated 03.12.2025 I, JASPAL SINGH BHOGAL, S/o- Late Sohan Singh resident of new Street 1st lane, Po./Ps.- Jeypore, Dist.- Koraput, Odisha state that, in the Birth Certificate and Passport of my daughter ISHPREET KAUR my name has been wrongly mentioned as JASPAL SINGH. That **JASPAL SINGH** and **JASPAL SINGH BHOGAL** is one and same person.

Sd/- Jaspal Singh Bhogal

**AFFIDAVIT**

By virtue of an affidavit No.3059, sworn before the Executive Magistrate, Sukinda on dtd-04/12/2025, I **Dharanidhar Mohapatra,** S/o Late Nilamani Mahapatra, resident of At/Po/Ps-Sukinda, Dist- Jajpur, Odisha, Pin- 755018 declared that I have changed my minor son's name from **Surja Prakash Mahapatra** (old name) to **Surya Prakash Mohapatra** (new name). Henceforth he shall be known as **Surya Prakash Mohapatra** for all future purposes.

**Dharanidhar Mohapatra**

**AFFIDAVIT**

By virtue of an affidavit before the Notary Public, Titilagarh, on dated-05/12/2025. I, **Muralidhar Chhura** (applicant name), S/o- Nirakar Chhura, permanent resident of AT- Gunchitara, PO- Tentulikhunti, PS- Titilagarh, Dist- Balangir, (Odisha), PIN- 767037 now residing at the same place declare that I have changed my minor daughter's name from **Premanjal Chhura** (old name) to **Premanjali Chhura** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she shall be known as **Premanjali Chhura** (new name) for all future purposes.

**Muralidhar Chhura**

**FOR SALE**

1 Number of TRACTOR –ESCORTS PT EURO 45 4WD, Registration No.- OD-17-AC-4681, Model 2024, - ENGINE NO E3761024, CHASIS NO - T053669670FM, For Details, contact – 9437577742, SUNDARAM FINANCE LTD., 1ST Floor, Naik Bhaban, Ward No-18, NH-6, Near -Bhatli Chowk, DIST- BARGARH-768028(Odisha).

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, dated 05/05/2025, I **KARTIK JENA**, S/o Sarbeswar Jena permanent resident of Village- Batol, Po: Gadamotari, Ps - Delanga, Dist- Puri, State- Odisha, Pin- 752015 declare that I have changed my name from **KARTTIK PATTANAYAK (Old Name)** to **KARTIK JENA (New Name).** Henceforth, I shall be known as **KARTIK JENA** for all future purposes.

(Sd- **KARTIK JENA**)

**AFFIDAVIT**

By virtue of an affidavit sworn before The Executive Magistrate, Bhubaneswar, CF.NO- 33, dated 03-06-2025 I, **BIPLAB DASS,** S/o Muralidhar Mallik Permanent resident of At- Jagannathpur, Anantapur, Infront of MK Fly Ash Bricks, Po/Ps- Phulnakhara, Dist- Khordha, State- Odisha, PIN-754001, declare that I have changed my name from **BIPLAB MALLIK** (Old name) to **BIPLAB DASS** (New name), Henceforth, I shall be known as **BIPLAB DASS** for all purposes.

Sd-( **BIPLAB DASS** )

**ADMISSION NOTICE-2025-26**

**Manjari Devi College**

Affiliated to Utkal University, OUHS, PCI, OSBP & DMLT/RTEB

Campus: 262, Puranpadhan, Balakati, Bhubaneswar

Mob. 7019799641, 7978608747 9853801459

Email: mdscnbbsr@gmail.com

• **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)

• **D. Pharm** Rs. 48,000/- P.A. Eligibility: +2 Sc. (PCB/M)

• **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)

• **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)

• **M.P.H.** Rs. 42,000/- P.A. Eligibility: Any Graguate

ALL COURSE FEES ARE EXCLUDING HOSTEL

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର
Housing & Urban Development Department, Govt. of Odisha
ଜଟଣୀପୌରପରିଷଦ, ଜଟଣୀ
OFFICE OF THE MUNICIPAL COUNCIL: JATANI
ସ୍ଥାନ- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ୭୫୨୦୫୦
At/Ps- Jatani, Dist-Khordha (Odisha), Pin-752050
E-mail – municipalityjatni@gmail.com, Phone. No. 0674- 2490826

**ସର୍ବସାଧାରଣ ନିମନ୍ତେ ସୂଚନା**

ଏତଦ୍ ଦ୍ୱାରା ଜଟଣୀ ପୌରାଂଚଳ ସମସ୍ତ ଜନସାଧାରଣ ମାନଙ୍କୁ ଜଣାଇ ଦିଆଯାଉଛି କି,

- ଜଟଣୀ ସହରକୁ ସଫା ସୁନ୍ଦର କରିବା ପାଇଁ ସମସ୍ତ ରାସ୍ତା ଓ ଗଳିକୁ ସଫା ରଖିବା ସହ ପରିବେଶ ପରିଷ୍କାର ରଖନ୍ତୁ।
- ଘରର ସମସ୍ତ ଓଦା ଓ ଶୁଖିଲା ଅଳିଆକୁ ପୃଥକ ଭାବେ ପରିଷଦର ସ୍ୱଚ୍ଛ ବାହନ ଗାଡ଼ିରେ ଦିଅନ୍ତୁ।
- ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର କରନ୍ତୁନାହିଁ। ଯଦି କରନ୍ତି ତେବେ ପରିଷଦ ଜୋରିମାନା ରାଶି ଆଦାୟ ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ।
- ଆପଣ ମାନଙ୍କ ଠାରୁ ସଂଗୃହିତ ହେଉଥିବା ଅଳିଆରୁ ଉତ୍କୃଷ୍ଟ ମାନର ଜୈବିକ ଖତ ପ୍ରସ୍ତୁତ ହେଉଅଛି। ଏହାର ଉପଯୋଗ କରନ୍ତୁ ।
- ନୂତନ ଘର ନିର୍ମାଣ କରିବା ପୂର୍ବରୁ ଗୃହର ପ୍ଲାନ୍ ପରିଷଦ ଠାରୁ ମଞ୍ଜୁର କରାଇ ନିଅନ୍ତୁ। ଏବଂ ଗୃହ ସମାପ୍ତ ପରେ ତାହାକୁ ପଞ୍ଜିକରଣ କରାଇନିଅନ୍ତୁ ।
- ବ୍ୟବସାୟୀ ମାନେ ନିଜର ବ୍ୟବସାୟ ପ୍ରତିଷ୍ଠାନର ନୂତନ ଟ୍ରେଡ୍ ଲାଇସେନ୍ସ ଓ ନବିକରଣ ନିମନ୍ତେ ସୁଜୋଗ ପୋର୍ଟାଲ ରେ ଅନ୍‌ଲାଇନ ରେ ଆବେଦନ କରାଇନିଅନ୍ତୁ ଓ ବିଭିନ୍ନ ଟିକସ ଯଥା Holding Tax, User Fee, Hoarding Fee ଓ ଅନ୍ୟାନ୍ୟ ଟ୍ୟାକ୍ସ ଠିକ ସମୟରେ ପୈଠ କରନ୍ତୁ।
- ଭୂମି ଅଧିକାର ସାବ୍ୟସ୍ତ ନିମନ୍ତେ ଭୂମିର ସର୍ବେକ୍ଷଣ (ନକ୍ସା) କାର୍ଯ୍ୟକ୍ରମରେ ସାମିଲ ହୁଅନ୍ତୁ।
- ବାଣିଜ୍ୟିକ ପ୍ରତିଷ୍ଠାନର ସୂଚନା ଫଳକ (Display Board ) ୬୦ ଭାଗ ଓଡ଼ିଆ ଭାଷାରେ ସେପ୍ଟେମ୍ବର ମାସ ତା ୩୦.୦୯.୨୦୨୫ ରିଖ ସୁଦ୍ଧା ଲେଖନ୍ତୁ। ନଚେତ୍ ପରିଷଦ ସରକାରଙ୍କ ନିର୍ଦ୍ଦେଶ ମୁତାବକ ଲେଖା ନ ସରିବା ପର୍ଯ୍ୟନ୍ତ ପ୍ରତି ଦିନ ୫୦୦ଶହ ଟଙ୍କା ଜୋରିମାନା ରାଶି ଆଦାୟ କରିବେ।
- ପାଇଖାନା ଟାଙ୍କି ସଫା ନିମନ୍ତେ ପରିଷଦର ସେସ୍ ପୁଲ ଗାଡ଼ି ପାଇଁ ଟୋଲ୍ ଫି ନଂ ୧୪୪୨୦ରେ ଯୋଗାଯୋଗ କରନ୍ତୁ।
- ରାସ୍ତା ବଡ଼ ଡ୍ରେନ୍ କୁ ଜବର ଦଖଲ କରନ୍ତୁ ନାହିଁ। ଯଦି କରନ୍ତି ତେବେ ପରିଷଦ ଉକ୍ତ ଜବରଦଖଲ କୁ ଉଚ୍ଛେଦ କରିବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବେ।
- ପରିଷଦ ଇଲାକାରେ ଥିବା ସୈଇରାତ (ପୋଖରୀ) ଗୁଡ଼ିକୁ ପରିଷ୍କାର ରଖନ୍ତୁ।

ନିଖିଳ ଭାରତୀୟ ସ୍ୱାୟତ ଶାସନ ଦିବସ ୨୦୨୫ ଉପଲକ୍ଷେ ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

| | | |
|---|---|---|
| ଶ୍ରୀମତୀ ଆରତୀ ରାଉତ | ଶ୍ରୀମତୀ ଆକ୍ରିତୀ ଗୋଏଙ୍କା | ଶ୍ରୀଯୁକ୍ତ ଅନନ୍ତ ବେହେରା |
| ଉପାଧ୍ୟକ୍ଷା | ନିର୍ବାହୀ ଅଧିକାରୀ | ଅଧ୍ୟକ୍ଷ |
| ଜଟଣୀ ପୌର ପରିଷଦ | ଜଟଣୀ ପୌର ପରିଷଦ | ଜଟଣୀ ପୌର ପରିଷଦ |

**ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା, ବରଗଡ଼**

ଦରଖାସ୍ତ ଆହ୍ୱାନ

ବିଜ୍ଞପ୍ତି ସଂଖ୍ୟା- ୫୫୯୩, ତା. ୦୪.୧୨.୨୦୨୫

ବରଗଡ ଧନୁଯାତ୍ରା ନିମନ୍ତେ ଜର୍ଜ ହାଇସ୍କୁଲ ପଡିଆ ଓ ବରଗଡ଼ ଆର.ଏମ.ସି. ଅଫିସ ପ୍ରାଙ୍ଗଣ ଠାରେ ମୀନାବଜାର, ଦୋଳି, ଝୁଲା ଏବଂ ଅନ୍ୟାନ୍ୟ ମନୋରଞ୍ଜନ କାର୍ଯ୍ୟକ୍ରମ ଇତ୍ୟାଦି ପାଇଁ ଉପଯୋଗୀ କେବିନ/ ଖାଲି ଜାଗା ଓ ପଡିଆ ଗୁଡିକ ନିର୍ଦ୍ଦିଷ୍ଟ ସର୍ତ୍ତ ମାଧ୍ୟମରେ ଇଚ୍ଛୁକ ବ୍ୟକ୍ତିମାନଙ୍କୁ ସର୍ତ୍ତାବଳୀ ସହ ଯୋଗେଇ ଦିଆଯିବ ।

ଉପ-ଜିଲ୍ଲାପାଳ, ବରଗଡଙ୍କ କାର୍ଯ୍ୟାଳୟରେ ଅଫିସ ସମୟ ମଧ୍ୟରେ (ସକାଳ ୧୧ ଘଟିକାରୁ ଅପରାହ୍ନ ୪ ଘଟିକା ସୁଦ୍ଧା) ତା. ୦୫.୧୨.୨୦୨୫ ଠାରୁ ତା.୧୨.୧୨.୨୦୨୫ (ଛୁଟିଦିନ ବ୍ୟତୀତ) ଅସ୍ଥାୟୀ କେବିନ ଦୋକାନ ଓ ଖାଲି ଜାଗା ପାଇଁ ଟ. ୧୦୦.୦୦(ଏକ ଶହ ଟଙ୍କା ମାତ୍ର) ବିନିମୟରେ ଆବଶ୍ୟକୀୟ ଫର୍ମ ଯୋଗେଇ ଦିଆଯିବ । ଇଚ୍ଛୁକ ବ୍ୟକ୍ତି ମାନେ ସଂପୃକ୍ତ ସ୍ଥାନ ମାନଙ୍କର ପ୍ରସ୍ତୁତ ନକ୍ସା, ପ୍ଲାନ ଏବଂ ସର୍ତ୍ତାବଳୀ ଉପ-ଜିଲ୍ଲାପାଳ, ବରଗଡଙ୍କ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ଦେଖିପାରିବେ ।

ଉପଲବଧ କେବିନ, ଝୁଲା ଏବଂ ଖାଲି ଜାଗା ଲଟେରୀ ମାଧ୍ୟମରେ ଆବଣ୍ଟିତ ହେବ । ଖାଲିଜାଗା ତଥା ଅସ୍ଥାୟୀ କେବିନ ଦୋକାନ ପାଇଁ ଆସନ୍ତା ତା. ୧୨.୧୨.୨୦୨୫ ରିଖ ଅପରାହ୍ନ ୫.00 ଘଟିକା ସମୟରେ ପ୍ରକ୍ରିୟା ଶେଷ ହେବ ।

ପ୍ରକାଶ ଥାଉକି, କୌଣସି କାରଣ ନ ଦର୍ଶାଇ ଯେ କୌଣସି ପକ୍ଷଙ୍କ ଆବେଦନକୁ ରଦ୍ଦ କରିବାର କ୍ଷମତା ଅଧିକାରୀଙ୍କର ରହିଅଛି । ସବିଶେଷ ବିବରଣୀ ଜିଲ୍ଲା Website-http://bargarh.odisha.gov.in ରେ ମଧ୍ୟ ଉପଲବ୍ଧ ହେବ ।

ଉପ-ଜିଲ୍ଲାପାଳ ତଥା ଆବାହକ
ଜମି-ଆବଣ୍ଟନ କମିଟି,
ଧନୁଯାତ୍ରା ମହୋତ୍ସବ ସମିତି, ବରଗଡ଼

# ବିଶ୍ୱ ମୃତ୍ତିକା ଦିବସ ପାଳିତ



କୋରାପୁଟ,୫।୧୨(ସମିସ):

ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟର କୃଷି ବିଭାଗ ଆନୁକୂଲ୍ୟରେ ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବାରେ ମୃତ୍ତିକାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଛାତ୍ରମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା ପାଇଁ ବୈଜ୍ଞାନିକ ପଦ୍ଧତି ଗ୍ରହଣ କରିବାକୁ ପରାମର୍ଶ କରିଥିଲେ। କୋରାପୁଟ ଜିଲ୍ଲା କୃଷି ଜିଲ୍ଲା ଅଧିକାରୀ ଏ. ହେମନ୍ତ କୁମାର ପଢିହାରୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ବିଶ୍ୱ ବିଦ୍ୟାଳୟର ବିତ୍ତ ଅଧିକାରୀ ଦୁର୍ଯୋଧନ ସେଠୀ ଏବଂ ଭାରପ୍ରାପ୍ତ କୁଳ ସଚିବ ଡକ୍ଟର ରାକେଶ କୁମାର ଲେଙ୍କା, ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଜୁନିଅର ବୈଜ୍ଞାନିକ (କୃଷି ବିଜ୍ଞାନ) ଡକ୍ଟର ବିମାନରଞ୍ଜନ ବେହେରା ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ମୃତ୍ତିକା ପୁଷ୍ଟିକର ସନ୍ତୁଳନ, ଜୈବିକ କୃଷି ଏବଂ ଜଳବାୟୁ-ସ୍ଥାପକ କୃଷି ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଦୁଗ୍ଧ ବିଜ୍ଞାନ ବିଭାଗର ମୁଖ୍ୟ ଡକ୍ଟର ସଞ୍ଜୟ ପ୍ରଧାନ, ଲୋକସମ୍ପର୍କ ଅଧିକାରୀ ଡକ୍ଟର ଫଗୁନାଥ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। କୃଷି ବିଭାଗ ଦ୍ୱାରା ପରିଚାଳିତ ମୃତ୍ତିକା ଏବଂ ମୃତ୍ତିକା ସ୍ୱାସ୍ଥ୍ୟ ଉପରେ ଏକ କୁଇଜ୍ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା।

# ଚାଷୀ,ବୈଜ୍ଞାନିକ ଓ ସମ୍ପ୍ରସାରଣ ଅଧିକାରୀଙ୍କ କର୍ମଶାଳା



ଜୟପୁର, ୫।୧୨(ସମିସ) : କୋରାପୁଟ ଜିଲ୍ଲା ଜୟପୁର ପାରାବେଢା ସ୍ଥିତ ଏକ ମଣ୍ଡପ ଠାରେ ଜିଲ୍ଲାସ୍ତରୀୟ ଚାଷୀ, ବୈଜ୍ଞାନିକ ଏବଂ ସମ୍ପ୍ରସାରଣ ଅଧିକାରୀଙ୍କୁ ନେଇ ଏକ କର୍ମଶାଳା ଆଜି ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟତଃ ଆଖୁଚାଷୀ ମାନଙ୍କୁ ନେଇ କର୍ମଶାଳାରେ ଚାଷୀମାନଙ୍କ ବୈଜ୍ଞାନିକ ପଦ୍ଧତିରେ ଚାଷ କାର୍ଯ୍ୟ କରିବା ଏବଂ କିପରି ସ୍ୱଳ୍ପ ଖର୍ଚ୍ଚରେ ଅଧିକା ଅମଳ କରାଯିବଏବଂ ଏହାର ରକ୍ଷଣାବେକ୍ଷଣ ସହିତ ଅଧିକ ଲାଭବାନ ହୋଇପାରିବେ ସେଥିନେଇ ସୂଚନା ଦିଆଯାଇଥିଲା। ଜିଲ୍ଲା କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ କୃଷି ବିଭାଗର ଯୁଗ୍ମ ନିର୍ଦ୍ଦେଶକ ପର୍ଶୁରାମ ବେହେରା ଯୋଗଦେଇ ଅଧିକରୁ ଅଧିକ ଚାଷ କରିବାକୁ ଆହ୍ୱାନ କରିଥିଲେ। ଜିଲ୍ଲା ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସନ୍ତୋଷ କୁମାର ଦଳବେହେରା, ନୟାଗଡ ସ୍ଥିତ ଆଖୁ ଗବେଷଣା କେନ୍ଦ୍ରର ପୂର୍ବତନ ଭାରପ୍ରାପ୍ତ ଅଧିକାରୀ ଡ.ପ୍ରମୋଦ କୁମାର ନାୟକ, ଆଖୁ ଗବେଷଣା କେନ୍ଦ୍ରର ବୈଜ୍ଞାନିକ ସ୍ୱାଗତିକା ମହାନ୍ତି, ଚାଉଳ ଗବେଷଣା ତାଲିମ କେନ୍ଦ୍ରର ଅତିରିକ୍ତ ନିର୍ଦ୍ଦେଶକ ପ୍ରଫେସର ପୁର୍ଣ୍ଣରାମ ସିଆଲ, ସହକାରୀ ଜିଲ୍ଲା କୃଷି ଅଧିକାରୀ ଲଲାଟେନ୍ଦୁ ମହାପାତ୍ର ପ୍ରମୁଖ ମଞ୍ଚାସୀନ ରହିବା ସହ ରାଜ୍ୟ ଆଖୁ ଉନ୍ନୟନ ଓ ପ୍ରଯୁକ୍ତି ମିଶନ ମାଧ୍ୟମରେ ଚାଷୀଙ୍କ ପାଇଁ ରହିଥିବା ଯୋଜନା ଗୁଡିକ ଉପରେ ଆଲୋକପାତ କରିବା ସହ ଆଖୁଚାଷ ପ୍ରତି ଆଗ୍ରହ ବଢାଇବା ପାଇଁ ଆଧୁନିକ ପଦ୍ଧତିରେ ଚାଷ କରିବା ଉପରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ କୃଷି ବିଜ୍ଞାନକେନ୍ଦ୍ରର ବୈଜ୍ଞାନିକ, ଜିଲ୍ଲାର ବିଭିନ୍ନ ବ୍ଲକ କୃଷି ଅଧିକାରୀ, ସହକାରୀ କୃଷି ଅଧିକାରୀ ଏବଂ ଜିଲ୍ଲାର କୋଟପାଡ, ବୋରିଗୁମ୍ମା, କୁନ୍ଦୁରା ବ୍ଲକର ଶ୍ରେଷ୍ଠ ୧୫ ଜଣ ଚାଷୀ ଉପସ୍ଥିତ ଥିଲେ।

## କାଗଜକଲମରେ ସୀମିତ ଭିନ୍ନକ୍ଷମ ଦିବସ

# ବଞ୍ଚିବାର ରାହା ଖୋଜୁଛନ୍ତି ଦିବ୍ୟାଙ୍ଗ

ମୁନିଗୁଡା,୫ ।୧୨।(ସମିସ): ୧୯ ୯୨ ମସିହା ଠାରୁ ସାରା ବିଶ୍ୱରେ ଡିସେମ୍ବର ମାସ ୩ ତାରିଖକୁ ଭିନ୍ନକ୍ଷମ ଦିବସ ରୂପେ ପାଳନ କରାଯାଉଛି। ସରକାରୀ ତଥା ବେସରକାରୀ ଭାବେ ଏହି ଦିବସ ପାଳନ କରାଯାଇ ଭିନ୍ନକ୍ଷମ ମାନଙ୍କୁ ଆତ୍ମନିର୍ଭରଶୀଳ କରାଯାଇ ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରିବା ପାଇଁ ପ୍ରୟାସ ଜାରି ରହିଛି। ଏପରି ସ୍ଥଳେ ବିଭିନ୍ନ ଆକଳନକୁ ନଜରକୁ ନେଲେ ମୁନିଗୁଡ଼ା ଅଞ୍ଚଳରେ ଭିନ୍ନକ୍ଷମଙ୍କ ବିକାଶ କେବଳ କାଗଜକଲମରେ ସୀମିତ ରହିଯାଇଛି। ମୁନିଗୁଡା ବ୍ଲକ ଓ ଏହାର ଆଖପାଖ ଅଞ୍ଚଳରେ ଅନେକ ଭିନ୍ନକ୍ଷମ ରହିଛନ୍ତି, କିଏ ସ୍ତ୍ରୀ ଓ ପିଲାଙ୍କ ଉପରେ ତ ଆଉ କିଏ ବାପା ମାଆଙ୍କ ଉପରେ ନିର୍ଭର କରି ଚଳୁଛନ୍ତି। ଚାକିରି ଖଣ୍ଡେ ହେଉ କି ଭତ୍ତା ହେଉ ବା ଟ୍ରାଇସାଇକେଲ୍ ଅବା ପକ୍କାଘର କାହାକୁ ମିଳୁଛି ତ ପୁଣି କାହାକୁ ନାହିଁ। ଭିନ୍ନକ୍ଷମଙ୍କ ପାଇଁ ଆଜି ବି ସରକାରୀ ସହାୟତା ଅପହଞ୍ଚ ପାଲିଟିଛି। ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ଜଗଦଳପୁର ପଞ୍ଚାୟତ ଗୌରଚନ୍ଦ୍ର କୁଶୁଲିଆଙ୍କ ପୁଅ ଟୁନା କୁସୁଲିଆ। ଜନ୍ମରୁ କଥା କହି ପାରୁନଥିବା ବେଳେ ମାନସିକ ରୋଗୀ ଅଟନ୍ତି । ଦୁଇ ହାତ ଏବଂ ଗୋଡ଼ ମଧ୍ୟ ଅପାରଗ। ଗୌରଚନ୍ଦ୍ର ଜଣେ ଦିନ ମଜୁରିଆ ହୋଇଥିବା ବେଳେ ମୁଲ ଲାଗିଲେ ଘର ଚଳିବ। ହେଲେ ବୋଝ ଉପରେ ନଳିତା ବିଡ଼ା ସାଜିଛି ପୁଅର







ଦିବ୍ୟାଙ୍ଗ ପରିସ୍ଥିତି। ଟୁନାର ବୟସ ୨୬ରେ ପହଞ୍ଚିଲାଣି। ହେଲେ ନିଜ ଦୈନନ୍ଦିନ କାର୍ଯ୍ୟ ସମ୍ପାଦନ ପାଇଁ ସେ ନିର୍ଭର କରନ୍ତି ନିଜ ବୟସ୍କ ମା'ଙ୍କ ଉପରେ। ପୂର୍ବରୁ ଟୁନାଙ୍କୁ ଅଫ୍‌ଲାଇନ୍‌ରେ ମିଳିଥିଲା ଶହେ ପ୍ରତିଶତ ଦିବ୍ୟାଙ୍ଗ ପ୍ରମାଣ ପତ୍ର। ଯେଉଁଥିରୁ ମାସିକ ୧୦୦୦ ଟଙ୍କା ଭତ୍ତା ମଧ୍ୟ ପାଇ ଆସୁଥିଲେ। ଯେବେଠୁ ସରକାରଙ୍କ ଅନ୍‌ଲାଇନ୍ ପ୍ରକ୍ରିୟା ଆରମ୍ଭ ହେଲା ଟୁନାଙ୍କୁ ମିଳୁଥିବା ୧୦୦୦ ଟଙ୍କା ଓ ଚାଉଳ ବନ୍ଦ ହୋଇଗଲା। ନୂଆ ସରକାରଙ୍କ ବର୍ଦ୍ଧିତ ଭତ୍ତା ପାଇବାକୁ ହେଲେ ପୁଣି ଥରେ ଆଧାର ନିରୀକ୍ଷଣ କରିବାକୁ ହେବ। ଏବେ ଆଧାରରେ ଆଙ୍ଗୁଠି ଟିପର ସାମଞ୍ଜସ୍ୟ ରହୁନାହିଁ । ଫଳରେ ଶତକଡା ୧୦୦ ଭାଗ ଦିବ୍ୟାଙ୍ଗ ହୋଇଥିବା ଏହି ଦିବ୍ୟାଙ୍ଗ ସରକାରଙ୍କ ବର୍ଦ୍ଧିତ ଭତ୍ତା ଯୋଜନା ୩୫୦୦ ଟଙ୍କା ଭର୍ତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି। ଆଧାର ଯାଞ୍ଚ ପାଇଁ ଅନେକ ଚେଷ୍ଟା କରି ସାରିଛନ୍ତି ଏହି ଦିବ୍ୟାଙ୍ଗଙ୍କ ପରିବାର। ହେଲେ ଆଧାର ଯାଞ୍ଚ ହେଇ ନ ପାରିବାରୁ ପୂର୍ବରୁ ଡାକ୍ତରଙ୍କ ଦ୍ୱାରା ଅଫ୍‌ଲାଇନ୍‌ରେ ପାଇଥିବା ସତ ପ୍ରତିଶତ ଦିବ୍ୟାଙ୍ଗ ପ୍ରମାଣପତ୍ର ଆଉ କାମରେ ଲାଗୁନି । ବାରମ୍ବାର ଜିଲ୍ଲା ଓ ବ୍ଲକ ସ୍ତରରେ ଭିନ୍ନକ୍ଷମ ଶିବିରରେ ଚକ୍କର କାଟୁଥିବା ବେଳେ ନୂଆ ପ୍ରମାଣପତ୍ର ମିଳୁନି। ସେହିପରି ମୁନିଗୁଡା ବ୍ଲକ ଇଚ୍ଛାପୁର ପଞ୍ଚାୟତ ଡେଙ୍ଗନ୍ ଗ୍ରାମର ସସ୍ତମ ଗୌଡ ଜନ୍ମରୁ ଦୁଇ ଗୋଡ଼ ସମ୍ପୂର୍ଣ୍ଣ ଅଚଳ। ହାତ ଦୁଇଟି ଅଳ୍ପକେ କାମ କରିଥିବା ବେଳେ କଥା ହେବା ବେଳେ ପାଟି ଖନୀ ମାରୁଛି। ସେ ଶତପ୍ରତିଶତ ଭିନ୍ନକ୍ଷମ ହୋଇଥିବା ବେଳେ ଦିବ୍ୟାଙ୍ଗକୁ ମିଳିଛି ମାତ୍ର ୪୦ ଶତକଡା ପ୍ରମାଣ ପତ୍ର। ପରିବାର ପଞ୍ଚାୟତରୁ ଆରମ୍ଭ କରି ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ସୁଦ୍ଧା କେହି ହେଲେ ଶୁଣୁ ନାହାନ୍ତି ଦିବ୍ୟାଙ୍ଗ ପରିବାରର କଥା। ସସ୍ତମଙ୍କୁ ପାଠ ପଢ଼ିବାର ଇଚ୍ଛା ଥିଲେ ମଧ୍ୟ ଦୁଇଟି ଗୋଡ଼ ଜନ୍ମରୁ ଅଚଳ ହୋଇଥିବା ବେଳେ ଅନ୍ୟ ସ୍କୁଲକୁ ଯାଇ ପାଠପଢିବା ସମ୍ଭବ ହେଉନି। ସସ୍ତମଙ୍କୁ ଗୋଟିଏ ଟ୍ରାଇ ସାଇକଲ, ପାଇଖାନା ସହ ସରକାରଙ୍କ ବର୍ଦ୍ଧିତ ଭତ୍ତା ଯୋଜନାରେ ଅନ୍ତର୍ଭୁକ୍ତ କରାଇ ୩୫୦୦ ଭତ୍ତା ଟଙ୍କା ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି ପରିବାର। ମୁନିଗୁଡା ବ୍ଲକର କୁମୁଡାବାଲି ପଞ୍ଚାୟତ ଗଜାକୁପୁଲି ଗ୍ରାମର ଦୁଃଶାସନଙ୍କ ପରିବାର ଉପରେ ଯେମିତି ଦୁଃଖର ପାହାଡ ଭାଙ୍ଗି ପଡ଼ିଛି। ତାଙ୍କର ତିନି ଝିଅ ଗୋଟିଏ ପୁଅ ଥିବା ବେଳେ ସେ ଗାଡ଼ି ଡ୍ରାଇଭର ଭାବେ କାମ କରୁଥିଲେ। ହେଲେ ତାଙ୍କ ଜୀବନରେ ମାଡ଼ି ଆସିଥିଲା କଳା ବାଦଲ। କରୋନା ଟିକା ନେବା ପରେ ପରେ ହଠାତ୍ ତାଙ୍କ ଅଣ୍ଟା ବ୍ୟଥା ବାହାରି ଦୁଇଟି ଯାକ ଗୋଡ଼ ପାରାଲିସିସ୍ ହୋଇଯାଇଥିଲା। ଦୁଃଶାସନ ଆଜକୁ ୪-୫ ବର୍ଷ ହେଲା ପଙ୍ଗୁ ହୋଇ ଏକ ପ୍ରକାର ଜର୍ଜରିତ ଜୀବନ ବିତାଉ ଛନ୍ତି। ଘର ଚଳାଇବା ଲୋକଟି ଅକର୍ମଣ୍ୟ ହେବା ପରେ ବଡ଼ ଝିଅ ମ୍ୟାଟ୍ରିକ ପରେ ପାଠ ଛାଡ଼ି ଦେଲା। ମା' ଓ ଝିଅ ମିଶି ଅନ୍ୟ ପାଖରେ ମଜୁରୀ ଲାଗି ଯାହା ରୋଜଗାର କରନ୍ତି ସେଥିରେ ପିଲାଙ୍କ ପାଠପଢା ସାଙ୍ଗକୁ ଘର ଚଳୁଛି। ଦୁଃଶାସନ ଦିବ୍ୟାଙ୍ଗ ହେବା ପରେ ତାଙ୍କୁ ଅଫ୍‌ଲାଇନ୍ ରେ ମିଳିଥିଲା ୮୦ ପ୍ରତିଶତ ପ୍ରମାଣ ପତ୍ର, ହେଲେ ସରକାରଙ୍କ ଅନଲାଇନ୍ ପ୍ରକ୍ରିୟା ଆରମ୍ଭ ହେବା ପରେ ତାଙ୍କୁ ମିଳିଛି ମାତ୍ର ୫୦ ପ୍ରତିଶତ। ଯେଉଁ କାରଣରୁ ସରକାରଙ୍କ ବର୍ଦ୍ଧିତ ଭତ୍ତା ଯୋଜନାରେ ୩୫୦୦ ପାଇବାରୁ ବଞ୍ଚିତ ଅଛନ୍ତି। ଉକ୍ତ ତିନି ଜଣଙ୍କ ପରିବାର ମୁନିଗୁଡା ଓ ରାୟଗଡ଼ା ଭିନ୍ନକ୍ଷମ ଶିବିରକୁ ବାରମ୍ବାର ଯାଇ ଯାଞ୍ଚ କରିବା ସହ ସ୍ଥାନୀୟ ସରପଞ୍ଚଙ୍କ ଠାରୁ ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ, ସଭିଙ୍କୁ ଗୁହାରି କରିସାରିଲେଣି ଏହି ଗରିବ ପରିବାର। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏହି ସମସ୍ୟାର ସମାଧାନ ହେଇ ପାରୁନଥିବା ବେଳେ ସରକାର ଏଭଳି ଅସୁବିଧା ପାଇଁ କୌଣସି ସମାଧାନର ବାଟ ଖୋଜି ନାହାନ୍ତି। ଏହି ସମସ୍ୟାର ସମାଧାନ କିପରି ହେବ ତାହା ମଧ୍ୟ କୌଣସି ସରକାରୀ ଅଧିକାରୀଙ୍କୁ ଜଣା ନାହିଁ। ଭଙ୍ଗା ଖପର ଘରେ ରହୁଥିବା ଦିବ୍ୟାଙ୍ଗ ଭତ୍ତାର ଅସଲି ହକଦାର ଆଜି ମଧ୍ୟ ସରକାରୀ ସହାୟତା ପାଇଁ ଚାହିଁ ବସିଛି । ଏବେ ବି ପରିବାର ସଦସ୍ୟଙ୍କ ଆଶା ରହିଛି ଯେ ସରକାର ତାଙ୍କ ସମସ୍ୟା ବୁଝିବେ ଏବଂ ତାଙ୍କ ଦିବ୍ୟାଙ୍ଗ ପୁଅର ଭରଣ ପୋଷଣ ପାଇଁ ଦିବ୍ୟାଙ୍ଗ ବର୍ଦ୍ଧିତ ଭର୍ତ୍ତାର ସହାୟତା ମିଳିବ। ଦିବ୍ୟାଙ୍ଗମାନେ ଏଠି ବଞ୍ଚିବାର ରାହା ଖୋଜୁଥିବା ବେଳେ ସରକାରୀ କାଗଜ କଲମରେ ସୀମିତ ରହିଯାଉଛି ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ।

# ରାସ୍ତା ମଝିରେ ପରିବା ବିକ୍ରି, ଲୋକେ ହନ୍ତସନ୍ତ

ଗୁଡାରୀ, ୫।୧୨(ସମିସ):



ଗୁଡାରୀ ବିଜ୍ଞାପିତ ଅଞ୍ଚଳ ପରିଷଦ ଗଠନ ହେବା ବିଗତ ୪୦ ବର୍ଷ ହେଲଣି। ପରିଷଦର ବିଭିନ୍ନ କ୍ଷେତ୍ରର ଉନ୍ନତି ପରିଲକ୍ଷିତ ହୋଇଥିଲେ ମଧ୍ୟ ମୁଖ୍ୟ ସମସ୍ୟା ପାଲଟିଛି ପରିବା ମାର୍କେଟ କମ୍ପ୍ଲେକ୍ସ। ମୁଖ୍ୟ ରାସ୍ତାରେ ପାର୍କିଂର ଅବ୍ୟବସ୍ଥା ନେଇ ପରିଷଦ ଆଲୋଚନା ପରିସରକୁ ଆଣିବା ଆବଶ୍ୟକ ରହିଛି ବୋଲି ଅଭିଯୋଗ ହେଉଛି। କାରଣ ମୁଖ୍ୟ ରାସ୍ତାରେ ପରିବା ବିକ୍ରି କରିବା ଦ୍ୱାରା ସାଧାରଣ ଲୋକ କେଉଁ ପ୍ରକାର ଅସୁବିଧା ସମ୍ମୁଖୀନ ହେଉଛନ୍ତି ନଗରର ସାଧାରଣ ଜନତା ଅନୁଭବ କରୁଛନ୍ତି। ଗୁଡାରୀ ସହରର ଗୋଟିଏ ମାତ୍ର ମୁଖ୍ୟ ରାସ୍ତା ଅଣଓସାରିଆ ରାସ୍ତାରେ ଦୁଇ ଚକିଆ କି ଚାରିଚକିଆ ରଖିବା ପାଇଁ କୌଣସି ପ୍ରକାରର ସୁବିଧା ନାହିଁ। ଫଳରେ ଚାଳକ ରାସ୍ତା ମଧ୍ୟ ଭାଗରେ ଗାଡି ରଖି ଦୋକାନୀ ଠାରୁ ସମସ୍ତ ଜିନିଷ କିଣିବାକୁ ବାଧ୍ୟ ହେଉଛି। ଫଳରେ ଯାତାୟତ କରୁଥିବା ଲୋକେ ସବୁ ସମୟରେ ଅବରୋଧର ଶିକାର ହେଉଛି। ଗୁଡାରୀର ଶେଷ ଭାଗରେ ଭେଣ୍ଡିଂ ଜୋନ୍ ନିର୍ମାଣ କରାଯାଇଥିଲେ ମଧ୍ୟ ଏହା କୌଣସି କାମରେ ଆସୁନି। କାରଣ ଏହି ଭେଣ୍ଡିଂ ଜୋନ୍ ସହରର ବହୁ ଦୂରରେ ନିର୍ମାଣ କରାଯିବା ହେତୁ ବ୍ୟବସାୟୀ କି ଗ୍ରାହକ ଯିବାପାଇଁ ଇଚ୍ଛା ପ୍ରକାଶ କରୁନାହାନ୍ତି। ରବିବାର ଦିନ ଗୁଡ଼ାରୀ ଇଓ ପ୍ରସନ୍ନ ପାଢିଙ୍କୁ ଏ ବିଷୟ ନେଇ ପଚାରିବାରୁ ସେ କହିଲେ, ପରିବା ବିକ୍ରି କରିବା ପାଇଁ ଯେଉଁ ଭେଣ୍ଡିଂ ଜୋନ୍ ନିର୍ମାଣ କରାଯାଇଛି, ତାହା ଲୋକଙ୍କ କାମରେ ଆସୁନି। ଲୋକଙ୍କ ସୁବିଧା ପାଇଁ ସହର ମଧ୍ୟଭାଗରେ ନିର୍ମାଣ କରିବା ପାଇଁ କୌଣସି ସୁବିଧା ନାହିଁ। ଏ ସମସ୍ତ ବିଷୟକୁ ଆଲୋଚନା କଲେ ଜଣାପଡୁଛି ସହରର ଲୋକ ସଂଖ୍ୟା ବୃଦ୍ଧିକୁ ନେଇ ଏଥିପ୍ରତି ପରିଷଦ ଦୃଷ୍ଟିଦେଇ ସ୍ଥାନାନ୍ତରଣ କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

# ମାଲ୍ୟବନ୍ତ ମହୋତ୍ସବ ଖାଦ୍ୟ ଯୋଗାଣ କମିଟି ବୈଠକ

ମାଲକାନଗିରି, ୫ ।୧୨(ସମିସ): ମାଲ୍ୟବନ୍ତ ମହୋତ୍ସବ ନେଇ ଜିଲ୍ଲାପାଳଙ୍କ ଏଫଏଲସି ହଲ୍ ଠାରେ ଖାଦ୍ୟ ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରାଙ୍କ ଅଧ୍ୟକ୍ଷତାରେ ଖାଦ୍ୟ ଯୋଗାଣ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ମହୋତ୍ସବରେ କିଭଳି ସୁରୁଖୁରରେ ପ୍ରତି ବର୍ଷ ଭଳି ଖାଦ୍ୟ ଯୋଗାଇ ଦିଆଯିବ ସେଥି ନିମନ୍ତେ ବୈଠକରେ ମିଲର ମାନଙ୍କ ସହ ଆଲୋଚନା କରାଯାଇଛି। ପ୍ରତ୍ୟେକ ଦିନ ଖାଇବା ସ୍ଥାନରେ ସଫେଇ କାର୍ଯ୍ୟ ସୁନିଶ୍ଚିତ କରିବା ପାଇଁ ନିର୍ବାହୀ ଅଧିକାରୀଙ୍କୁ ଅନୁରୋଧ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ସକାଳ, ମଧ୍ୟାହ୍ନ ଓ ରାତ୍ରିରେ କଣ ଖାଦ୍ୟ ପରସା ଯିବ ତାହା ନିଷ୍ପତ୍ତି ନିଆଯାଇଛି। ଏଥିରେ ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଜିଲ୍ଲା ପ୍ରଶାସନକୁ ମିଲର ସଂଘ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ କମିଟି ସଦସ୍ୟ ଦେବ ପ୍ରସାଦ ଦାସ, ଶିବ ପ୍ରସାଦ କିର୍ତ୍ତନିଆ ଓ ଖାଦ୍ୟ ଯୋଗାଣ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ।

# ଜିଲ୍ଲା କିଷାନ କଂଗ୍ରେସର ଦାବିପତ୍ର ପ୍ରଦାନ



କୋରାପୁଟ,୫।୧୨(ସମିସ): ଚାଷୀ ଓ ଚାଷ ସମସ୍ୟାକୁ ନେଇ କୋରାପୁଟ ଜିଲ୍ଲା କିଷାନ କଂଗ୍ରେସ ପକ୍ଷରୁ ରାଲି ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଚାଷୀଙ୍କ ନିମନ୍ତେ ଧାନର ସହାୟକ ମୂଲ୍ୟ ପ୍ରଦାନ ନିମିତ୍ତ ଜିଲ୍ଲା କିଷାନ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ ଦାବିପତ୍ର ଗ୍ରହଣ କରିଥିଲେ। ଜିଲ୍ଲା କିଷାନ କଂଗ୍ରେସ ସଭାପତି ଭବାନୀ ଶଂକର ରଥ, ଜିଲ୍ଲା କଂଗ୍ରେସ କମିଟି ସଭାପତି ରୂପକ ତୁରୁକ, ପୂର୍ବତନ ବିଧାୟକ ନିମାଇଁ ସରକାର, କୋରାପୁଟ ବ୍ଲକ ଅଧ୍ୟକ୍ଷା ନମିତା ମାଝୀ, ସାଂସଦଙ୍କ ପ୍ରତିନିଧି ମନୋଜ କୁମାର ଆଚାର୍ଯ୍ୟ, ନଗର କଂଗ୍ରେସ ସଭାପତି ଜୟନ୍ତ କୋଚିନ, ପୂର୍ବତନ ପୌର ପରିଷଦ ଅଧ୍ୟକ୍ଷ ଭଗବାନ ବାହିନୀପତି ପ୍ରମୁଖଙ୍କ ସହ ଅନ୍ୟାନ୍ୟ ନେତା ଉପସ୍ଥିତ ଥିଲେ।

## ପର୍ଯ୍ୟଟନସ୍ଥଳୀ ବିହୀନ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ରାୟଗଡ଼ା ଜିଲ୍ଲା

# ନାହାନ୍ତି ସ୍ଥାୟୀ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ, ନାହିଁ କାର୍ଯ୍ୟାଳୟ



ରାୟଗଡ଼ା,୫।୧୨(ସମିସ): ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ରାୟଗଡ଼ା ଜିଲ୍ଲା ଗଠନକୁ ପୂରିଲାଣି ୩୨ବର୍ଷ। ଆଉ ଏହି ୩୨ ବର୍ଷ ମଧ୍ୟରେ ଗତ ୨୦୧୯-୨୦ ଆର୍ଥିକ ବର୍ଷ ଠାରୁ ୨୦୨୩-୨୪ ବର୍ଷ ପର୍ଯ୍ୟନ୍ତ ଦୀର୍ଘ ୫ବର୍ଷ ମଧ୍ୟରେ ଜିଲ୍ଲାର ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ ତତ୍କାଳୀନ ବିଜେଡି ସରକାର ଅମଳରେ ପର୍ଯ୍ୟଟନ ବିଭାଗ ତରଫରୁ ୪କୋଟି ୮୧ଲକ୍ଷ ୫୭ହଜାର ୯୦୦ଟଙ୍କାର ଅର୍ଥରାଶି ମଂଜୁର କରାଯାଇ ବିଭିନ୍ନ ପର୍ଯ୍ୟଟନ ଭିତିଭୂମି ଉନ୍ନୟନ ପ୍ରକଳ୍ପ ଗୁଡିକୁ କାର୍ଯ୍ୟକାରୀ କରାଯାଇଥିଲା। ତେବେ ୨୦୨୪-୨୫ବର୍ଷ ଠାରୁ ଅଦ୍ୟାବଧି ଜିଲ୍ଲାରେ ପର୍ଯ୍ୟଟନ ବିକାଶ ଅଟକି ଥିବା ବେଳେ ଦୁର୍ଭାଗ୍ୟର ବିଷୟ ଜିଲ୍ଲାରେ ସ୍ଥାୟୀ ଜିଲ୍ଲା ପର୍ଯ୍ୟଟନ ଅଧିକାରୀଙ୍କୁ ନିଯୁକ୍ତ ଦିଆଯାଇ ନ ଥିବା ବେଳେ ଜିଲ୍ଲା ଗଠନ ଦିନଠାରୁ ଆଜି ପର୍ଯ୍ୟନ୍ତ ସ୍ଥାୟୀ ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟ ଟିଏ ନାହିଁ। ଫଳରେ ଏହି ଦାୟିତ୍ୱ ବହନ କରୁଥିବା ଭାରପ୍ରାପ୍ତ ପର୍ଯ୍ୟଟନ ଅଧିକାରୀମାନେ କାର୍ଯ୍ୟାଳୟଟିଏ ନ ଥିବାରୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଚଳିତ ବିଧାନସଭା ଅଧିବେଶନରେ ରାୟଗଡ଼ା ବିଧାୟକ କାଡ୍ରକା ଆପଲାସ୍ୱାମୀ ଜିଲ୍ଲାର ପର୍ଯ୍ୟଟନ ବିକାଶ ଉପରେ କରିଥିବା ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଛନ୍ତି ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ବିଭାଗୀୟ ମନ୍ତ୍ରୀ ଶ୍ରୀମତି ପ୍ରଭାତି ପରିଡା। ବିଧାୟକ ଶ୍ରୀ କାଡ୍ରକା ନିଜ ପ୍ରଶ୍ନରେ ଜିଲ୍ଲାରେ ଗତ ୨୦୧୯ବର୍ଷ ଠାରୁ ଆଜି ପର୍ଯ୍ୟନ୍ତ ପର୍ଯ୍ୟଟନ ବିକାଶ ପାଇଁ କଣ ପଦକ୍ଷେପ ଗ୍ରହଣ କରାଯାଇଛି,ଉକ୍ତ ବର୍ଷଗୁଡିକରେ କେଉଁ ସ୍ଥାନରେ ବିକାଶ ପାଇଁ କେତେ ଅର୍ଥ ଖର୍ଚ୍ଚ ହୋଇଛି ଏବଂ ଆଗକୁ ଜିଲ୍ଲାର

**● ପ୍ରସ୍ତାବିତ ପ୍ରକଳ୍ପରେ ଅଟକିଛି ପର୍ଯ୍ୟଟନ ବିକାଶ**

ପର୍ଯ୍ୟଟନ ବିକାଶ ପାଇଁ କଣ ଯୋଜନା ସରକାର କରିଛନ୍ତି ବୋଲି ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତି ପ୍ରଭାତି ପରିଡା ଉକ୍ତ ବର୍ଷଗୁଡିକ ମଧ୍ୟରେ ୪ କୋଟିରୁ ଅଧିକ ଟଙ୍କାର ଅର୍ଥରାଶି ମଞ୍ଜୁର କରାଯାଇ କାର୍ଯ୍ୟକାରୀ କରାଯାଇଥିବା ବେଳେ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରପୁର ରାୟଗଡ଼ା ଜିଲ୍ଲାରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ତଥା ପର୍ଯ୍ୟଟନ ସ୍ଥଳୀର ଉନ୍ନତୀକରଣ ନିମନ୍ତେ ବିଧାୟକଙ୍କ ନିକଟରୁ ବିଭିନ୍ନ ପ୍ରସ୍ତାବ ପର୍ଯ୍ୟଟନ ବିଭାଗ ନିକଟରେ ହସ୍ତଗତ ହୋଇ ଜିଲ୍ଲାପାଳ ରାୟଗଡ଼ାଙ୍କୁ ବିସ୍ତୃତ ପ୍ରକଳ୍ପ ବିବରଣୀ ଦାଖଲ କରିବା ନିମନ୍ତେ ବିଭାଗର ପତ୍ର ସଂଖ୍ୟା୧୨୧୮୭/ ଟିଏସଏମ/୧୮/୧୦/୨୦୨୫ ମାଧ୍ୟମରେ ଅନୁରୋଧ କରାଯାଇଥିବା ଉତ୍ତର ରଖିଥିଲେ। ଆଗାମୀ ଦିନରେ ଜିଲ୍ଲା ପ୍ରଶାସନ ନିକଟରୁ ବିଧିବଦ୍ଧ ବିସ୍ତୃତ ପ୍ରକଳ୍ପ ବିବରଣୀ ବିଭାଗର ହସ୍ତଗତ ହେଲେ ସରକାର ପ୍ରକଳ୍ପଗୁଡିକର ଆବଶ୍ୟକତା ତଥା କାର୍ଯ୍ୟକାରିତା, ସେଥିନିମନ୍ତେ ଉପଯୁକ୍ତ ଜମି ଏବଂ ଆର୍ଥିକ ସମ୍ବଳକୁ ଦୃଷ୍ଟିରେ ରଖି ବିଚାର କରିବେ ବୋଲି ଉତ୍ତର ରଖିଥିଲେ। ରାୟଗଡ଼ା ଜିଲ୍ଲାରେ ୨୦୧୯-୨୦ ଆର୍ଥିକ ବର୍ଷରେ କାର୍ଯ୍ୟନିର୍ବାହୀ ସଂସ୍ଥା ଜିଲ୍ଲାପାଳଙ୍କ ଦ୍ୱାରା ୩୯ଲକ୍ଷ ୮୭ହଜାର ୯୦୦ଟଙ୍କା ମଞ୍ଜୁର କରାଯାଇ ଚାଟିକଣା ପର୍ଯ୍ୟଟନ ସ୍ଥଳୀର ଉନ୍ନୟନମୂଳକ କାମ କରାଯାଇଥିବା ବେଳେ ୨୦୨୦-୨୧ବର୍ଷରେ ଓଟିଡିସି ସଂସ୍ଥା ପକ୍ଷରୁ ୫୦ଲକ୍ଷ ଟଙ୍କାରେ ଚନ୍ଦ୍ରପୁର ବ୍ଲକ୍‌ର ମୀନାଝୋଲା ଶୈବ ପୀଠରେ ଭୋଗ ମଣ୍ଡପ ଆଦି କାମ, ୨୦୨୨-୨୩ ବର୍ଷରେ ୨ଲକ୍ଷ ୧୦ହଜାର ଟଙ୍କାରେ ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟର ନବୀକରଣ, ୨୦୨୩-୨୪ବର୍ଷରେ ଓଟିଡିସି ସଂସ୍ଥା ପକ୍ଷରୁ ୮୬ଲକ୍ଷ ୪୦ହଜାର ଟଙ୍କାରେ ଗଦଗଦା ଜଳପ୍ରପାତ ଉନ୍ନତିକରଣ, କାର୍ଯ୍ୟନିର୍ବାହୀ ସଂସ୍ଥା ଜିଲ୍ଲାପାଳଙ୍କ ଦ୍ୱାରା ୧କୋଟି ୪୮ଲକ୍ଷ ୧୩ହଜାର ଟଙ୍କାରେ ଝଞ୍ଜାବତୀ ନଦୀରେ ଗୁମ୍ମା ଠାରୁ ହାଲୁଆ ପର୍ଯ୍ୟନ୍ତ ରିଭର ରାଫଟିଙ୍ଗ୍ ଜୋନ , ସିଲଟିଗୁଡା ଡ୍ୟାମରେ ୫୦ଲକ୍ଷ ୧୬ ହଜାର ଟଙ୍କାରେ ଜଳକ୍ରୀଡା ଉପକରଣ, ଶୌଚାଳୟ, ପାନୀୟ ଜଳ ବ୍ୟବସ୍ଥା ସହ ୬୧ଲକ୍ଷ ୮୦ହଜାର ଟଙ୍କାରେ ରାୟଗଡ଼ା ସଦର ବ୍ଲକର ଦୁର୍ଗାପାଢୁ ଜଳ ପ୍ରପାତର ଉନ୍ନତୀକରଣ ଏବଂ ୪୩ଲକ୍ଷ ୨୦ହଜାର ଟଙ୍କାରେ ଧୁମାଗୁଡା ସ୍ଥିତ ଭ୍ୟୁପଏଣ୍ଟ ଠାରେ ମିଶନଶକ୍ତି କାଫେଟେରିଆ ନିର୍ମାଣ ନିମନ୍ତେ ମୋଟ ୪କୋଟି ୮୧ଲକ୍ଷ ୫୭ହଜାର ୯୦୦ଟଙ୍କା ଅର୍ଥରାଶି କାର୍ଯ୍ୟକାରୀ କରାଯାଇଛି। ଅନେକ ପ୍ରକଳ୍ପ ଆରମ୍ଭ ହୋଇ ନ ଥିବା ବେଳେ ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟର ଆସବାବପତ୍ର କିଣାରେ ୨ଲକ୍ଷ ଟଙ୍କାରୁ ଅଧିକ ଖର୍ଚ୍ଚ କରାଯାଇଥିବା ବିଷୟ ସମସ୍ତଙ୍କୁ ଚକିତ କରିଛି। ରାୟଗଡ଼ା ବିଧାୟକଙ୍କ ଦ୍ୱାରା ୧୩ଟି, ଗୁଣପୁର ବିଧାୟକଙ୍କ ଗୋଟିଏ, ବିଷମକଟକ ବିଧାୟକଙ୍କ ୫ଟି ଏବଂ ଜିଲ୍ଲା ପ୍ରଭାରୀ ତଥା ବାଣିଜ୍ୟ ଏବଂ ପରିବହନ, ଷ୍ଟିଲ ଏବଂ ଶିଳ୍ପ ବିଭାଗୀୟ ମନ୍ତ୍ରୀଙ୍କ ଦ୍ୱାରା ଗୋଟିଏ ପର୍ଯ୍ୟଟନ ସ୍ଥଳୀର ବିକାଶ ପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିବା ବେଳେ ଏଗୁଡିକ କେବେ କାର୍ଯ୍ୟକାରୀ ହେଲେ ଜିଲ୍ଲାରେ ପର୍ଯ୍ୟଟନ ଭିତିଭୂମିର ବିକାଶ ହେବ ବୋଲି ବୁଦ୍ଧିଜୀବି ମହଲରେ ଚର୍ଚ୍ଚା ହେଉଛି।

# ବ୍ଲକ୍‌ସ୍ତରୀୟ 'ପରବ' ଉଦ୍‌ଯାପିତ



ସେମିଳିଗୁଡା, ୫।୧୨ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ବ୍ଲକ ପ୍ରଶାସନ ପକ୍ଷରୁ ଗତ ୨ଦିନ ଧରି ଚାଲିଥିବା ବ୍ଲକସ୍ତରୀୟ 'ପରବ' ବୁଧବାର ରାତିରେ ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନି କାର୍ଯ୍ୟକ୍ରମରେ ସିଡିଓ ବେଣୁଧର ଶବର ମୁଖ୍ୟ ଅତଥିଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥିଙ୍କ ମଧ୍ୟରେ ପୂର୍ବତନ ବିଧାୟକ ପୀତମ ପାଢ଼ୀ, ପୂର୍ବତନ ଏମ୍‌ପି ଝିନ୍ନ ହିକକ୍କା, ଏମ୍‌ପିଙ୍କ ପ୍ରତିନିଧି ଗତରାୟ , ବିଧାୟକ ପ୍ରତିନିଧି ମହେଶ୍ୱର ଖିଲୋ ଜୋନ- ୨ ଜିଲା ପରିଷଦ ମୋହନ ଯାନୀ, ଜୋନ- ୧ ଜିଲା ପରିଷଦ ଯଶୋଦା, ବ୍ଲକ ଅଧ୍ୟକ୍ଷା ଲିଲି ଅଣ୍ଟାବିରିଆ, ଉପାଧ୍ୟକ୍ଷ ଶିବା ବାଙ୍ଗାରି, ଭାଜପା ଜିଲ୍ଲା ସଭାପତି ଶିବ ମୁଦୁଲି, ବିଡିଓ ଯସ୍ମିନ ପ୍ରଧାନଙ୍କ ସମେତ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ଥିଲେ। ବ୍ଲକ ଅଧୀନ ବିଭିନ୍ନ ଅଞ୍ଚଳରୁ ଆସିଥିବା ବହୁ କଳାକାର ଆଦିବାସୀ ପାରମ୍ପରିକ ବେଶଭୂଷାରେ ଢେମେସା ନୃତ୍ୟ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ସାଂସ୍କୃତିକ ଏବଂ ଖେଳକୁଦ ପ୍ରତିଯୋଗିତା କରାଯାଇଥିଲା। ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବନିତା ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଏନ୍‌ଏଚ୍‌୨୬ ପ୍ରଶସ୍ତିକରଣ କାର୍ଯ୍ୟ ବିଳମ୍ବକୁ ନେଇ ଅସନ୍ତୋଷ

# 'ପରବ' ମୁଖ୍ୟ ସମାରୋହକୁ ନେଇ ଚିନ୍ତାରେ ଲୋକେ

କୋରାପୁଟ,୫।୧୨/(ସମିସ): ଗତଏକ ବର୍ଷରୁ ଉର୍ଦ୍ଧ୍ୱର ସମୟ ହେଲା କୋରାପୁଟ ସୁନାବେଡ଼ା ୨୬ ନଂ ଜାତୀୟ ରାଜପଥର ଲାଣ୍ଡିଗୁଡ଼ା ଠାରୁ ଘାଟଗୁଡ଼ା ପର୍ଯ୍ୟନ୍ତ ପ୍ରଶସ୍ତିକରଣ କାର୍ଯ୍ୟ ଚାଲିଛି। ମାତ୍ର ୧୨ କିଲୋମିଟର ଦୂରତା ରାସ୍ତା ମରାମତି ଓ ପ୍ରଶସ୍ତିକରଣ କାର୍ଯ୍ୟ ବର୍ଷକ ଠାରୁ ଅଧିକ ସମୟ ପରେ ମଧ ଶେଷ ହେଉ ନଥିବାରୁ ଜନ ସାଧାରଣଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖା ଦେଇଛି। ପ୍ରାୟ ଅଶି ପ୍ରତିଶତ କାମ ଶେଷ ହୋଇଥିଲେ ମଧ ମଝିରେ ମଝିରେ କେତେକ ସ୍ଥାନରେ ମରାମତି ଓ ପ୍ରଶସ୍ତିକରଣ କାମ ଅଧା ପନ୍ତରିଆ ରହିଥିବାବେଳେ ଅନେକ ସ୍ଥାନ ଖାଲ ଖମାରେ ରହିଛି ଯାହାକି ଯାତ୍ରୀ ଏବଂ ଗାଡ଼ି ଚାଳକ ମାନଙ୍କ ପାଇଁ ବିପଦରେ ପକାଉଛି। ଅନ୍ୟ ପକ୍ଷରେ ରାସ୍ତା କଡ଼ରେ ଗୋଡ଼ି ବାଲି ପଡ଼ି ରହିଥିବା କାରଣରୁ ଗାଡ଼ି ଚାଳକ ମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ୨୦୨୪ ପ୍ରଥମ ଭାଗରେ ଆରମ୍ଭ ହୋଇଥିବା କାମ ଏଯାଏ ଶେଷ ହେବା ନାଁ ଧରୁନି। ଲାଣ୍ଡିଗୁଡ଼ା ଠାରୁ କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟର ପୁରୁଣା ଅସ୍ଥାୟୀ କୋଠା (କେନ୍ଦ୍ରୀୟ ସିଲ୍କ ବୋର୍ଡ ପୁରୁଣା ଅଫିସ) ପର୍ଯ୍ୟନ୍ତ ନୂତନ ରାସ୍ତା ହେଉଥିବାରୁ ପ୍ରାୟ ୭୦୦ ମିଟର ପୁରୁଣା ରାଜପଥ ମରାମତି ହେଉନାହିଁ। ଫଳରେ ଖାଲଖମାରେ ଭରା ସେହି ପୁରୁଣା ରାସ୍ତାରେ ବର୍ତ୍ତମାନ ଯାତ୍ରୀ ଓ ଯାନବାହାନ ବିପଦ ପୂର୍ଣ୍ଣ ଯାତ୍ରା କରୁଛନ୍ତି। ସେହିପରି ଜିଓ ପେଟ୍ରୋଲ ପମ୍ପ ଠାରୁ ଦେଉଳା ଛକ, ଡୁମୁରିଗୁଡ଼ା ପାହାଡ଼ କଟିଙ୍ଗ, ମୋହନପଡ଼ା ବ୍ରିଜ ଭଳି ସବୁ କାମ ଅଧାରେ ପଡ଼ି ରହିଛି। ଯାହାକି ସାଧାରଣ ଲୋକ ଏବଂ ବସ୍, ଟ୍ରକ ଚାଳକ ମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ବିଶେଷ କରି ବାଇକ୍, ସ୍କୁଟି ନେଇ ଯାଉଥିବା ଲୋକେ ଅଧିକ ହଇରାଣ ହେଉଛନ୍ତି। ଠିକା କମ୍ପାନୀ ନିର୍ମାଣାଧୀନ ଅଞ୍ଚଳରେ ପାଣି ପକାଉ ଥିଲେ ମଧ ବେଳେ ବେଳେ ପ୍ରବଳ ମାଟି ଧୂଳି ଉଡ଼ିବା ଯୋଗୁଁ ଦୁଇ ଚକିଆ ଯାନରେ ଯିବା ଆସିବା ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ଖରାପ ଯୋଗୁଁ



ଗତ ବର୍ଷକରେ ୩୦ରୁ ଅଧିକ ଦୁର୍ଘଟଣା ଘଟିଛି ଏବଂ ପ୍ରାୟ ୧୨ ଜଣ ଜୀବନ ହାରାଇଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ଲାଣ୍ଡିଗୁଡ଼ା ନିକଟରେ ଅତ୍ୟନ୍ତ ଖରାପ ଅବସ୍ଥାରେ ରହିଥିବା ରାସ୍ତାରେ ଗୁପ୍ତ ପ୍ରସାଦ ପଟ୍ଟନାୟକ ନାମକ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା। ବାଇକ୍ ଯୋଗେ ଆସୁଥିବା ବେଳେ ଖରାପ ରାସ୍ତା ତାଙ୍କ ପାଇଁ ଘାତକ ହୋଇଥିଲା। ଅନ୍ୟ ପକ୍ଷରେ କୋରାପୁଟ ଜିଲ୍ଲାର ଲୋକ ମହୋତ୍ସବ ପରବ ୨୦୨୫ ମୁଖ୍ୟ ସମାରୋହ ଆଉ ମାତ୍ର ୧୨ ଦିନ ପରେ (୧୮-୨୨ ତାରିଖ ପର୍ଯ୍ୟନ୍ତ) ଆୟୋଜନ ହେବାକୁ ଥିବା ବେଳେ ଉକ୍ତ ୫ ଦିନ ସୁନାବେଡ଼ା କୋରାପୁଟ ରାଜପଥ ପ୍ରବଳ ଗହଳି ରହିବ। ଦାମନଯୋଡ଼ି, ସୁନାବେଡ଼ା, ସେମିଳିଗୁଡା, ପଟାଙ୍ଗି,ନନ୍ଦପୁର ଅଞ୍ଚଳର ହଜାର ହଜାର ଲୋକ ଏହି ରାଜପଥରେ ଯାତାୟାତ କରିବେ। ରାସ୍ତା ସମସ୍ୟା ସେମାନଙ୍କ ପାଇଁ ବଡ଼ ଅସୁବିଧା ସୃଷ୍ଟି କରିବା ସମ୍ଭାବନା ଥିବା ବେଳେ ରାସ୍ତା ଅବସ୍ଥା ନେଇ ପରବ ପ୍ରେମୀ ଚିନ୍ତାରେ ପଡ଼ିଛନ୍ତି। ମାଲବାହୀ ଭାରୀଯାନ ଓ ବସ ଚାଳକମାନେ ମଧ ଅସନ୍ତୋଷ ବ୍ୟକ୍ତ କରିଛନ୍ତି, ଖରାପ ରାସ୍ତା ଯୋଗୁଁ ଲୋଡ଼େଡ୍ ଟ୍ରକ୍ ଓ ଅନ୍ୟାନ୍ୟ ଯାନର ଟାୟର, ସସ୍ପେନସନ୍ ଓ ଅନ୍ୟାନ୍ୟ ଯନ୍ତ୍ରାଂଶ କ୍ଷତି ହେଉଛି। ମାଲ ନେଇ ଯିବା ମଧ ବହୁତ ଜଟିଳ ହୋଇପଡ଼ିଛି ବୋଲି ଜଣେ ଟ୍ରକ୍ ଚାଳକ କହିଛନ୍ତି। ତେଣୁ ଜନସାଧାରଣଙ୍କ ସୁରକ୍ଷା ପାଇଁ ତୁରନ୍ତ ରାସ୍ତା କାର୍ଯ୍ୟ ଶେଷ କରିବା ଦିଗରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

● ଅପରେସନ ଗ୍ରୀନ କ୍ଲିନ୍

## ୫୦୪୦୦ ଗଞ୍ଜେଇ ଗଛ ନଷ୍ଟ



ନନ୍ଦପୁର,୫।୧୨ (ସମିସ): ଉପାନ୍ତ ନନ୍ଦପୁର ଅଞ୍ଚଳରେ ଗଞ୍ଜେଇ ଚାଷ ବିରୋଧରେ ମଙ୍ଗଳବାର ଦିନ ଏକ ବିଶେଷ ଅଭିଯାନ କ୍ରମେ ନନ୍ଦପୁର ଏବଂ ପାଡୁଆ ପୁଲିସ, ନନ୍ଦପୁର ଆବକାରୀ ବିଭାଗ, ଆଇଆରବି, ଡିଏଫଏସ୍ କୋରାପୁଟ ଓ କର୍ମଚାରୀମାନଙ୍କ ସହିତ ଏକ ବିଶେଷ ଟିମ୍ ଡୁମୁରିଗୁଡ଼ା ଓ ଚୁଆଫୁଲ ଗ୍ରାମରେ ମିଳିତ ଚଢ଼ଉ କରିଥିଲେ। ଉକ୍ତ ଅଭିଯାନ ନନ୍ଦପୁର ଅବକାରି ବିଭାଗ ଅଧୀନରେ ମ୍ୟାଜିଷ୍ଟ୍ରେଟ୍ ତଥା ଅତିରିକ୍ତ ତହସିଲଦାର ମାଧବ ପାଙ୍ଗିଙ୍କ ଉପସ୍ଥିତିରେ ହୋଇଥିଲା। ଏହି ଅଭିଯାନରେ ନନ୍ଦପୁର ପାଡୁଆ ଥାନା ଆଇଆଇସି ଆଶୋକ କୁମାର ବିଶୋଇ , ଏଏସ୍‌ଆଇ ରାମଚନ୍ଦ୍ର ମାଡକାମି ,ମୋତିଧର ନାୟକ ,ଏସକେ ନାୟକ , ନନ୍ଦପୁର ଅବକାରୀ ଓଆଇସି ଅଭୟ କୁମାର ନାୟକ, କୋରାପୁଟ ମୋବାଇଲ ଟିମ ଇନ୍ସପେକ୍ଟର ଚନ୍ଦ୍ରଶେଖର ପଢିହାରୀ ବନ ବିଭାଗ କର୍ମଚାରୀ ଓ ପାଡୁଆ ଆଇଆରବି ଜବାନ୍‌ମାନେ ସକ୍ରିୟ ଭାବରେ ଅଂଶଗ୍ରହଣ କରି ମିଳିତ ଭାବେ ୪୨ ଏକର ଜମି ଉପରେ ଚାଷ ହୋଇଥିବା ପ୍ରାୟ ୫୦୪୦୦ ଗଞ୍ଜେଇ ଗଛକୁ କାଟି ନଷ୍ଟ କରି ଦୁଇ ଅଜ୍ଞାତ ବ୍ୟକ୍ତିଙ୍କ ନାମରେ କେସ ନଂ ୧୩୬/୨୦୨୫, ୨୨୫/ ୨୦୨୫/୨୬ ରୁଜୁ କରିଥିଲେ।

## ଆହତ ଯୁବ କର୍ମଚାରୀଙ୍କ ମୃତ୍ୟୁ

ନନ୍ଦପୁର,୫।୧୨(ସମିସ): କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକ ଯୁବ କର୍ମଚାରୀ ଦେବାଶୀଷ ପଣ୍ଡାଙ୍କର ଚିକିତ୍ସାଧୀନ ଅବସ୍ଥାରେ ଆଜି ମୃତ୍ୟୁ ଘଟିଛି । ଗତ ରବିବାର ଦିନ ଲମତାପୁଟ ବ୍ଲକରୁ ଘରକୁ ଫେରିବା ସମୟରେ କାଡ଼ାମ ଛକରେ ଭାରସାମ୍ୟ ହୋଇ ବାଇକ୍ ଦୁର୍ଘଟଣା ଘଟି ସେ ଗୁରୁତର ହୋଇଥିଲେ। ତାଙ୍କୁ ଚିକିତ୍ସା ନିମନ୍ତେ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାର ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରୁ ୨୪ ଘଣ୍ଟା ପରେ ଡାକ୍ତର ତାଙ୍କୁ ଫେରାଇ ଦେଇଥିଲେ। ପୁଅକୁ ବଞ୍ଚାଇବା ପାଇଁ ବାପା ଶଙ୍କର ପଣ୍ଡା ପ୍ରାଣମୂର୍ଚ୍ଛା ଉଦ୍ୟମ କରିଥିଲେ। ସେ ତାଙ୍କୁ ଆଣି କୋରାପୁଟ ଜୟପୁରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା କରିଥିଲେ। ତେବେ ଶୁକ୍ରବାର ସକାଳେ ଚିକିତ୍ସାଧୀନ ଅବସ୍ଥାରେ ଦେବାଶିଷଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ଗଙ୍ଗା ଶଉଣି ନଦୀ ତୁଠରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

## 'ମଣ୍ଡେଇ' ପାଇଁ କବିତା ପାଠୋତ୍ସବ



ଉମରକୋଟ,୫।୧୨(ସମିସ): ନବରଙ୍ଗପୁର ଜିଲ୍ଲା ଲୋକ-ମହୋତ୍ସବ ମଣ୍ଡେଇ-୨୦୨୫ ପକ୍ଷରୁ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ ଉମରକୋଟ ଠାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଆୟୋଜିତ ଏହି ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମରେ ଉମରକୋଟ, ଚନ୍ଦାହାଣ୍ଡି, ରାଇଘର ଓ ଝରିଗାଁ ବ୍ଲକ୍‌କୁ ନେଇ ବ୍ଲକ୍ ସ୍ତରୀୟ କବିତା ପାଠୋତ୍ସବ କାର୍ଯ୍ୟକ୍ରମରେ ଦାସିଆ ସାଂସ୍କୃତିକ ପରିଷଦର ସଭାପତି ଟୁଟୁବାବୁ ପଟ୍ଟନାୟକ ସଭାପତିତ୍ୱରେ ହୋଇଥିଲା। ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଜିଲ୍ଲା ପ୍ରାକ୍ତନ ସଦସ୍ୟ ଓଡିଶା ସାହିତ୍ୟ ଏକାଡେମୀ, ବଲ୍ଲଭ ରାଉତ, ବିଶିଷ୍ଟ ଅତିଥି ଭାବେ ସମାଜସେବୀ ଜୟଦେବ ପରିଡା, ବରେଣ୍ୟ ଅତିଥି ଭାବେ ଡ. ସୁରେନ୍ଦ୍ର ନାଥ ଦାଶ, ମୁଖ୍ୟବକ୍ତା ଭାବେ ସାରସ୍ୱତ ସଂପାଦକ ପ୍ରଫୁଲ୍ଲ କୁମାର ରାଉତ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସରକାରୀ ଓକିଲ ଶ୍ରୀନିବାସ ପଟ୍ଟନାୟକ, ଅଧ୍ୟାପକ ଗୋପାଳ ମହାରଣା, ସହ-ଗୋଷ୍ଠୀ ଶିକ୍ଷା ଅଧିକାରୀ ଦେବେନ୍ଦ୍ର କୁମାର ବାଗ, ଶିକ୍ଷୟିତ୍ରୀ ପ୍ରଭାତୀ ଦେବନାଥ, ଶାନ୍ତିଲତା ମହାନ୍ତି ଓ ବେହେଡା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ, ବିଧାନ ବିଶ୍ୱାସ ଯୋଗ ଦେଇଥିଲେ। କବିତା ଗୁଡିକ ସଂଯୋଜନା ତଥା ପରିଚାଳନା ରେ ଥିଲେ କବି ସାଗର କୁମାର ପରିଡା, କବୀ ସ୍ୱାଗତିକା ସାହୁ। କାର୍ଯ୍ୟକ୍ରମରେ ପ୍ରାୟ ୮୦ ଜଣ କବି, କବୟତ୍ରୀ ଯୋଗ ଦେଇଥିଲେ। ସର୍ବଶ୍ରୀ ସମୀର କୁମାର ପ୍ରଧାନ, କେଦାରେଶ୍ୱର ପଟ୍ଟନାୟକ, ବିବେକାନନ୍ଦ ପଟ୍ଟନାୟକ, ଗଣେଶ ପ୍ରସାଦ ରଣା, ବିଷ୍ଣୁ ପ୍ରସାଦ ସାହୁ, ରାଜେଶ ଜୀ, ନୀଳକଣ୍ଠ ଚମ୍ପତି, ବିମଳ କୁମାର ବାରୋଇ, ଶେଖ ନାସିରୁଦ୍ଦିନ, ସୁରେଶ ଚନ୍ଦ୍ର ପଣ୍ଡା, ସତ୍ୟେନ୍ଦ୍ର ରାଉତ, ସଞ୍ଜୟ କୁମାର ସାମଲ, ମହାନନ୍ଦ ମହାଳିକ, ନଗେନ୍ଦ୍ର କୁମାର ରାଉତ, ରାଜ କିଶୋର ନାୟକ ଓ ଡ.ସନ୍ତୋଷ କୁମାର ଖମାରୀ ପ୍ରମୁଖ ଯୋଗଦାନ କରିଥିଲେ।

## ଜିଲ୍ଲା ପାଇଁ ଗୌରବ ଆଣିଲେ ଦିବ୍ୟାଙ୍ଗ ଛାତ୍ର




ନବରଙ୍ଗପୁର,୫।୧୨(ସମିସ) ସୋଆ ୟୁନିଭେରସିଟି ଗ୍ରାଉଣ୍ଡରେ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ -୨୦୨୫ ପାଳନ ଅବସରରେ ଡିସେମ୍ବର ୧ ତାରିଖ ଠାରୁ ଡିସେମ୍ବର ୩ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ପିଲାଙ୍କ ମଧ୍ୟରେ ନାଚ, ଗୀତ, ଖେଳକୁଦ ,ଚିତ୍ରାଙ୍କନ, ଦୌଡ , ସଟ୍‌ପୁଟ , ଥ୍ରୋ ପରି ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଏହି ପ୍ରତିଯୋଗିତାରେ ନବରଙ୍ଗପୁର "ଆଶା କିରଣ' ରୁ ଯୋଗ ଦେଇଥିବା ଜୟଦେବ ଗଣ୍ଡ ଟ୍ରାୟ ସାଇକେଲ ପ୍ରତିଯୋଗିତାରେ ଦ୍ୱିତୀୟ ଏବଂ ଦୌଡ ସିନିୟର୍‌ରେ ମନୋଜ ସାନ୍ତା ଦ୍ୱିତୀୟ ଏବଂ ଦୌଡ ଜୁନିଅରରେ ପୁସ୍ତକ ନାୟକ ତୃତୀୟ ଭାବରେ ସମ୍ମାନିତ ହୋଇ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଦିବ୍ୟାଙ୍ଗଙ୍କ ଏହି ପ୍ରଶଂସନୀୟ କାର୍ଯ୍ୟକୁ ସମ୍ମାନ ଦେବାକୁ ଯାଇ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଟ୍ରିପଲ୍ ଏସ ମଡ଼ାମ୍ ଏଲିଯା ବେଥ ଏବଂ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଧନୁର୍ଜୟରାଓ ଆଶା କିରଣରେ ପହଞ୍ଚି ପିଲାଙ୍କୁ ଉତ୍ତରୀୟ ,ପୁଷ୍ପ ଗୁଚ୍ଛ ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ। ଆଶା କିରଣର ସମସ୍ତ କର୍ମଚାରୀ ସ୍ୱାଗତ କରିଥିଲେ। ଆଶା କିରଣର ସ୍ୱତନ୍ତ୍ର ଶିକ୍ଷକ ଇନ୍ଦ୍ରମଣି ମଙ୍ଗରାଜଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀ ମାନେ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଭୁବନେଶ୍ୱର ଯାତ୍ରା କରିଥିବା ଜିଲ୍ଲା ସ୍ୱତନ୍ତ୍ର ବିଦ୍ୟାଳୟ ଆଶା କିରଣ ଅଧକ୍ଷ ଜଗନ୍ନାଥ ବେହେରା ସୂଚନା ଦେଇଛନ୍ତି।

## ମୃତ୍ତିକା ଦିବସ ପାଳିତ

ପୋଡ଼ାଗଡ଼, ୫।୧୨(ସମିସ): ଆଜି ଅଗ୍ରଗାମୀ ଦଶମନ୍ତପୁର ପ୍ରକଳ୍ପ ଦ୍ୱାରା ବ୍ଲକର ୬ଟି ଗ୍ରାମ ପଞ୍ଚାୟତରେ ବିଶ୍ୱ ମୃତ୍ତିକା ଦିବସ ୨୦୨୫ ପାଳନ ହୋଇଛି। ୬ଟି ପଞ୍ଚାୟତର ୧୧ଟି ସ୍ଥାନରେ ୫୭ ଗାଁର ୫୩୪ ଜଣ ଚାଷୀ ଉପସ୍ଥିତ ରହି ବିଶ୍ୱ ମୃତ୍ତିକା ଦିବସ ଉପରେ ଆଲୋଚନା କରିଥିଲେ। ଚିକାମ୍ବ ପଞ୍ଚାୟତର ଫଟକିଯାମ୍ ଚାଷୀ ପାଠଶାଳା ଠାରେ ଚିକମ୍ବ ପଞ୍ଚାୟତ ସରପଞ୍ଚ ସାଇବେନୀ ଜାନି ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ। ସେହିପରି ଡୁମ୍ବାଗୁଡ଼ା ପଞ୍ଚାୟତରେ ସରପଞ୍ଚ କୁନି ମୁଦୁଲି ଭାଗ ନେଇଥିଲେ। ସେହିପରି ଅନ୍ୟପଞ୍ଚାୟତରେ ଅଙ୍ଗନବାଡି ଆଶା ଦିଦି ମାନେ ମଧ ଯୋଗ ଦେଇଥିଲେ। ରାସାୟନିକ ସାର ପରିତ୍ୟାଗ କରି ଜୈବିକ ପଦ୍ଧତିରେ ଚାଷ କରି ମାଟିକୁ ବଞ୍ଚାଇବା ଥିଲା ମୁଖ୍ୟ ଲକ୍ଷ୍ୟ। ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ କୁମାର ନାୟକ ପରିଚାଳନା କରିଥିଲେ।

● କୁନ୍ଦୁରା ବ୍ଲକ ଅଧ୍ୟକ୍ଷା ଉପ ନିର୍ବାଚନ

## ବାଜିମାରିଲେ ବାଣୁଆଗୁଡା ସମିତି ସଭ୍ୟା ବନିତା କାନ୍ଦିଲିଆ



କୁନ୍ଦୁରା,୫।୧୨(ସମିସ): କୁନ୍ଦୁରା ବ୍ଲକ୍ ଅଧ୍ୟକ୍ଷା ଉପ ନିର୍ବାଚରେ ବାଜି ମାରିଲେ ବାଣୁଆଗୁଡା ସମିତି ସଭ୍ୟା ବନିତା କାନ୍ଦିଲିଆ। ଆଜି କୁନ୍ଦୁରା ଠାରେ ଉପ ନିର୍ବାଚନରେ ବନିତା କାନ୍ଦିଲିଆଙ୍କ ବିଜୟ ହୋଇଛି। ପୂର୍ବତନ ବ୍ଲକ ଅଧ୍ୟକ୍ଷା ଅନାସ୍ଥା ଭୋଟରେ ପଦ ହରାଇଥିଲେ। ଆଜି ରାଜ୍ୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ କ୍ରମେ ଉପ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ବ୍ଲକର ୧୬ଟି ପଞ୍ଚାୟତ ରହିଥିବା ବେଳେ ବିଜେଡି ସମର୍ଥନରେ ପ୍ରାର୍ଥୀ ଭାବରେ ଫୁଙ୍ଗାଁ ଗ୍ରାମପଞ୍ଚାୟତର ସମିତି ସଭ୍ୟା ଚନ୍ଦ୍ରିକା କାନ୍ଦିଲିଆ ଅଧ୍ୟକ୍ଷା ପଦପାଇଁ ନାମାଙ୍କନ ଭରିଥିବା ବେଳେ ବାଣୁଆଗୁଡା ପଞ୍ଚାୟତର ସମିତି ସଭ୍ୟା ବନିତା କାନ୍ଦିଲିଆ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ଭରିଥିଲେ। ମୋଟ ୧୫ ଜଣ ସମିତି ସଭ୍ୟ ସଭ୍ୟା ନିର୍ବାଚରେ ଅଂଶଗ୍ରହଣ କରିଥିବା ବେଳେ ବନିତା କାନ୍ଦିଲିଆଙ୍କ ସପକ୍ଷରେ ୮ଟି ଭୋଟ ଏବଂ ଚନ୍ଦ୍ରିକା କାନ୍ଦିଲିଆଙ୍କୁ ୬ଟି ଭୋଟ ମିଳିଛି। ଗୋଟିଏ ଭୋଟ ରିଜେକ୍ଟ ହୋଇଥିବା ବେଳେ ଜଣେ ଅନୁପସ୍ଥିତ ଥିଲେ। ଏନେଇ ଗଣ ମାଧ୍ୟମକୁ ସୂଚନା ଦେଇଛନ୍ତି ନିର୍ବାଚନ ଅଧିକାରୀ ତଥା ବରିଗୁମ୍ମା ବିଡ଼ିଓ ସୁକାନ୍ତ କୁମାର ପଟ୍ଟନାୟକ। ସୂଚନା ଥାଉକି, ଏହି ବ୍ଲକର ପୂର୍ବତନ ଅଧ୍ୟକ୍ଷା ରାଜେଶ୍ୱରୀ ପରଜାଙ୍କ ବିରୁଦ୍ଧରେ ଅନାସ୍ଥା ଆଗତ କରିଥିବା ବେଳେ ଗତ ଅକ୍ଟୋବର ମାସରେ ଅନାସ୍ଥା ଭୋଟରେ ପଦ ହରେଇଥିଲେ ଅଧ୍ୟକ୍ଷା। ପରେ ବ୍ଲକ ଉପାଧ୍ୟକ୍ଷ ତରୁଣୀ ସେନା ବିଶୋଇ କିଛି ଦିନ ଅଧ୍ୟକ୍ଷ ଦାୟିତ୍ୱ ତୁଲାଇଥିଲେ। ଅଧ୍ୟକ୍ଷ ପଦବୀ ଖାଲି ଥିବା ବେଳେ ଆଜି ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ୱାଧୀନ ପ୍ରାର୍ଥୀ ବନିତା କାନ୍ଦିଲିଆ ବିଜୟ ହୋଇଛନ୍ତି। ନିର୍ବାଚନ ସରିବା ପରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ନବ ନିର୍ବାଚିତଙ୍କୁ ଫୁଲ ମାଳ ଦେଇ ସ୍ୱାଗତ କରାଯାଇଥିଲା।

## ସ୍ୱାସ୍ଥ୍ୟକେନ୍ଦ୍ରରେ 'କାୟାକଳ୍ପ' ଟିମ୍




ନନ୍ଦପୁର,୫।୧୨(ସମିସ): କାୟାକଳ୍ପ ଟିମ୍ ଆଜି ନନ୍ଦପୁର ବ୍ଲକର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ବିଶେଷ ଅନୁଧ୍ୟାନ କରିଛି। ଅଧିକ୍ଷକ ଡା. ଭାଗବତ ମୁର୍ମୁ ଓ ବିପିଏମ ମଧୁଲିକା ପାଢ଼ୀଙ୍କ ନେତୃତ୍ୱରେ ବିଶେଷ ଡାକ୍ତରୀ ଦଳ ସହ ଅନ୍ୟାନ୍ୟ ସ୍ୱାସ୍ଥ୍ୟ କର୍ମଚାରୀମାନେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନନ୍ଦପୁର ତଥା ପାଡୁଆ, ବନମାଳିପୁଟ, ସଙ୍କିଡି, ବିଲାପୁଟ ଇତ୍ୟାଦି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକୁ ଗୋଷ୍ଠୀ ଗତ ଭାବେ ବୁଲି ସମୀକ୍ଷା କରିଛନ୍ତି। ଏହା ସହିତ ଖୁର୍ଜି, ସାଉନି ପୂଜାରିପୁଟ, ଥୁବା, ଦୋରାସୁବଲାର, ହାଟଗୁଡା, ଜଲାପୁଟ ଅଞ୍ଚଳରେ ଥିବା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ମାନଙ୍କର ବିଭିନ୍ନ ବିଭାଗ ବୁଲି ସମୀକ୍ଷା କରିଛନ୍ତି। ଅଧିକ୍ଷକ ମୁର୍ମୁ କହିଛନ୍ତି ଯେ, ସ୍ୱାସ୍ଥ୍ୟ ସଂସ୍ଥାଗୁଡିକର ପାରିପାର୍ଶ୍ୱିକ ପରିବେଶ ସୁଦ୍ଧି କରିବା, ରୋଗୀମାନଙ୍କ ପାଇଁ ଆବଶ୍ୟକ ସୁବିଧା ସୁଯୋଗ ଗୁଡିକୁ ସୁନିଶ୍ଚିତ କରିବା ଏହି କାୟାକଳ୍ପ ଅଭିଯାନର ପ୍ରମୁଖ ଲକ୍ଷ୍ୟ। ନିରୀକ୍ଷଣ ସମୟରେ ବିଭିନ୍ନ କେନ୍ଦ୍ରରେ ପ୍ରାପ୍ତ ସମସ୍ୟା ଓ ଅଭାବଗୁଡିକୁ ଶୀଘ୍ର ନିରାକରଣ ପାଇଁ ପଦକ୍ଷେପ ମଧ ନିଆଯାଇଥିବା ସୂଚନା ରହିଛି। ପ୍ରାଥମିକ ସମୀକ୍ଷା ପରେ ନିରୀକ୍ଷକ ଦଳ ଗୁଡ଼ିକ ନନ୍ଦପୁରକୁ ଫେରି ଅନୁଧ୍ୟାନର ରିପୋର୍ଟ ସଜାଇଛନ୍ତି। ଏହି ଅନୁଧ୍ୟାନ ସ୍ୱାସ୍ଥ୍ୟ ସେବାର ମାନ ଓ ଗୁଣବତ୍ତାରେ ବୃଦ୍ଧି କରିବାରେ ସହାୟକ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି।

## ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପରିଦର୍ଶନ କଲେ ଜିଲ୍ଲାପାଳ

କୋରାପୁଟ,୫।୧୨(ସମିସ) କୋରାପୁଟ ପୌର ପରିଷଦ ଦ୍ୱାରା କରାଯାଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ପରିଦର୍ଶନ କରିଛନ୍ତି। ରାଜୀବ ଗାନ୍ଧୀ ପାର୍କରେ ଚାଲିଥିବା ଉନ୍ନତିମୂଳକ କାର୍ଯ୍ୟର ପରିଦର୍ଶନ କରି ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ମରାମତି ହେବାକୁ ଥିବା ପୋଡାଲାଇନ ରାସ୍ତା, ବୟନିକା ପାର୍କ, ସ୍ୱାମୀ ବିବେକାନନ୍ଦ ପାର୍କ, ମେଡିକାଲ କଲେଜ ଛକରେ ନିର୍ମାଣଧିନ ଭେଣ୍ଡିଂ ଜୋନ ଏବଂ ଚନ୍ଦନ ପୋଖରୀ ପରିଦର୍ଶନ କରିଥିଲେ। କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଂଜନ ସେଠୀ, ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ, ସହକାରୀ ଯନ୍ତ୍ରୀ ମନୋଜ ପାତ୍ର ଓ କନିଷ୍ଠ ଯନ୍ତ୍ରୀ ନର୍ମଦା ସାହୁ ଏବଂ କାଉନସିଲର ମାନେ ଉପସ୍ଥିତ ଥିଲେ।

## ବ୍ଲକ୍‌ସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ



ଚନ୍ଦ୍ରପୁର, ୫।୧୨(ସମିସ): ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକରେ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ବିଦ୍ୟାଳୟର ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଥ୍ରୋବଲ, ମ୍ୟୁଜିକ୍ ଚେୟାର, ଗୀତ, ଚିତ୍ରାଙ୍କନ ପ୍ରତିଯୋଗୀତା ଆୟୋଜନ ହୋଇଥିଲା। ପ୍ରତିଯୋଗିତାରେ ୫୦ରୁ ଅଧିକ ଛାତ୍ରଛାତ୍ରୀ ଓ ଅଭିଭାବକ ଭାଗ ନେଇଥିଲେ। ପ୍ରତିଯୋଗିତାରେ ଚନ୍ଦ୍ରପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ କେଶବ ବେହେରା ମଣ୍ଡଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବେଳେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଷ ଶବର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ବିଆରପି ବାଳକୃଷ୍ଣ ବିହାରୀ ଅଧ୍ୟକ୍ଷତା କରିଥିବା ବେଳେ ଚନ୍ଦ୍ରପୁର ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ସିଙ୍ଗନା ତାଡିଙ୍ଗି , ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଉମାକାନ୍ତ ମିଶାଲ ବିଏସଏସ୍ ଓ ବିକାଶ ନାୟକ ଅନ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। ଉକ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।

## ମାଲ୍ୟବନ୍ତ ମହୋତ୍ସବରେ ବାବୁସାନ୍‌ଙ୍କ କମାଲ

# ବିଡିଓ ନାଚିଲେ; ଥାନାବାବୁ ଗାଇଲେ





କାଲିମେଲା, ୫।୧୨(ସମିସ) : ତିନିଦିନ ଧରି ଦକ୍ଷିଣ ଓଡ଼ିଶାର ମାଲକାନଗିରି ଜିଲ୍ଲାର କାଲିମେଲା ବ୍ଲକ ଭଳି ଏକ ଉପାନ୍ତ ଇଲାକାରେ ଓଲିଉଡର ଭଳିକି ଭଳି ତାରକା, ଗାୟିକା ଓ ନୃତ୍ୟକାରଙ୍କ ରଙ୍ଗିନ କାର୍ଯ୍ୟକ୍ରମ ପରିବେଷଣ ମଧ୍ୟରେ ଶେଷ ହେଲା ଲୋକପ୍ରିୟ ମାଲ୍ୟବନ୍ତ ମହୋତ୍ସବ ୨୦୨୫। ଜିଲ୍ଲା ସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ହେବାକୁ ଆହୁରି ୧୦ ଦିନ ବାକି ଥିବା ବେଳେ କାଲିମେଲା ବ୍ଲକ ସଦର ସ୍ଥିତ ଏମଭି ୯୦ ଖେଳ ପଡିଆରେ ଅନୁଷ୍ଠିତ କାଲିମେଲା ବ୍ଲକ ସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ଜିଲ୍ଲାବ୍ୟାପୀ ମାଲ୍ୟବନ୍ତର ଅନୁଭୂତିକୁ ଭରି ଦେଇଛି। ଚଳିତ ବର୍ଷ କାଲିମେଲା ବ୍ଲକ ସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ଅବସରରେ ମଙ୍ଗଳବାର ସନ୍ଧ୍ୟାରେ ଓଲିଉଡର ସୁପରଷ୍ଟାର ସବ୍ୟସାଚୀ ମହାପାତ୍ର ଓ କଣ୍ଠଶିଳ୍ପୀ ପ୍ରଜ୍ଞାନ ହୋତାଙ୍କ କାର୍ଯ୍ୟକ୍ରମରେ ଉଦଘାଟନ ହୋଇଥିଲା। ବୁଧବାର ସନ୍ଧ୍ୟାରେ ରାଜ୍ୟ ସଙ୍ଗୀତ ଦୁନିଆର ବିଶିଷ୍ଟ କଣ୍ଠଶିଳ୍ପୀ ସୁଜ୍ଞାନୀ ମହାପାତ୍ର ଓ କୁକୀସ୍ ସ୍ୱାଇଁ ପ୍ରମୁଖ କଣ୍ଠଦାନ କରି ମାଲ୍ୟବନ୍ତ ପରିବେଶର ଉଷ୍ମତା ଭରି ଦେଇଥିଲେ। ଗୁରୁବାର ବ୍ଲକସ୍ତରୀୟ ମାଲ୍ୟବେନ୍ତର ଶେଷ ସନ୍ଧ୍ୟାରେ ଓଲିଉଡ ସୁପରଷ୍ଟାର ବାବୁସାନ ମହାନ୍ତି ଓ ଲୋକପ୍ରିୟ କଣ୍ଠଶିଳ୍ପୀ କୁଳଦୀପ ପଟ୍ଟନାୟକଙ୍କ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଲୋକଙ୍କୁ ମନମୁଗ୍ଧ କରିଥିଲା। କାଲିମେଲା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦୀପ କୁମାର କରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ମାଲ୍ୟବନ୍ତ ମହୋତ୍ସବର ଶେଷ ସନ୍ଧ୍ୟାରେ ଜିଲ୍ଲା ମୁଖ୍ୟ ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ବିଧାୟକଙ୍କ ପ୍ରତିନିଧି ନିହାର ରାୟ, କାଲିମେଲା ଥାନା ଅଧିକାରୀ ମୁକୁନ୍ଦ ମେଲକା, କାଲିମେଲା ସରପଞ୍ଚ ପୃଥୀରାଜ ମାଝୀ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ଅନ୍ୟାନ୍ୟ ଜନପ୍ରତିନିଧି ମାନେ ଉପସ୍ଥିତ ଥିଲେ। ଏହି ଅବସରରେ ମାଲକାନଗିରି ଜିଲ୍ଲା ଉତ୍କଳ ସମ୍ବାଦିକ ସଂଘକୁ ମଞ୍ଚରେ ସମ୍ମାନିତ କରାଯାଇଥିବା ବେଳେ ସଂଘର ଜିଲ୍ଲା ସଭାପତି ଅଶୋକ କୁମାର ମିଶ୍ରଙ୍କୁ ଜିଲ୍ଲା ମୁଖ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଶବର ଓ କାଲିମେଲା ବିଡିଓ ଶ୍ରୀ କର ମଞ୍ଚରେ ସମ୍ମାନିତ କରିଥିଲେ। ସେହିପରି ଏହି ଅବସରରେ ଏମୟୁଜେର ଓ ଏସୟୁଯେର ଜିଲ୍ଲା ସଭାପତି ଦେବ ପ୍ରସାଦ ଦାସ ଓ ଅମରେଶ କୁମାରଙ୍କୁ ମଧ ମଞ୍ଚରେ ସମ୍ମାନିତ କରାଯାଇଥିଲା। ବ୍ଲକରେ କାର୍ଯ୍ୟରତ ସମସ୍ତ ସାମ୍ବାଦିକ ମାନଙ୍କୁ ମଞ୍ଚକୁ ସ୍ୱାଗତ କରିଥିଲେ। କାଲିମେଲା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ କରଙ୍କ ନାଚ ଓ ଥାନା ଅଧିକାରୀଙ୍କ ସଙ୍ଗୀତ ଗାନ ସ୍ଥାନୀୟ ହଜାର ହଜାର ଲୋକଙ୍କ ମନରେ ଉତ୍ସାହ ଭରି ଦେଇଥିଲା। ଏହି ଅବସରରେ ୪୦ ହଜାରରୁ ଅଧିକ ଲୋକଙ୍କ ଭିଡ ଦେଖିବାକୁ ମିଳିଛି।

### ଶହେଶଯ୍ୟା ବିଶିଷ୍ଟ ହସ୍ପିଟାଲ କୋଠା ନିର୍ମାଣରେ ଅନିୟମିତତା

# ଭୁଶୁଡ଼ିଲା ଛାତ; ୪ ଶ୍ରମିକ ଗୁରୁତର

ଗଣିଆ, ୫।୧୨(ସମିସ): ଗଣିଆ ମେଡିକାଲ ପରିସରରେ ନିର୍ମାଣାଧୀନ ଥିବା ୧୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ କୋଠା ପୋର୍ଟିକ ଭୁଶୁଡ଼ି ପଡ଼ିଛି। ଏଥିରେ ୪ଜଣ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଗଣିଆ ମେଡିକାଲରେ ଭର୍ତ୍ତି କରାଯାଇଛି। ଗୁରୁତର ଶ୍ରମିକମାନେ ହେଲେ, ନୟାଗଡ଼ ଶରଧାପୁର କାଳିଆ ଜେନା, ଦିଲ୍ଲୀପ ନାୟକ, ରାଜା ପ୍ରଧାନ, କାଳିଆ ପ୍ରଧାନ। ସେମାନେ ଛାତ ଉପରେ ଚଢ଼ି କାମ କରୁଥିବା ବେଳେ ହଠାତ୍ ଏକ ଭୀଷଣ ଶବ୍ଦ କରି ଭୁଶୁଡ଼ି ପଡ଼ିଥିଲା। ଶ୍ରମିକ କାଳିଆ ପ୍ରଧାନଙ୍କର ଅଣ୍ଟା ଏବଂ ପିଠିରେ ଗଭୀର ଆଘାତ ଲାଗିଥିବା ଜଣାପଡ଼ିଛି। ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ ଯୋଗୁଁ ଏଭଳି ଘଟିଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଠିକାଦାର ଏବଂ ଯନ୍ତ୍ରୀଙ୍କ ମଧ୍ୟରେ ସଲାସୁତରା ଯୋଗୁଁ ଏଭଳି ନିମ୍ନମାନର କାର୍ଯ୍ୟ ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ତଥା ପୂର୍ତ୍ତ ବିଭାଗ ଅଧିକାରୀଙ୍କ ଅପାରଗତା ଏଥିପାଇଁ ଦାୟୀ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। ଅପରପକ୍ଷେ, ଏହାକୁ ନେଇ ମେଡିକାଲ ପରିସରରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଛି। ଛାତ ପଡୁଥିବା ବେଳେ ଯନ୍ତ୍ରୀ କିମ୍ବା ଠିକାଦାର କେହି ବି ଉପସ୍ଥିତ ନଥିବା ଅଭିଯୋଗ ହୋଇଛି। ଶ୍ରମିକମାନେ ଛାତ ଉପରେ କାମ କରୁଥିବା ବେଳେ ବିନା ହେଲ୍‌ମେଟ୍‌ରେ କାମ କରୁଥିବା ଜଣାପଡ଼ିଛି। ଉକ୍ତ ମେଡିକାଲ ନିର୍ମାଣକୁ ବର୍ଷବର୍ଷ ଲାଗି ଯାଇଥିବାବେଳେ ସମ୍ପୂର୍ଣ୍ଣ ହୋଇପାରିନାହିଁ। ପୋର୍ଟିକ ଯଦି ଭୁଶୁଡ଼ି ପଡୁଛି ତେବେ ନିର୍ମାଣାଧୀନ ଛାତର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ଦୁଇ ଦଫା ଦାବିରେ ରାଜଧାନୀରେ ଗର୍ଜିଲେ ପ୍ରାଥମିକ ଶିକ୍ଷକ

# ବିଧାନସଭା ସମ୍ମୁଖରେ ଅହୋରାତ୍ର ଧାରଣା

ଭୁବନେଶ୍ୱର, ୫।୧୨(ସମିସ): ରାଜ୍ୟର ହଜାର ହଜାର ପ୍ରାଥମିକ ଶିକ୍ଷକ ଦୁଇ ଦଫା ଦାବିରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ମୂଳ ପଦକୁ ଅପଗ୍ରେଡ୍ କରିବା ସହ ୪୨ଶହ ଗ୍ରେଡ୍‌ପେ ପ୍ରଦାନ ଏବଂ ପ୍ରାଥମିକ ଶିକ୍ଷାରୁ ଠିକା ବ୍ୟବସ୍ଥା ଉଚ୍ଛେଦ କରି ଠିକା କାର୍ଯ୍ୟକାଳକୁ ମୂଳ ଚାକିରିରେ ଗଣନା କରିବା ସହ ନୋସନାଲ୍ ଇନ୍‌କ୍ରିମେଣ୍ଟ ପ୍ରଦାନ କରିବାକୁ ଦାବି କରିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନରୁ ହଟିବେ ନାହିଁ ବୋଲି କହିବା ସହ ପ୍ରାଥମିକ ଶିକ୍ଷକମାନେ ଅହୋରାତ୍ର ଧାରଣାରେ ବସିଛନ୍ତି।

'ପ୍ରାଥମିକ ଶିକ୍ଷକ ମହାସଂଘ' ବ୍ୟାନର୍‌ରେ ଆନ୍ଦୋଳନକୁ ଓହ୍ଲାଇଥିବା ଶିକ୍ଷକଙ୍କ ଅଭିଯୋଗ ଅନୁଯାୟୀ, ପ୍ରାଥମିକ ଶିକ୍ଷକଙ୍କ ଏହି ଦୁଇଟି ଦାବିନେଇ ବହୁବାର ଆନ୍ଦୋଳନ ହୋଇଛି। ଆନ୍ଦୋଳନ ସମୟରେ ସରକାରଙ୍କ




ସହ ଆଲୋଚନା ହୁଏ ଏବଂ ଦାବି ପୂରଣ ପାଇଁ ସରକାର ପ୍ରତିଶ୍ରୁତି ଦିଅନ୍ତି। ପ୍ରତିଶ୍ରୁତି ପାଇ ଆନ୍ଦୋଳନରୁ ଓହରିବା ପରେ ସରକାର ସେମାନଙ୍କ ସହ ପ୍ରତାରଣା କରୁଛନ୍ତି। ଏଣୁ ନିର୍ଣ୍ଣାୟକ ଆନ୍ଦୋଳନ ପାଇଁ ମାନସିକ ସ୍ତରରେ ପ୍ରସ୍ତୁତ ହୋଇ ସେମାନେ ଆନ୍ଦୋଳନକୁ ଓହ୍ଲାଇଥିବା ସଂଘ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ଶିକ୍ଷକଙ୍କ ଆନ୍ଦୋଳନ ପାଇଁ ଶିକ୍ଷାଦାନ ଗୁରୁତର ଭାବେ ପ୍ରଭାବିତ ହୋଇଛି। ବିଦ୍ୟାଳୟରେ ମାତ୍ର ଜଣେ ଲେଖାଏଁ ଶିକ୍ଷକ ଥିବାବେଳେ ଅନ୍ୟ ସମସ୍ତ ଶିକ୍ଷକ ଆନ୍ଦୋଳନରେ ଯୋଗଦେଇଛନ୍ତି। ଫଳରେ ପାଠପଢ଼ା ଏକପ୍ରକାର ଠପ୍ ହୋଇଯାଇଛି। ଆଗକୁ ସେମାନଙ୍କ ପରୀକ୍ଷା ଥିବାରୁ ଅଭିଭାବକମାନେ ମଧ୍ୟ ଚିନ୍ତାରେ ପଡ଼ିଛନ୍ତି। ଶିକ୍ଷାଦାନ ପ୍ରଭାବିତ ହେବା ସମ୍ପର୍କରେ ମହାସଂଘର ଆବାହକ ରାମଲାଲ୍ ପଟେଲ୍ କହିଛନ୍ତି ଯେ ସରକାର ଯେତେ

### ୨ ଦଫା ଦାବି ପୂରଣ ନ ହେଲେ ଆନ୍ଦୋଳନରୁ ହଟିବେ ନାହିଁ: ମହାସଂଘ

### ବିଧାନସଭାରେ ପ୍ରସଙ୍ଗ ଉଠାଇଲେ ବିଜେଡି ବିଧାୟକ ଗୌତମବୁଦ୍ଧ ଦାସ

ଶୀଘ୍ର ସେମାନଙ୍କ ଦାବି ପୂରଣ କରିବେ, ସେତେ ଶୀଘ୍ର ସେମାନେ ଶ୍ରେଣୀଗୃହକୁ ଫେରି ଶିକ୍ଷାଦାନ କରିବେ।

ଅପରପକ୍ଷରେ ବିଧାନସଭା ଶୂନ୍ୟକାଳରେ ବିଜେଡି ବିଧାୟକ ଗୌତମ ବୁଦ୍ଧ ଦାସ ଏହି ପ୍ରସଙ୍ଗକୁ ଉଠାଇବା ସହ ଉଦବେଗ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ରାଜ୍ୟରେ ପ୍ରାୟ ଦେଢ଼ଲକ୍ଷ ପ୍ରାଥମିକ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ପୂର୍ବରୁ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ମାଟ୍ରିକ୍ ସିଟି ଥିବାବେଳେ ସେମାନେ ୨୨୦୦ ଗ୍ରେଡ୍-ପେ'ରେ ଦରମା ପାଉଥିଲେ। ମାତ୍ର ୨୦୧୭ରେ ସେମାନଙ୍କ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ଦୁଇ ସିଟି କରାଯାଇଛି। ସେହି ଅନୁସାରେ ସେମାନେ ସର୍ବନିମ୍ନ ୨୮୦୦ ଗ୍ରେଡ୍-ପେ' ପାଇବା କଥା। ଏନେଇ ସେମାନେ ବହୁବାର ଆନ୍ଦୋଳନ କରିଥିଲେ ମଧ୍ୟ ସେମାନଙ୍କ ଦାବି ପୂରଣ ହୋଇପାରି ନାହିଁ। ବର୍ତ୍ତମାନ ୨୨ଟି ରାଜ୍ୟର ପ୍ରାଥମିକ ଶିକ୍ଷକମାନେ ୪୨୦୦ଗେଡ୍-ପେ ପାଇଥିବାବେଳେ ରାଜ୍ୟର ପ୍ରାଥମିକ ଶିକ୍ଷକଙ୍କ ଦାବି ମଧ୍ୟ ପୂରଣ କରିବା ପାଇଁ ସରକାର ପଦକ୍ଷେପ ନେବାକୁ ଶ୍ରୀ ଦାସ ଗୃହରେ ଦାବି କରିଛନ୍ତି।

# ୯ ମାସରେ ୮୫ ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

ଭୁବନେଶ୍ୱର, ୫।୧୨(ସମିସ): ଗତ ଜାନୁଆରୀ ୨୮ ଓ ୨୯ ତାରିଖରେ ରାଜ୍ୟ ସରକାର ଉତ୍କର୍ଷ ଓଡ଼ିଶା: ମେକ୍-ଇନ୍-ଓଡ଼ିଶା ସମ୍ମିଳନୀ ଆୟୋଜନ କରିଥିଲେ। ସମ୍ମିଳନୀରେ ୧୬ ଲକ୍ଷ ୭୩ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ୫୯୩ଟି ପ୍ରକଳ୍ପ ନିବେଶ ପ୍ରସ୍ତାବ ସରକାରଙ୍କ ହସ୍ତଗତ ହୋଇଥିଲା। ତନ୍ମଧ୍ୟରେ ଗତ ୯ ମାସରେ ରାଜ୍ୟ ସରକାର ୮୫ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନା କରିଛନ୍ତି। ଏହାର ମୂଲ୍ୟ ପ୍ରାୟ ୨ଲକ୍ଷ ୪ହଜାର କୋଟି ଟଙ୍କା ହେବ ବୋଲି ଗୃହରେ ତଥ୍ୟ ରଖିଛନ୍ତି ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ।

### କେନ୍ଦ୍ରାପଡ଼ାରେ ନିପ୍ପନ ଷ୍ଟିଲ ପାଇଁ ମିଳିନି ପରିବେଶ ଅନୁମୋଦନ

### ପାରିପାର୍ଶ୍ୱିକ ବିକାଶ ଜାରି ରଖିଛନ୍ତି ସରକାର

ଆଜି ପ୍ରଶ୍ନକାଳରେ ବିଧାୟକ ଅରବିନ୍ଦ ମହାପାତ୍ର ଗତ ୨୦୨୪ ମସିହା ଏପ୍ରିଲ ମାସରୁ ଗତ ନଭେମ୍ବର ଯାଏଁ ରାଜ୍ୟରେ ମୋଟ ଶିଳ୍ପ ପ୍ରତିଷ୍ଠା ସମ୍ପର୍କରେ ପ୍ରଶ୍ନ କରିଥିଲେ। ସେହିପରି କେନ୍ଦ୍ରାପଡ଼ାରେ ନିପ୍ପନ ଷ୍ଟିଲ କାରଖାନା ପ୍ରତିଷ୍ଠା ନେଇ ମଧ୍ୟ ମନ୍ତ୍ରୀଙ୍କ ସ୍ପଷ୍ଟୀକରଣ ଲୋଡ଼ିଥିଲେ। ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ ଏହି ଅବଧି ମଧ୍ୟରେ ୩୨୪ ବୃହତ୍, ମଧ୍ୟମ ପ୍ରକଳ୍ପକୁ ସରକାର ଅନୁମୋଦନ ଦେଇଛନ୍ତି। ଏହାଦ୍ୱାରା ୭ ଲକ୍ଷ ୬ ହଜାର ୨୦୯ କୋଟି ନିବେଶ ହେବାକୁ ଥିବା ବେଳେ ମୋଟ ୪ ଲକ୍ଷ ୫୭ହଜାର ୨୫୨ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି।

ସେହିପରି, ନିପ୍ପନ ଷ୍ଟିଲ ବିଷୟରେ ମନ୍ତ୍ରୀ କହିଥିଲେ ଯେ ପାରାଦୀପ ଓ ମହାକାଳପଡ଼ାଠାରେ ଆର୍ସେଲର ମିତ୍ତଲ-ନିପ୍ପନ ଷ୍ଟିଲ ନିଜର କାରଖାନା ପ୍ରତିଷ୍ଠା କରିବାକୁ ଯାଉଛି। ଏଥିପାଇଁ ସରକାରୀ ସ୍ତରରେ ପ୍ରକ୍ରିୟା ଜାରି ରହିଛି। ଉପରୋକ୍ତ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ସରକାର ଭିତ୍ତିଭୂମି ବିକାଶ ଜାରି ରଖିଛନ୍ତି। ମହାକାଳପଡ଼ାରେ ପ୍ରକଳ୍ପ ପାଇଁ ରାସ୍ତା, ବିଦ୍ୟୁତ୍ ଯୋଗାଣର ବ୍ୟବସ୍ଥା କରାଯାଉଛି। ତେବେ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟର ଅନୁମୋଦନ ଏଯାଏଁ ମିଳପାରିନାହିଁ। ଉପରୋକ୍ତ ଅନୁମୋଦନ ମିଳିଲା ପରେ ସରକାର ପ୍ରକଳ୍ପର ଶିଳାନ୍ୟାସ କରିବେ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

ବିଧାୟକ ଇରାଶିଷ ଆଚାର୍ଯ୍ୟ ରାଜ୍ୟରେ ବୟନ ଶିଳ୍ପର ସ୍ଥିତି ସମ୍ପର୍କରେ ପ୍ରଶ୍ନ କରିଥିଲେ। ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ ରାଜ୍ୟରେ ନୂଆ ସରକାର ଆସିବା ପରେ ୫୦ଟି ବୟନ ଶିଳ୍ପକୁ ଅନୁମୋଦନ ଦିଆଯାଇଛି। ସେହିପରି ନିକଟରେ ରାଜ୍ୟ ସରକାର ଓଡ଼ିଶା ଟେକ୍ସ ସମ୍ମିଳନୀ ୨୦୨୫ ଆୟୋଜନ କରିଥିଲେ। ଏଥିରେ ୬ ଜିଲ୍ଲାରେ ଆଧୁନିକ ଟେକ୍ସଟାଇଲ ପାର୍କ ପ୍ରତିଷ୍ଠା କରିବାକୁ ସ୍ଥିର ହୋଇଛି। ସେହିପରି ସମ୍ମିଳନୀରେ ମୋଟ ୭୮୦୮ କୋଟି ଟଙ୍କାର ନିବେଶ ପାଇଁ ଏମ୍‌ଓୟୁ ହୋଇଥିବା ବେଳେ ଏହାଦ୍ୱାରା ୪୯ ହଜାର ନିଯୁକ୍ତି ପ୍ରଦାନ ଲକ୍ଷ୍ୟ ରଖାଯାଇଛି ବୋଲି ମନ୍ତ୍ରୀ ଉତ୍ତର ରଖିଛନ୍ତି।

ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ଯେଉଁ କମ୍ପାନୀ ପ୍ରକଳ୍ପ ପାଇଁ ଜମି ନେଉଛନ୍ତି, ପରବର୍ତ୍ତୀ ମୂହୂର୍ତ୍ତରେ ଶିଳ୍ପ ପ୍ରତିଷ୍ଠା କରୁନାହାନ୍ତି, ସେହି ଜମିର ମାଲିକାନା ପରିବର୍ତ୍ତନ କ୍ଷେତ୍ରରେ ସରକାରଙ୍କ ପଦକ୍ଷେପ ସଂପର୍କରେ ପ୍ରଶ୍ନ କରିଥିଲେ। ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ ପ୍ରକଳ୍ପ ପାଇଁ ଜମି ବ୍ୟବହାର ନହେଲେ ଉକ୍ତ ଜମି ଇଡକୋ ଲ୍ୟାଣ୍ଡ ବ୍ୟାଙ୍କ ନିକଟକୁ ଫେରସ୍ତ ହୋଇଆସୁଛି। ନିକଟରେ ଅନୁଗୋଳରେ ମେସର୍ସ ମୋନେଟ୍ ନିକଟରୁ ୫୬୪ ଏକର ଜମି ସରକାର ଫେରସ୍ତ ଆଣିଛନ୍ତି। ସେହିପରି ଗତ ୪ବର୍ଷ ମଧ୍ୟରେ ରାଜ୍ୟରେ ୨୦୦୦ରୁ ଉର୍ଦ୍ଧ୍ୱ ଯୁବକ/ଯୁବତୀ ରାଜ୍ୟରେ ବିଭିନ୍ନ ଷ୍ଟାର୍ଟ-ଅପ୍ ପ୍ରତିଷ୍ଠା କରିଛନ୍ତି ବୋଲି ମନ୍ତ୍ରୀ ଗୃହରେ ସୂଚନା ରଖିଛନ୍ତି।

# ଭିଜିଲାନ୍ସ ଜାଲରେ ଫରେଷ୍ଟର



ଝାରସୁଗୁଡ଼ା/ଇବ ଥର୍ମାଲ, ୫।୧୨(ସମିସ): ୫ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଝାରସୁଗୁଡ଼ା ଜିଲ୍ଲା ବନ୍ଧବାହାଲ ଫରେଷ୍ଟର୍ ଗୌରାଙ୍ଗ ସାହୁ। ବନ୍ଧବାହାଲ ଅଞ୍ଚଳରେ ମୋହିତ ପ୍ରଧାନଙ୍କୁ ଗଛକଟା ଅନୁମତି ଦେବା ପାଇଁ ଫରେଷ୍ଟର୍ ଶ୍ରୀ ସାହୁ ଆଜି ନିଜ ଅଫିସ୍‌ରେ ଲାଞ୍ଚ ଟଙ୍କା ନେଉଥିବା ବେଳେ ସେଠାରେ ପୂର୍ବରୁ ଛପି ରହିଥିବା ଅଧିକାରୀମାନେ ତାଙ୍କୁ ମାଡ଼ି ବସିଥିଲେ। ସୂଚନାନୁଯାୟୀ, ବନ୍ଧବାହାଲ ଅଞ୍ଚଳରେ ନିଜ ଜମିରେ ଥିବା ଏକ ଶୁଖିଲା ନୀଳଗିରି ଗଛକୁ କାଟିବା ଏବଂ ପରିବହନ କରିବା ପାଇଁ ମୋହିତ ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ରେଞ୍ଜ ଅଧୀନ ବନ୍ଧବାହାଲ ସେକ୍ସନର ଫରେଷ୍ଟରଙ୍କ ନିକଟରେ ଆବେଦନ କରିଥିଲେ। ଅନୁମତି ଦେବା ପାଇଁ ଫରେଷ୍ଟର ଗୌରାଙ୍ଗ ଆବେଦନକାରୀ ମୋହିତଙ୍କୁ ୫ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଲାଞ୍ଚ ନ ଦେଲେ କାମ ହେବ ନାହିଁ ବୋଲି ରୋକଠୋକ୍ ମନା କରିଦେଇଥିଲେ। ଏନେଇ ମୋହିତ ଭିଜିଲାନ୍ସର ଦ୍ୱାରସ୍ଥ ହେବା ପରେ ଫରେଷ୍ଟର୍‌ଙ୍କୁ ଧରିବା ପାଇଁ ଜାଲ ବିଛାଯାଇଥିଲା।

# ଦାଦନ ସମସ୍ୟା: ନିଜ ଫାଶରେ ଫସିଲେ ସରକାର

### ସ୍ଲୋଗାନରେ ସୀମିତ ଦାଦନ ମୁକ୍ତ ରାଜ୍ୟ: ବିଜେଡି

### ସରକାରଙ୍କ ପାଖରେ ନାହିଁ ରୋଡମ୍ୟାପ: କଂଗ୍ରେସ

### ରାଜ୍ୟରେ ଦାଦନ ଏବେକାର ସମସ୍ୟା ନୁହେଁ: ଶାସକ

ଭୁବନେଶ୍ୱର,୫।୧୨(ସମିସ): ଓଡ଼ିଶାରେ ଖଣି, ପାଣି ପ୍ରାକୃତିକ ସମ୍ପଦ ଭରପୂର ମାତ୍ରାରେ ମହଜୁଦ ଅଛି। ଏହାସତ୍ତ୍ୱେ କାମ ନ ପାଇ ପ୍ରତିବର୍ଷ ଲକ୍ଷ ଲକ୍ଷ ଶ୍ରମିକ କାମ ଖୋଜିବାକୁ ଅନ୍ୟ ରାଜ୍ୟକୁ ଯାଉଛନ୍ତି। ଦାଦନ ମୁକ୍ତ ରାଜ୍ୟ ଏବେ କେବଳ ସ୍ଲୋଗାନରେ ସୀମିତ। ଏହାକୁ ରୋକିବା ପାଇଁ ସରାକାରଙ୍କ ପାଖରେ କୌଣସି ନିର୍ଦ୍ଦିଷ୍ଟ ରୋଡମ୍ୟାପ ନାହ ବୋଲି ବିଧାନସଭାରେ ସରକାରଙ୍କ ଉପରେ ବର୍ଷିଛନ୍ତି ବିରୋଧୀ। ଅପରପକ୍ଷେ ସରକାରଙ୍କ ସପକ୍ଷରେ ଯୁକ୍ତି ବାଢ଼ି ଶାସକ ଦଳ ବିଧାୟକମାନେ ଦାଦନ ସମସ୍ୟା ବହୁ ପୁରୁଣା ଓ ଏହାର ସମାଧାନ ପାଇଁ ସରକାର ପ୍ରତିବଦ୍ଧତାର ସହ ଆଗକୁ ବଢୁଛନ୍ତି ବୋଲି ଯୁକ୍ତି ବାଢ଼ିଛନ୍ତି।

ଦାଦନ ସଂକ୍ରାନ୍ତ ମୁଲତବୀ ଆଲୋଚନାକୁ ଆରମ୍ଭ କରି କଂଗ୍ରେସ ବିଧାୟକ ଅଶୋକ ଦାସ କହିଥିଲେ ଯେ ପ୍ରତିବର୍ଷ ୩ ରୁ ୫ ଲକ୍ଷ ଶ୍ରମିକ ବାହାର ରାଜ୍ୟକୁ ରୋଜଗାର ପାଇଁ ଯାଉଛନ୍ତି। ଏପଟେ ଆମ ରାଜ୍ୟର ଶିଳ୍ପସଂସ୍ଥାରେ ବାହାର ଲୋକଙ୍କୁ ନିଯୁକ୍ତି ଦେଉଛନ୍ତି। ୨୦୨୪ ମେ ୩ ସୁଦ୍ଧା ୧୧ ଲକ୍ଷ ୪ ହଜାର ୨୨୯ ନିଯୁକ୍ତି ଆଶାୟୀ ବିଭିନ୍ନ ନିଯୋଜନ କାର୍ଯ୍ୟାଳୟରେ ନାମ ପଞ୍ଜୀକରଣ କରିଥିବାବେଳ ଆହୁରି ଲକ୍ଷଲକ୍ଷ ନିଜର ନାମ ପଞ୍ଜୀକରଣ କରିନାହାନ୍ତି। ମାତ୍ର ରାଜ୍ୟ ସରକାର ନିଜ ଦୋଷ ଢ଼ାଙ୍କିବା ପରିବର୍ତ୍ତେ ସବୁବେଳେ ପୂର୍ବ ସରକାରଙ୍କୁ ଦୋଷ ଦେଉଛନ୍ତି। ବିଧାୟିକା ସୋଫିଆ ଫିର୍ଦ୍ଦୋଷ କହିଥିଲେ ଯେ ଏବେ ରାଜ୍ୟର ବେକାରୀ ସ୍ଥିତି ଉତ୍କଟ। ୫ମ ଶ୍ରେଣୀ ଯୋଗ୍ୟତା ଥିବା ହୋମଗାର୍ଡ ପଦବୀ ପାଇଁ ଇଞ୍ଜିନିୟରିଂ ପିଲା ଆବେଦନ କରିଛନ୍ତି। ପରୀକ୍ଷା ଦୁର୍ନୀତି ଆମ ରାଜ୍ୟକୁ ବଦନାମ କରିଛି। ଇଜ୍ ଅଫ ଡୁଇଂ ବିଜନେସରେ ଓଡ଼ିଶା ବହୁ ପଛରେ ରହିଛି ବୋଲି ସେ କହିଛନ୍ତି। ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ଯେ ବିଜେପି ସରକାର ଦାଦନ ମୁକ୍ତ କରିବା ନାରା ଦେଇ ଶାସନକୁ ଆସିଥିଲେ। ହେଲେ ସରକାରଙ୍କର ଗତିବିଧିରୁ ତାହା ପୂରଣ ହେବା ଭଳି ଲାଗୁନାହିଁ। ଉପ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଟାସ୍କ ଫୋର୍ସ କମିଟି କଣ ସୁପାରିଶ କରିଛନ୍ତି, ମନ୍ତ୍ରୀ ଗୃହକୁ ଜଣାନ୍ତୁ। କେନ୍ଦ୍ର ସରକାର ମନରେଗା ଯୋଜନାକୁ ପଙ୍ଗୁ କରିସାରିଲେଣି। ଯାହା ପରୋକ୍ଷରେ ଦାଦନ ସମସ୍ୟାକୁ ବୃଦ୍ଧି କରୁଛି ବୋଲି ରଣେନ୍ଦ୍ର କହିଛନ୍ତି। ସେହିପରି ବିଜେଡି ବିଧାୟକ ପ୍ରଦୀପ ସାହୁ ବେକାରୀ ସମସ୍ୟା ପାଇଁ ରାଜ୍ୟରେ ଅପରାଧ ବଢ଼ି ଚାଲିଛି ବୋଲି ଯୁକ୍ତି ବାଢ଼ିଛନ୍ତି।

ଶାସକ ଦଳ ପକ୍ଷରୁ ଆଲୋଚନାରେ ଭାଗ ନେଇ ବିଜେପି ବିଧାୟକ ପ୍ରତାପ ଚନ୍ଦ୍ର ନାୟକ କହିଥିଲେ ଯେ ଦାଦନ ସମସ୍ୟା ଦୀର୍ଘ ଦିନର । ପୂର୍ବ ସରକାରର ଇଚ୍ଛାଶକ୍ତିର ଅଭାବ ଥିଲା। ସେଥିପାଇଁ ଆଜି ଏତେ ସଂଖ୍ୟାରେ ସରକାରୀ ପଦବୀ ଖାଲି ପଡ଼ିଛି ବୋଲି ବିଜେପି ବିଧାୟକ ଯୁକ୍ତି ବାଢ଼ି ଥିଲେ। ସେହିଭଳି ବିଜେପି ବିଧାୟକ କହ୍ନେଇ ଡାଙ୍ଗ, ସନତ ଗଡତିଆ, ରଘୁନାଥ ଜଗଦଳା ପ୍ରମୁଖ ଆଲୋଚନାରେ ଭାଗ ନେଇ ନୂଆ ସରକାର ଲୋକଙ୍କୁ ନିଯୁକ୍ତି ଦେବା ପ୍ରତିଶ୍ରୁତି ପୂରଣ କରିବେ ବୋଲି ଦୃଢ଼ୋକ୍ତି ବାଢ଼ିଛନ୍ତି।

# ଧାନ ବିଲରେ ମୃତ ହାତୀ ଛୁଆ



କେନ୍ଦୁଝର, ୫।୧୨(ସମିସ): କେନ୍ଦୁଝର ବନଖଣ୍ଡ ଭୂୟାଁ ଜୁଆଙ୍ଗ ପିଢ଼ ରେଞ୍ଜ କସଡ଼ା ଗାଁ ନିକଟସ୍ଥ ଏକ ଚାଷ ବିଲରୁ ମାଇ ହାତୀ ଛୁଆର ଶବକୁ ଜବତ କରାଯାଇଛି। ବନବିଭାଗ ଟିମ ହାତୀ ଛୁଆଟିର ମୃତ୍ୟୁ କାରଣ ଖୋଜୁଛି। ଛୁଆର ବୟସ ୮ରୁ ୧୦ବର୍ଷ ହେବ। ମୃତ୍ୟୁର କାରଣ ବ୍ୟବଚ୍ଛେଦ ପରେ ଜଣାପଡ଼ିବ ବୋଲି ବନବିଭାଗ କହିଛି। ଶନିବାର ହାତୀ ଛୁଆଟିର ଶବ ବ୍ୟବଚ୍ଛେଦ କରାଯିବ। ଶୁକ୍ରବାର ଅପରାହ୍ଣରେ ଖବର ପାଇ ଭୂୟାଁ ଜୁଆଙ୍ଗ ପୀଢ ଏସିଏଫ୍ ଡ ସୁଦୀପ୍ତ ପଣ୍ଡା, ରେଞ୍ଜର ନୟନକାନ୍ତ ସାହୁ, ଶୁଆକାଟୀ ବିଟ୍ ଫରେଷ୍ଟର ଜ୍ୟୋତିର୍ମୟ ପଟ୍ଟନାୟକ, ଫରେଷ୍ଟ ଗାର୍ଡ ଚନ୍ଦ୍ରକାନ୍ତ ମହାନ୍ତ ଏବଂ ହାତୀ ସ୍କ୍ୱାଡ୍ ଘଟଣାସ୍ଥଳକୁ ଯାଇଥିଲେ। ସେ ଅଞ୍ଚଳରେ ବୁଲାବୁଲି କରୁଥିବା ୪୦ଟି ହାତୀ ମଧ୍ୟରୁ ଛୋଟ ମାଇ ହାତୀଟି ମୃତ୍ୟୁ ପରେ ଅଲଗା ହୋଇଥିବା ଅନୁମାନ କରାଯାଉଛି। ଉକ୍ତ ହାତୀ ଦଳ ନିକଟସ୍ଥ ଲୁଣଘର ଜଙ୍ଗଲ ଅଞ୍ଚଳରେ ରହିଥିବା ସୂଚନା ମିଳିଛି।

### ଘରକୁ ଫେରିବାର ବାଟ ଫିଟାଇଲା ଜୟ ଜଗନ୍ନାଥ ଧ୍ୱନି

# ୧୨ ବର୍ଷ ପରେ ବାଂଲାଦେଶରୁ ଫେରିବେ ନିଖୋଜ ସୁଦାମ



ବଡ଼ସାହି, ୫।୧୨(ସମିସ): ପାଖାପାଖି ୧୨ବର୍ଷ ତଳେ ନିଖୋଜ ହୋଇଯାଇଥିବା ସୁଦାମ ହେମ୍ବ୍ରମ (୪୦) ଆସନ୍ତାକାଲି (ଶନିବାର) ବାଂଲାଦେଶରୁ ନିଜ ଘରକୁ ଫେରିବେ। ସୁଦାମଙ୍କୁ ଘରକୁ ଫେରାଇ ଆଣିବା ପାଇଁ ସୁଦାମଙ୍କ ପୁତୁରା ଏବଂ ସମ୍ପର୍କୀୟ ଆଜି ଭାରତ-ବାଂଲାଦେଶ ସୀମା 'ବେନାପୋଲ' ବର୍ଡର୍‌କୁ ଗସ୍ତ କରିଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ସୁଦାମଙ୍କ ପରିବାର, ବନ୍ଧୁବାନ୍ଧବ ଓ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି।

ସୁଦାମଙ୍କ ଘର ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ବ୍ଲକ୍ ଅଧୀନ ପାଉଁଶିଆ ପଞ୍ଚାୟତ ଜଗନ୍ନାଥପୁର ଗ୍ରାମରେ। ୧୨ବର୍ଷ ତଳେ ତାଙ୍କ ବାପା କିଶୋରଙ୍କ ମୃତ୍ୟୁ ପରେ ତାଙ୍କର ମସ୍ତିଷ୍କ ବିକୃତି ବାହାରିଥିଲା। ପରେ ସେ କୁଆଡ଼େ ନିଖୋଜ ହୋଇଯାଇଥିଲେ। ବହୁ ଖୋଜାଖୋଜି କରିବା ପରେ ବି ତାଙ୍କର ପତ୍ତା ମିଳିନଥିଲା। ପରିବାରଲୋକେ ମଧ୍ୟ ତାଙ୍କର ଫେରିବା ଆଶା ଛାଡ଼ି ଦେଇଥିଲେ। ତେବେ ସୁଦାମ ଏପରି ବୁଲୁବୁଲୁ ଯାଇ ବାଂଲାଦେଶରେ ପହଞ୍ଚି ଯାଇଥିଲେ। ବିଭିନ୍ନ ରେଳଷ୍ଟେସନ୍, ବସ୍‌ଷ୍ଟାଣ୍ଡ, ରାସ୍ତାରେ ବୁଲୁଥିବା ବେଳେ ସେ ସବୁବେଳେ 'ଜୟ ଜଗନ୍ନାଥ, ଜୟ ଜଗନ୍ନାଥ' ଭଜି ହେଉଥିଲେ। ସୁଦାମଙ୍କ ଅବସ୍ଥା ଦେଖି ସେଠାକାର ଏକ ସାମାଜିକ ଅନୁଷ୍ଠାନ 'ମାନବ ସେବା ସଂଗଠନ'ର ସମାଜସେବୀ ଜନାବ ଅବ୍‌ଦୁଲ ଗିନି ଫିଟୁ ତାଙ୍କୁ ଉଦ୍ଧାର କରିଥିଲେ। ଚାଲିଚଳଣ ଓ ଭାଷାରୁ ଅବଦୁଲ ବୁଝିଯାଇଥିଲେ ଯେ ସୁଦାମ ଜଣେ ଭାରତୀୟ ନାଗରିକ ଏବଂ ତାଙ୍କ ଘର ଓଡ଼ିଶାରେ ହୋଇଥିବ। ସେ ତାଙ୍କର ଚୁଟି, ଦାଢ଼ି, ନଖ କାଟି ତାଙ୍କର ଚିକିତ୍ସା ଓ ଖାଦ୍ୟପେୟର ବ୍ୟବସ୍ଥା କରିଥିଲେ। ଏହାପରେ ହୋମ୍ ରେଡିଓରେ ପଶ୍ଚିମବଙ୍ଗ ରେଡିଓ କ୍ଲବ୍‌କୁ ଫଟୋ ପଠାଇବା ପରେ ତାଙ୍କ ପୁତୁରା ସୁବାସ ତାଙ୍କୁ ଭିଡିଓ ମାଧ୍ୟମରେ ଚିହ୍ନଟ କରିବାରୁ ତାଙ୍କ ଫେରିବା ପାଇଁ ବାଟ ଫିଟିଥିଲା। ହୋମ୍-ରେଡିଓରେ ପଶ୍ଚିମବଙ୍ଗର ସମ୍ପାଦକ ଅମ୍ବରୀଶ ନାଗ ବାଂଲାଦେଶ ହାଇକମିସନର୍ ଓ ଭାରତୀୟ ଦୂତାବାସ ସହ ଯୋଗଯୋଗ କରିଥିଲେ। ମାତ୍ର ଆଇନଗତ ଜଟିଳତା ଓ ଆର୍ଥିକ ଅନଟନ ସମସ୍ୟା ମୁଣ୍ଡ ଟେକିଥିଲା। କିନ୍ତୁ ସରକାରଙ୍କ ପକ୍ଷରୁ ଏହାକୁ ଦୂର କରାଯାଇଛି। ଫଳରେ ତାଙ୍କ ପୁତୁରା ଓ ସମ୍ପର୍କୀୟ ପ୍ରଶାସନ ମାଧ୍ୟମରେ ତାଙ୍କୁ ଘରକୁ ଫେରାଇବା ପାଇଁ ଭାରତ-ବାଂଲାଦେଶ ସୀମାକୁ ଗସ୍ତ କରିଛନ୍ତି। ଶନିବାର ସେମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ପରେ 'ବେନାପୋଲ' ବର୍ଡର୍‌କୁ ଗସ୍ତ କରିବେ ବୋଲି ଜଣାଯାଇଛି।

# ଅଣସଂରକ୍ଷିତ କୀର୍ତ୍ତିରାଜି ଚିହ୍ନଟ ପାଇଁ ଗଠନ ହେବ କମିଟି

ଭୁବନେଶ୍ୱର, ୫।୧୨(ସମିସ): ରାଜ୍ୟର ୪୦୦୦ରୁ ଉଦ୍ଧ୍ୱର୍ କୀର୍ତ୍ତିରାଜି ଚିହ୍ନଟ ହୋଇଛି ଏବଂ ଏହା ଉପରେ ଗବେଷଣା ପାଇଁ ନିଷ୍ପତ୍ତି ହୋଇଛି ବୋଲି ଆଜି ପ୍ରଶ୍ନକାଳରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୂଚନା ଦେଇଛନ୍ତି।

ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ଅଣସଂରକ୍ଷିତ କୀର୍ତ୍ତିରାଜି ଚିହ୍ନଟ ପ୍ରକ୍ରିୟା ଆଗକୁ ନେବାପାଇଁ ସେଣ୍ଟର୍ ଫର୍ ହେରିଟେଜ୍ ଷ୍ଟଡିଜ ସହ ରାଜ୍ୟ ସରକାର ଏକ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଆଗକୁ ରାଜ୍ୟ ସରକାର ବିଭିନ୍ନ ବ୍ୟକ୍ତିବିଶେଷ, ବିଶେଷଜ୍ଞଙ୍କୁ ନେଇ ଏକ ଟିମ୍ ଗଠନ କରିବେ। ଏହି ଟିମ୍‌ର କାର୍ଯ୍ୟକାଳ ୩ ବର୍ଷ ରହିବ। ଟିମ୍‌ର ଚିହ୍ନଟ ପ୍ରକ୍ରିୟା ପରେ ସବୁ କ୍ଷେତ୍ରକୁ ବିଚାର କରି ଚିହ୍ନିତ କୀର୍ତ୍ତିରାଜିର ପାରିପାଶ୍ୱରିକ ବିକାଶ କରାଯିବ ବୋଲି ମନ୍ତ୍ରୀ ଗୃହରେ ସୂଚନା ରଖିଛନ୍ତି।

### ୩ ବର୍ଷରେ ସରିବ ଚିହ୍ନଟ ପ୍ରକ୍ରିୟା

ଶୁକ୍ରବାର ପ୍ରଶ୍ନକାଳରେ ମୂଳ ପ୍ରଶ୍ନକର୍ତ୍ତା ମନୋରଞ୍ଜନ ଦ୍ୟାନ ସାମନ୍ତରାୟ ଏବଂ ଅନ୍ୟ ସଦସ୍ୟମାନେ ନିଜ ନିଜ ଅଞ୍ଚଳର ଐତିହ୍ୟ, କୀର୍ତ୍ତିରାଜି ସୁରକ୍ଷା ପାଇଁ ପଦକ୍ଷେପ ନେବାକୁ ଦାବି କରିଥିଲେ। ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ ରାଜ୍ୟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ୮୨ଟି ଐତିହ୍ୟ ଚିହ୍ନଟ କରାଯାଇଛି। ସେହିପରି ରାଜ୍ୟ ସରକାର ୨୧୨ଟି ଐତିହ୍ୟକୁ ମାନ୍ୟତା ଦେବା ସହ ଏହାର ସଂରକ୍ଷଣ କରୁଛନ୍ତି। ତେବେ ୪୦-୫୦ ବର୍ଷ ପୂର୍ବେ ଇନ୍‌ଟାକ୍ ଦ୍ୱାରା ଏକ ବେସରକାରୀ ସର୍ଭେ କରାଯାଇଥିଲା। ଏଥିରେ ରାଜ୍ୟରେ ୪୦୦୦ ଐତିହ୍ୟ ରହିଥିବା ନେଇ ରିପୋର୍ଟ ପ୍ରକାଶ ପାଇଥିଲା। ଐତିହ୍ୟ ଚୋରି କ୍ଷେତ୍ରରେ ଓଡ଼ିଶାର ନାମ ସର୍ବଭାରତୀୟ ସ୍ତରରେ ଖରାପ ଅଛି। ତେଣୁ ପ୍ରତ୍ୟେକ ଐତିହ୍ୟ, କୀର୍ତ୍ତିରାଜିର ଡକ୍ୟୁମେଣ୍ଟେସନ ହେବାର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ କହିଛନ୍ତି।

ବିଧାୟକ ଅଶ୍ୱିନୀ ପାତ୍ରଙ୍କ ଏକ ପ୍ରଶ୍ନରେ ମନ୍ତ୍ରୀ କହିଛନ୍ତି ଯେ କଟକ ବାଲିଯାତ୍ରାକୁ ୟୁନେସ୍କୋ ଦ୍ୱାରା ମାନ୍ୟତା ଦେବା ପାଇଁ ସରକାର ପ୍ରୟାସ କରୁଛନ୍ତି। ସେହିପରି ସଦସ୍ୟ ଯୋଗେଶ ସିଂ, ପବିତ୍ର ସାଉନ୍ତା, ଭାସ୍କର ମଢ଼େଇ ପ୍ରମୁଖ ନିଜ ନିଜ ଅଞ୍ଚଳର ପୁରାତନ ମନ୍ଦିର, ପୁଷ୍କରିଣୀ ଏବଂ ଐତିହ୍ୟର ବିକାଶ ନେଇ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବାଚସ୍ପତି ସୁରମା ପାଢ଼ୀ ଏନେଇ ରୁଲିଂ ଦେଇ କହିଥିଲେ ଯେ ପ୍ରତ୍ୟେକ ନିର୍ବାଚନମଣ୍ଡଳୀରେ ଐତିହ୍ୟ କିର୍ତ୍ତୀରାଜି ରହିଛି। ପ୍ରାୟ ୧୫ ଜଣ ବିଧାୟକ ଏନେଇ ମନ୍ତ୍ରୀଙ୍କ ଧ୍ୟାନ ଆକର୍ଷଣ କରିବାକୁ ଚାହୁଁଛନ୍ତି। ତେଣୁ ସଦସ୍ୟମାନେ ଏନେଇ ମନ୍ତ୍ରୀଙ୍କୁ ଫର୍ଦ୍ଦକିଆ ନୋଟ୍ ପ୍ରଦାନ କରନ୍ତୁ ଏବଂ ମନ୍ତ୍ରୀ ଏହା ଉପରେ ଅନୁଧ୍ୟାନ କରନ୍ତୁ ବୋଲି ବାଚସ୍ପତି କହିଥିଲେ।

**ସୁକରପଡ଼ା ମଦ୍ରାସାରେ ମୌଲବି ପଦ ପାଇଁ ଦରଖାସ୍ତ ଆହ୍ୱାନ**

ସୁକରପଡ଼ା ସ୍ଥିତ ମଦ୍ରାସା ଇସଲାମିଆ ମୋହିଉଦ୍ଦିନ୍‌ରେ ଖାଲିଥିବା ଏକ ଗୋଟି ମୌଲବି ପଦବୀ ପୂରଣ ପାଇଁ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ପଦ ପାଇଁ ଆବଶ୍ୟକୀୟ ଯୋଗ୍ୟତା ଥିବା ଇଚ୍ଛୁକ ପ୍ରାର୍ଥୀମାନଙ୍କୁ ସାକ୍ଷାତକାରରେ ଯୋଗଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ନିର୍ଦ୍ଧାରିତ ସୂଚୀ ଅନୁଯାୟୀ, ଆସନ୍ତା ତା ୧୫/୧୨/୨୦୨୫ ରିଖ ସୋମବାର ଦିନ ଦିବା ୧୦ ଘଟିକାରେ ସାକ୍ଷାତକାର ଅନୁଷ୍ଠିତ ହେବ। ଏଥିପାଇଁ ଇଚ୍ଛୁକ ପ୍ରାର୍ଥୀମାନେ ସେମାନଙ୍କ ଦରଖାସ୍ତ ଫର୍ମ, ଶିକ୍ଷାଗତ ଯୋଗ୍ୟତା ଏବଂ ବୟସ ସମ୍ବନ୍ଧୀୟ ସମସ୍ତ ପ୍ରମାଣପତ୍ରର ମୂଳ କପି ଏବଂ ଅବିକଳ ନକଲ ସହିତ ଉପସ୍ଥିତ ହେବାକୁ କୁହାଯାଇଛି। ମୌଲବି ପଦବୀ ପାଇଁ ଆବେଦନ କରୁଥିବା ପ୍ରାର୍ଥୀଙ୍କ ବୟସ ସୀମା ୧୮ ବର୍ଷରୁ କମ୍ କିମ୍ବା ୩୨ ବର୍ଷରୁ ଅଧିକ ହୋଇ ନ ଥିବ। ଶିକ୍ଷାଗତ ଯୋଗ୍ୟତା କ୍ଷେତ୍ରରେ, ପ୍ରାର୍ଥୀ ଓଡ଼ିଶା ମଦ୍ରାସା ବୋର୍ଡ଼ରୁ ମାହିର ଉତ୍ତୀର୍ଣ୍ଣ ହୋଇଥିବା ଅନିବାର୍ଯ୍ୟ। ଏହା ସହିତ ସାଧାରଣ ବିଇଡି ଯୋଗ୍ୟତା କିମ୍ବା ଓଟିଇଟି ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ। ଆବେଦନକାରୀମାନେ ସାକ୍ଷାତକାର ସମୟରେ ନଗଦ ୨୫୦ ଟଙ୍କା ଫି' ଆକାରରେ ଦାଖଲ କରିବେ ଏବଂ ଦରଖାସ୍ତ ସହିତ ସମସ୍ତ ଆବଶ୍ୟକୀୟ ପ୍ରମାଣପତ୍ରର ନକଲ ସଂଯୁକ୍ତ କରିବେ। ମଦ୍ରାସା କର୍ତ୍ତୃପକ୍ଷଙ୍କ ପକ୍ଷରୁ ଇଚ୍ଛୁକ ପ୍ରାର୍ଥୀମାନଙ୍କୁ ନିର୍ଦ୍ଧାରିତ ସମୟ ପୂର୍ବରୁ ଉପସ୍ଥିତ ରହିବାକୁ ସୂଚନା ଦିଆଯାଇଛି।

MADRASA ISLAMIA MOHINDDIN
AT/PO-SUKARAPADA DIST-CUTTACK ODISHA
MOBILE-9938067758

**OFFICE OF THE SORO MUNICIPALITY, SORO, BALASORE**

No. 5138 Date 01.12.2025

C-1643

"e" Procurement Notice

BID Identification No. SOROM_06_2025-26.

Bid Documents consisting of Work, Estimated Cost, Cost of Tender Paper, EMD, time of completion, class of contractors and the set of terms and conditions of contract and other necessary documents can be seen in Government website i.e. www.tendersodisha.gov.in

| | | |
|---|---|---|
| 1. | Name of the Work | : Construction of Civil work as mentinoed in DTCN |
| 2. | No. of works | : 78 nos. |
| 3. | Estimated Cost | : As per Work List |
| 4. | Period of Completion | : 90 days. |
| 5. | Date &Time of availability of Bid documents in the Portal | : 05.12.25 at 10.00 A.M. to 15.12.25 up to 5.00P.M. |
| 6. | Last date & time for receipt of bids in the portal | : 15.12.2025 up to 05:00 P.M. |
| 7. | Bid received online shall be opened on | : 16.12.2025 at 10:00 A.M. |
| 8. | Name and address of the officer inviting Bid | : Executive Officer, Soro Municipality |

Further details can be seen from the procurement portal i.e. www.tendersodisha.gov.in

Executive Officer
Soro Municipality

OIPR-13166/11/0021/2526

## ଆଜିର ରାଶିଫଳ

**ମେଷ:** ଅଫିସ୍‌ରେ ସମସ୍ୟା ଦେଖା ଦେଇପାରେ। ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କୌଣସି କାର୍ଯ୍ୟ ବିଗିଡ଼ି ଯାଇପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ଆଚରଣରେ ନିୟନ୍ତ୍ରଣ ରକ୍ଷା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଆଇନ ସମ୍ବନ୍ଧୀୟ ମାମଲା ଆପଣଙ୍କ ସପକ୍ଷରେ ଯିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଦୂରସ୍ଥାନକୁ ଯାତ୍ରା କରିପାରନ୍ତି।

**କର୍କଟ:** ଦାନଧର୍ମରେ ଦିନଟି ଅତିବାହିତ କରିବେ। ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ। ଗରିବଙ୍କୁ ସାହାଯ୍ୟ କରିବେ। ମାନସିକ ଶାନ୍ତି ମିଳିବ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ। ମାନ ସମ୍ମାନ ବୃଦ୍ଧି ପାଇବ।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ। ବ୍ୟବସାୟରେ ସଫଳତା ମିଳିବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। କାର୍ଯ୍ୟ ଧାରାରେ ପରିବର୍ତ୍ତନ ଆଣିବେ। ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ନିମନ୍ତେ ବିଦେଶ ଯାତ୍ରା କରିପାରନ୍ତି।

**କନ୍ୟା:** ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ। ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। କଣ୍ଠଶିଳ୍ପୀଙ୍କ ପାଇଁ ଦିନଟି ଭଲ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ। ତରବରିଆ ଭାବେ ନିଷ୍ପତ୍ତି ନେବେ ନାହିଁ। କାମରୁ ଲାଭ ଓ ସଫଳତା ମିଳିବ। ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ। ପ୍ରେମ ସମ୍ପର୍କ ସୁଖମୟ ହେବ।

**ଧନୁ:** କାର୍ଯ୍ୟକ୍ଷେତ୍ରରେ ଆତ୍ମବିଶ୍ୱାସର ଅଭାବ ରହିବ। ପରିଶ୍ରମ ଅନୁସାରେ ସଫଳତା ମିଳିବ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ଯୋଗ ରହିଛି। ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ।

**ମକର:** ବିବାହ ପ୍ରସ୍ତାବ ଆସିବ। ଧନଲାଭ ଯୋଗ ଅଛି। କୌଣସି କଥାକୁ ନେଇ ଅଧିକ ଚିନ୍ତା କରିବେ ନାହିଁ। ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ଉଧାର ଟଙ୍କା ଫେରି ପାଇବେ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରୁହନ୍ତୁ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ। ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଖର୍ଚ୍ଚାନ୍ତ ହେବେ।

**ମୀନ:** ଅଫିସ୍‌ରେ ପ୍ରତିଷ୍ଠା ବଢ଼ିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ବ୍ୟବସାୟୀ କୌଣସି ଶୁଭ ଖବର ପାଇବେ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।

## ଆଜିର ଇତିହାସ

- ୧୭୬୮ - ଏନ୍‌ସାଇକ୍ଲୋପିଡିଆ ବ୍ରିଟାନିଆର ପ୍ରଥମ ସଂସ୍କରଣ ପ୍ରକାଶିତ।
- ୧୯୧୭-ଫିନ୍‌ଲ୍ୟାଣ୍ଡ ରଷ୍‌ରୁ ସ୍ୱାଧୀନ ହେଲା।
- ୧୯୫୬- ଭାରତୀୟ ସମ୍ବିଧାନର ଜନକ ବାବାସାହେବ ଆମ୍ବେଦକରଙ୍କ ନିଧନ।
- ୧୯୭୨- ରାଷ୍ଟ୍ରୀୟ ନିରାପତ୍ତା ପରିଷଦର ସ୍ଥାପନା।
- ୧୯୯୯-ଇଣ୍ଡୋନେସିଆ ଜେଲ୍‌ରୁ ୨୮୩ କଏଦୀ ଫେରାର୍।


# କାମ ନ ସାରିଲେ କାଫେରୁ ଆସିବା ମନା

ଅନେକ ଲୋକଙ୍କର କାମକୁ ସଙ୍ଗେ ସଙ୍ଗେ ସାରିବା ଅଭ୍ୟାସ ନ ଥାଏ। ସେଥିପାଇଁ ସେମାନେ ସମୟ ଗଡ଼ାଇ ଚାଲନ୍ତି। ହେଲେ ଜାପାନରେ ଏମିତି ଏକ କାଫେ ଅଛି, ଯାହାକି ଲୋକଙ୍କର ଏହି ଅଭ୍ୟାସରେ ସୁଧାର ଆଣିବାରେ ସଫଳ ହୋଇଛି କହିଲେ ଭୁଲ୍ ହେବ ନାହିଁ। କୋଏନଜିକିଟା ଅଞ୍ଚଳରେ ଥିବା ଏହି କାଫେର ନାଁ ହେଉଛି ମାନୁସ୍କ୍ରିପ୍ଟ ରାଇଟିଂ କାଫେ। କାଫେର ନିୟମ ଅନୁଯାୟୀ, ଥରେ ଏହା ଭିତରକୁ



ପ୍ରବେଶ କଲେ କାମ ନ ସାରି ସେଠାରୁ ବାହାରିବା ମନା। ତେବେ ଜଣେ ଟ୍ରାଭେଲ ବ୍ଲଗର୍ ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ କରିବା ପରେ ଏହା ସମସ୍ତଙ୍କ ନଜରକୁ ଆସିଛି। ସମୟରେ କାମ ସାରି ପାରୁ ନ ଥିବା ଲୋକଙ୍କ ପାଇଁ ଏହି କାଫେ ଉଦ୍ଦିଷ୍ଟ ବୋଲି କୁହାଯାଉଛି। କାଫେ ଭିତରକୁ ପ୍ରବେଶ କରିବା ମାତ୍ରେ ଗୋଟିଏ କାଗଜରେ ନିଜ ନାଁ, କେଉଁ କାମ କରିବା ଲକ୍ଷ୍ୟ ରଖିଛନ୍ତି ଏବଂ କାମକୁ ପୂରା କରିବାର ସମୟ ଅବଧି ବିଷୟରେ ଲେଖିବାକୁ ହେବ। ସବୁଠୁ ବଡ଼ କଥା ହେଲା, କାମ ନ ସରିବା ପର୍ଯ୍ୟନ୍ତ କାଫେର କର୍ମଚାରୀ ଲୋକଙ୍କୁ ବାହାରକୁ ଛାଡ଼ନ୍ତି ନାହିଁ। ଏହି କାଫେରେ କେବଳ ୧୦ଟି ସିଟ୍ ଅଛି। ଏହା କେବଳ ଲେଖକ, ଏଡିଟର ଏବଂ କଳାକାରମାନଙ୍କ ପାଇଁ ହିଁ ଉଦ୍ଦିଷ୍ଟ। ସେହିପରି ଏଠାରେ ଜଣେ ସୁରୁଖୁରୁରେ କାମ କରିବା ପାଇଁ କାଫେ ପକ୍ଷରୁ ହାଇସ୍ପିଡ ୱାଇଫାଇ ସହ ଚାର୍ଜିଂ ପଏଣ୍ଟର ସୁବିଧା ବି ରହିଛି। କାଫେର ଅନ୍ୟତମ ବିଶେଷତ୍ୱ ହେଉଛି, ଏଠାରେ ଚା' ଓ କଫି ସମ୍ପୂର୍ଣ୍ଣ ମାଗଣା। ସେହିପରି କାମ କେତେ ବାଟ ଆଗକୁ ଗଲା କି ନାହିଁ, କାଫେର କର୍ମଚାରୀ ନଜର ରଖନ୍ତି। ତା'ସହ କାମରୁ ଧ୍ୟାନ ବିଚ୍ୟୁତ ହେଲେ ସେମାନେ କାମ କରିବା ଲାଗି ପ୍ରୋତ୍ସାହିତ କରନ୍ତି। ଅନ୍ୟପଟେ କରୋନାରେ ୱାର୍କ ଫ୍ରମ ହୋମ୍ ଆରମ୍ଭ ହେବାରୁ ଏହି କାଫେର ଆରମ୍ଭ ହୋଇଥିଲା। କାରଣ ଘରେ ଲୋକେ କାମ କରିବା ବେଳେ ସେତେ ବେଶି ଧ୍ୟାନ କେନ୍ଦ୍ରିତ କରିପାରନ୍ତି ନାହିଁ। ଏଣୁ କାଫେ ମାଲିକ ଏମିତି ଏକ ସ୍ଥାନ ତିଆରି କଲେ, ଯେଉଁଠି କାମ ସାରିବାର ସମୟ ସୀମା ନିର୍ଦ୍ଧାରଣ କରାଗଲା। ଅବଶ୍ୟ କାମ ଏଠାରେ ଶେଷ ହେବା ପରେ ଗ୍ରାହକଙ୍କୁ ଏକ ଷ୍ଟିକର ମିଳେ ଏବଂ ଏହା କାମରୁ ମୁକ୍ତ ହେବା କଥାକୁ ସୂଚାଏ। ଅନ୍ୟପେଟ ଗ୍ରାହକଙ୍କୁ ଏଠାରେ ବସିବା ଲାଗି ଘଣ୍ଟା ପ୍ରତି ୨୫୦ ଟଙ୍କା ଦେବାକୁ ପଡ଼ିଥାଏ। ଲୋକେ କାଫେର ଏହି ନିୟମକୁ ନେଇ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।

# ରାତିରେ ଲାଇଟ୍ ଜଳାଇ ଶୋଇବା କ୍ଷତିକାରକ



ଅନେକ ଲୋକ ରାତିରେ ଶୋଇବା ପୂର୍ବରୁ ଲାଇଟ୍ ବନ୍ଦ କରିକି ଶୁଅନ୍ତି। ଆଉ କେତେ ଜଣ ଅନ୍ଧାରକୁ ଡରି ରାତିରେ ଲାଇଟ୍ ଜଳାଇ ଶୁଅନ୍ତି। ତେବେ ହାଭାର୍ଡ ବିଶ୍ୱବିଦ୍ୟାଳୟର ଏକ ଗବେଷଣାରେ ରାତିରେ ଲାଇଟ୍ ଜଳାଇ ଶୋଇବା ଆଦୌ ଭଲ ନୁହେଁ ବୋଲି କୁହାଯାଇଛି। ବିଶ୍ୱବିଦ୍ୟାଳୟର ଗବେଷକମାନେ ଲୋକଙ୍କ ଶୋଇବା ଉପରେ ଏକ ଗବେଷଣା କରିଥିଲେ। ଏହି ଗବେଷଣାରୁ ସାମ୍ନାକୁ ଆସିଲା ଯେ, ରାତିରେ ଶୋଇବା ବେଳେ କୃତ୍ରିମ ଆଲୋକ ଆଖି ଉପରେ ପଡ଼ିଲେ ଏହାଦ୍ୱାରା ହୃଦୟ ଓ ମସ୍ତିଷ୍କ ପ୍ରଭାବିତ ହୋଇଥାଏ। ଗବେଷଣାରେ ଦେଖାଯାଇଛି ଯେ, ଶୋଇବା ବେଳେ ଅଳ୍ପ ଆଲୋକ ଯଦି ଆଖି ଉପରେ ପଡ଼େ, ମସ୍ତିଷ୍କ ସକ୍ରିୟ ହୋଇ ଉଠେ। ଏଥିଯୋଗୁଁ ଧମନୀରେ ରକ୍ତ ସଞ୍ଚାର ଦ୍ରୁତ ଗତିରେ ହୁଏ। ତେବେ ରକ୍ତ ପ୍ରବାହ ଦ୍ରୁତ ଗତିରେ ହେଲେ ଏହା ହୃଦୟ ଉପରେ ପ୍ରଭାବ ପକାଏ। ତେଣୁ ରାତିରେ ଲାଇଟ୍ ଲଗାଇ ଶୋଇବା ଉଭୟ ହୃଦୟ ଏବଂ ମସ୍ତିଷ୍କ ପାଇଁ କ୍ଷତିକାରକ। ରାତିରେ ଲାଇଟ୍ ଜଳାଇବା ଦ୍ୱାରା ଏହାର ପ୍ରଭାବ ପୂରା ଶରୀର ଉପରେ ପଡ଼େ। ଅନ୍ୟପଟେ ଲାଇଟ୍ ଲଗାଇ ରାତିରେ ଶୋଇବା ଅଭ୍ୟାସରେ ପରିବର୍ତ୍ତନ ଆଣିବାକୁ ଗବେଷକମାନେ ପରାମର୍ଶ ଦେଇଛନ୍ତି।

# ଜାନୁଆରୀ ୧୬ରେ 'ହ୍ୟାପି ପଟେଲ'



ବଲିଉଡ୍‌ର ମିଷ୍ଟର ପରେଫକ୍ଟନିଷ୍ଟ ଅମିର୍ ଖାନ୍‌ଙ୍କ ପ୍ରଯୋଜିତ ଗୁଇନ୍ଦାଭିତ୍ତିକ ଫିଲ୍ମ 'ହ୍ୟାପି ପଟେଲ :ଖତରନାକ ଜାସୁସ୍'ର ବିଧିବଦ୍ଧ ଭାବେ ଘୋଷଣା କରାଯାଇଛି। ଜଣାଶୁଣା ଷ୍ଟାଣ୍ଡଅପ୍ କମେଡିଆନ୍ ବୀର ଦାସ ଏହି ଫିଲ୍ମ ମାଧ୍ୟମରେ ତାଙ୍କ ନିର୍ଦ୍ଦେଶନା କ୍ୟାରିୟର ଆରମ୍ଭ କରିଛନ୍ତି। ମୋନା ସିଂହ ଓ ବୀର ଦାସ ଏଥିରେ ଲିଡ୍ ରୋଲରେ ନଜର ଆସିବେ। ଫିଲ୍ମର ଟାଇଟଲ୍ ଭଳି ଏହାର ଆନାଉନ୍ସମେଣ୍ଟ ଭିଡିଓ ବି ବେଶ୍ ଆକର୍ଷଣୀୟ ହୋଇଛି। ଭିଡିଓରେ ଅମିର୍ ବୀର୍‌ଙ୍କୁ ଫିଲ୍ମରେ ଆକ୍ସନ୍, ସ୍ପାଇ କାହିଁ ବୋଲି ପ୍ରଶ୍ନ କରିବା ସହ ଏହା ଏକ ଫ୍ଲପ୍ ଫିଲ୍ମ ହେବ ବୋଲି କହି ପିଟିଛନ୍ତି। ଏହି ସମୟରେ ସେଠାରେ ଦର୍ଶକ ପହଞ୍ଚି ଫିଲ୍ମର ପ୍ରଶଂସା କରିଛନ୍ତି। ଏହାପରେ ଅମିର୍‌ଙ୍କ ସ୍ୱର ବଦଳି ଯାଉଛି, ସେ ଦର୍ଶକଙ୍କ ହଁରେ ହଁ ମିଶାଇଛନ୍ତି। ବୀର ଓ ଅମିର୍‌ଙ୍କ ଏହି ପ୍ରମୋସନାଲ ଭିଡିଓ ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଛି। ଏହି ଫିଲ୍ମ ଆସନ୍ତା ଜାନୁଆରୀ ୧୬ରେ ପରଦାକୁ ଆସିବ। ଏଠାରେ ପ୍ରକାଶ ଥାଉ କି, ଅମିର୍‌ଙ୍କ ପ୍ରଡକ୍ସନ୍ ହାଉସ୍ ବେଶ୍ ଦମ୍‌ଦାର୍ କାହାଣୀ ପରଦାକୁ ଆଣିଥାଏ। 'ଲଗାନ୍', 'ତାରେ ଜମିନ୍ ପର', 'ଦଙ୍ଗଲ' ଓ 'ସିକ୍ରେଟ୍ ସୁପରଷ୍ଟାର୍' ପରେ ଅମିର୍‌ଙ୍କ ପ୍ରଡକ୍ସନ କମ୍ପାନି ଦର୍ଶକଙ୍କୁ 'ହ୍ୟାପି ପଟେଲ' ମାଧ୍ୟମରେ ଏକ ନୂଆ ଅନୁଭୂତି ଦେବାକୁ ଯାଉଛି। 'ଦିଲ୍ଲୀ ବେଲି' ପରେ ବୀର ଓ ଅମିର୍ ପୁଣି ଥରେ ଏକାଠି କାମ କରୁଛନ୍ତି।

## ବହି ଆମର ସାଥୀ





ସୁଜିତ କୁମାର ମିଶ୍ର

ସକଳ ଜ୍ଞାନ ଅର୍ଜନ ପାଇଁ
ବହି ଆମର ସାଥୀ,
ରଖିବା ତାକୁ ସାଇତି ଆମେ
ଅତି ଆଦରରେ ନିତି ।
ସବୁ ସପନ ସଫଳ ହୁଏ
ଥିଲେ ପାଖରେ ବହି,
ମନ ଭିତର ବହୁ ପ୍ରଶ୍ନର
ଉତ୍ତର ଦିଏ କହି ।
ବହି ପଢ଼ିକି କଲାମ୍ ହେଲେ
ସଂସାରେ ବୈଜ୍ଞାନିକ,
ଚମକିଲେ ସେ ସାରା ବିଶ୍ୱରେ
ହୋଇଲେ ବଡ଼ଲୋକ ।
ଜଗାଏ ବହି ଆତ୍ମବିଶ୍ୱାସ
ସନ୍ଦେହ କରି ଦୂର,
ସଫଳକାମୀ ମଣିଷ ଗଢ଼େ
ଶ୍ରଦ୍ଧାରେ ନିରନ୍ତର ।
ବହିଟି ପରା ଜଣା ଅଜଣା
ନୀତିଶିକ୍ଷାରେ ଭରା,
ଆମ ଜୀବନ ଚଲାପଥରେ
ସିଏ ଆଲୋକ ଧାରା ।
ଦୁଃଖ ବେଳାରେ ଥାଏ ସେ ପାଶେ
ଆପଣା ଲୋକ ହୋଇ,
ପଢ଼ିଲେ ପିଲେ ସୁଖର ହସ
ପରାଣୁ ଝରୁଥାଇ ।
ନ ଥିଲେ କେହି ପାଖରେ କେବେ
ବହିଟି ଆଶାବାଡ଼ି,
ତା' ପାଇଁ ସିନା ଆମ ଜୀବନ
ଆଗକୁ ଯାଏ ମାଡ଼ି ।■

ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
ମୋ- ୭୬୮୩୮ ୬୭୭୪୨

## ଶୀତ ଆଗମନେ



ଚିତ୍ତରଞ୍ଜନ ମହାନ୍ତି

ଶୀତ ଆସେ ପାଦ ଥାପି
ପୌଷ,ମାଘ ମାସ ଦୁଇ
ଶୀତକୁ ଯାଉନା ଡରି
ବୋଉ କୋଳ ଭରସି ।।
ଶୀତ ଆସେ ମଠେଇ
ମାଘ ଧରେ ଜଡ଼େଇ
ବୋଉ ଖୋଜେ ରେଜେଇ
ଶୀତ ଖେଳେ ଲୁଚକାଳି ।।
ସବୁରି ପ୍ରିୟ ଶୀତ
ରେଜେଇ କମ୍ବଳ ଖୋଜ
ଘୋଡ଼େଇ ଦେଲେ ଦେହ
ଶୀତ ସାଥେ ହୁଏ ମିତ ।।
ଥିଲେ ବି ଶୀତର ଜାଡ଼
ଏଦୁନିଆ ଦିଏ ଶ୍ରେୟଷ୍ଠ
ଚାଷୀଭାଇ ଓଠେ ହସ
ଦେଖି ତା'ର ସୁନା କ୍ଷେତ ।।
ଶୀତରେ ପରବ ସକଳ
ପିଠାପଣାର ମହକ !
ତରୁ ଲତା ଫୁଲ ଫଳ
ପନି ପରିବା ସବୁଜ ।।
ଶୀତ ଏମିତିକା ଋତୁ
ଥକୁନା କାମ କରିଯାଉ
ପ୍ରକୃତି ଶୋଭା ଅପରୂପା
ବଢେ ଜିଇଁବାର ଆଶା ।।
ଶୀତ ଲୋଡ଼େ ଉଷ୍ମତା
ଗ୍ରୀଷ୍ମ ଲୋଡ଼େ ଶୀତଳତା
ଇଚ୍ଛାମତେ ସବୁ ମିଳେନା
ସବୁ ଈଶ୍ୱରଙ୍କ ରଚନା ।।■



ତଗିରା,ରାଣୀତାଲ, ଭଦ୍ରକ
ମୋ – ୯୪୩୮ ୬୭୦୧୫୦

## ପ୍ରହେଳିକା

- କେବେ କେବେ ଶୀତଦିନ ସକାଳେ
  ସୂରୁଜ ନ ଦିଶେ ଆକାଶ କୋଳେ
  ଅନ୍ଧାରୁଆ ଲାଗେ ବାଟ ଓ ଘାଟ
  ଦେହକୁ ଲାଗଇ ଶୀତ ବହୁତ
  ବୁନ୍ଦା ବୁନ୍ଦା ପାଣି ଝରି ପଡ଼ଇ
  ବର୍ଷା ନୁହେଁ ସିଏ ଦେହକୁ ଭିଜାଏ
  ପାରିବକି ତା'ର ନାମଟି କହି ।

  ଉତ୍ତର-କୁହୁଡ଼ି

- ଗରମ ପୋଷାକ ଅଟଇ ସିଏ
  ଶୀତଦିନ ହେଲେ ସେ ଦେଖା ଦିଏ
  ପିନ୍ଧିଲେ ଲାଗଇ ଭାରି ସୁନ୍ଦର
  ତା'ପାଇଁ ନଥାଏ ଶୀତକୁ ଡର
  ନାନା ରଙ୍ଗେ ମିଳେ ସିଏ
  ପିଲାଠାରୁ ବୁଢ଼ା ସଭିଏଁ ପିନ୍ଧନ୍ତି
  କୁହ ତା'ର ନାମ କିଏ ।

  ଉତ୍ତର-ସୁଇଟର୍

- ହେମାଳ ପବନ ଯେବେ ବହଇ
  ମୁଣ୍ଡରେ ପିନ୍ଧନ୍ତି ଭଉଣୀ ଭାଇ
  ମୁଣ୍ଡ କାନକୁ ସେ ଦିଏ ଘୋଡ଼େଇ
  ଶୀତର କୋପକୁ ଦିଏ ଦୂରେଇ
  କୋମଳ ଦରବଟିଏ
  ଶୀତ କୁହୁଡ଼ିରୁ ରକ୍ଷା କରେ ସିଏ
  କୁହ ତା'ର ନାମ କିଏ ।

  ଉତ୍ତର-ଶୀତ ଟୋପି

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ସୁମନ

# ଗୁରୁଙ୍କର ପରୀକ୍ଷା




ରମେଶ ଚନ୍ଦ୍ର ଦାଶ




ଭାଲୁର ବିଦ୍ୟାଳୟରେ ବିଲୁଆ, ଗୋଧି, ନେଉଳ, ଗଧ, ଅଜଗର ପ୍ରଭୃତି ପ୍ରାଣୀମାନେ ଛାତ୍ର ଥିଲେ। ସେ ବୁଢ଼ା ହୋଇଯିବାରୁ ଆଉ ପୂର୍ବଭଳି ପଢ଼ାଇ ପାରିଲା ନାହିଁ। ସେ ଅବସର ନେଇ ଘରେ ରହିଲା। ଦିନେ ସେ ଭାବିଲା- ମୁଁ ଏତେ ଛାତ୍ରଙ୍କୁ ପାଠ ପଢ଼ାଇଛି। ମୁଁ ସେମାନଙ୍କୁ କହି ମୋ ପାଇଁ ଗୋଟିଏ ଭଲ ଘରଟିଏ ତିଆରି କରାଇବି। ତେଣୁ ସେ ବିଲୁଆ, ଗୋଧି ଓ ନେଉଳଙ୍କୁ ଡାକି ତାର ମନକଥା କହିଲା। ସେମାନେ କହିଲେ-" ଏହା ଆମ ପାଇଁ ସାମାନ୍ୟ କଥା। ଆମେ ନିଶ୍ଚିତ ଭାବରେ ଖୁବ୍ ଶୀଘ୍ର ଆପଣଙ୍କ ରହିବା ପାଇଁ ଏମିତି ଘରଟିଏ ତିଆରି କରିଦେବୁ ଯେ ଯେମିତି ଅନ୍ୟମାନେ ଦେଖିଲେ ଆଶ୍ଚର୍ଯ୍ୟ ହୋଇଯିବେ।" ସେମାନଙ୍କ କଥାରେ ଭାଲୁର ମନ ଭାରି ଖୁସି ହୋଇଗଲା। ସେ ନୂଆଘରେ କେମିତି ରହିବ ସେହିକଥା ସଦାବେଳେ ଭାବିବାରେ ଲାଗିଲା। ପନ୍ଦରଦିନ ମଧ୍ୟରେ ଘର ତିଆରି କରିଦେବେ ବୋଲି ସ୍ଥିର ହେଲା। ତାପରେ ଯେ ଯେଉଁଆଡ଼େ ଚାଲିଗଲେ। ପନ୍ଦର ଦିନ ପୂରିଗଲା। ଘରକାମ ଆରମ୍ଭ ହେଲା ନାହିଁ। ଭାଲୁ ପଚାରିବାରୁ ବିଲୁଆ କହିଲା, "ଆପଣଙ୍କ ପାଇଁ ଯେତେବେଳେ ଘର ହେବ ତାହା ଗୋଟିଏ ଭଲଦିନ ଦେଖି ଆରମ୍ଭ କରାଯିବ। ଆମେ ସେହି ଭଲ ଦିନ ଅପେକ୍ଷାରେ ଅଛୁ।" ପୁଣି କିଛି ଦିନ ଗଲା। ଭାଲୁ ଗୋଧି ଦୁଆରେ ପହଞ୍ଚି ଘରକଥା ପଚାରିବାରୁ ସେ କହିଲା, "ବ୍ୟସ୍ତ ହୁଅନ୍ତୁ ନାହିଁ। ଆପଣଙ୍କର ଯଦି ବର୍ତ୍ତମାନ ରହିବାରେ ଅସୁବିଧା ହେଉଛି ତେବେ ଆମ ଘରେ ରହିପାରନ୍ତି। କିଛି ଅସୁବିଧା ନାହିଁ। ଆମେ ଖୁବ୍ ଶୀଘ୍ର ଆପଣଙ୍କ ଘର ତିଆରି ଆରମ୍ଭ କରୁଛୁ।" ସେ ଆଉ ନେଉଳ ପାଖକୁ ଗଲା ନାହିଁ। ନେଉଳ ବି ସେହିଭଳି କିଛି କହିବ ବୋଲି ଭାଲୁ ମନେକଲା। କିନ୍ତୁ ନେଉଳ ଅନ୍ୟ କେତେକ ପ୍ରାଣୀଙ୍କୁ ନେଇ ଭାଲୁ ପାଇଁ ଘରଟିଏ ତିଆରି କରି ଦିନେ ଭାଲୁ ଦୁଆରେ ପହଞ୍ଚି ତାକୁ ଡାକିଲା। ଭାଲୁ ଏସବୁ ବାବଦରେ କିଛି ଜାଣି ନ ଥାଏ। ସେ ଯେତେବେଳେ ଶୁଣିଲା ଯେ ନେଉଳ ଏକାକୀ ତା' ପାଇଁ ଘର ତିଆରି କରିଛି ସେ କହିଲା, "ମୁଁ ରହିବା ପାଇଁ ଘର ଚାହୁଁନଥିଲି। ପ୍ରକୃତରେ ତୁମେମାନେ ମୋଠାରୁ କେତେ କର୍ତ୍ତବ୍ୟବୋଧ ଓ ଦାୟିତ୍ୱବୋଧ ଶିକ୍ଷା କରିଛ, ତାହା ଜାଣିବା ପାଇଁ ଏପରି କହିଥିଲି।" ଭାଲୁ ନେଉଳକୁ ଆଶୀର୍ବାଦ ଦେଇ କହିଲା, "ଯେଉଁମାନେ ନିଜ କଥା ଅନୁସାରେ କାମ କରନ୍ତି; ସେମାନେ ଦୁନିଆରେ କୌଣସି ପରିସ୍ଥିତିରେ ହାରନ୍ତି ନାହିଁ। ଯେଉଁମାନେ ଏପରି ନ କରି ଠକିବାର ବାହାନା କରନ୍ତି ସେମାନେ ନିଜକୁ ନିଜେ ଠକି ହୋଇଥାନ୍ତି।" ■

ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା, ପୁରୀ
ମୋ - ୯୭୭୬୨୩୮ ୫୨୨





ଇଭାଂଶୀ ମିଶ୍ର
ଦ୍ୱିତୀୟ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର





ପ୍ରଶଂସା ତ୍ରିପାଠୀ
ଅଷ୍ଟମ ଶ୍ରେଣୀ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ଉତ୍ତରବାଡ଼
ଭଣ୍ଡାରିପୋଖରୀ





କୀର୍ତ୍ତି କ୍ରିଷ୍ଣା ରାଉତ
ଅଷ୍ଟମ ଶ୍ରେଣୀ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ହଂସପଡ଼ା, ପୁରୀ





ସିଦ୍ଧ ମନୀଷ ସାହୁ
ପଞ୍ଚମ ଶ୍ରେଣୀ
ଗାଇଡାନ୍ସ ଇଂଲିଶ୍ ମିଡିୟମ୍ ସ୍କୁଲ
ଡୁମୁଡୁମା, ଭୁବନେଶ୍ୱର

## ଭାରତ-ଦକ୍ଷିଣ ଆଫ୍ରିକା ଶେଷ ଦିନିକିଆ ଆଜି


# ଟସ୍ ଓ କୁହୁଡ଼ି ହେବ ନିର୍ଣ୍ଣାୟକ

ବିଶାଖାପାଟଣା, ୫।୧୨(ଏଜେନ୍ସି)

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚାଲିଥିବା ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିଛି। ଏହି ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଭାରତ ୧୭ ରନ୍‌ରେ ଓ ଦ୍ୱିତୀୟ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୪ ୱିକେଟରେ ବିଜୟୀ ହେବା ଫଳରେ ସିରିଜ୍ ୧-୧ ବରାବର ସ୍ଥିତିରେ ରହିଛି। ଏଠାରେ ଆସନ୍ତାକାଲି ସିରିଜ୍‌ର ତୃତୀୟ ତଥା ନିର୍ଣ୍ଣାୟକ ମୁକାବିଲା ହେବ। ଏଥିରେ ଯେଉଁ ଦଳ ବିଜୟୀ ହେବ ସେହି ଦଳ ୨-୧ ବ୍ୟବଧାନରେ ସିରିଜ୍ କବ୍‌ଜା କରିବ। ଏହା ପୂର୍ବରୁ ଖେଳାଯାଇଥିବା ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌କୁ ଦକ୍ଷିଣ ଆଫ୍ରିକା ୨-୦ରେ କ୍ଲିନ୍ ସୁଇପ୍ କରିଥିଲା। ଏଣୁ ଏଠାରେ ଶେଷ ଦିନିକିଆରେ ବିଜୟୀ ହୋଇ ଭାରତ କ୍ରମାଗତ ଦୁଇଟି ସିରିଜ୍ ପରାଜୟ ଏଡ଼ାଇବାକୁ ସମସ୍ତ ପ୍ରକାର ଉଦ୍ୟମ କରିବ। ଏହି ମ୍ୟାଚ୍‌ରେ ଟସ୍ ଓ କୁହୁଡ଼ି ଯେ ମ୍ୟାଚ୍‌ରେ ଶେଷ ମୁକାବିଲାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ଏଥିରେ ସନ୍ଦେହ ନାହିଁ।

ରାୟପୁରରେ ଖେଳାଯାଇଥିବା ଦ୍ୱିତୀୟ ଦିନିକିଆରେ ପ୍ରଥମେ ବ୍ୟାଟିଂ କରି ଭାରତ ୩୫୮ ରନ୍ କରିଥିଲେ ମଧ୍ୟ ଏହି ମୁକାବିଲାକୁ ହାରିଯାଇଥିଲା। ଭ୍ରମଣକାରୀ ଦଳର ବ୍ୟାଟିଂ ଲାଇନ୍ ଏତେ ଶକ୍ତିଶାଳୀ ଯେ, କ୍ୱାଲିଟୀ ବୋଲିଂ ନ ହେଲେ ଯେତେବଡ଼ ଟାର୍ଗେଟକୁ ହାସଲ କରିବାର ଦକ୍ଷତା ରଖିଛି। ଫ୍ଲାଟ ପିଚ୍‌ରେ ଦକ୍ଷିଣ ଆଫ୍ରିକାକୁ ହରାଇବା ଭାରତ ଲାଗି କଷ୍ଟକର। ଘରୋଇ ମାଟିରେ ସ୍ପିନରଙ୍କୁ ଖେଳିବା ଭ୍ରମଣକାରୀ ଦଳ ଲାଗି ସହଜ ହୋଇଯାଇଛି। ଜାଡେଜା, ସୁନ୍ଦର ଓ କୁଲଦୀପଙ୍କୁ ନେଇ ଗଠିତ ଭାରତର ସ୍ପିନ୍ ବାହିନୀ ଆଦୌ ବିପଦ ସୃଷ୍ଟି କରୁନାହିଁ। ଏଣୁ ଭାରତ ବ୍ୟାଟିଂ ଉପରେ ନିର୍ଭର କରୁଛି। ଦଳ ଦିନିକିଆ ମ୍ୟାଚ୍‌ରେ କ୍ରମାଗତ ୧୯ଟି ଟସ୍ ହାରିଛି। ଭାରତରେ ଏବେ ପ୍ରବଳ କୁହୁଡ଼ି ପଡ଼ୁଛି।





ପଛରେ ବୋଲିଂ ଓ ଫିଲ୍ଡିଂ କରିବା କଷ୍ଟକର ହେଉଛି। ଏଣୁ ଆସନ୍ତାକାଲି ମ୍ୟାଚ୍‌ରେ ଯେଉଁ ଦଳ ଟସ୍ ଜିତିବ, ସେହିଦଳ ନିଶ୍ଚିତ ଭାବେ ପ୍ରତିପକ୍ଷ ଦଳକୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିବ। କ୍ରମାଗତ ୨୦ତମ ମୁକାବିଲାରେ ଭାରତ ଯଦି ଟସ୍ ନ ଜିତେ ତେବେ ଏହି ସିରିଜ୍ ଜିତିବା ଦଳ ଲାଗି ସ୍ୱପ୍ନ ହୋଇ ରହିଯିବ। ଅନ୍ୟ ପକ୍ଷରେ ଦ୍ୱିତୀୟ ଦିନିକିଆ ମ୍ୟାଚ୍ ଖେଳୁଥିବାବେଳେ ଦକ୍ଷିଣ ଆଫ୍ରିକାର ଦୁଇଜଣ ଖେଳାଳି ତଥା ଫାଷ୍ଟ ବୋଲର ନାନ୍ଦ୍ରେ ବର୍ଗର ଓ ବ୍ୟାଟର ଟୋନି ଡି ଜୋର୍ଜିଙ୍କ ହାମଷ୍ଟ୍ରିଙ୍ଗ୍ ଇଞ୍ଜୁରୀ ହୋଇଛି। ଏମାନେ ଫିଟ୍ ହେବେ ବୋଲି ଆଶା କମ୍। ବର୍ଗରଙ୍କ ସ୍ଥାନରେ ଓଟ୍ନେଲ ବାର୍ଟମ୍ୟାନ୍ ଓ ଡି ଜୋର୍ଜିଙ୍କ ସ୍ଥାନରେ ରିୟାନ ରିକେଲଟନଙ୍କ ଖେଳିବା ସମ୍ଭାବନା ରହିଛି।

**ଖେଳ ଆରମ୍ଭ : ଦିନ ୧ଟା ୩୦**
**ପ୍ରସାରଣ : ଷ୍ଟାର୍‌ସ୍ପୋର୍ଟ୍ସ ନେଟ୍‌ୱର୍କ**
**ଲାଇଭ୍ ଷ୍ଟ୍ରିମିଂ : ଜିଓହଟ୍‌ଷ୍ଟାର**

### ସମ୍ଭାବ୍ୟ ଖେଳାଳି ଦଳ

**ଭାରତ**: ଜୟସ୍ୱାଲ, ରୋହିତ, କୋହଲି, ଗାଏକ୍ୱାଡ୍, ରାହୁଲ (ଅଧିନାୟକ), ସୁନ୍ଦର, ଜାଡେଜା, ରାଣା, କୁଲଦୀପ, ଅର୍ଶଦୀପ ଓ ପ୍ରସିଦ୍ଧ କ୍ରିଷ୍ଣା। ବେଞ୍ଚ୍- ପନ୍ତ, ଜୁରେଲ, ରେଡ୍ଡୀ ଓ ବର୍ମା।

**ଦକ୍ଷିଣ ଆଫ୍ରିକା**: ମାରକ୍ରମ, ଡି କକ, ରିକେଲଟନ, ବଭୁମା (ଅଧିନାୟକ), ବ୍ରିଜ୍‌କେ, ବ୍ରେଭିସ୍, ଜାନ୍‌ସେନ, ବୋଶ୍, ମହାରାଜ, ଏନ୍‌ଗିଡି, ବାର୍ଟମ୍ୟାନ୍। ବେଞ୍ଚ୍- ହର୍ମନ, ଡି ଜୋର୍ଜି, ବର୍ଗର, ଏନ୍‌ଗିଡି, ସୁବ୍ରାୟେନ୍।

● ଏଫ୍ଆଇଏଚ୍ ଜୁନିଅର ହକି ବିଶ୍ୱକପ୍

## ସେମିରେ ଭାରତ-ବେଲଜିୟମ୍

ଚେନ୍ନଇ, ୫।୧୨(ଏଜେନ୍ସି): ଭାରତ ଓ ଡିଫେଣ୍ଡିଂ ଚାମ୍ପିଅନ ଜର୍ମାନୀ ମଧ୍ୟରେ ଏଫ୍ଆଇଏଚ୍ ପୁରୁଷ ଜୁନିଅର ହକି ବିଶ୍ୱକପ୍‌ର ସେମିଫାଇନାଲ ମୁକାବିଲା ଡିସେମ୍ବର ୭ରେ ଖେଳାଯିବ। ଏହି ଦିନ ଅନ୍ୟ ଏକ ସେମିରେ ସ୍ପେନ୍ ସହ ଆର୍ଜେଣ୍ଟିନା ଖେଳିବ। ସ୍ଥାନୀୟ ମେୟର ରାଧାକ୍ରିଷ୍ଣନ ଷ୍ଟାଡିୟମ୍‌ରେ ଶୁକ୍ରବାର ଖେଳାଯାଇଥିବା ଉତ୍କଣ୍ଠାପୂର୍ଣ୍ଣ କ୍ୱାର୍ଟର ଫାଇନାଲରେ ଭାରତ ୪-୩ ପେନାଲ୍ଟି ସୁଟ୍‌ଆଉଟରେ ଶକ୍ତିଶାଳୀ ବେଲଜିୟମକୁ ପରାସ୍ତ କରିଥିଲା। ଉଭୟ ଦଳ ନିର୍ଦ୍ଧାରିତ ସମୟରେ ୨-୨ ଓ ପେନାଲ୍ଟି ସୁଟ୍‌ଆଉଟରେ ପ୍ରଥମ ୩ଟିରେ ଗୋଲ ସ୍କୋର କରିଥିଲେ। ଉଭୟ ଦଳର ଚତୁର୍ଥ ସଟ୍‌କୁ ଗୋଲକିପର ଅଟକାଇଦେଇଥିଲେ। ପଞ୍ଚମ ସଟ୍‌କୁ ମଧ୍ୟ ଭାରତୀୟ ଗୋଲରକ୍ଷକ ବିକ୍ରମଜିତ ସିଂ ଅଟକାଇ ଭାରତକୁ ଜିତିବା ଆଶା ଦେଇଥିଲେ। ପଞ୍ଚମ ସଟ୍ ମାରିଥିବା ଅଙ୍କିତ ପାଲ କାହାରିକୁ ନିରାଶ ନ କରି ଏହାକୁ ଗୋଲରେ ପରିଣତ କରିବା ସହ ଭାରତୀୟ ଶିବିରରେ ଆନନ୍ଦ ଖେଳାଇ ଦେଇଥିଲେ। ନିର୍ଦ୍ଧାରିତ ସମୟରେ ଶାରଦାନନ୍ଦ ତିୱାରୀ ଓ ଅଧିନାୟକ ରୋହିତ ଗୋଲ ଦେଇଥିଲେ। ଅନ୍ୟ କ୍ୱାର୍ଟର ଫାଇନାଲରେ ଜର୍ମାନୀ ୩-୧ ପେନାଲ୍ଟିରେ ଫ୍ରାନ୍ସକୁ, ସ୍ପେନ୍ ୪-୩ରେ ନ୍ୟୁଜିଲାଣ୍ଡକୁ ଓ ଆର୍ଜେଣ୍ଟିନା ୧-୦ ଗୋଲରେ ନେଦରଲାଣ୍ଡକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲେ।

**ମହିଳା ଦଳର ବୃହତ୍ ବିଜୟ** : ସାଣ୍ଟିଆଗୋଠାରେ ଚାଲିଥିବା ଏଫ୍ଆଇଏଚ୍ ମହିଳା ଜୁନିଅର ହକି ବିଶ୍ୱକପ୍‌ରେ ଆଜି ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ ୪-୦ ଗୋଲରେ ଆୟର୍ଲାଣ୍ଡକୁ ପରାସ୍ତ କରି ଗ୍ରୁପ୍‌ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଏହି ଗ୍ରୁପ୍‌ରେ ଜର୍ମାନୀ ହ୍ୟାଟ୍ରିକ ବିଜୟ ସହ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି।

● ଇନ୍ଦୋରରେ ହୋଟେଲ ଅଭାବ

## ଏସ୍ଏମ୍ଏଟି ନକ୍‌ଆଉଟ୍ ପୁଣେକୁ ସ୍ଥାନାନ୍ତରିତ

ମୁମ୍ବଇ, ୫।୧୨(ଏଜେନ୍ସି): ଖେଳାଳିଙ୍କ ରହିବା ଲାଗି ଇନ୍ଦୋରରେ ଥିବା ହୋଟେଲ ଗୁଡିକରେ ରୁମ୍‌ର ଅଭାବ ଯୋଗୁଁ ଡିସେମ୍ବର ୧୨ରୁ ୧୮ ଯାଏ ଏଠାରେ ଖେଳାଯିବାକୁ ଥିବା ସୟଦ ମୁସ୍ତାକ ଅଲି ଟି-୨୦ (ଏସ୍ଏମ୍ଏଟି) ନକ୍ ଆଉଟ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ପୁଣେ ସ୍ଥାନାନ୍ତରିତ କରାଯାଇଛି। ନକ୍‌ଆଉଟରେ ୮ଟି ଦଳର କିଛି ସୁପରଷ୍ଟାରଙ୍କ ସମେତ ଶ୍ରେଷ୍ଠ ଖେଳାଳି ଅଂଶଗ୍ରହଣ କରିବେ। ଏହି ସମୟରେ ଅର୍ଥାତ୍ ଡିସେମ୍ବର ୯ ରୁ ୧୨ ତାରିଖ ଯାଏ ଡାକ୍ତରମାନଙ୍କର ଏକ ବିଶ୍ୱ ସମ୍ମିଳନୀ ଆୟୋଜିତ ହେଉଥିବାରୁ ହୋଟେଲ ରୁମ୍ ଆଗୁଆ ବୁକ୍ ହୋଇଯାଇଛି।

## ବାରବାଟୀରେ ଟିକଟ କିଣିବା ପାଇଁ ସଂଘର୍ଷ












## ଭୁବନେଶ୍ୱରରେ ପହଞ୍ଚିଲେ ଦକ୍ଷିଣ ଆଫ୍ରିକା ଟି-୨୦ ଖେଳାଳି

ଭୁବନେଶ୍ୱର, ୫।୧୨(ସମିସ): କଟକର ବାରବାଟୀ ଷ୍ଟାଡିୟମ୍‌ରେ ଭାରତ ସହ ପ୍ରଥମ ଟି-୨୦ ମ୍ୟାଚ୍ ଖେଳିବାକୁ ଦକ୍ଷିଣ ଆଫ୍ରିକାର ୫ଜଣ ଖେଳାଳି ଏଠାରେ ଆଜି ଆସି ପହଞ୍ଚିଛନ୍ତି। ଏହି ଖେଳାଳିମାନେ ହେଲେ ଓପନର ରୀଜା ହେଣ୍ଡ୍ରିକ୍ସ, ୱିକେଟକିପର ଡୋନୋଭାନ ଫେରେରା, ଅଲରାଉଣ୍ଡର ଡେଭିଡ୍ ମିଲର, ସ୍ପିନର ଜର୍ଜ ଲିଣ୍ଡେ ଓ ଫାଷ୍ଟ ବୋଲର କ୍ୱେନା ମାଫକା। ଏମାନେ ଏଠାରେ ହୋଟେଲରେ ରହିବେ। ଡିସେମ୍ବର ୭ରେ ଦକ୍ଷିଣ ଆଫ୍ରିକା ଦଳର ଅବଶିଷ୍ଟ ଖେଳାଳି ଭୁବନେଶ୍ୱରରେ ପହଞ୍ଚିବେ। ଆଇଡେନ୍ ମାରକ୍ରମଙ୍କ ନେତୃତ୍ୱରେ ଦକ୍ଷିଣ ଆଫ୍ରିକା ଏହି ଟି-୨୦ ସିରିଜ୍ ଖେଳିବ। ଆସନ୍ତାକାଲି ଭାରତୀୟ ଖେଳାଳି ସୂର୍ଯ୍ୟକୁମାର ଯାଦବ, ଯଶପ୍ରୀତ୍ ବୁମ୍‌ରା, ହାର୍ଦ୍ଦିକ ପାଣ୍ଡ୍ୟା, ଅଭିଷେକ ଶର୍ମା ଓ ସଞ୍ଜୁ ସାମସନଙ୍କ ପରି ୧୦ଜଣ ଖେଳାଳି ଆସିବାର କାର୍ଯ୍ୟକ୍ରମ ରହିଛି।

## ଓଡ଼ିଶା ବିପକ୍ଷରେ ଖେଳିବେ କୋହଲି

ନୂଆଦିଲ୍ଲୀ, ୫।୧୨ (ଏଜେନ୍ସି): ବିସିସିଆଇର ଘରୋଇ ଲିଷ୍ଟ-ଏ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ବିଜୟ ହଜାରେ ଟ୍ରଫି ଡିସେମ୍ବର ୨୪ରୁ ଦେଶର ବିଭିନ୍ନ ଗ୍ରାଉଣ୍ଡରେ ଆରମ୍ଭ ହେବ। ଏହି ଟୁର୍ଣ୍ଣାମେଣ୍ଟ ଖେଳିବାକୁ ତାରକା ଭାରତୀୟ ବ୍ୟାଟର୍ ବିରାଟ କୋହଲି ସମ୍ମତି ପ୍ରକାଶ କରିଛନ୍ତି। ଫଳରେ ଦୀର୍ଘ ୧୫ ବର୍ଷ ପରେ କୋହଲି ବିଜୟ ହଜାରେ ଟ୍ରଫି ଖେଳିବେ। କୋହଲି ଶେଷଥର ଲାଗି ୨୦୦୯-୧୦ ସିଜନରେ ଏହି ଟୁର୍ଣ୍ଣାମେଣ୍ଟରେ ଭାଗନେଇଥିଲେ। କୋହଲିଙ୍କ ଦଳ ଦିଲ୍ଲୀ ଏଥର ବିଜୟ ହଜାରେ ଟ୍ରଫିରେ ଗ୍ରୁପ୍-ଡି’ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ଦିଲ୍ଲୀ ସମେତ ହରିୟାଣା, ଗୁଜରାଟ, ଓଡ଼ିଶା, ସର୍ଭିସେସ୍, ଆନ୍ଧ୍ର ପ୍ରଦେଶ ଓ ସୌରାଷ୍ଟ୍ର ଦଳ ସ୍ଥାନ ପାଇଛି। ଗ୍ରୁପ୍ ପର୍ଯ୍ୟାୟରେ ପ୍ରତି ଦଳ ପରସ୍ପର ବିପକ୍ଷରେ ଥରେ ଲେଖାଏ ଖେଳିବେ। ଏହିକ୍ରମରେ ଡିସେମ୍ବର ୩୧ରେ ଓଡ଼ିଶା ଓ ଦିଲ୍ଲୀ ମଧ୍ୟରେ ବେଙ୍ଗାଲୁରୁର ଆଲୁରରେ ଅନୁଷ୍ଠିତ ହେବ। ଯେହେତୁ କୋହଲି ଏହି ଟୁର୍ଣ୍ଣାମେଣ୍ଟ ଖେଳିବାକୁ ସମ୍ମତି ଜଣାଇଛନ୍ତି ତେଣୁ ଓଡ଼ିଶା ବିପକ୍ଷ ମ୍ୟାଚରେ ସେ ଖେଳିବା ଆଶା ଉଜ୍ଜଳ ରହିଛି।

## ଅଷ୍ଟ୍ରେଲିଆ ପ୍ରଥମ ଇନିଂସ ଅଗ୍ରଣୀ


ବ୍ରିସ୍‌ବେନ୍, ୫।୧୨(ଏଜେନ୍ସି): ଏଠାରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଘରୋଇ ଅଷ୍ଟ୍ରେଲିଆ ପ୍ରଥମ ଇନିଂସ ଅଗ୍ରଣୀ ନେବାରେ ସମର୍ଥ ହୋଇଛି। ଜୋ ରୁଟ୍‌ଙ୍କ ଅପରାଜିତ ୧୩୪ ଓ ଜ୍ୟାକ୍ କ୍ରାଲୀଙ୍କ ୭୬ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ପ୍ରଥମ ଇନିଂସରେ ୩୩୪ ରନ୍ କରିଥିଲା। ଜବାବରେ ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୬ ୱିକେଟ ହରାଇ ୩୭୮ ରନ୍ କରିବା ସହ ୪୪ ରନ୍‌ରେ ଆଗୁଆ ରହିଛି। ଷ୍ଟମ୍ପ ଅପସାରଣ ବେଳକୁ ଆଲେକ୍ସ କ୍ୟାରୀ ୪୬ ଓ ମାଇକେଲ ନେସର ୧୫ ରନ୍‌ରେ ବ୍ୟାଟିଂ କରୁଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜେକ୍ ୱିଦରାଲ୍ଡ ୭୨, ମାର୍ନସ ଲାବୁସେନ ୬୫ ଓ ଷ୍ଟିଭେନ୍ ସ୍ମିଥ୍ ୬୧, କାମେରନ ଗ୍ରୀନ୍ ୪୫ ଓ ଟ୍ରାଭିସ୍ ହେଡ୍ ୩୩ ରନ୍ କରିଥିଲେ।

### ୧୫ ଓ ୧୭ ବର୍ଷରୁ କମ୍ ଜାତୀୟ ବ୍ୟାଡ୍‌ମିଣ୍ଟନ

## ଡବଲ୍ ଫାଇନାଲରେ ତନ୍‌ଭୀ

ଭୁବନେଶ୍ୱର, ୫।୧୨ (ସମିସ)

ଓଡ଼ିଶାର ନଂ-୧ ଖେଳାଳି ତନ୍‌ଭୀ ପତ୍ରୀ, ସ୍ୱାତୀ ନାୟକ ଓ ନିମିଶା ଓଝାଙ୍କ ଯୋଡି କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ୧୫ ଓ ୧୭ ବର୍ଷରୁ କମ୍ ୩୭ତମ ଜାତୀୟ ବ୍ୟାଡମିଣ୍ଟନ ଚାମ୍ପିଅନସିପର ଫାଇନାଲ ଖେଳିବାକୁ ଯୋଗ୍ୟତା କରିଛନ୍ତି। ତନ୍‌ଭୀ ଉଭୟ ବିଭାଗର ଏକକ ଏବଂ ସ୍ୱାତୀ- ନିମିଶାଙ୍କ ଯୋଡି ୧୫ ବର୍ଷରୁ କମ୍ ବାଳିକା ବିଭାଗର ଯୁଗଳ କାଟାଗୋରୀର ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଆସନ୍ତାକାଲି ହେବାକୁ ଥିବା ୧୫ ବର୍ଷରୁ କମ୍ ଫାଇନାଲରେ ୧୪ତମ ତନ୍‌ଭୀଙ୍କ ସହ ତେଲଙ୍ଗାନାର ଅବନି ବିକ୍ରମ ଗୋବିନ୍ଦଙ୍କର ମୁକାବିଲା ହେବ। ସେହିପରି ୧୭ ବର୍ଷରୁ କମ୍ ବିଭାଗରେ ଟାଇଟଲ ଲାଗି ତାମିଲନାଡୁର ଦୀକ୍ଷା ଏସ୍ଆର୍ ସହ ଲଢ଼େଇ କରିବେ। ସେହିପରି ୧୫ ବର୍ଷରୁ କମ୍ ବାଳିକା ଯୁଗଳ ଟାଇଟଲ ଲାଗି ଓଡ଼ିଶାର ସ୍ୱାତୀ-ନିମିଶାଙ୍କ ସହ ମହାରାଷ୍ଟ୍ରର ସରାୟୁ ରଞ୍ଜନେ ଓ ସୋୟାରା ସେଲାରଙ୍କ ଯୋଡି ସହ ମୁକାବିଲା ହେବ। ବାଳକ ବିଭାଗ ୧୫ ବର୍ଷରୁ କମ୍ ବିଭାଗରେ ପୁଷ୍କର ସାଇଙ୍କ ସହ ହର୍ଷିତ ଖତ୍ରୀଙ୍କର ଓ ୧୭ ବର୍ଷରୁ କମ୍ ବିଭାଗରେ ଟପ୍ ସିଡ ଜଗସେର ସିଂହଙ୍କ ସହ ବିରାଜ ଶର୍ମାଙ୍କର ମୁକାବିଲା ହେବ।




■ **ଡବଲ ଫାଇନାଲ ମୁକାବିଲା**

ଓଡ଼ିଶାର ତାରକା ଖେଳାଳି ତନ୍‌ଭୀ ଆଜି ପ୍ରଥମେ ୧୫ ବର୍ଷରୁ କମ୍ ବାଳିକା ଏକକ ସେମିଫାଇନାଲ ଖେଳିଥିଲେ। ଏଥିରେ ସେ ୨୧-୧୨, ୨୧-୧୯ରେ ତେଲଙ୍ଗାନାର ହାମସିନୀ ଚଦରମଙ୍କ ପରାସ୍ତ କରି ଫାଇନାଲକୁ ଉନ୍ନିତ ହୋଇଥିଲେ। ଅନ୍ୟ ଏକ ସେମିଫାଇନାଲରେ ତେଲଙ୍ଗାନାର ଅବନୀ ବିକ୍ରମ ଗୋବିନ୍ଦ ୨-୦ରେ ପଞ୍ଜାବର ଇନାୟତ ଗୁଲାଟିଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ସେହିପରି ୧୭ ବର୍ଷରୁ କମ୍ ବାଳିକା ଏକକ ସେମି ଫାଇନାଲରେ ତନ୍‌ଭୀ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରି ୨୧-୧୧, ୨୧-୪ରେ ଏକତରଫା ଭାବେ ଆନ୍ଧ୍ରର ହସାନା ଶ୍ରୀଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ଫାଇନାଲରେ ତାମିଲନାଡୁର ଦୀକ୍ଷା ଏସ୍ଆରଙ୍କ ସହ ମୁକାବିଲା ହେବ।

### ସ୍ୱାତୀ- ନିମିଶାଙ୍କ ପ୍ରଥମ ଫାଇନାଲ

୧୫ ବର୍ଷରୁ କମ୍ ବାଳିକା ବିଭାଗ ଯୁଗଳ ସେମି ଫାଇନାଲରେ ବିଜୟୀ ହୋଇ ପ୍ରଥମଥର ଜାତୀୟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ଯୋଡି ସ୍ୱାତୀ ନାୟକ ଓ ନିମିଶା ଓଝା। ସେମି ଫାଇନାଲରେ ତାମିଲନାଡୁର ନୟନିକା ଏ. ଏବଂ ଧନ୍ୟା ଏସ୍‌ଙ୍କ ଯୋଡିଙ୍କୁ ୨୧-୧୬, ୯-୨୧, ୨୧-୧୨ ସେଟ୍‌ରେ ପରାସ୍ତ କରି ସ୍ୱାତୀ- ନିମିଶା ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଫାଇନାଲରେ ମହାରାଷ୍ଟ୍ରର ସରାୟୁ ରଞ୍ଜନେ- ସୋୟାରା ସେଲାରଙ୍କ ଯୋଡି ଫାଇନାଲରେ ପ୍ରବେଶ କରିଛନ୍ତି। ଆସନ୍ତାକାଲି ସ୍ୱାତୀ-ନିମିଶାଙ୍କ ସହ ସରାୟୁ-ସୋୟାରା ଯୋଡି ମଧ୍ୟରେ ଫାଇନାଲ ମୁକାବିଲା ହେବ।




**‘ନନ୍ଦିଘୋଷ ଟିଭି’**

ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି। ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | | ଅଭିଜ୍ଞତା |
|---|---|---|
| ୧) ରିପୋର୍ଟର | (୦୩) | ୩ ବର୍ଷର ଅଭିଜ୍ଞତା |
| ୨) ଆଙ୍କର | (୦୨) | ୩ ବର୍ଷର ଅଭିଜ୍ଞତା |
| ୩) କପି ଏଡିଟର/ ବୁଲେଟିନ ପ୍ରଡ୍ୟୁସର | (୦୨) | ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୭ ଡିସେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

ଯୋଗାଯୋଗ: ୯୪୩୭୦୧୭୪୯୯

ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯


PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS